ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୦/୨୦୨୫ (୧୬ ପୃଷ୍ଠା) Bhubaneswar, Tuesday, June 10/2025 Page 16 ₹ 7.00
୫୧ଶ ଭାଗ ୧୯୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 195 ମୂଲ୍ୟ ₹୭/-

# ହନିମୁନ୍‌ରେ ସ୍ୱାମୀଙ୍କୁ ହତ୍ୟା, ସ୍ତ୍ରୀ ମାଷ୍ଟରମାଇଣ୍ଡ୍

ମଧ୍ୟପ୍ରଦେଶର ଇନ୍ଦୋର ନିବାସୀ ୩୦ ବର୍ଷୀୟ ବ୍ୟବସାୟୀ ରାଜା ରଘୁବଂଶୀ ଯେତେବେଳେ ସୋନମଙ୍କୁ ବିବାହ କଲେ, ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ନ ଥିବେ ଯେ ଯାହାଙ୍କୁ ସାତ ଜନମର ସାଥୀ ରୂପେ ଗ୍ରହଣ କରିଛନ୍ତି ସେ ହିଁ ତାଙ୍କ ଜୀବନ ନେବେ। ସୋନମ ବେୱଫା ପାଲଟି ତାଙ୍କ ହତ୍ୟାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ସାଜିବେ। ବିବାହ, ହନିମୁନ୍ ଓ ହତ୍ୟାର ଏହି ଭୟଙ୍କର କାହାଣୀ କୌଣସି ଥ୍ରିଲର ସିନେମାଠାରୁ କମ୍ ନୁହେଁ। କିନ୍ତୁ ଏହା ସତ ବୋଲି ପୋଲିସ ତଦନ୍ତରୁ ସାମ୍ନାକୁ ଆସିଛି। ରାଜାଙ୍କୁ ମେଘାଳୟରେ ହନିମୁନ୍ ବେଳେ ସ୍ତ୍ରୀ ସୋନମ ହତ୍ୟା କରାଇଥିଲେ। ମେ’ ୨୩ରୁ ନିଖୋଜ ଥିବା ରାଜାଙ୍କ ମୃତଦେହ ଜୁନ୍ ୨ରେ ଠାବ ହେବା ପରେ ନବବିବାହିତା ସୋନମଙ୍କୁ ଜୀବିତ ଉଦ୍ଧାର କରିବା ମଧ୍ୟପ୍ରଦେଶ ଓ ମେଘାଳୟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଯାଇଥିଲା। ତେବେ ଶନିବାର ରାତିରେ ଉତ୍ତର ପ୍ରଦେଶର ଗାଜିପୁରସ୍ଥିତ ଏକ ଢାବାରୁ ସୋନମ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର ହେବା ପରେ ପୋଲିସ ତାଙ୍କୁ ଗାଜିପୁର ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନେଇଥିଲା। ସୋନମ ସେଠାରେ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ଶନିବାର ରାତିରେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜଣେ ଉତ୍ତର ପ୍ରଦେଶରୁ ଧରା ପଡ଼ିଥିବାବେଳେ ଅନ୍ୟ ୨ ଜଣ ଇନ୍ଦୋରରୁ ଗିରଫ ହୋଇଛନ୍ତି। ସୋନମ ନିଜ ସ୍ୱାମୀଙ୍କୁ ହତ୍ୟା କରାଇବା ପାଇଁ ସେମାନଙ୍କୁ ସୁପାରି ଦେଇଥିବା ଅଭିଯୁକ୍ତମାନେ ପୋଲିସ ସମ୍ମୁଖରେ ପ୍ରଘଟ କରିଛନ୍ତି। ଅଭିଯୁକ୍ତମାନଙ୍କ ବୟାନ ଆଧାରରେ ସୋନମଙ୍କ ପ୍ରେମିକ ରାଜ କୁଶୱାହଙ୍କୁ ସୋମବାର ଗିରଫ କରାଯାଇଥିବା ପୋଲିସ କହିଛି। ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ ମେଘାଳୟ ପୋଲିସ ସଫଳ ହୋଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗ୍‌ମା ପ୍ରଶଂସା କରିଛନ୍ତି।

## ପ୍ରେମିକଙ୍କୁ ବାହାହେବା ପାଇଁ କରିଥିଲେ ମର୍ଡର ପ୍ଲାନ୍


ସୋନମ ଓ ରାଜା ରଘୁବଂଶୀ

ଶିଲଂ/ଇନ୍ଦୋର/ଗାଜିପୁର,୯।୬

### ସୋନମ, ବୟଫ୍ରେଣ୍ଡ୍, ୩ ସହଯୋଗୀ ଗିରଫ

ନବ ଦମ୍ପତି ରାଜା ରଘୁବଂଶୀ ଓ ସୋନମ ହନିମୁନ୍‌ରେ ଇଷ୍ଟ ଖାସି ହିଲ୍ସ ଚେରାପୁଞ୍ଜି ବୁଲିବାକୁ ଯାଉଥିଲେ। ମେ’ ୨୩ରେ ଉଭୟେ ନିଖୋଜ ହୋଇଯାଇଥିଲେ। ଏହାର ଦିନକ ପରେ ଦୁହିଁଙ୍କୁ ଶେଷଥର ପାଇଁ ନୋଙ୍ଗ୍‌ରିଆଟ୍‌ର ବାଲାଜୀ ହୋମ୍‌ଷ୍ଟେ’ରେ ଦେଖିବାକୁ ମିଳିଥିଲା। ରାଜା ଓ ସୋନମ ବୁଲାବୁଲି କରିବା ପାଇଁ ଭଡ଼ାରେ ନେଇଥିବା ଏକ ସ୍କୁଟର ନିଖୋଜ ହେବାର ଦିନକ ପରେ ସୋହରାରିମ୍‌ରେ ପରିତ୍ୟକ୍ତ ଅବସ୍ଥାରେ ଠାବ ହୋଇଥିଲା। ରିଆଟ୍ ଆର୍ଲିଅଙ୍ଗ୍‌ର ☞ ପୃଷ୍ଠା-୨

ଘୂର୍ଣ୍ଣିବଳୟ ସୃଷ୍ଟି, ୧୪ରୁ ବଢ଼ିବ ବର୍ଷା
ପୃଷ୍ଠା-୩

ଆଜିର ସମ୍ପାଦକୀୟ
ଏବେ ଡିଜିପିନ୍

# ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁହେଲେ ସହାୟତା ୧୦ ଲକ୍ଷ

ଭୁବନେଶ୍ୱର,୯।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ସୋମବାର ବୃଦ୍ଧି କରିଛନ୍ତି। ପୂର୍ବରୁ ଏ ବାବଦକୁ ରାଜ୍ୟ ସରକାର ପ୍ରଦାନ କରୁଥିବା ୬ ଲକ୍ଷ ଟଙ୍କାର ରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରାଯାଇଛି। ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର ଅଧିକ ହୋଇଥାଏ। ବନ୍ୟଜନ୍ତୁ ଆକ୍ରମଣରେ ମଧ୍ୟ ବହୁ ଧନଜୀବନ ନଷ୍ଟ ହୋଇଥାଏ। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି। ସରକାରୀ ନିଷ୍ପତ୍ତି ଅନୁଯାୟୀ ମୃତ୍ୟୁକାଳୀନ ☞ ପୃଷ୍ଠା-୨






# ଅନନ୍ୟା ନନ୍ଦିନୀ



ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସୋମବାର ଧରିତ୍ରୀ ପକ୍ଷରୁ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭାଜପା ନେତା ଗୋଲକ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସନାୟକ, ଭୁବନେଶ୍ୱର-ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ

**ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ**

## ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା 'ନନ୍ଦିନୀ'

ଭୁବନେଶ୍ୱର, ୯।୬ (ବନ୍ଦନା ସେଠୀ)

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଥିଲା। ମହିଳା ସଶକ୍ତୀକରଣର ସେ ଥିଲେ ଅନନ୍ୟ ପ୍ରତୀକ। କେବଳ ଓଡ଼ିଶା ନୁହେଁ, ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା ଥିଲେ। ଭୁବନେଶ୍ୱରକୁ ଆଧୁନିକତାର ସ୍ପର୍ଶ ଦେବାରେ ତାଙ୍କର ବଡ଼ ଅବଦାନ ଥିଲା ବୋଲି ଧରିତ୍ରୀ ପକ୍ଷରୁ ନନ୍ଦିନୀଙ୍କ ୯୪ତମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତ ଦେଇଛନ୍ତି। ସୋମବାର ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଅଫିସ ସମ୍ମୁଖସ୍ଥ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିସ୍ଥଳରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ନନ୍ଦିନୀ ଶତପଥୀ କେବଳ ମହିଳାଙ୍କ ପାଇଁ ନୁହେଁ, ବରଂ ସମସ୍ତଙ୍କ ଲାଗି ପ୍ରେରଣାଦାୟୀ ହୋଇ ରହିବେ। କେବଳ ରାଜନୀତି ନୁହେଁ, ସାହିତ୍ୟ ଜଗତରେ ମଧ ତାଙ୍କର ଅନେକ ଅବଦାନ ରହିଛି। ଭାଜପା ନେତା ଗୋଲକ ମହାପାତ୍ର ଯୋଗଦେଇ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟଧାରାକୁ ଦେଖିବା ଲାଗି ବିଭିନ୍ନ ସ୍ଥାନରୁ ଲୋକମାନେ ଆସୁଥିଲେ ବୋଲି ମତ ରଖିଛନ୍ତି। ତାଙ୍କ ସମୟରେ ଭୁବନେଶ୍ୱରରେ ନୂଆ ଥାନା, ହାଟ ଓ ସହର ଗଢ଼ିତୋଳିବାର ଯୋଜନା ହୋଇଥିଲା। ସେହିପରି ଅନେକ ସଂସ୍କାରମୂଳକ କାର୍ଯ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପ୍ରଶାସନିକ କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ଅନେକ ଅବଦାନ ରହିଛି। ସେ ଦୀର୍ଘ ସମୟଧରି ଓଡ଼ିଶାର ଶାସନ ବ୍ୟବସ୍ଥାକୁ ଗୋଟିଏ ନୂଆ ଦିଗ୍‌ଦର୍ଶନ ଦେଇଥିଲେ ବୋଲି ମହାପାତ୍ର କହିଛନ୍ତି। କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ସ୍ୱର୍ଗତା ନନ୍ଦିନୀ ଶତପଥୀ ସମସ୍ତଙ୍କ ପ୍ରେରଣାର ଉତ୍ସ ଥିଲେ ବୋଲି କହିଛନ୍ତି। ନନ୍ଦିନୀ ଦେବୀ ବିଶେଷକରି ସମଗ୍ର ଓଡ଼ିଶା ତଥା ଦେଶର ମହିଳାଙ୍କ ପାଇଁ ଆଦର୍ଶ ସାଜିଥିଲେ। ସେ ଜଣେ ଅଗ୍ନିବର୍ଷୀ ନେତ୍ରୀ ଭାବେ ନିଜକୁ ପ୍ରମାଣିତ କରିଥିଲେ। ତାଙ୍କ ଜୀବନଶୈଳୀରୁ ଆମ ସମସ୍ତଙ୍କୁ କିଛି ଶିଖିବାର ଅଛି ବୋଲି ଆକାଶ ଦାସନାୟକ କହିଛନ୍ତି। ସେହିପରି ଓଡ଼ିଆ ଭାଷା, ସଂସ୍କୃତିକୁ ଶକ୍ତିଶାଳୀ କରିବାରେ ନନ୍ଦିନୀଙ୍କ ଲମ୍ବା ଯୋଗଦାନ ରହିଥିଲା ବୋଲି ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଯୋଗଦେଇ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉପସ୍ଥିତ ଥିଲେ। ସେହିପରି ସଂସ୍କୃତି ବିଭାଗ, ଉତ୍କଳ ସମ୍ମିଳନୀ, ୱିଫର୍ ଭୁବନେଶ୍ୱର, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ

ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ରାଜନୀତି ସମେତ କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସେହିପରି ନନ୍ଦିନୀ ଦେବୀଙ୍କ ଜୟନ୍ତୀ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତିବିଶେଷ ମଧ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।




ଉତ୍କଳ ସମ୍ମିଳନୀ



ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଧରିତ୍ରୀ ପରିବାର



ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ ଓ କଂଗ୍ରେସ ନେତାମାନେ



ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ ଏବଂ ଅନ୍ୟମାନେ



ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଭୁବନେଶ୍ୱରର କର୍ପୋରେଟର ବୃନ୍ଦ ଓ ଅନ୍ୟମାନେ




ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସ୍ମୃତି ତର୍ପଣ କରାଯାଉଛି

DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୦/୨୦୨୫ | Bhubaneswar, Tuesday, June 10/2025 | ପୃଷ୍ଠା-୧

DADLS-26

ବର୍ଷ ଏକ ଉପଲବ୍ଧି ଅନେକ

ସମୃଦ୍ଧ ଭବିଷ୍ୟତ ପାଇଁ କୃଷି ଓ କୃଷକ ସଶକ୍ତିକରଣ

• ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା

• ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି • ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ



OIPR-15001/13/0678/2526

# କେନ୍ଦ୍ରାପଡ଼ା ଜିଲା ବିକାଶ ପ୍ରତି ସରକାର ସଚେତନ: ମୁଖ୍ୟମନ୍ତ୍ରୀ

**କେନ୍ଦ୍ରାପଡ଼ା, ୯।୬ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଶ୍ରୀବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ, କ୍ଷେତକୁ ଜଳ ପରିଚାଳନା ଓ ପାନୀୟ ଜଳ ବ୍ୟବସ୍ଥା, ଅଧିକ ହେନ୍ତାଳ ବଣ ସୃଷ୍ଟି ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ରାଜ୍ୟ ସରକାର ବିକଶିତ କେନ୍ଦ୍ରାପଡ଼ା ପାଇଁ ସଚେତନ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲା ଉନ୍ନୟନ କାର୍ଯ୍ୟ ସମୀକ୍ଷା ପରେ ସୋମବାର ମତ ରଖିଛନ୍ତି।

ଅପରାହ୍ଣରେ ସମୀକ୍ଷା ବୈଠକ ସର୍କିଟ୍ ହାଉସଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ସାହୁ, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ମଲ୍ଲିକ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଭିଡିଓ କନ୍‌ଫେରେନ୍ସରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ବିଜେଡିର ୪ ବିଧାୟକ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତିଠାରୁ ଉନ୍ନୟନ କାର୍ଯ୍ୟର ମନ୍ଥରତା ସମ୍ପର୍କରେ ଆଲୋଚନା କରିଥିଲେ। ଗଣମାଧ୍ୟମକୁ ଜିଲା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ଗୋଟିଏ ବର୍ଷର ଭାଜପା ଶାସନ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ଶେଷ ହୋଇଛି। କ୍ଷେତରୁ ଜଳ ନିଷ୍କାସନ ସମସ୍ୟା ଅଛି। ଏହାର ନିରାକରଣ ହେବ। ସେହିପରି ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଭିତରକନିକା ଓ ଗହୀରମଥାର ଇକୋ ଟ୍ୟୁରିଜମ୍‌ର ବ୍ୟାପକ ଉନ୍ନତୀକରଣ ହେବ। ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ଅଗ୍ରଗତି ଖୁସି ଦେଇଛି। ଲକ୍ଷ ପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲା ନମ୍ବର ୧ ହୋଇଛି। ଜମ୍ବୁ-ମାର୍ଶାଘାଇ କେନାଲ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଜିଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିପାଇଁ ଜିଲା ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର କେନ୍ଦ୍ରାପଡ଼ା ଆସି ବିକଶିତ ଜିଲା ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ସୁଦୃଢ଼ କରିବେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ପ୍ରକାଶ କରିଥିଲେ। ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ ସମ୍ପର୍କରେ କେନ୍ଦ୍ରାପଡ଼ା ବିଧାୟକ ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀ ମାଝୀ ଏକ ଅନୁକୂଳ ପରିବେଶରେ ଜିଲା ବିକାଶ ପାଇଁ ଦାବିଗୁଡ଼ିକ ଶୁଣିଛନ୍ତି। ସରକାରୀ ପଦବୀ ପୂରଣ କରିବା, ଗୋବରୀ ନଦୀର ଉନ୍ନତୀକରଣଠାରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ସକାରାତ୍ମକ ମତ ରଖିଛନ୍ତି। ପୂର୍ବାହ୍ଣରେ ମୁଖ୍ୟମନ୍ତ୍ରୀ ମାଝି ମାଉସୀ ମା' ମନ୍ଦିରଠାରୁ ଶ୍ରୀବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହି ଅବସରରେ ସେ ଅପରେଶନ ସିନ୍ଦୂରର ସଫଳତା ବୟାନ କରିଥିଲେ। ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ମଞ୍ଚରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶ୍ରୀ ବଳଦେବଜୀଉଙ୍କ ଦର୍ଶନ ପରେ ରାଜସ୍ୱ ରଥ ଓ କୃଷି ରଥକୁ ଉଦ୍‌ଘାଟନ କରିଥିଲେ। ଏଥିସହ କେତେଜଣ ଭୂମିହୀନ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ତ୍ରିରଙ୍ଗା ଶୋଭାଯାତ୍ରାରେ ଭାଜପା ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଭୁବନ ମୋହନ ଜେନା, ତେଜେଶ୍ୱର ପରିଡ଼ା, ଗୀତାଞ୍ଜଳି ସେଠୀ, ଲଳିତ କୁମାର ବେହେରା, ପ୍ରତାପ କୁମାର ଦାଶ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିରୋଧୀ ୪ ବିଧାୟକଙ୍କ କଥା ଦେଢ଼ଘଣ୍ଟା ଧରି ଶୁଣିଲେ



ତ୍ରିରଙ୍ଗା ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଅନ୍ୟମାନେ।

# ଜେଲ୍ ଗଲେ ଧର୍ମଗଡ଼ ଉପଜିଲାପାଳ

**ଭବାନୀପାଟଣା, ୯।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକ୍‌ମା ରବିବାର ରାତିରେ ଜଣେ କ୍ରଶର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାସହ ଭିଜିଲାନ୍ସ ଛାନ୍‌ଭିନ୍ ବେଳେ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ଉପଜିଲାପାଳ ଚକମାଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ଅଣାଯାଇ ଜେରା କରାଯାଇଥିଲା। ଏହି ସମୟରେ ସେ ଜବତ ଟଙ୍କାର ହିସାବ ଦେଇ ନ ପାରିବାରୁ ସୋମବାର ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ମଧ୍ୟ ଘଟଣାର ତଦନ୍ତ ଚାଲିଛି ବୋଲି ଭବାନୀପାଟଣାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଭିଜିଲାନ୍ସ ସେଲ ଡିଭିଜନର ଏସ୍‌ପି ଏମ୍. ରାଧାକ୍ରିଷ୍ଣା ସୂଚନା ଦେଇଛନ୍ତି।

## ମହଙ୍ଗା ପଡ଼ିଲା ୧୦ ଲକ୍ଷ ଲାଞ୍ଚ ନେବା

# ଭିଡ଼ ଟ୍ରେନ୍‌ରୁ ଖସିପଡ଼ି ୪ ଯାତ୍ରୀ ମୃତ

ମହାରାଷ୍ଟ୍ରର ଠାଣେ ନିକଟରେ ସୋମବାର ସକାଳେ ଗହଳି ଲୋକାଲ ଟ୍ରେନ୍‌ରୁ ଖସିପଡ଼ି ୪ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୯ ଜଣ ଆହତ ହୋଇଛନ୍ତି। ଫଳରେ ମୁମ୍ବାଇ ମହାନଗରୀରେ ଚଳାଚଳ କରୁଥିବା ଲୋକାଲ ଟ୍ରେନ୍‌ଗୁଡ଼ିକରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣିଥରେ ଉଦ୍‌ବେଗ ପ୍ରକାଶ ପାଇଛି। ମୁମ୍ବାଇ ସବ୍‌ଅର୍ବାନ ରେଲ୍‌ୱେକୁ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଦୈନନ୍ଦିନ ଯାତ୍ରୀଙ୍କ ଜୀବନରେଖା ବିବେଚନା କରାଯାଉଥିବାବେଳେ ଭିଡ଼ ସମୟରେ ଅତ୍ୟଧିକ ଗହଳି ଯୋଗୁ ଲୋକେ ଫୁଟ୍‌ବୋର୍ଡରେ ଝୁଲିରହି ଯିବାକୁ ବାଧ ହୋଇଥାନ୍ତି। ଏଭଳି ବିପଜ୍ଜନକ ଯାତ୍ରା ବେଳେ ସେମାନେ ସନ୍ତୁଳନ ହରାଇ ଖସିପଡ଼ିଥାନ୍ତି। ତଥ୍ୟ ଅନୁଯାୟୀ, ମୁମ୍ବାଇ ଲୋକାଲ ଟ୍ରେନ୍‌ରେ ଯାତ୍ରା ବେଳେ ପ୍ରତିଦିନ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିଥାଏ। ଜିଆର୍‌ପି ପରିସଂଖ୍ୟାନ ଅନୁଯାୟୀ, ୨୦୨୩ରେ ମୁମ୍ବାଇ ସବ୍‌ଅର୍ବାନ ରେଲ୍‌ୱେରେ ୧,୮୯୫ ଜଣ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ କୋଚ୍‌ରେ ଝୁଲିରହି ଯାତ୍ରା କରିବା ବେଳେ ୧୧୪ ଜଣଙ୍କ ଜୀବନ ଯାଇଥିଲା। ୨୦୨୪ରେ ୧,୭୪୪ ଜଣ ଦୁର୍ଘଟଣାରେ ଏବଂ ୧୧୬ ଜଣ ଫୁଟ୍‌ବୋର୍ଡରେ ଝୁଲିରହି ଯାତ୍ରା କରିବା ବେଳେ ପ୍ରାଣ ହରାଇଥିଲେ।

**ମୁମ୍ବାଇ, ୯।୬**

ମହାରାଷ୍ଟ୍ରର ଠାଣେ ନିକଟବର୍ତ୍ତୀ ଦିବା ଷ୍ଟେଶନଠାରେ ଏକ ଲୋକାଲ ଟ୍ରେନ୍‌ରେ ପ୍ରବଳ ଭିଡ଼ ଯୋଗୁ ଖସିପଡ଼ି ୪ ଜଣ ଯାତ୍ରୀ ପ୍ରାଣ ହରାଇବା ସହ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ସୋମବାର ପୂର୍ବାହ୍ଣ ୯ଟା ୩୦ ମିନିଟ୍‌ରେ ଟ୍ରେନ୍‌ରେ ପ୍ରବଳ ଭିଡ଼ ଥିବାରୁ ବହୁ ଲୋକ ଡୋର୍ ନିକଟରେ ଛିଡ଼ାହୋଇଥିଲେ। ଟ୍ରେନ୍ ଚାଲୁଥିବାବେଳେ ଅନ୍ୟୂନ ୧୩ ଜଣ ଯାତ୍ରୀ ଖସିପଡ଼ିଥିଲେ। ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ। ଏହି ଘଟଣା ପରେ ମୁମ୍ବାଇରେ ଚଳାଚଳ କରୁଥିବା ସମସ୍ତ ଲୋକାଲ ଟ୍ରେନରେ ଅଟୋମେଟିକ୍ ଡୋର୍ ଲଗାଇବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏହି ଡୋର୍‌ଗୁଡ଼ିକରେ ସ୍ୱତଃ ବନ୍ଦ ହେବା ବ୍ୟବସ୍ଥା ରହିବ। କେନ୍ଦ୍ରୀୟ ରେଲୱେର ପ୍ରିନ୍ସିପାଲ୍ ଚିଫ୍ ସେଫ୍ଟି ଅଫିସର (ପିସିଏସ୍‌ଓ)ଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

Government of India

ରାଷ୍ଟ୍ର ପ୍ରଥମ

ନିର୍ଣ୍ଣାୟକ, ନିର୍ଭୀକ, ଦାୟିତ୍ୱବାନ ଭାରତ





ବିଶ୍ୱସ୍ତରୀୟ ହେଲା **ବ୍ରହ୍ମୋସ୍** କ୍ଷେପଣାସ୍ତ୍ର: **ଫିଲିପାଇନ୍ସ**କୁ ରପ୍ତାନି

ଭାରତର ପ୍ରତିରକ୍ଷା - ରପ୍ତାନୀରେ **୩୩ ଗୁଣ** ବୃଦ୍ଧି

ପ୍ରତିରକ୍ଷା ପୁଞ୍ଜି ଅଧିଗ୍ରହଣ ବଜେଟର **୭୫ ପ୍ରତିଶତ ଘରୋଇ ଉତ୍ପାଦନ** ପାଇଁ ରଖାଯାଇଛି

ପ୍ରତିରକ୍ଷା ସ୍ୱଦେଶୀକରଣ ତାଲିକାରେ **୫୦୦୦ରୁ ଅଧିକ ସାମଗ୍ରୀ** ଯୋଡ଼ି ହୋଇଛି।

**ଆଇଡିଇଏକ୍ସ ଷ୍ଟାର୍ଟଅପ୍** ଏବଂ **ଏମ୍‌ଏସ୍‌ଏମ୍‌ଇ.** ଗୁଡ଼ିକରୁ **୨୪୦୦+ କୋଟି ଟଙ୍କା** ମୂଲ୍ୟର **୪୩ଟି ସାମଗ୍ରୀ** କିଣାଯାଇଛି



ସ୍ୱଦେଶୀ ନିର୍ମିତ ବିମାନ ବାହକ **ଆଇ.ଏନ୍.ଏସ୍. ବିକ୍ରାନ୍ତ**

**ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍** ପଦବୀ ସୃଷ୍ଟି: ଉଚ୍ଚ ପ୍ରତିରକ୍ଷା ସଂଗଠନରେ ଏକ ଐତିହାସିକ ସଂସ୍କାର

**ଏକ ପାହ୍ୟା ଏକ ପେନସନ,** ସଶସ୍ତ୍ର ବାହିନୀର ଦୀର୍ଘ ଦିନର ଦାବି-ପୂରଣ ହେଲା ।



ଭାରତୀୟ ବାୟୁସେନାରେ ସାମିଲ ହେଲା ସ୍ୱଦେଶୀ ହାଲୁକା ଲଢୁଆ **ହେଲିକପ୍ଟର ପ୍ରଚଣ୍ଡ,** ଯାହା ବିଶ୍ୱର ଏକମାତ୍ର ଆକ୍ରମଣକାରୀ ହେଲିକପ୍ଟର, ଯାହା ଅଧିକ ଭାର ସହିତ **୫୦୦୦ ମିଟର** ଉଚ୍ଚତାରେ ଅବତରଣ ଏବଂ ଉଡ଼ାଣ କରିବାରେ ସକ୍ଷମ ।

ସ୍ୱାୟତ୍ତତା, ଦକ୍ଷତା ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ଗୋଳାବାରୁଦ କାରଖାନା ବୋର୍ଡକୁ **୭ଟି ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗ**ରେ ପରିଣତ କରାଯାଇଛି ।



**ଅପରେସନ ସିନ୍ଦୁର**

ଆମ ସଶସ୍ତ୍ର ବାହିନୀର ଉଲ୍ଲେଖନୀୟ ବୀରତ୍ୱ ପ୍ରଦର୍ଶନ କରିଥିଲେ: ଶତ୍ରୁ ଦେଶରେ ଥିବା **୯ଟି ଆତଙ୍କବାଦୀ ବେସ୍** ମାତ୍ର ୨୨ ମିନିଟରେ ଧ୍ୱଂସ

CBC 44101/13/0007/2526

Viksit Bharat ka Amrit Kaal

Seva, Sushasan, Garib Kalyan ke

11 SAAL



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପଞ୍ଚାନନ କାନୁନ୍‌ଗୋଙ୍କ ଲିଖିତ ପୁସ୍ତକ 'ମାନ୍ୟବର ମୁଖ୍ୟମନ୍ତ୍ରୀ' ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୨୯।
- ସଙ୍ଗୀତ ଭାରତୀର ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଲେଖକ କୂଳମଣି ସାହୁଙ୍କ ଲିଖିତ ପୁସ୍ତକ 'ତବଲା ଶବ୍ଦକୋଷ' ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଟକ
- କିଶୋର ନଗରରେ ଆଧୁନିକ ଚାଷ ସମ୍ବର୍ଦ୍ଧୀୟ ତାଲିମ ଶିବିର, ସ୍ଥାନ: କିଶୋରନଗର ପଞ୍ଚାୟତ କଲ୍ୟାଣ ମଣ୍ଡପ, କଟକ ସଦର, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଏବିଭିପି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ ଭବନ, ଗୋପାଳ ଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରପୁର ରଜ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କେଭିସିସି ଶିକ୍ଷାକେନ୍ଦ୍ର, ଖଇରା, ସମୟ: ଅପରାହ୍ନ ୫ଟା।
- ବିଜୟୀ ବାଲିଆପାଳ ଜନ ଆନ୍ଦୋଳନର ୪୦ବର୍ଷ ପୂର୍ତ୍ତି ଏବଂ ବନ୍ଦର ହଟାଅ ଭିଟାମାଟି ବଞ୍ଚାଅ ଜନସମାବେଶ, ସ୍ଥାନ: ବାଲିଆପାଳ ବାଲିବିଲ ହାଟ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସଙ୍ଗୀତ ସନ୍ଧ୍ୟା ଆସର, ସ୍ଥାନ: ନୃତ୍ୟ ସଙ୍ଗୀତ କଳାମନ୍ଦିର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦୁଝର
- ବାର୍ଷିକ ଅଷ୍ଟମପ୍ରହରୀ ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ଶାସଙ୍ଗ, ଛେନାପଦି, ସମୟ: ସକାଳ ୬ ଟା।

## ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା,ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମୟୂର କଳା ଭୂମି ପକ୍ଷରୁ ଡ୍ୟାନ୍ସ ତାଲିମ ଶିବିର, ସ୍ଥାନ:ତୁଳସୀ ମଣ୍ଡପ ଡାରଗାଡାହି ଗୋଲେଇ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଚନ୍ଦ୍ରଶେଖର କଲ୍ୟାଣ ମଣ୍ଡପ ଖାସ୍ପା ସାହି, ସମୟ: ସକାଳ ୮ଟା ୩୦।
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୧୦ଟା।

## ଗଞ୍ଜାମ
- ନିଶା ନିବାରଣ ସଚେତନତା ଅଭିଯାନ ଶୁଭାରମ୍ଭ, ସ୍ଥାନ: ପୁଞ୍ଜିକଂଝା ଛକ ଦିଗପହଣ୍ଡି। ସମୟ: ସକାଳ ୯ ଟା।
- ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଛତ୍ରପୁର ନୂଆ ବସଷ୍ଟାଣ୍ଡ ଟର୍ମିନାଲ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଜିଲା ପରିଷଦ ବୈଠକ, ସ୍ଥାନ: ଫୁଲବାଣୀସ୍ଥିତ ପଞ୍ଚାୟତ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ବିକଶିତ କୃଷି ସଙ୍କଳ୍ପ ଅଭିଯାନ, ସ୍ଥାନ: ସୁକିନ୍ଦା ସାଂଶିଲୋ ପଞ୍ଚାୟତର ସାଂଶିଲୋ ଓ ପାଟପୁର, ଗୋବରଘାଟି ପଞ୍ଚାୟତର ଗୋବରଘାଟି, ହାତୀମୁଣ୍ଡ ଓ ମିରିଗଚାର, ସମୟ: ପୂର୍ବାହ୍ନ ୯ଟା।

## ନୟାଗଡ଼
- ପାଲା କଳାକାରଙ୍କ ସମାବେଶ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ରାମଲୀଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀନଗର ରଘୁନାଥ ପୀଠ, ସମୟ: ରାତି ୧୧ଟା।

## ରାୟଗଡ଼ା
- ବାଲ୍ୟ ବିବାହ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ପୌର ପରିଷଦ ସଭା ଗୃହ, ସମୟ: ସକାଳ ୯ଟା।
- ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: କଲ୍ୟାଣ ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ ଟା।
- ମୁନିଗୁଡା ରୋଟାରୀ କ୍ଲବ୍ ତରଫରୁ ଚିକିତ୍ସା ଶିବିର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ପଓ୍ୱନ କମ୍ପ୍ଲେକ୍ସ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ ଟା।
- ପୁଷ୍ଟିକର ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: କୋଲନରା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ସୁଭଦ୍ରାଶକ୍ତି ଖାଦ୍ୟ ମେଳା, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ପାଠାଗାର, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କଲ୍ୟାଣ ମଣ୍ଡପ, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅନ୍ଥ୍ରାକ୍ସ ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅଧ୍ୟାପନା ସମ୍ମିଳନୀ କକ୍ଷ, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ସୁରକ୍ଷା ଯୋଜନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ଓସ୍ୱାନ ଗୃହ, କୋରାପୁଟ,ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ମାଗଣା ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା ପରିସର, ସମୟ : ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ୍ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବନାମ ସହଯୋଗ କ୍ଲବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ଜିଲାସ୍ତରୀୟ ଫୁଟବଲ ମ୍ୟାଚ ମେହେର ଆସୋସିଏଶନ ବନାମ ମହତାବ କ୍ଲବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୫ଟା ୩୦।

## ରାଉରକେଲା
- ଖବରଦାତା ସମ୍ମିଳନୀ, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ୩୦ଦିନିଆ ଶିଶୁନାଟ୍ୟ କର୍ମଶାଳା ଶୁଭାରମ୍ଭ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଏବିଭିପିର ପ୍ରାନ୍ତ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ, ସ୍ଥାନ: କ୍ରିଷ୍ଟା ବିକାଶ, ବରଗଡ଼, ସମୟ: ସକାଳ ୯ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କ ଚକା ଅସରପ ନୀତି, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ ମହାପୁରାଣର ଏକାଦଶ ସ୍କନ୍ଦ ପଠନ, ସ୍ଥାନ: ନୂତନ ମାଉସୀ ମା' ମନ୍ଦିର ସମ୍ମୁଖ କେନ୍ଦୁପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଅଷ୍ଟମ ଦିବସ, ସ୍ଥାନ: କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ଡୁମେରବାହାଲ ଗାଁ, ସମୟ: ପ୍ରାତଃ ୪ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁ, ସମୟ: ସକାଳ ୮ଟା ୩୦।
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ଉପଲକ୍ଷେ ଶୋଭାଯାତ୍ରା ଓ ସମାବେଶ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

# ନନ୍ଦିନୀ ଶତପଥୀଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୬ (ରବିନାରାୟଣ ଜେନା)

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଭାପତି ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ସୋମବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଜଭବନଛକ ନିକଟସ୍ଥ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତି ଓ ଅନ୍ୟ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ଓଡ଼ିଶା ପାଇଁ ନନ୍ଦିନୀ ଶତପଥୀ ବହୁ ଜନମଙ୍ଗଳ କାର୍ଯ୍ୟ କରିଯାଇଛନ୍ତି। ମୁଁ କେନ୍ଦ୍ରମନ୍ତ୍ରୀ ଥିଲାବେଳେ ତାଙ୍କୁ ଅନେକଥର ସାକ୍ଷାତ୍ କରି ବହୁ ପ୍ରସଙ୍ଗ ଉପରେ ସକାରାତ୍ମକ ଆଲୋଚନା କରିଛି। ନନ୍ଦିନୀ ଶତପଥୀଙ୍କୁ ଓଡ଼ିଶାରେ ବହ୍ନି କନ୍ୟା ବା ଲୌହମାନବୀ ଭାବରେ ସମସ୍ତେ ଜାଣନ୍ତି। ଓଡ଼ିଶାକୁ ଏବେ ନନ୍ଦିନୀ ଶତପଥୀଙ୍କ ଭଳି ନାରୀନେତ୍ରୀଙ୍କର ଆବଶ୍ୟକତା ରହିଛି ବୋଲି ଭକ୍ତ କହିଥିଲେ।

# ଆଜି ଶଙ୍ଖ ଭବନରେ ସରକାରଙ୍କ ବିଫଳତା ଉଠାଇବ ବିଜେଡି

ଭୁବନେଶ୍ୱର,୯।୬(ସୁନିତ୍ ମିଶ୍ର)

ରାଜ୍ୟର ଭାଜପା ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ପାଳନ ହେବାକୁ ଯାଉଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ନେଇ ସୂଚନା ମିଳୁଛି। ଏହାକୁ କାଉଣ୍ଟର କରିବାକୁ ବିଜେଡିର ପ୍ରସ୍ତୁତି ଆରମ୍ଭ ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏନେଇ ମଙ୍ଗଳବାର ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗଦେବା ଲାଗି ଦଳର ସବୁ ବିଧାୟକ, ଏମ୍‌ପି, ଗତ ନିର୍ବାଚନରେ ପରାଜିତ ହୋଇଥିବା ସବୁ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ, ସବୁ ଜିଲା ପରିଷଦ ସଭାପତି, ରାଜ୍ୟ ପରିଷଦର ସମସ୍ତ ପଦାଧିକାରୀଙ୍କୁ ଡକାଯାଇଛି। ବୈଠକରେ ଯୋଗଦେବା ଲାଗି ସମସ୍ତଙ୍କ ପାଖକୁ ଟେଲିଫୋନ ଯାଇଥିବା ଜଣାପଡ଼ିଛି। ଏହି ବୈଠକକୁ ସଫଳ କରିବା ସକାଶେ ଶଙ୍ଖ ଭବନରେ ମଧ ଘନଘନ ବୈଠକ ଅନୁଷ୍ଠିତ ହେଉଛି। ସରକାରଙ୍କ ବିଫଳତାର ବାର୍ତ୍ତା ନବୀନ ଏହି ଅବସରରେ ଦେବେ ବୋଲି ଶୁଣିବାକୁ ମିଳୁଛି।

ଦଳୀୟ ସୂତ୍ରରୁ ଜଣାପଡ଼ିଛି ଯେ, ସରକାରଙ୍କ ୮ଟି ବିଫଳତା କଥା ଉଠାଇ ଭାଜପାକୁ ନବୀନ ଟାର୍ଗେଟ କରିବେ। ୧୨ ତାରିଖରେ ଭାଜପାର ପ୍ରଥମ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଏହାକୁ ଲକ୍ଷ୍ୟରେ ରଖି ବିଜେଡି ମଙ୍ଗଳବାର ନିଜର କାର୍ଯ୍ୟକ୍ରମ କରିବା ଲାଗି ସ୍ଥିର କରିଛି। ୨୦ ତାରିଖରେ ବିଜେଡି ପୁରୀଠାରେ ଯୁବ ସମାବେଶ କରିପାରେ ବୋଲି ଜଣେ ନେତା ସୂଚନା ଦେଇଛନ୍ତି। ତେବେ ଭାଜପା ସରକାରଙ୍କ କାର୍ଯ୍ୟକ୍ରମ ଭୁବନେଶ୍ୱର ଜନତା ମଇଦାନଠାରେ ହେବାକୁ ସ୍ଥିର ହୋଇଥିବା ଖବର ମିଳିଛି।

# ଦୁଇ ପୂର୍ବତନ ବିଧାୟକଙ୍କ ସ୍ମୃତିଚାରଣ କଲା ଭାଜପା

ଭୁବନେଶ୍ୱର,୯।୬(ସୁନିତ୍ ମିଶ୍ର)

ଓଡ଼ିଶା ଭାଜପାର ପ୍ରଥମ ବିଧାୟକ ପ୍ରସନ୍ନ ପଟ୍ଟନାୟକ ଏବଂ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ରଫିକଙ୍କ ଉଦ୍ଦେଶ୍ୟରେ ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ସେମାନଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ଯୋଗାଇବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ ଉଭୟ ନେତାଙ୍କ ସ୍ମୃତିଚାରଣ କରି କହିଛନ୍ତି, ଦଳ ପାଇଁ ପ୍ରସନ୍ନ ପଟ୍ଟନାୟକ ଏବଂ ରଫିକଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ। ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବାରେ ଉଭୟଙ୍କ ଭୂମିକା ଅତୁଳନୀୟ। ରାଜ୍ୟ ଭାଜପାର ପ୍ରଥମ ନିର୍ବାଚନରେ ପ୍ରସନ୍ନ କାମାକ୍ଷାନଗରରୁ ବିଜୟୀ ହୋଇ ଦଳ ପାଇଁ ମୂଳଦୁଆ ପକାଇଥିଲେ। ସେ ଦଳର ସଂଘର୍ଷମୟ ଯାତ୍ରା ବେଳେ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ଥିଲେ। ସେହିପରି ସ୍ୱର୍ଗତ ରଫିକ୍ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ବରଗଡ଼ ଜିଲା ଅନ୍ତର୍ଗତ ତତ୍କାଳୀନ ମେଲଛାମୁଣ୍ଡା ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇ ବିଧାୟକ ହୋଇଥିଲେ। ଏହାସହ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରି ଦଳକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସେ କହିଛନ୍ତି। ଏହି ଅବସରରେ ଭାଜପାର ବହୁ ବରିଷ୍ଠ ନେତା ମଧ ଯୋଗ ଦେଇ ସ୍ମୃତିଚାରଣ କରିଛନ୍ତି।

# ଭାଜପାରେ ମିଶିଲେ ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷା, ଉପାଧକ୍ଷ

ଭୁବନେଶ୍ୱର,୯।୬(ସୁନିତ୍ ମିଶ୍ର)

ଭାଜପା ସରକାର ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ତେନ୍ତୁଳିଖୁଣ୍ଟି ବ୍ଲକ ଅଧ୍ୟକ୍ଷା ନୀଳେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କ ସମେତ ଅମଳାଭଟା ଗ୍ରାମପଞ୍ଚାୟତ ସମିତି ସଭ୍ୟା ବିଦୁସ୍ମିତା ଜାନି, କାମତା ପଞ୍ଚାୟତ ସମିତି ସଭ୍ୟା, ମଚ୍ଛାଗାଁ ପଞ୍ଚାୟତ ସରପଞ୍ଚ ତିରୁପତି ମହାନ୍ତି, ବିଜେଡି କର୍ମୀ ଜି.ସତ୍ୟମ ନାଇଡୁ, ଗୋଲକ ନାୟକ, ସିନ୍ଧୁ ନାୟକ, ଲମ୍ବୋଦର ନାୟକ ପ୍ରମୁଖ ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ବିଧାୟକ ଗୌରୀ ଶଙ୍କର ମାଝି, ବିଧାୟକ ରୂପ ଭତ୍ରା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନ୍ତ ଦାରୀ, ପେଟ ଭଗାରି ।**

କଥାବାର୍ତ୍ତା କଲାବେଳେ ଦାନ୍ତ ଆଗ ବାହାରିପଡ଼େ। ସମସ୍ତଙ୍କୁ ଦେଖି ଆଗ ହସିଦେବା ମଣିଷର ପ୍ରକୃତି। ସେହିପରି ଅଧିକ ଖାଇଲେ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଥାଏ। ଭୋକ ହେଲେ ସ୍ଥାନ-କାଳ-ପାତ୍ର ନ ବିଚାରି ମଧ ଖାଇବାକୁ ପଡ଼ିଥାଏ। ଏପରିସ୍ଥଳେ ପେଟ ଭଗାରି ଭଳି ଦାଉସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦରକାର ନାହିଁ ସରକାରକୁ ଲୋଡ଼ା ନାହିଁ ମୋର ବୁଢ଼ା ବରକୁ ।**

ବର ଓ କନ୍ୟାଙ୍କ ଭିତରେ ବୟସର ତାରତମ୍ୟ ଯେତେ କମ୍ ହୋଇଥାଏ ସେମାନଙ୍କ ମଧ୍ୟରେ ସମ୍ପର୍କ, ବିଶ୍ୱାସ ଓ ବୁଝାମଣା ସେତେ ଅଧିକ ଦୃଢ଼ ହୋଇଥାଏ। ପଇସା ଥିଲେ ଯେ ସବୁ ସୁଖ ସମ୍ପଦ ମିଳିଯିବ ତାହା ନୁହେଁ, ମନ ସହ ମନର ମିଳନ ହେବା ମଧ ଜରୁରୀ ହୋଇଥାଏ। ଏପରି ସ୍ଥିତିରେ ବୟସାଧିକ ବ୍ୟକ୍ତିଙ୍କ ସହ ବିବାହ କରିବା ନେଇ କନ୍ୟା ଜଣକ ଅନିଚ୍ଛା ପ୍ରକାଶ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

# ହନିମୁନ୍‌ରେ ସ୍ୱାମୀଙ୍କୁ ହତ୍ୟା...

ୱେଇସାଡୋଙ୍ଗ୍ ପାର୍କିଂ ଲଟ୍‌ରେ ଥିବା ଏକ ଗଭୀର ଖାଇରୁ ଇନ୍ଦୋର ବ୍ୟବସାୟୀ ରାଜାଙ୍କ ମୃତଦେହ ଠାବ ହେବାର ୧୦ ଦିନ ପରେ ସେହି ସ୍ଥାନରୁ ଏକ ଦାଆ ମଧ ମିଳିଥିଲା। ରାଜାଙ୍କୁ ଏହି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଥିଲା। ତେବେ ସ୍ତ୍ରୀ ସୋନମଙ୍କ ପତ୍ତା ମିଳି ନ ଥିବାରୁ ପୋଲିସ ତନାଘନା ଜାରି ରଖିଥିଲା। ଇତିମଧ୍ୟରେ ମେଘାଳୟର ଜଣେ ଟୁରିଷ୍ଟ ଗାଇଡ୍ ଏହି ଦମ୍ପତି ନିଖୋଜ ହେବା ଦିନ ସେମାନଙ୍କୁ ଅନ୍ୟ ୩ ଜଣଙ୍କ ସହ ଦେଖିଥିବା କଥା ଶନିବାର କହିଥିଲେ। ମେ' ୨୩ ପୂର୍ବାହ୍ନ ୧୦ଟାରେ ସେହି ୫ ଜଣ ନୋଙ୍ଗ୍‌ରିଆଟ୍‌ରୁ ମଲାଖିଆଟ୍‌କୁ ୩,୦୦୦ ପାଦ ଉପରକୁ ଟ୍ରେକିଂ କରି ଚଢ଼ିଥିବା ବିଷୟ ସେ ପୋଲିସକୁ ଜଣାଇଥିଲେ। ଟୁରିଷ୍ଟ ଗାଇଡ୍‌ଙ୍କ ବୟାନ ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୋଲିସର ସନ୍ଦେହ ଦୃଢ଼ୀଭୂତ କରିଥିଲା। ସେମାନେ ସମସ୍ତେ ହିନ୍ଦୀ କହୁଥିବାରୁ ପୋଲିସର ତଲାସି ଅଭିଯାନ ରାଜ୍ୟ ବାହାରକୁ ଲମ୍ବିଥିଲା। ଏହି ୩ ଜଣ ବ୍ୟକ୍ତି କିଏ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ଭିକି, ଆକାଶ ଓ ଆନନ୍ଦଙ୍କୁ ରାଜାଙ୍କ ହତ୍ୟା ଅଭିଯୋଗରେ ଗିରଫ କରାଯାଇଛି। ରାଜାଙ୍କୁ ହତ୍ୟା କରିବା ଲାଗି ସୋନମ ଏହି ୩ ଜଣଙ୍କୁ ସୁପାରି ଦେଇଥିଲେ। ସୋନମ ତାଙ୍କ ପୂର୍ବ ପ୍ରେମିକ ରାଜ କୁଶଓ୍ୱାହଙ୍କୁ ବିବାହ କରିବା ପାଇଁ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଚାହୁଁଥିଲେ। ଏଥିଲାଗି ବିବାହର ସପ୍ତାହେ ଭିତରେ ସେ ନିଜ ସ୍ୱାମୀଙ୍କୁ ହତ୍ୟା କରାଇଛନ୍ତି। ରାଜ କୁଶଓ୍ୱାହଙ୍କୁ ମଧ ଗିରଫ କରାଯାଇଥିବା ମେଘାଳୟ ପୋଲିସ ସୋମବାର ସ୍ପଷ୍ଟ କରିଛି। ପୋଲିସର କହିବା ହେଲା ସୋନମ ସ୍ୱାମୀ ରାଜାଙ୍କୁ ହତ୍ୟା କରାଇବା ପାଇଁ ଅଭିଯୁକ୍ତମାନଙ୍କୁ ସୁପାରି ଦେଇଥିଲେ। ସିସିଟିଭି ଫୁଟେଜ ଓ ସେମାନଙ୍କ ସ୍ୱୀକାରୋକ୍ତି ଏହି ଥିଓରିକୁ ଦୃଢ଼ କରିଛି। ରାଜାଙ୍କ ପରିବାର ସିବିଆଇ ତଦନ୍ତ ଦାବି କରିଛି। ସୋନମ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ରାଜାଙ୍କ ମା' ଉମା ରଘୁବଂଶୀ ଦାବି କରିଛନ୍ତି। ଏହି ବହୁଚର୍ଚ୍ଚିତ ମାମଲାର ଶୁଣାଣି ଫାଷ୍ଟଟ୍ରାକ୍ କୋର୍ଟରେ ହୋଇପାରେ ବୋଲି କୁହାଯାଉଛି।

## ମର୍ଡର ମିଷ୍ଟ୍ରି: ଘଟଣାକ୍ରମ

**ମେ' ୧୧:** ମଧ୍ୟପ୍ରଦେଶ ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀ ଓ ସୋନମ ବିବାହ କରିଥିଲେ।

**ମେ' ୨୦:** ନବଦମ୍ପତି ମେଘାଳୟକୁ ହନିମୁନ୍ ପାଇଁ ଯାଇଥିଲେ।

**ମେ' ୨୨:** ଦୁହେଁ ଚେରାପୁଞ୍ଜିର ନନ୍‌ଗ୍ରିଆଟ୍‌ରେ ପହଞ୍ଚିଲେ, ବୁଲାବୁଲି କରି ରାତ୍ରିଯାପନ କଲେ।

**ମେ' ୨୩:** ସେଠାରୁ ଯିବା ପରେ ଉଭୟେ ନିଖୋଜ ହୋଇଗଲେ। ସୋନମ ଅପରାହ୍ନ ୧ଟା ୪୩ରେ ଶେଷଥର ନିଜ ମା'ଙ୍କୁ କଲ୍ କରିଥିଲେ। ସେମାନେ ଭଡ଼ାରେ ନେଇଥିବା ସ୍କୁଟି ପରେ ପରିତ୍ୟକ୍ତ ଅବସ୍ଥାରେ ଠାବ ହୋଇଥିଲା।

**ଜୁନ୍ ୨:** ଏନ୍‌ଡିଆର୍‌ଏଫ୍ ଡ୍ରୋନ୍ ୱେଇ ସଡୋଙ୍ଗ୍ ଫଲ୍‌ସରେ ରାଜାଙ୍କ ମୃତଦେହ ଠାବ କଲା। ରକ୍ତରଞ୍ଜିତ ଦାଆ ଓ ରାଜାଙ୍କ ଦ୍ୱାରା ବ୍ୟବହୃତ କିଛି ସାମଗ୍ରୀ ଯଥା-ସ୍ମାର୍ଟୱାଚ୍, ରେନ୍‌କୋଟ୍, ଶାର୍ଟ, ଫୋନ୍ ଫ୍ରାଗ୍‌ମେଣ୍ଟ ଜବତ ହେଲା। ମେଘାଳୟ ପୋଲିସ ହତ୍ୟା ମାମଲା ରୁଜୁ କରି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କଲା। ରାଜା ଓ ସୋନମ ନିଖୋଜ ହେବା ପୂର୍ବରୁ ମେଘାଳୟର ଏକ ଘରେ ରହିଥିବା ନେଇ ସିସିଟିଭି ଫୁଟେଜ ସାମ୍ନାକୁ ଆସିଲା। ଜଣେ ଗାଇଡ୍ ଉଭୟଙ୍କୁ ୩ ଅଚିହ୍ନା ବ୍ୟକ୍ତିଙ୍କ ସହ ଦେଖିଥିବା ନେଇ ପୋଲିସକୁ ଅବଗତ କରାଇଲେ।

**ଜୁନ୍ ୯:** ସୋନମ ଉତ୍ତର ପ୍ରଦେଶର ଗାଜିପୁରରେ ଆତ୍ମସମର୍ପଣ କଲେ। ସେ ନିଜ ସ୍ୱାମୀଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିଥିବାବେଳେ ଏହି ଅପରାଧର ସହଅଭିଯୁକ୍ତ ଆକାଶ ରାଜପୁତ (ଲଳିତପୁର, ୟୁପି), ବିଶାଲ ସିଂ ଚୌହାନ ଓ ରାଜ ସିଂ କୁଶଓ୍ୱାହ (ଇନ୍ଦୋର, ଏମ୍‌ପି), ଆନନ୍ଦ କୁର୍ମି (ସାଗର, ଏମ୍‌ପି) ଗିରଫ ହୋଇଛନ୍ତି। ଅନ୍ୟ ଜଣେ ସନ୍ଦିଗ୍ଧ ଫେରାର ଅଛନ୍ତି।

# ବନ୍ୟଜନ୍ତୁ ଆକ୍ରମଣରେ...

ସହାୟତା ରାଶି ବୃଦ୍ଧି କରାଯିବା ସହିତ ବାସଗୃହ କ୍ଷତିଗ୍ରସ୍ତ ହୋଇଥିଲେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ। ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମିଳିବ। ସେହିଭଳି ପକ୍କା ପାଚେରି, କମ୍ପାଉଣ୍ଡ ୱାଲ୍ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ଯୋଗୁ ଅର୍ଥ ସମ୍ପର୍କିତ ଚିନ୍ତା, ବିଳାସବ୍ୟସନ ଦିଗରେ ମନ ନିମଜ୍ଜିତ ରହିପାରେ। ରାହୁ ଦୃଷ୍ଟ ମଙ୍ଗଳ ଭ୍ରାତୃ, ପଡ଼ୋଶୀ କିମ୍ବା ସମ୍ପର୍କୀୟଙ୍କ ସହ ବିବାଦ ବୃଦ୍ଧି କରିବ। ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କ ହୋଇପାରେ। ପରିବାରରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ।

**ବୃଷ** ରବିଙ୍କ ସ୍ଥିତି ଆତ୍ମୀୟଙ୍କୁ ଆପଣେଇ ନେବାରେ ସାହାଯ୍ୟ କରିବ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ଉନ୍ନତି, ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିପାରେ। ଯାତ୍ରା, ବ୍ୟବସାୟ, ପରିବାର, କର୍ମାରମ୍ଭ କ୍ଷେତ୍ରରେ ବିଶେଷ ଅସୁବିଧା ନ ହୋଇପାରେ।

**ମିଥୁନ** କୋଣଭାବସ୍ଥ ରାହୁ ଆପଣଙ୍କ ସମସ୍ୟାକୁ ପ୍ରତିହତ କରିବା ସାଙ୍ଗକୁ ବିବାଦରେ ବିଜୟୀ କରାଇବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବେ। କେତେକ ଘଟଣାରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା ରହିପାରେ। କର୍ମକ୍ଷେତ୍ରରେ କେତେକ କାମ କରିବାକୁ ବାଧ ହୋଇପାରନ୍ତି।

**କର୍କଟ** ଧନ ସ୍ଥାନରେ ମଙ୍ଗଳଯୁକ୍ତ କେତୁ ଆର୍ଥିକ ଅବନତି କରାଇବା ସହ ଦୈହିକ ଅସୁସ୍ଥତା ସୃଷ୍ଟିକରିବ। ଭଲ ପଦ୍ମ ନ ଥିବା ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ ଓ ଯାତ୍ରା ବାଣିଜ୍ୟରେ ପ୍ରତିବନ୍ଧକ ଲାଗି ରହିବ।

**ସିଂହ** ନିଜ ଫାଇଦା ହାସଲ ପାଇଁ ସହକର୍ମୀ କିମ୍ବା ବନ୍ଧୁ ଫନ୍ଦିଫିକର କରିପାରନ୍ତି। ବାଣୀକାରକ ବୁଧ ପାପଦୃଷ୍ଟ ଯୋଗୁ ଅଫିସ୍ କାମରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ଶିଳ୍ପ, ବାଣିଜ୍ୟ, ସଭାସମିତି, ଆନୁଷ୍ଠାନିକ କାମରେ ମନୋନିବେଶ କରିପାରନ୍ତି। ଆକସ୍ମିକ ଶୁଭଖବର ପାଇ ଖୁସି ଅନୁଭବ କରିପାରନ୍ତି।

**କନ୍ୟା** କର୍ମକ୍ଷେତ୍ର, ସାମାଜିକ କାର୍ଯ୍ୟ, ବନ୍ଧୁ ପରିଜନ ଓ ପରିବହନ କ୍ଷେତ୍ର ସମସ୍ୟାବହୁଳ ରହିପାରେ। ଏଣେ ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀତିଗତ କାମରୁ ଓ ବନ୍ଧୁମିଳନରୁ ଖୁସି ରହିପାରନ୍ତି। ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ତୁଳା** ଆଜି ଅଫିସ୍ କାମରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଅନ୍ୟ ମାନଙ୍କୁ ସୁହାଇଲା ଭଳି କଥାକହି ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରକ୍ଷି ଚଳିବା ନିତାନ୍ତ ଜରୁରି ହୋଇପଡିବ। ନବାଗତ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେଲେ ମଧ ନୀରବ ରହିବାକୁ ବାଧ ହେବେ।

**ବିଛା** ରବିଙ୍କ ସବଳତା କାରଣରୁ ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ବନ୍ଧୁମାନେ ସହଯୋଗ କରିପାରନ୍ତି। ସମ୍ପର୍କୀୟ ବନ୍ଧୁବର୍ଗ କିମ୍ବା ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାର ମନ୍ତବ୍ୟ ଦେଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କେତେକାଂଶରେ ପ୍ରଭାବିତ ହୋଇପାରେ।

**ଧନୁ** ପାରିପାର୍ଶ୍ୱିକ ଅବସ୍ଥା ସ୍ୱାଭାବିକ ହେଲେ ମଧ ପାରିବାରିକ କ୍ଷେତ୍ର ବିଶୃଙ୍ଖଳିତ ରହିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ସଦ୍‌ଭାବ ପାଇବେ। ମାଲିମକଦ୍ଦମା, ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ସହଜରେ କାମ ହାସଲହେବା କଷ୍ଟକର ହେବ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ବକେୟା ପରିଶୋଧ କରିବାରେ ବିଫଳ ହେବେ।

**ମକର** ଆଜି ପ୍ରିୟ ବନ୍ଧୁଙ୍କ ସାନିଧ୍ୟଲାଭର ସୁଯୋଗ ପାଇବେ। ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** ପୂର୍ବରୁ ସମସ୍ୟା ଲାଗି ରହିଥିବାରୁ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ ନାହିଁ। ଶୁକ୍ରଙ୍କ ସୁପ୍ରଭାବରୁ ନୂତନ ଯୋଜନା ଆରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ବ୍ୟତିକ୍ରମକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ।

**ମୀନ** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟରେ ଦିନଟି ଉପଭୋଗ୍ୟ ରହିବ। ସକାଳୁ ଆଜିର ଯାତ୍ରା, କାମର ଶୈଳୀ, ଆଲୋଚନାର ଯଥାର୍ଥତା, ବନ୍ଧୁଙ୍କ ସଦିଚ୍ଛାରୁ ମନ ଖୁସି ରହିବ। ଅଫିସ୍‌ରେ କୌଣସି ଘଟଣା ବିବ୍ରତ କରିପାରେ। ପାରିବାରିକ ପରିସ୍ଥିତିକୁ ଯେତେଟା ଜଟିଳ ମନେକରିବେ ବାସ୍ତବରେ ସେପରି କିଛି ହେବନାହିଁ ।

ଆଜି ଜୁନ୍ ୧୦ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ମଙ୍ଗଳବାର, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ସକାଳ ଘ. ୦୫।୧୦ ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୪ ଗତେ, ଘ.୧୨।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୩।୦୩ ଗତେ, ଘ.୦୪।୪୨ ମଧ୍ୟେ ରାହୁକାଳ ।

**କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ** କେନ୍ଦୁଝର,୯।୬(ନରେଶ ଚନ୍ଦ୍ର ପଟ୍ଟନାୟକ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାତିରେ କେନ୍ଦୁଝରରେ ପହଞ୍ଚିଛନ୍ତି। ସେ କେନ୍ଦ୍ରାପଡ଼ାରେ ଏକ କାର୍ଯ୍ୟକ୍ରମରେ ଯୋଗଦାନ କରି କେନ୍ଦୁଝରକୁ ଆସିବାର ଥିଲା। ପାଗ ଖରାପ ଯୋଗୁ ହେଲିକପ୍ଟର ଉଡାଣ ହୋଇ ନ ପାରିବାରୁ ସଡ଼କ ପଥରେ ଆସିଛନ୍ତି। ରାତିରେ ସର୍କିଟ ହାଉସରେ ରହିଥିବା ବେଳେ କେଉଁ କାର୍ଯ୍ୟକ୍ରମରେ ଯୋଗଦେବାର ଅଛି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ।

# ୧୧ ବର୍ଷର ବିକାଶ ଯାତ୍ରା



## ଦେଶବାସୀଙ୍କ ଆଶୀର୍ବାଦ, ସହଭାଗିତା ଯୋଗୁ ସମ୍ଭବ ହୋଇଛି: ପ୍ରଧାନମନ୍ତ୍ରୀ

## ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ମୋଦିଙ୍କ ଅମଳର କାର୍ଯ୍ୟ: ନଡ୍ଡା

■୧୧ ବର୍ଷର ରିପୋର୍ଟ କାର୍ଡ ଜାରିକଲା କଂଗ୍ରେସ

■କେନ୍ଦ୍ର କେବଳ ୨୦୪୭ର ସ୍ୱପ୍ନ ବିକୁଛି: ରାହୁଲ

ନୂଆଦିଲ୍ଲୀ,୯।୬

ଭାଜପା ନେତୃତ୍ୱାଧିନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ୧୧ ବର୍ଷପୂର୍ତ୍ତିକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। କେନ୍ଦ୍ର ଏହି ଅବଧିକୁ ସଫଳତାର ୧୧ ବର୍ଷ ଭାବେ ଅଭିହିତ କରି ପ୍ରଚାର ପ୍ରସାରରେ ବ୍ୟସ୍ତ ଥିବାବେଳେ ବିରୋଧୀ କଂଗ୍ରେସ କ୍ଷୁଧା ଓ ଅସମାନତା ଭଳି ପ୍ରସଙ୍ଗ ଉଠାଇ ଭାଜପାର ରିପୋର୍ଟ କାର୍ଡ ଜାରି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧୀନରେ କରାଯାଇଥିବା ସମସ୍ତ କାର୍ଯ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମତରେ ସରକାର ଚତୁର୍ଦ୍ଦିଗରୁ ବିଫଳ ହୋଇଥିବାରୁ ବର୍ତ୍ତମାନ ସମ୍ପର୍କରେ କହିବା ବନ୍ଦ କରିଦେଲେଣି। ଭାଜପା ନେତାମାନେ ଏବେ କେବଳ ୨୦୪୭ର ସ୍ୱପ୍ନ ବିକ୍ରି କରିବାରେ ଲାଗିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି, ତାଙ୍କ ସରକାର ଅମଳରେ ଭାରତ କେବଳ ବିଶ୍ୱର ଦ୍ରୁତତମ ବୃହତ୍ ଅର୍ଥନୀତିରେ ପରିଣତ ହୋଇନାହିଁ, ଏହା ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ ଓ ଡିଜିଟାଲ ନବଉନ୍ମେଷ କ୍ଷେତ୍ରରେ ଏକ ବୈଶ୍ୱିକ ସ୍ୱର ପାଲଟିଛି। ସରକାର ନିଜ ତୃତୀୟ ପାଳିର ପ୍ରଥମ ବର୍ଷ ସୋମବାର ପୂରଣ କରିଛନ୍ତି। ବିଗତ ୧୧ ବର୍ଷରେ ସୁଶାସନ ଓ ପରିବର୍ତ୍ତନକୁ ଗୁରୁତ୍ୱାରୋପ କରାଯାଇଛି। ବର୍ତ୍ତମାନ କେନ୍ଦ୍ରରେ ମନ୍ତ୍ରୀ ଥିବା ୬୦% ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗର। ପୂର୍ବରୁ କେନ୍ଦ୍ରର କୌଣସି ମନ୍ତ୍ରୀ ପରିଷଦରେ ଏତେ ସଂଖ୍ୟକ ବଞ୍ଚିତ ବର୍ଗର ସଦସ୍ୟ ସ୍ଥାନ ପାଇ ନ ଥିଲେ। ଏଥିରୁ ସରକାରଙ୍କ ସାମାଜିକ ନ୍ୟାୟ ପ୍ରତି ପ୍ରତିଶ୍ରୁତିବଦ୍ଧତା ସ୍ପଷ୍ଟ ହେଉଛି ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ୧୪୦ କୋଟି ଭାରତୀୟଙ୍କ ଆଶୀର୍ବାଦ ଓ ସାମଗ୍ରିକ ସହଭାଗିତା ଯୋଗୁ ଏହା ସମ୍ଭବ ହୋଇପାରିଛି। ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ ସିଦ୍ଧାନ୍ତର ଅନୁସରଣ ହେତୁ ପରିବର୍ତ୍ତନର ତୀବ୍ରତା ମାତ୍ରା ଓ ସମ୍ବେଦନଶୀଳତା ଉଲ୍ଲେଖନୀୟ ହୋଇପାରିଥିବା ପ୍ରଧାନମନ୍ତ୍ରୀ ଏଥିରେ ଲେଖିଛନ୍ତି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରର ୧୧ ବର୍ଷ ପୂର୍ତ୍ତି ଅବସରରେ ସୋମବାର ନୂଆଦିଲ୍ଲୀର ଭାଜପା ମୁଖ୍ୟାଳୟଠାରେ 'ବିକଶିତ ଭାରତ କା ଅମୃତ କାଲ୍: ସେବା, ସୁଶାସନ ଔର ଗରିବ କଲ୍ୟାଣ କେ ୧୧ ସାଲ୍' ଉପରେ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେବା ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଦଳର ଅନ୍ୟ ନେତାମାନେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

## ଘୂର୍ଣ୍ଣିବଳୟ ସୃଷ୍ଟି, ୧୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୯।୬ (ଅନୁରାଧା ମହାରଣା)

ଦକ୍ଷିଣ ପୂର୍ବ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୋମବାର ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଘନୀଭୂତ ହୋଇ ଆସନ୍ତା ୧୪ରୁ ୧୬ ତାରିଖ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପର ରୂପ ନେବା ସମ୍ଭାବନା ରହିଛି। ତେଣୁ ୧୨ ତାରିଖ ପରଠାରୁ ରାଜ୍ୟ ପାଗରେ ପରିବର୍ତ୍ତନ ହେବା ସହିତ ୧୪ ତାରିଖଠାରୁ ଧୀରେ ଧୀରେ ବର୍ଷାର ବିସ୍ତୃତି ବଢ଼ିପାରେ। ଏଥିସହ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୩ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହେବ। ଫଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟ ଭିତରକୁ ପ୍ରବାହିତ ହେବ। ଏହାପରେ ୧୪ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ, ଯାହା ମୌସୁମୀକୁ ଆହୁରି ସକ୍ରିୟ କରିବ। ତେବେ ଲଘୁଚାପ ସୃଷ୍ଟି ହେଲେ ମୌସୁମୀ କେଉଁ ଦିଗରେ ଗତି କରିବ ଓ କେଉଁ ଜିଲାରେ ଏହାର ପ୍ରଭାବ କିଭଳି ରହିବ ତାହା ସ୍ପଷ୍ଟ ହୋଇନାହିଁ। ଗତ କିଛିଦିନ ଧରି ରାଜ୍ୟରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଦିନରେ ଉଚ୍ଚ ତାପମାତ୍ରା ସାଙ୍ଗକୁ ଗୁଳୁଗୁଳି ଅଣାୟତ୍ତ ପରିସ୍ଥିତି ସୃଷ୍ଟି କରୁଛି। ହେଲେ ଅପରାହ୍ନରେ କିଛି ଜିଲାର କେତେକ ସ୍ଥାନରେ ବର୍ଷା ସାମୟିକ ଆଶ୍ୱସ୍ତି ପ୍ରଦାନ କରୁଛି। ତେବେ ମଙ୍ଗଳବାର ୧୪ ଜିଲାରେ ଘଡ଼ଘଡ଼ି ଓ ବିଜୁଳି ସାଙ୍ଗକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ।

## ୧୦୦ରୁ ୧୫୦ ଗାଁ ହେବ ମହାପୁରୁଷ ଆଦର୍ଶ ଗ୍ରାମ

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

ରାଜ୍ୟର ୧୦୦ରୁ ୧୫୦ ଗାଁକୁ ରାଜ୍ୟ ସରକାର ମହାପୁରୁଷ ଆଦର୍ଶ ଗାଁ ଭାବେ ଗଢ଼ିତୋଳିବେ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହି ଆଦର୍ଶ ମହାପୁରୁଷ ଗାଁ କରାଯିବ ବୋଲି ସୋମବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଏହି ଆଦର୍ଶ ଗାଁ ଲାଗି ରାଜ୍ୟ ସରକାରଙ୍କ ୯ରୁ ୧୦ଟି ବିଭାଗକୁ ନେଇ କାର୍ଯ୍ୟ କରାଯିବ। ସରକାରଙ୍କ ଯେତେସବୁ ବ୍ୟବସ୍ଥା ରହିଛି ସେସବୁ ଯୋଗାଇ ଦିଆଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି, ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଏହି ମହାପୁରୁଷ ଆଦର୍ଶ ଗ୍ରାମଗୁଡ଼ିକରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚାଯିବ। ବିଭାଗ ପକ୍ଷରୁ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଖୁବ୍‌ଶୀଘ୍ର ବିଧିବଦ୍ଧ ଘୋଷଣା କରାଯିବ।







ରାଜଧାନୀରେ ବେଆଇନ ଗର୍ଭପାତ କିଟ୍ ଠାବ

## ଆଇଏମ୍‌ଡି ଡିଜିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୬(ସୁନିତ୍ ମିଶ୍ର)

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ମିଳିତ ଜାତିସଂଘ ପକ୍ଷରୁ ସମ୍ମାନଜନକ ସାସାକାଓ୍ୱା ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ନିରାକରଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଜେନେଭାରେ ଅନୁଷ୍ଠିତ ଗ୍ଲୋବାଲ୍ ପ୍ଲାଟଫର୍ମ ଫର ଡିଜାଷ୍ଟର ରିସ୍କ ରିଡକ୍ସନର ଅଷ୍ଟମ ଅଧିବେଶନରେ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି, ଆଇଏମ୍‌ଡି ଡିଜି ପ୍ରତିଷ୍ଠିତ ଜାତିସଂଘ ସାସାକାଓ୍ୱା ପୁରସ୍କାର-୨୦୨୫ରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆପଣଙ୍କ ଠିକ୍ ଆକଳନ ରାଜ୍ୟ ଓ ଦେଶ ପାଇଁ ଗର୍ବର ବିଷୟ। ଏହି ଅବସରରେ ସେ ଆଇଏମ୍‌ଡି ଡିଜିଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ହାବିଲଦାର ନିଲମ୍ବିତ

**ବାଲେଶ୍ୱର,୯।୬(ବାଞ୍ଛାନିଧି ଦେ):** ବଦଳି କରାଇଦେବାକୁ କହି ଅର୍ଥ ଆତ୍ମସାତ୍ ଅଭିଯୋଗରେ ବାଲେଶ୍ୱର ଏସ୍‌ପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ହାବିଲଦାର ଅସୀମ ରଞ୍ଜନ ପଟ୍ଟନାୟକ ନିଲମ୍ବିତ ହୋଇଛନ୍ତି। ସୋମବାର ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିଲମ୍ବନ ସମୟରେ ହେଡକ୍ୱାର୍ଟର ଛାଡି ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଓଏଏସ୍ ଅଧିକାରୀସ୍ତରରେ ବଡ଼ଧରଣର ବଦଳି

## ଭଦ୍ରକ, କେନ୍ଦ୍ରାପଡା, କୋରାପୁଟ, ଗଞ୍ଜାମ ଓ ନୟାଗଡ ଏଡିଏମ୍ ନିଯୁକ୍ତ

ଭୁବନେଶ୍ୱର,୯।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ବିଜ୍ଞପ୍ତି ଅନୁଯାୟୀ, ଦକ୍ଷିଣାଞ୍ଚଳ ଡିଭିଜନ-ବ୍ରହ୍ମପୁର ଆରଡିସି କାର୍ଯ୍ୟାଳୟର ଅତିରିକ୍ତ ଆୟୁକ୍ତ ବୀରସେନ ପ୍ରଧାନଙ୍କୁ ଆରଡିସିଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସୁକାନ୍ତ କୁମାର ବେହେରାଙ୍କୁ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଲିପ୍ସା ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ, ସିଓନା ମିଶ୍ରଙ୍କୁ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ-ଭୁବନେଶ୍ୱରସ୍ଥିତ ଆଡ଼ିସନାଲ ଡିଭିଜନ କୋର୍ଟର ଅତିରିକ୍ତ ଆୟୁକ୍ତ, ମଞ୍ଜୁଲତା ମଲ୍ଲିକଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଆୟୁକ୍ତ, ପୀତାମ୍ବର ଭୋଇଙ୍କୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଆୟୁକ୍ତ(ବନ୍ଦୋବସ୍ତ ଓ ଚକବନ୍ଦୀ), ଶାନ୍ତନୁ କୁମାର ମହାନ୍ତିଙ୍କୁ ରାଜ୍ୟ ମଦ ନିଗମର ସାଧାରଣ ପରିଚାଳକ, ଆଶୁତୋଷ ସାମଲଙ୍କୁ କଟକସ୍ଥିତ ଜମି ରେକର୍ଡ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଦେବାଶିଷ ପଟ୍ଟନାୟକ(ବି)ଙ୍କୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ରବିନାରାୟଣ ସାହୁଙ୍କୁ ଭଦ୍ରକ ଅତିରିକ୍ତ ଜିଲାପାଳ, ନବକ୍ରିଷ୍ଣ ଜେନାଙ୍କୁ କେନ୍ଦ୍ରାପଡା ଅତିରିକ୍ତ ଜିଲାପାଳ, ସୁନିଲ କୁମାର କେରକେଟାଙ୍କୁ ଗଞ୍ଜାମ ଅତିରିକ୍ତ ଜିଲାପାଳ, ଭକ୍ତବନ୍ଧୁ ଜନାର୍ଦ୍ଦନ ଦଲାଇଙ୍କୁ କୋରାପୁଟ ଅତିରିକ୍ତ ଜିଲାପାଳ, ବିଜୟାନନ୍ଦ ନାୟକଙ୍କୁ ନୟାଗଡ ଅତିରିକ୍ତ ଜିଲାପାଳ, ଅଭିମନ୍ୟୁ ବେହେରାଙ୍କୁ ଗଞ୍ଜାମ-କୋରାପୁଟ ବନ୍ଦୋବସ୍ତ କାର୍ଯ୍ୟାଳୟ ବ୍ରହ୍ମପୁରର ସେଟେଲମେଣ୍ଟ ଅଫିସର, ସଞ୍ଜୟ କୁମାର ରାଉତଙ୍କୁ ବାଲେଶ୍ୱର ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ତପନ କୁମାର ନାୟକଙ୍କୁ କୋରାପୁଟ ଅତିରିକ୍ତ ଜିଲାପାଳ ସହିତ ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମୁନିନ୍ଦ୍ର ହୋନାଙ୍ଗଙ୍କୁ ଗଜପତି ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ ଦିଲ୍ଲୀପ କୁମାର ପ୍ରଧାନଙ୍କୁ ଦେବଗଡ଼ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିତେନ୍ଦ୍ର କୁମାର ନାୟକଙ୍କୁ କେନ୍ଦ୍ରାପଡା ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗେଶ୍ୱର ନାୟକଙ୍କୁ ସୁନ୍ଦରଗଡ଼ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜୟ କୁମାର ବେହେରାଙ୍କୁ ଗଞ୍ଜାମ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଧନାଇ ଚରଣ ଟୁଡୁଙ୍କୁ ଭଦ୍ରକ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ବୁଲବୁଲ୍ ବେହେରାଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦର ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର, କାଜଲ ପ୍ରଧାନଙ୍କୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ-କଟକଙ୍କ ଉପସଚିବ, ଆଶିଷ ରଞ୍ଜନ ସାହୁଙ୍କୁ ଢେଙ୍କାନାଳ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶରତ ମାଝୀଙ୍କୁ ବଲାଙ୍ଗୀର ମ୍ୟୁନିସପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଶୁଭଶ୍ରୀ ତ୍ରିପାଠୀଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଉପସଚିବ ଭାବେ ନିଯୁକ୍ତ କରାଯାଇଛି।







UPS Unified Pension Scheme | Assured Payout for Government Employees

NPS TRUST

**ସର୍ବସାଧାରଣ ବିଜ୍ଞପ୍ତି**

ତା ୩୧।୦୩।୨୦୨୫ରିଖ କିମ୍ବା ତାହା ପୂର୍ବରୁ ସର୍ବନିମ୍ନ ୧୦ ବର୍ଷର ଯୋଗ୍ୟତାମୂଳକ ସେବା ସହ ଅବସର ଗ୍ରହଣ କରିଥିବା ସବ୍‌ସ୍କ୍ରାଇବର୍ କିମ୍ବା ସେମାନଙ୍କର ଆଇନସମ୍ମତ ସ୍ୱାମୀ/ସ୍ତ୍ରୀ ଇତିମଧ୍ୟରେ ଦାବି କରିସାରିଥିବା ଏନ୍‌ପିଏସ୍ ଲାଭ **ଉପରେ ଓ ଅତିରିକ୍ତ ଭାବେ** ୟୁନିଫାଏଡ୍ ପେନ୍‌ସନ ସ୍କିମ୍ (ୟୁପିଏସ୍) ଅଧୀନରେ ନିମ୍ନଲିଖିତ **ଅତିରିକ୍ତ ଲାଭ** ଦାବି କରିପାରିବେ ।

- **ଏକକାଳୀନ ପରିଶୋଧ** (ଥରକରେ) ଯୋଗ୍ୟତାମୂଳକ ସେବାର ପ୍ରତ୍ୟେକ ସମ୍ପୂର୍ଣ୍ଣ ଛଅ ମାସ ପାଇଁ ଅନ୍ତିମ ଡ୍ର' କରାଯାଉଥିବା ମୌଳିକ ବେତନ ଏବଂ ତା' ଉପରେ ମହଙ୍ଗା ଭତ୍ତାର ଏକ-ଦଶମାଂଶ ।
- **ମାସିକ ଟପ୍-ଅପ୍ ପରିମାଣ**ର ଗଣନା ନିମ୍ନ ଅନୁଯାୟୀ କରାଯିବ - ଅନୁମତିଯୋଗ୍ୟ ୟୁପିଏସ୍ ଦେୟ ପ୍ରଦାନ + **ମହଙ୍ଗାବସ୍ଥା ଉପଶମ (ଡିଆର୍)** ବିୟୁକ୍ତ ଏନ୍‌ପିଏସ୍ ଅଧୀନରେ ପ୍ରତିନିଧିତ୍ୱ ଆନୁଇଟି ପରିମାଣ ।
- ପ୍ରଯୁଜ୍ୟ ପିପିଏଫ୍ ଦର ଅନୁଯାୟୀ **ସରଳ ସୁଧ ସହ ଏରିୟର୍** ।

**ୟୁପିଏସ୍ ଲାଭଗୁଡ଼ିକର ଦାବି କରନ୍ତୁ**

ଭୌତିକ ମାଧ୍ୟମ - ଡିଡିଓ ପରିଦର୍ଶନ କରିନ୍ତୁ ଏବଂ ଫର୍ମ (ବି୨ - ସବ୍‌ସ୍କ୍ରାଇବରଙ୍କ ପାଇଁ ଏବଂ ବି୪/ବି୬ - ଆଇନଗତ ଭାବେ ବିବାହିତ ସ୍ୱାମୀ/ସ୍ତ୍ରୀଙ୍କ ପାଇଁ) ଦାଖଲ କରନ୍ତୁ । ଫର୍ମ ଡାଉନଲୋଡ୍ କରନ୍ତୁ - www.npscra.nsdl.co.in/ups.php

ଅନ୍‌ଲାଇନ୍ ମାଧ୍ୟମ - ଅନ୍‌ଲାଇନ୍ ଫର୍ମ ପୂରଣ କରିବା ପାଇଁ www.npscra.nsdl.co.in/ups.php ପରିଦର୍ଶନ କରନ୍ତୁ ।

**ଲାଭ ଉଠାଇବାର ଶେଷ ତାରିଖ: ୩୦ ଜୁନ୍ ୨୦୨୫**

ଅଧିକ ବିବରଣୀ ପାଇଁ ନିମ୍ନ ୱେବିନାର୍‌ରେ ଯୋଗ ଦିଅନ୍ତୁ:
https://www.pfrda.org.in/index1.cshtml?lsid=546

ଅଧିକ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

**ନ୍ୟାଶନାଲ ପେନ୍‌ସନ ସିଷ୍ଟମ୍ ଟ୍ରଷ୍ଟ** ବି-୩୦୨, ଟାୱାର୍ ବି, ୱାର୍ଲଡ୍ ଟ୍ରେଡ୍ ସେଣ୍ଟର, ନୌରୋଜୀ ନଗର, ନୂଆଦିଲ୍ଲୀ - ୧୧୦୦୨୯ | ୟୁପିଏସ୍ ହେଲ୍‌ପ ଡେସ୍କ (ଟୋଲ୍-ଫ୍ରି): ୧୮୦୦୫୭୧୨୯୩୦ | ଆମକୁ ଅନୁସରଣ କରନ୍ତୁ

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ୍ତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। -ଶ୍ରୀମା



# ଏବେ ଡିଜିପିନ୍

ଭାରତୀୟ ଡାକ ୧ ଅକ୍ଟୋବର ୧୮୫୪ରେ ଇଂରେଜ ଅମଳରେ ପ୍ରତିଷ୍ଠା କରାଯାଇଥିଲା। ଯୋଗାଯୋଗର ପ୍ରମୁଖ ମାଧ୍ୟମ ରହିଆସିଥିବା ଏହି ବିଭାଗର ଗୁରୁତ୍ୱ ପୋଷ୍ଟକାର୍ଡ ଭଳି ଚିଠିପତ୍ର, ମନି ଅର୍ଡର ପରି ଅତ୍ୟାବଶ୍ୟକ ସେବା ଯୋଗାଇ ଲୋକଙ୍କ ପ୍ରିୟ ହୋଇପାରିଥିଲା। ହାତପାଆନ୍ତାରେ ଥିବା ମୋବାଇଲ ଫୋନ୍ ଏବଂ ଇ-ମେଲ୍ ବ୍ୟବସ୍ଥାରେ ଉନ୍ନତି ଯୋଗୁ ପୋଷ୍ଟମ୍ୟାନ୍ ଆଉ ପୂର୍ବ ଭଳି ଘରକୁ ଘର ବୁଲି ଚିଠି ଦେଉଥିବା ଦେଖିବାକୁ ମିଳୁନାହିଁ। ସେତେବେଳେ ବ୍ରିଟିଶ ସରକାର ଭାରତୀୟ ଡାକ ସେବା ମାଧ୍ୟମରେ ବହୁ ପରିମାଣର ଘର ଓ ଜମିବାଡ଼ି ଭଳି ସମ୍ପତ୍ତି ସୃଷ୍ଟି କରିନେଇଥିଲେ। ଅର୍ଥାତ୍ ଭାରତୀୟ ଡାକସେବା ଅତ୍ୟନ୍ତ ଧନୀ ଓ ସ୍ୱାବଲମ୍ବୀ ହୋଇପାରନ୍ତା। ତେବେ ସରକାର ପରେ ସରକାର ସେହି ବିଭାଗକୁ ଅଣଦେଖା କରି ରଖିଥିବାରୁ ତା'ର ଗୁରୁତ୍ୱ ଏବେ ହ୍ରାସ ପାଉଛି। ଯେଉଁ ସୀମିତ ସେବା ଯୋଗାଇବାର ସୁଯୋଗ ରହିଛି ସେଥିରେ ମଧ୍ୟ କେହି ଜଣେ ଉଦ୍ୟମ କରି ବିଭାଗକୁ ଅଧିକ କ୍ଷତି ପହଞ୍ଚାଇବା ଭଳି ମନେହେଉଛି। ତଥାପି କେତେକ ଜରୁରୀ ସେବାର ଆବଶ୍ୟକତା ପଡ଼ିଲେ ଭାରତୀୟ ଡାକ କର୍ମଚାରୀଙ୍କୁ ଠିକଣା ଖୋଜି ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବାକୁ ପଡ଼ିଥାଏ। ଏହି ଠିକଣା ଖୋଜାରେ ପ୍ରମୁଖ ଭୂମିକା ଗ୍ରହଣ କରେ ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ବା ପିନ୍। ୧୫ ଅଗଷ୍ଟ ୧୯୭୨ରେ ଚିଠିପତ୍ରର ସ୍ଥାନୀୟଭିତ୍ତିକ ବର୍ଗୀକରଣ କରାଯାଇ ନିର୍ଦ୍ଦିଷ୍ଟ ଠିକଣାରେ ତାହାକୁ ପହଞ୍ଚାଇବା ସକାଶେ ପିନ୍‌ର ପ୍ରଚଳନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଭାରତୀୟ ଡାକ ବିଭାଗ ବିଶ୍ୱର ସର୍ବବୃହତ୍ ଯୋଗାଯୋଗର ମାଧ୍ୟମ ରହିଆସିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଭାରତରେ ୧, ୬୪, ୯୮୭ ପୋଷ୍ଟ ଅଫିସ୍ ରହିଛି। ସେଥିମଧ୍ୟରୁ ସହରାଞ୍ଚଳରେ ମାତ୍ର ୧୫,୮୨୩ ପୋଷ୍ଟ ଅଫିସ୍ ଥିବା ବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା ୧,୪୯, ୧୬୪ ରହିଛି। ଅର୍ଥାତ୍ ପୁର ଅପେକ୍ଷା ପଲ୍ଲୀରେ ପାଖାପାଖି ୧୦ ଗୁଣା ଅଧିକ ପୋଷ୍ଟ ଅଫିସ୍ ରହିଛି।

୨୭ ମେ' ୨୦୨୫ରେ ଭାରତୀୟ ଡାକ ବିଭାଗ ଡିଜିଟାଲ ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ବା ଡିଜିପିନ୍ ନାମରେ ନୂଆ ଡିଜିଟାଲ ଠିକଣା ବ୍ୟବସ୍ଥା ଆରମ୍ଭ କରିଛି। ଆଧାର ପ୍ରତ୍ୟେକ ନାଗରିକଙ୍କୁ ବ୍ୟକ୍ତିଗତ ପରିଚୟ ପ୍ରଦାନ କରୁଥିବା ବେଳେ ୧୦ ଅଙ୍କ ବିଶିଷ୍ଟ ଡିଜିପିନ୍ ପ୍ରତି ବ୍ୟକ୍ତିଙ୍କ ଠିକଣାର ଏକ ଅନନ୍ୟ ଡିଜିଟାଲ ପରିଚୟ ହେବ ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଉଛି। ଏଭଳି ଏକ ଡିଜିଟାଲ ବ୍ୟବସ୍ଥା ପ୍ରଚଳନ କରିବା ପଛର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ଘର ଓ ଜାଗାକୁ ଠିକ୍ ଓ ତ୍ୱରିତ ଚିହ୍ନଟ କରିବାରେ ଏହା ସହାୟକ ହେବ। ଆଇଆଇଟି ହାଇଦ୍ରାବାଦ ଓ ଏନ୍‌ଆର୍‌ଏସ୍‌ସି, ଇସ୍ରୋ ସହଯୋଗରେ ଡାକ ବିଭାଗ ଦ୍ୱାରା ବିକଶିତ ଡିଜିପିନ୍ ଦେଶବ୍ୟାପୀ ଜିଓ କୋଡେଡ୍ ଆଡ୍ରେସିଂ ସିଷ୍ଟମ ବୋଲି କୁହାଯାଉଛି। ଅକ୍ଷାଂଶ ଓ ଦ୍ରାଘିମା ସହ ସମନ୍ୱୟ ରଖି ଏହା ଭାରତକୁ ୪ ମିଟର X ୪ ମିଟର ଗ୍ରୀଡ୍ (ଘର, କାର୍ଯ୍ୟାଳୟ, ସଙ୍ଗଠନ ଆଦି)ରେ ବିଭକ୍ତ କରି ପ୍ରତ୍ୟେକ ଗ୍ରୀଡ୍ ସକାଶେ ଏକ ୧୦ ଅଙ୍କ ବିଶିଷ୍ଟ ନିର୍ଦ୍ଦିଷ୍ଟ ଆଲ୍‌ଫାନ୍ୟୁମୋରିକ୍ କୋଡ୍ ପ୍ରଦାନ କରିଛି। କୁହାଯାଉଛି ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ପିନ୍ କୋଡ୍ ଏକ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଡିଜିପିନ୍ ଜମି ବା ଘରର ଠିକ୍ ସ୍ଥାନ ସକାଶେ ଅଭିପ୍ରେତ ରହିବ। ୟୁଜରମାନେ ସରକାରଙ୍କ ନିର୍ଦ୍ଦିଷ୍ଟ ୱେବ୍‌ସାଇଟ୍‌କୁ ଯାଇ ନିଜ ଘରକୁ ଚିହ୍ନଟ କରିବା ସହ କୋଡ୍ ସୃଷ୍ଟି କରିପାରିବେ ବୋଲି କୁହାଯାଉଛି।

ଜନସାଧାରଣଙ୍କ ଅବଗତି ନିମନ୍ତେ ଏତିକି ସୂଚନା ଦିଆଯାଇଛି। ହେଲେ ଅସଲ ହଇରାଣ ଏହାର ବ୍ୟବହାରକାରୀଙ୍କୁ ଭୋଗିବାକୁ ପଡ଼ିବ। କାରଣ ଆଧାର ଭଳି ଯେତେସବୁ ବ୍ୟକ୍ତିକେନ୍ଦ୍ରିକ ଡକ୍ୟୁମେଣ୍ଟ ବା କାଗଜପତ୍ର ପ୍ରସ୍ତୁତ କରିବାକୁ ପଡୁଛି ସେଥିରେ ଲୋକମାନେ ହିଁ ହଇରାଣ ହେଉଛନ୍ତି। ଗତ କିଛିବର୍ଷ ହେବ ଭାରତର ପ୍ରଶାସନିକ ଆଦବକାଇଦାକୁ ଦେଖିଲେ ଦେଶବାସୀ ନିଜ ପରିଚୟ, ବାସସ୍ଥାନ ଓ ଅଧିକାର ସାବ୍ୟସ୍ତ କରିବା ଲାଗି ସବୁବେଳେ ଗୋଟେ ଧାଁଧଉଡ଼ରେ ରହୁଛନ୍ତି। ଗୋଟେ କାର୍ଡ କରିସାରିବା ପରେ ଆଉ ଗୋଟେ ପରିଚୟପତ୍ର ପାଇବା ସକାଶେ ଲୋକଙ୍କୁ ଏଭଳି ଅଭ୍ୟସ୍ତ କରିଦିଆଯାଉଛି ଯେ, ସାମଗ୍ରୀ କିମ୍ବା ସେବା ପାଇବା ଆଶାରେ ସେମାନେ 'ଗୋଠ ମାତିଲେ ଖଣ୍ଡିଆ ମାତେ' ନ୍ୟାୟରେ ଅଣନିଃଶ୍ୱାସ ହୋଇ ଦୌଡ଼ୁଛନ୍ତି। ନାଗରିକମାନେ ସୁସ୍ଥ ଭାବେ ବଞ୍ଚିବା ଓ ତାଙ୍କ ଜୀବନଯାତ୍ରା ସୁଗମ ହେଉ ବୋଲି ଶାସକ ଓ ପ୍ରଶାସକ ବର୍ଗ ଚାହିଁବା କଥା। ଗୋଟେ ଭଲ ଗଣତନ୍ତ୍ରର ତାହା ହିଁ ଶୁଭଲକ୍ଷଣ ହୋଇଥାଏ। କିନ୍ତୁ ଯେଉଁଭଳି ଭାବେ ଲୋକଙ୍କୁ ଅନାବଶ୍ୟକ କାର୍ଯ୍ୟରେ ଜଡ଼ିତ କରି ଦିଆଯାଉଛି, ତାହାର ବ୍ୟକ୍ତିଗତ ଦକ୍ଷତା ହ୍ରାସ ପାଇବା ନିଶ୍ଚିତ। ଡିଜିପିନ୍ ବ୍ୟବସ୍ଥା ଯଦି ଲୋକଙ୍କ ପାଇଁ ମଙ୍ଗଳ ହେବ ବୋଲି ସରକାର ଭାବୁଛନ୍ତି, ତେବେ ସରକାରୀ କଳ ଲୋକଙ୍କ ପାଖରେ ତାହା ପହଞ୍ଚାଇବାରେ ବ୍ୟବସ୍ଥା କରିପାରନ୍ତା। କିନ୍ତୁ ତାହା କରା ନ ଯାଇ ଲୋକଙ୍କ ଆହୁରି ଅନ୍ତରଙ୍ଗ ତଥ୍ୟ ଯୋଗାଡ଼ କରିବା ଲାଗି ଏହି ବାହାନାର ଆଶ୍ରା ନିଆଯାଉଥିବା ବୁଝି ହେଉଛି। ସମସ୍ତେ ଧୀରେ ଧୀରେ ଅନୁଭବ କରିବା କଥା ଯେ, ଆଧାରକୁ ଜଣେ ଲୋକର ସବୁ କାର୍ଯ୍ୟରେ ବ୍ୟବହାର କରି ଦିଆଯାଉଥିବାରୁ ତାଙ୍କ ବ୍ୟକ୍ତିଗତ ତଥ୍ୟ ହାସଲ ସହଜ ହେଉଛି। ଏହାର ପରିଣତି ତଥ୍ୟ ବିକ୍ରିରେ ଶେଷ ହେଉଛି। ସ୍ୱଦେଶ କମ୍ପାନୀଠାରୁ ଆରମ୍ଭ କରି ବହୁରାଷ୍ଟ୍ରୀୟ କମ୍ପାନୀ ଏବଂ ଏପରି କି ବିଦେଶୀ ସରକାରଙ୍କ ପାଖରେ ଭାରତବାସୀଙ୍କ ତଥ୍ୟାବଳୀ ବା ଡେଟାବେସ୍ ରହିଗଲାଣି। ଆଜିର ଡିଜିଟାଲ ଯୁଗରେ ଜିପିଏସ୍ ମାଧ୍ୟମରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରିବା ସହଜ ହେଉଛି। ଡିଜିପିନ୍ ବ୍ୟବସ୍ଥା ସମଗ୍ର ଦେଶରେ ଲାଗୁ ହୋଇଗଲେ ଜଣଙ୍କୁ ନିର୍ଭୁଲ ଭାବେ ଚିହ୍ନଟ କରିବା ବା ପ୍ରିସିଶନ୍ ବୋଲି ଯେଉଁ ଇଂଲିଶ ଶବ୍ଦ ବ୍ୟବହାର କରାଯାଉଛି, ତାହା ନାଗରିକଙ୍କୁ ସିଧାସଳଖ ଆକ୍ରମଣ କରିବାର ଗୋଟେ ବାଟ ଫିଟିଯିବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଭଳିସବୁ ନୂଆ ଚିନ୍ତାଧାରା ଆସିବା ପଛରେ ସମ୍ଭବତଃ ଗୋଟିଏ ଲକ୍ଷ୍ୟ ରହିଥାଇପାରେ, ଯେଉଁଥିରେ ଦେଶବାସୀଙ୍କୁ ଭକୁଆ ରଖି ଦୀର୍ଘଦିନ କିଭଳି ଶାସନ କରିହେବ ତାହାର ବାଟ ବାହାର କରିବା। ଯଦି କିଛି ସୁପର ଚିନ୍ତାଧାରା ରହନ୍ତା, ତାହା ହେଲେ ଜଣେ ବ୍ୟକ୍ତି ପାଇଁ ଖଣ୍ଡେ କାର୍ଡ ଯଥେଷ୍ଟ ବୋଲି କୁହାଯାଇପାରନ୍ତା। ଏବଂ ଦୋହରାଇବାକୁ ଗଲେ ନାଗରିକଙ୍କ ଦୈନନ୍ଦିନ ଜୀବନଯାପନରେ ଡିଜିଟାଲ ବିଜ୍ଞାନ ସହାୟକ ହେବା କଥା। କିନ୍ତୁ ଭାରତରେ ଆଧୁନିକ ବୈଷୟିକ ଜ୍ଞାନକୁ ବ୍ୟବହାର କରି ସାଧାରଣ ନାଗରିକଙ୍କୁ ବାରମ୍ବାର ହଇରାଣ କରାଯିବା ସହିତ ତାଙ୍କ ତଥ୍ୟ ବିକ୍ରି କରାଯାଉଛି। ତେଣୁ ଯଦି ଡିଜିପିନ୍ ଲାଗୁ କରିବାରେ ସରକାରଙ୍କ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ, ତେବେ ପୁରପଲ୍ଲୀରେ ଥିବା ପ୍ରତ୍ୟେକ ନାଗରିକଙ୍କୁ ଡିଜିପିନ୍ ପାଇଁ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ଉଚିତ କିମ୍ବା ଲୋକଙ୍କ ସୁବିଧା ପାଇଁ ଘରେ ନେଇ ସେହି ଆଲ୍‌ଫାନ୍ୟୁମେରିକ୍ ସଂଖ୍ୟା ବିନା ବାଧାରେ ପହଞ୍ଚାଇ ଦେବା ଦରକାର।

# ଭକ୍ତି, ଭକ୍ତ ଓ ଭଗବାନ୍



ଅକ୍ଷୟ କୁମାର ମିଶ୍ର

ଅଧୁନା ଭାରତ ବର୍ଷରେ ଏକ ଅଦ୍ଭୁତ ପରିବେଶ ସୃଷ୍ଟି ହୋଇଛି। ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ସବୁଠି ପ୍ରବଳ ଭିଡ଼। ପୂଜାର୍ଚ୍ଚନା ଚାଲିଛି। ଧୂପ, ଝୁଣାର ବାସ୍ନାରେ ମହକୁଛି ସାରା ପ୍ରାଙ୍ଗଣ। ଘଣ୍ଟ, ଘଣ୍ଟା, ଝାଲି, ମୃଦଙ୍ଗ, ଶଙ୍ଖ, ତୂରୀର ଧ୍ୱନିରେ ପ୍ରକମ୍ପିତ ହେଉଛି ଆଖପାଖ ଅଞ୍ଚଳ। ଡାକବାଜି ଯନ୍ତ୍ର ମାଧ୍ୟମରେ ମନ୍ତ୍ର ଉଚ୍ଚାରଣ, ନମାଜ ପଠନ, ପ୍ରାର୍ଥନା ଶୋଇଥିବା ଲୋକଙ୍କୁ ବି ଜଣାଇ ଦେଉଛି ଏହା ପୂଜାବେଳ, ଆରାଧନା ସମୟ। ସତରେ କ'ଣ ତେବେ ଚାରିଆଡ଼େ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ? ନା ଈଶ୍ୱର ସର୍ବ ଶକ୍ତିମାନ, ଈଶ୍ୱର ସବୁଠି ଅଛନ୍ତି, ଈଶ୍ୱର ସବୁ ଦେଖୁଛନ୍ତି ଓ ଶୁଣୁଛନ୍ତି ଏହିସବୁ କଥାଗୁଡ଼ିକ ଆମେ ଭୁଲ୍ ବୋଲି ପ୍ରମାଣ କରିବାକୁ ଚାହୁଁଛୁ ? ଈଶ୍ୱର ଯେ ଏକ ଓ ଅଭିନ୍ନ ଏହା କ'ଣ ସତ୍ୟ ନୁହେଁ ବୋଲି ଧରି ନେଇଛୁ ? ଯଦି ନା, ତେବେ କ'ଣ ଈଶ୍ୱରଙ୍କୁ କିଛି ଶୁଭୁନି ? ହଁ, ନିଶ୍ଚୟ ତାହା ହୋଇ ନ ଥିଲେ ଏତେ ବଡ଼ ପାଟିରେ ଡାକବାଜି ଯନ୍ତ୍ରର ସହାୟତାରେ ମନ୍ତ୍ର ପାଠ ହୁଅନ୍ତା କାହିଁକି ? ନମାଜ ପଢ଼ା ଯାଆନ୍ତା କାହିଁକି ? ଈଶ୍ୱର ଯେ କିଛି ଦେଖିପାରୁ ନାହାନ୍ତି, ଏହା ସତ୍ୟ। ତାହା ହୋଇ ନ ଥିଲେ ଭକ୍ତି ଦେଖେଇବା ପାଇଁ ଚିତା, ଚୈତନ୍ୟ କାଟି, ଗଳାରେ ରୁଦ୍ରାକ୍ଷର ମାଳା ପିନ୍ଧି, ରଙ୍ଗ ବେରଙ୍ଗର ପୋଷାକ ପରିଧାନ କରି ନ ଥା'ନ୍ତୁ। ଆମେ ଧରି ନେଇଛୁ କେବଳ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାରକୁ ଗଲେ ଈଶ୍ୱର ଦର୍ଶନ ଦେବେ, ମନସ୍କାମନା ପୂରଣ କରିବେ, ସେ ଭକ୍ତର ସ୍ୱୀକୃତି ଦେବେ। ତା' ହୋଇ ନ ଥିଲେ ଇଟା, ପଥରରେ ଗଢ଼ା ଏକ ଆବଦ୍ଧ କୋଠରି ଭିତରେ, ସର୍ବ ସମ୍ମୁଖରେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଏତେ ଠେଲାପେଲା ହୁଅନ୍ତା କାହିଁକି ? ଯେଉଁମାନେ ଈଶ୍ୱରଙ୍କ ଦର୍ଶନ ପାଇଥିଲେ ବୋଲି ଆମେ ଦାବି କରୁଛୁ ସେମାନେ କ'ଣ ସତରେ ଏମିତି ଏକ ଆବଦ୍ଧ କୋଠରି ଭିତରେ ତାଙ୍କର ସନ୍ଧାନ ପାଇଥିଲେ ?

ଏସବୁ ସତ୍ତ୍ୱେ ଆମେ ନିର୍ଦ୍ୱନ୍ଦ୍ୱରେ କହିପାରିବା ଭକ୍ତଙ୍କ ସଂଖ୍ୟା ବଢ଼ିଛି। ପୂଜାପାଠ ବଢ଼ିଛି ସବୁ ଧର୍ମରେ, ସବୁ ସମ୍ପ୍ରଦାୟରେ । ୨୦୨୩ ସୁଦ୍ଧା ଦେଶର ମନ୍ଦିର ସଂଖ୍ୟା ୩୫ ଲକ୍ଷରୁ ଊର୍ଦ୍ଧ୍ୱ, ମସ୍‌ଜିଦ ସଂଖ୍ୟା ପାଖାପାଖି ୫୫ ହଜାର, ଗୀର୍ଜା ସଂଖ୍ୟା ୨୮ ହଜାରରୁ ଅଧିକ, ଗୁରୁଦ୍ୱାର ସଂଖ୍ୟା ପାଖାପାଖି ୮ ହଜାର। ଏହା ବାଦ୍ ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କ ସକାଶେ ସ୍ୱତନ୍ତ୍ର ମଠ, ଆରାଧନା ପୀଠ, ପ୍ରାର୍ଥନା ଗୃହ ରହିଛି। କିନ୍ତୁ ଛୋଟ ବଡ଼ ମନ୍ଦିର, ଗ୍ରାମ ଦେବୀ, ଆଶ୍ରମ ଏସବୁକୁ ଧରିଲେ ଆମ ଦେଶରେ ଏମାନଙ୍କ ସଂଖ୍ୟା ଏକ କୋଟିରୁ ଊର୍ଦ୍ଧ୍ୱ ହେବ। ତଥାପି ନୂତନ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର



ଗଢ଼ିବାର ଅଭୀପ୍ସା ଲୋକଙ୍କ ଭିତରେ କମି ନାହିଁ। ଗାଁ, ସହର, ସାହି, ବସ୍ତି ସବୁଠି ଈଶ୍ୱରଙ୍କ ପାଇଁ ବାସସ୍ଥାନ ନିର୍ମାଣ ଚାଲିଛି। ଏହା ସୂଚେଇ ଦେଉଛି ଭକ୍ତମାନଙ୍କ ସଂଖ୍ୟା କ୍ରମଶଃ ବଢୁଛି। କେବଳ ନୂଆ ନୂଆ ଧର୍ମ ପୀଠ ଯେ ତିଆରି ହେଉଛି ତାହା ନୁହେଁ ସବୁଠି ଭକ୍ତଙ୍କ ସମାଗମ ଅଣାୟତ୍ତ ହେବାରେ ଲାଗିଛି। ଦଳାଚକଟାଜନିତ ଛୋଟ ବଡ଼ ଅଘଟଣ ମଧ୍ୟ ଘଟୁଛି। ମହାକୁମ୍ଭରେ ସରକାରୀ ତଥ୍ୟ ଅନୁଯାୟୀ ୬୬ କୋଟିରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା ବୋଲି କୁହାଯାଉଛି। ପୁରୀ ରଥଯାତ୍ରା ଦିନ କେମିତି ଭକ୍ତଙ୍କ ଦ୍ୱାରା ବଡ଼ଦାଣ୍ଡ ଉଚ୍ଛୁଳି ଉଠୁଛି ଆମେ ସଭିଏ ଦେଖୁଛନ୍ତି। ଏଇ କିଛି ବର୍ଷ ହେଲା ଶିବ ଲିଙ୍ଗରେ ପାଣି ଢାଳିବା ପାଇଁ ପାଣି ଭାର ଧରି ଯାଉଥିବା କାଉଡ଼ିଆଙ୍କ ଯାତ୍ରାକୁ ଦେଖିଲେ ସହଜରେ ହୃଦୟଙ୍ଗମ କରିହେବ ଭକ୍ତଙ୍କ ସଂଖ୍ୟା କେତେ ବଢ଼ିଛି। ଯେକୌଣସି ବ୍ରତ, ଓଷା ସମୟରେ ମନ୍ଦିର ବେଢ଼ା ଲୋକାରଣ୍ୟ ହୋଇପଡୁଛି। ନୂଆ ନୂଆ ନାମରେ ଦେବଦେବୀଙ୍କର ପୂଜାର୍ଚ୍ଚନା ଦେଖିବାକୁ ମିଳୁଛି। କେବଳ ଦେବଦେବୀଙ୍କ ନିକଟରେ ଭିଡ଼ ଜମୁ ନାହିଁ, ସବୁଠାରୁ କୌତୂହଳ ବିଷୟ ହେଉଛି ଏ ଦେଶରେ ବାବା ମାତା ସଂଖ୍ୟା ଯେତେ ବଢୁଛି ସେମାନଙ୍କ ଚତୁଃପାର୍ଶ୍ୱରେ ଭକ୍ତଙ୍କ ଭିଡ଼ ସେତେ ବଢୁଛି। ଲୋକେ ଯେତେ ଠକାମିର ଶିକାର ହେଉଛନ୍ତି ସେମାନଙ୍କ ସାନିଧ୍ୟ ଲାଭ ନିମନ୍ତେ ସେତେ ଅଧିକ ସଂଖ୍ୟକ ଲୋକ ଭକ୍ତଙ୍କ ତାଲିକାରେ ନାମ ଲେଖାଉଛନ୍ତି।

ସମ୍ପ୍ରତି ଈଶ୍ୱରଙ୍କ ଜନ୍ମ ଦିନ ପାଳନ କରିବାର ଏକ ନୂତନ ସଂସ୍କୃତି ଲୋକଙ୍କ ଭିତରେ ଉନ୍ମାଦନା ସୃଷ୍ଟି କରିଛି। ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ରାମ ଜୟନ୍ତୀ, ହନୁମାନ ଜୟନ୍ତୀ, ମହାବୀର, ମହମ୍ମଦ, ଯିଶୁ, ନାନକ ଆଦି ଜୟନ୍ତୀ ଯେମିତି ପାଳନ କରାଯାଉଛି, ପୂର୍ବେ ଏମିତି ହେଉଥିଲା ବୋଲି ମନେହେଉ ନାହିଁ। ଛୋଟ ବଡ଼ ସବୁ ସହରରେ ଭକ୍ତଙ୍କ ସୁସଜ୍ଜିତ ସମାବେଶ ଆୟୋଜନ ହେଉଛି। ବଡ଼ ବଡ଼ ନିର୍ଦ୍ଧାରିତ ପତାକା ଉଡୁଛି ଫର ଫର ହୋଇ। ଉଜ୍ଜ୍ୱଳ ଆଲୋକ ସହିତ ଡିଜେ ବାଜୁଛି ସର୍ବୋଚ୍ଚ ସ୍ୱରରେ। ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରର ଶବ୍ଦରେ ପ୍ରକମ୍ପିତ ହେଉଛି ଖଣ୍ଡ ମଣ୍ଡଳ। ନୃତ୍ୟ ସାଙ୍ଗକୁ ଲାଠି, ଖଣ୍ଡା ଖେଳ ମଧ୍ୟ ଦେଖିବାକୁ ମିଳୁଛି। ଦେଖଣାହାରୀ ଭାବରେ ପିଲାଛୁଆ, ନାରୀ ପୁରୁଷଙ୍କ ଭିଡ଼ ଜମୁଛି ରାସ୍ତାର ଉଭୟ ପାର୍ଶ୍ୱରେ। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ବେଶ୍ କିଛି ପୋଲିସ୍ ବାଧ ବାଧକତାର ସହିତ ଆଗରେ ପଛରେ ଚାଲୁଛନ୍ତି। ଏହା ସତ୍ତ୍ୱେ ସାମ୍ପ୍ରଦାୟିକ ଦଙ୍ଗାକୁ ଏଡ଼ାଇ ଦିଆଯାଇ ପାରୁ ନାହିଁ। ଜୟନ୍ତୀର ପୂର୍ବରୁ କିଛି ଦିନ ଓ ପରବର୍ତ୍ତୀ କିଛି ଦିନ ଉଜେନା ଲାଗି ରହୁଛି ସମ୍ପ୍ରଦାୟ ମଧ୍ୟରେ।

ଲୋକଙ୍କ ଭିତରେ ଭକ୍ତି ଭାବ କେତେ ବଢ଼ିଛି ତାହା ହିଁ ବିଚାର୍ଯ୍ୟ। ଗଭୀର ଭଲପାଇବା, ଶ୍ରଦ୍ଧା କରିବା, ସମ୍ମାନ ଦେବା ଅର୍ଥ ଭକ୍ତି କରିବା। ଯେଉଁଠି ଭକ୍ତି ଥାଏ ସେଇଠି ତ୍ୟାଗ ଥାଏ। ସତ୍ୟ, ନ୍ୟାୟ, ଅହିଂସା ବିନା ଭକ୍ତି ଅନ୍ତଃସାର ଶୂନ୍ୟ ଭାବନା କହିଲେ ଭୁଲ୍ ହେବ ନାହିଁ। ଭକ୍ତିରୁ ସୃଷ୍ଟି ହୁଏ ସମର୍ପଣ ଭାବ। ପ୍ରକୃତ ଭକ୍ତି ଥିଲେ ଘୃଣା, ଅସହିଷ୍ଣୁତା ପାଖ ମାଡ଼େ ନାହିଁ। କିନ୍ତୁ ଆଜିକାଲି ଯେଉଁମାନେ ନିଜକୁ ଭକ୍ତ ଭାବରେ ଉପସ୍ଥାପନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂକୀର୍ଣ୍ଣ ଧର୍ମ ବିଶ୍ୱାସୀ। ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କୁ ଘୃଣା କରନ୍ତି। ଜାତି ଭେଦ ସହିତ ବୁଝାମଣା କରନ୍ତି। ନିଜକୁ ସୁରକ୍ଷିତ ରଖିବା ପାଇଁ ମିଥ୍ୟାର ଆଶ୍ରୟ ନିଅନ୍ତି। ଏମାନେ ଏମିତି ଭକ୍ତ ଯେ ମନ୍ଦିର ପ୍ରାଙ୍ଗଣରେ ସ୍ଥାପିତ କଂକ୍ରିଟ୍ ଷଣ୍ଢ ମୁହଁରେ ଘାସ ଦିଅନ୍ତି ହେଲେ ଜୀବିତ ଷଣ୍ଢ ପିଠିରେ ଧୁସ୍ ଧାସ୍ ପ୍ରହାର ପକାଇବାକୁ ଆଦୌ ସଂକୋଚ କରନ୍ତି ନାହିଁ। ଅଧିକାଂଶଙ୍କ ମୁହଁରେ ରାମ ନାମ ମାତ୍ର ରାବଣ ପ୍ରବୃତ୍ତି, ମୁହଁରେ ଜଗନ୍ନାଥ ମାତ୍ର କାମରେ କଳାପାହାଡ଼, ପ୍ରତ୍ୟହ ନମାଜ ପଠନ ମାତ୍ର ସନ୍ତ୍ରାସବାଦୀ କାର୍ଯ୍ୟ। ଅସତ୍ ଆଚରଣ କରୁଥିବା ଲୋକମାନେ ବେଶଭୂଷାରେ, କଥାବାର୍ତ୍ତାରେ ସିନା ଭକ୍ତ, ମାତ୍ର ସେମାନଙ୍କ ନିକଟରେ ଭକ୍ତି ନାହିଁ କି ରହିପାରେନା। କର୍ମ ନ କରି କିମ୍ବା କମ୍ ପରିଶ୍ରମରେ ଅଧିକ ପ୍ରାପ୍ତିର ଆଶା ରଖିଥିବା ବ୍ୟକ୍ତିମାନେ ଆଜି ଭକ୍ତ ସାଜି ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଛନ୍ତି ବୋଲି କହିବା ଅଯଥାର୍ଥ ହେବ ନାହିଁ। ଏହା ସତ୍ୟ ଯେ, 'ସାଧୁତା ନ ଥାଇ ସନ୍ଥ, ସେବା ନ କରି ସେବିକା, ଭକ୍ତି ନ ଥାଇ ଭକ୍ତ ସମାଜ ପାଇଁ ମହା ବିପତ୍ତି'।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭

# ଆଠ ଦୁମୁକାଣି ଷୋହଳ ଅସରା



ବିଦ୍ୟାଧର ମହାରଣା

ଆମ ରାଜ୍ୟର ମୁଖ୍ୟ ଫସଲ ଧାନ କିସମ ଅନୁଯାୟୀ ୮୦୦ଠାରୁ ୧୨୦୦ମିଲିମିଟର ଜଳ ଆବଶ୍ୟକ କରେ। ଧାନର ଜୀବନକାଳ ଚାରା, ପିଲ, ଗର୍ଭାଧାନ ଓ ପାଚିବା ଅବସ୍ଥା ଦେଇ ସମାପ୍ତ ହୁଏ। ଧାନ ବୁଣିବାର ତିନି ସପ୍ତାହ ପର୍ଯ୍ୟନ୍ତ ଚାରା ଅବସ୍ଥା। ଏହି ସମୟରେ ଏକ ସେଣ୍ଟିମିଟର ଉଚ୍ଚର ପାଣି ଚାରା ପାଇଁ ଯଥେଷ୍ଟ। ଏହା ପରେ ତିନି ସପ୍ତାହ ପିଲ ଅବସ୍ଥା। ଏହି ସମୟରେ ଦୈନିକ ପ୍ରାୟ ଏକ ଇଞ୍ଚ ବା ଅଢ଼େଇ ସେଣ୍ଟିମିଟର ପାଣି ଆବଶ୍ୟକ ହୋଇଥାଏ। ମଝିରେ ମଝିରେ ଜଳ ନିଷ୍କାସନ କଲେ ପିଲ ଅଧିକ ହୁଏ, ଅଧିକ ପାଣି ବାନ୍ଧିଦେଲେ ପିଲ ଆଉ ହେବନାହିଁ। ଅତି ସହଜ କିସମ ବ୍ୟତୀତ ଅନ୍ୟ ଧାନ ଗର୍ଭ ହେବାର ୨୦ ଦିନ ପରେ ଫୁଲ ଓ ଏହାର ୩୦ ଦିନ ପରେ ଅମଳ ଉପଯୋଗୀ ହୁଏ। ଏହାର ଅର୍ଥ ହେଲା ଧାନର ମୋଟ ଜୀବନ କାଳରୁ ୫୦ ଦିନ ବାଦ୍ ଦେଲେ ଯାହା ରହିଲା ସେତିକି ଦିନ ହେଉଛି ଅଙ୍ଗୀୟ ବୃଦ୍ଧି ଅବସ୍ଥା, ଯାହା କିସମ ଅନୁସାରେ କମ୍ ବେଶି ହୋଇଥାଏ। ଧାନ ଗର୍ଭ ହେବାରୁ ଫୁଲ ପର୍ଯ୍ୟନ୍ତ ସର୍ବଦା ଦୁଇ ଇଞ୍ଚ ପାଣି କିଆରିରେ ରହିବା ଜରୁରୀ। ଫୁଲ ଉଡ଼ାଇବାର ୨୦ ଦିନ କିଆରିରେ ୩-୪ ଇଞ୍ଚ ପାଣି ବାନ୍ଧି ରଖିବାକୁ ପଡ଼େ ଓ ଏହା ପରେ ପାଣି କାଟିଦେଲେ ଧାନ ସମାନ ଭାବରେ ପାଚି ଅମଳ ଉପଯୋଗୀ ହୁଏ। ଖନା ବଚନ କହେ "ଥୋଡ଼େ ତିରିଶ ଫୁଲେ ବିଂଶ, ଘୋଡାମୁଖୀ ହେଲେ ତେର ଦିବସ। ବୁଝିଶୁଝି ଚଷା କାଟିଲେ ଶଷ୍ୟ, ତହିଁରୁ ଗୋଟିଏ ନ ହୁଏ ନାଶ।" ଏହାକୁ ଦୃଷ୍ଟିରେ ରଖି କୁହଯାଏ "ଆଠ ଦୁମୁକାଣି ଷୋହଳ ଅସରା, ବତିଶ ଝିପିଝିପି ଚଉଷଠି କୁଣ୍ଡାଝରା, ତେବେଯାଇ ଚାଷୀ ପେଟ ହୁଏ ପୂରା।" ଆଠ ଦୁମକାଣି ଅର୍ଥାତ୍ ଅନ୍ତତଃ ୪୦୦ ମିଲିମିଟର, ଷୋହଳ ଅସରା ଅର୍ଥାତ ୪୦୦ ମିଲିମିଟର, ୩୨ ଝିପିଝିପି ଅର୍ଥାତ ୩୨୦ ମିଲିମିଟର ଏବଂ ୬୪ କୁଣ୍ଡାଝରା ଅର୍ଥାତ ୩୨୦ ମିଲିମିଟର ବର୍ଷା ହେଲେ ଚାଷୀ ପୂରା ଫସଲ ପାଏ। ଆମେ ଯେତିକି ବର୍ଷା ପାଉ ସବୁ ଫଳପ୍ରଦ ହୁଏନାହିଁ। ବର୍ଷାଦିନେ ମୋଟ ବର୍ଷାର ୩୫-୪୦% ଫଳପ୍ରଦ ହୋଇଥାଏ। ଏକ ସେଣ୍ଟିମିଟରଠାରୁ ବର୍ଷା କମିଲେ ଏହା କୌଣସି କାମରେ ଲାଗେନି। ଆମ ଭାରତରେ ହାରାହାରି ବାର୍ଷିକ ବର୍ଷା ୧୨୦ସେଣ୍ଟିମିଟର ହେଲେ ୩୨୯ ନିୟୁତ ହେକ୍ଟର ଭୌଗୋଳିକ କ୍ଷେତ୍ର ଜମିରେ ପ୍ରାୟ ୪୦୦ ନିୟୁତ ହେକ୍ଟର ମିଟର ବର୍ଷା ମିଳେ। ଏଥିରୁ ୭୦ ନିୟୁତ ହେକ୍ଟର ମିଟର ବାଷ୍ପୀଭବନ ହୋଇଯାଏ ଓ ୧୧୫ନିୟୁତ ହେକ୍ଟର ମିଟର ଭୂପୃଷ୍ଠରେ ବହିଯାଏ। ଅବଶିଷ୍ଟ ୨୧୫ ନିୟୁତ ହେକ୍ଟର ମିଟର ମାଟିକୁ ପ୍ରବେଶ କରେ। ଏଥିରୁ ୫୦ ନିୟୁତ ହେକ୍ଟର ମିଟର ଭୂନିମ୍ନସ୍ଥ ଜଳ ସହିତ ମିଶେ ଏବଂ ମାତ୍ର ୧୮୫ ନିୟୁତ ହେକ୍ଟର ମିଟର ଫସଲ ଓ ବୃକ୍ଷଲତା ପାଇଁ ଉପଲବ୍ଧ ହୁଏ ଯାହାକି ମୋଟ ବର୍ଷାର ୪୬ ପ୍ରତିଶତ ମାତ୍ର। ଏହି କାରଣରୁ ବର୍ଷା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି।

ଓଡ଼ିଶାରେ ମୌସୁମୀ ବର୍ଷା ସାଧାରଣତଃ ଜୁନ୍ ମାସରେ ପ୍ରବେଶ କରେ ଓ ସେପ୍ଟେମ୍ବର ପର୍ଯ୍ୟନ୍ତ ସକ୍ରିୟ ରହେ। ହାରାହାରି ଭାବରେ ଜୁନ୍ ମାସରେ ୧୬୦, ଜୁଲାଇରେ ୩୧୭, ଅଗଷ୍ଟରେ ୩୦୦, ସେପ୍ଟେମ୍ବରରେ ୩୨୦ ମିଲିମିଟର ବର୍ଷା ହୁଏ, ଯାହାକି ବାର୍ଷିକ ବର୍ଷାର ପ୍ରାୟ ୮୦ ପ୍ରତିଶତ। ଉଦ୍ଭିଦ ଦିନରେ ସୂର୍ଯ୍ୟାଲୋକ ପାଇ ସବୁଜକଣା ଦ୍ୱାରା ଜଳ ଓ ଅମ୍ଳଜାନ ନେଇ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତ



କରେ। ଏଣୁ ଦିନରେ ବର୍ଷା ନ ହୋଇ ରାତିରେ ହେଲେ ଭଲ। ପ୍ରଖ୍ୟାତ ଉଦ୍ଭିଦ ବିଜ୍ଞାନୀ ଡ. ଆର୍ନନ କହିଛନ୍ତି, ଏକାଥରେ ୩୦୦ମିଲିମିଟର ବର୍ଷା ହୋଇ ୧୫ ଦିନ ବର୍ଷା ନ ହେଲେ ଫସଲ ସମ୍ପୂର୍ଣ୍ଣ ମରିଯାଏ, କିନ୍ତୁ ଏହି ବର୍ଷା ମାସରେ ଅଳ୍ପ ଅଳ୍ପ ହେଲେ ଫସଲ ଦୁଇଗୁଣ ଅମଳ ଦିଏ। ସୁତରାଂ ବର୍ଷାର ପରିମାଣ ଅପେକ୍ଷା ଏହାର ସୁଷମ ବଣ୍ଟନ ଅଧିକ ଉପଯୋଗୀ।

ଭାରତୀୟ ପାଣିପାଗ ବିଭାଗ ରାଜ୍ୟର ବିଭିନ୍ନ ସ୍ଥାନରେ ବୃଷ୍ଟିମାପକ ଯନ୍ତ୍ର ବସାଇ ଦୈନିକ ସକାଳ ୮.୩୦ ବେଳେ ବର୍ଷା ରେକର୍ଡ କରନ୍ତି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମସ୍ତ ବ୍ଲକରେ ବୃଷ୍ଟିମାପକ ଯନ୍ତ୍ର ବସାଇ ଦୈନିକ ୮.୩୦ ବେଳେ ବର୍ଷା ରେକର୍ଡ କରନ୍ତି। ଏହା ବ୍ୟତୀତ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ, ରାଜ୍ୟ କୃଷି ବିଭାଗ ଓ ଜଳ ସମ୍ପଦ ବିଭାଗ କେତେକ ସ୍ଥାନରେ ବୃଷ୍ଟି ମାପକ ଯନ୍ତ୍ରଦ୍ୱାରା ବର୍ଷା ରେକର୍ଡ କରନ୍ତି। ଏଯାଏ ରାଜ୍ୟର ପଞ୍ଚାୟତ ସ୍ତରରେ ବୃଷ୍ଟିମାପକ ଯନ୍ତ୍ର ନାହିଁ। ଆମେ ଦେଖୁ ଗୋଟିଏ ଗ୍ରାମରେ ବର୍ଷାର ବିଭିନ୍ନତା। ଏଣୁ ସରକାର ପ୍ରତି ପଞ୍ଚାୟତରେ ଅନ୍ତତଃ ଗୋଟିଏ ଲେଖାଏ ବୃଷ୍ଟି ମାପକ ଯନ୍ତ୍ର ବସାଇବା ଅତି ଜରୁରୀ ମନେହୁଏ।

ରାଜ୍ୟରେ ମୌସୁମୀ ବର୍ଷା ଉପରେ ଖରିଫ ଫସଲ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସବୁ ଜିଲାରେ ସମାନ ବର୍ଷା ହୁଏନି। ବାର୍ଷିକ ୧୬୦୦ ମିଲିମିଟରରୁ ଅଧିକ ବର୍ଷା ମାଲକାନଗିରି ଓ ମୟୂରଭଞ୍ଜ ଜିଲାରେ ହୁଏ। ୧୩୦୦ ମିଲିମିଟରଠାରୁ କମ୍ ବର୍ଷା ବଲାଙ୍ଗୀର, ଗଞ୍ଜାମ, ନୂଆପଡ଼ା ଓ ରାୟଗଡ଼ା ଜିଲାରେ ହେଲାବେଳେ ଅବଶିଷ୍ଟ ଜିଲାଗୁଡ଼ିକରେ ୧୪୦୦-୧୫୦୦ ମିଲିମିଟର ବର୍ଷା ହୁଏ। ପ୍ରତି ଜିଲାରେ ବ୍ଲକ ମଧ୍ୟରେ ବାର୍ଷିକ ବୃଷ୍ଟିପାତରେ ମଧ୍ୟ ତାରତମ୍ୟ ଅଛି। ସୁତରାଂ ଫସଲ ଯୋଜନା ବ୍ଲକଗୁଡ଼ିକର ବର୍ଷାକୁ ଲକ୍ଷ୍ୟକରି କରାଯିବା ଆବଶ୍ୟକ।

ବର୍ଷାଜଳକୁ ସମ୍ପୂର୍ଣ୍ଣ ଭାବରେ ମୃତ୍ତିକା ମଧ୍ୟକୁ ପ୍ରବେଶ କରାଇବାକୁ ହେଲେ ଆମକୁ ଜମିରେ ହିଡ ତିଆରି ସହିତ ସମପତନ ବନ୍ଧ ଓ ଖାଇ ନିର୍ମାଣ କରିବାକୁ ହେବ। ଆଡ଼ିବନ୍ଧ ନିର୍ମାଣ, ଧୋଡ଼ା ନିୟନ୍ତ୍ରଣ, ଫାର୍ମ ପୋଖରୀ ନିର୍ମାଣ, ଜଳ ଅମଳ ପ୍ରକଳ୍ପ ଓ ପରିସ୍ରବଣ ପୋଖରୀ ଇତ୍ୟାଦି ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ। ବର୍ଷା ପାଣିର ଗତିପଥ ବଦଳାଇ ଦେଲେ ପାଣି ବୋହିଯିବାକୁ ଅଧିକ ସମୟ ନେବ ଓ ଧୀରେଧୀରେ ମାଟି ମଧ୍ୟକୁ ପ୍ରବେଶ କରି ମୃତ୍ତିକାସ୍ଥ ଛିଦ୍ର ମଧ୍ୟରେ ସଞ୍ଚିତ ହୋଇ ରହିବ ଯାହାକି ବର୍ଷର ଦୁଇଟି ଫସଲ ପାଇଁ ଯଥେଷ୍ଟ।

ସ୍ୱସ୍ଥାନ ଜଳ ସଂରକ୍ଷଣ ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗ କେତେକ କୌଶଳ ପ୍ରବର୍ତ୍ତନ କରିଛନ୍ତି, ଯାହାକୁ ଚାଷୀମାନେ ଗ୍ରହଣ କରିବା ଆବଶ୍ୟକ। ଜମିର ନିମ୍ନ ଭାଗରେ ଫାର୍ମ ପୋଖରୀ ନିର୍ମାଣ କଲେ ବର୍ଷାଜଳ ସଂଗୃହୀତ ହୋଇ ଫସଲ ପାଇଁ ସହାୟକ ହେବ ଓ ମାଛ ଚାଷ ପାଇଁ ସୁଯୋଗ ସୃଷ୍ଟି କରିବ। ବର୍ଷାଜଳ ତଳକୁ ବୋହିଯିବା ପୂର୍ବରୁ ଏହାକୁ ଅଟକାଇ ରଖିବା ବୁଦ୍ଧିମାନର କାର୍ଯ୍ୟ। ବିଲ ପାଣି ବିଲରେ, ଗାଁର ପାଣି ଗାଁରେ - ଏହାକୁ ମନେରଖିବା ଉଚିତ। ଏତକି କହିଲେ ଯଥେଷ୍ଟ ହେବ ଯେ ଯେହେତୁ ରାଜ୍ୟର ୬୦ ପ୍ରତିଶତ ଜମି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ ବର୍ଷାଜଳ ସଂରକ୍ଷଣ ଓ ପରିଚାଳନା ଉପରେ ସମସ୍ତଙ୍କ ଧ୍ୟାନ କେନ୍ଦ୍ରିତହେବା ଜରୁରୀ।

ମୋ:୯୪୩୭୦୭୧୧୯୦

## ଏଇ ଭାରତରେ

ମହାରାଷ୍ଟ୍ର ପୁଣେର ଜୁନ୍ନାର ଅଞ୍ଚଳରେ ଏକ ପରିବାର ପରିସଂସ୍ଥା ସୁରକ୍ଷା କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ରମେଶ ଖାରମେଲ, ତାଙ୍କ ସ୍ତ୍ରୀ ସ୍ୱାତୀ ଏବଂ ଦୁଇ ସନ୍ତାନ ମୟୂରେଶ ଓ ବୈଷ୍ଣବୀ ଏହି କାର୍ଯ୍ୟ କରୁଛନ୍ତି। ରମେଶ ଭାରତୀୟ ସେନାର ଯବାନ ଥିଲେ। ସେଥିରୁ ଅବସର ନେବା ପରେ ବ୍ୟାଙ୍କରେ କିଛି ବର୍ଷ କାମ କରିବା ପରେ ୨୦୨୧ରେ ତାଙ୍କ ଅଞ୍ଚଳରେ ଜଳ ସଂରକ୍ଷଣ ପାଇଁ ଖାଇ ଖୋଳିବା ଆରମ୍ଭ କରିଦେଇଥିଲେ। ସେ ପ୍ରତିଦିନ ସକାଳେ ୪ ଘଣ୍ଟା ସମୟ ଦେଇ ୭୦ଟି ଖାଇ ଖୋଳି ସାରିଛନ୍ତି। ପାହାଡ଼ରୁ ଗଡ଼ି ଆସୁଥିବା ପାଣିକୁ ଖାଇରେ ଜମା କରି ଭୂତଳ ଜଳ ସ୍ତର ବଢ଼ାଇ ପାରିଛନ୍ତି। ଏଗୁଡ଼ିକରେ ପ୍ରତି ବର୍ଷାଋତୁରେ ୮ ଲକ୍ଷ ଲିଟର ପାଣି ଜମା ହୋଇ ରହୁଛି। ଏହାବ୍ୟତୀତ ରମେଶଙ୍କ ପରିବାରରେ ଗଛ ଲଗାଉଛନ୍ତି ଏବଂ ଏହି କାର୍ଯ୍ୟରେ ସ୍ଥାନୀୟ ଯୁବକ ଓ ଗ୍ରାମବାସୀଙ୍କୁ ସାମିଲ କରିଛନ୍ତି। କେବଳ ଏତିକି ନୁହେଁ ସେ ମଧ୍ୟ ଠାଣେ, ପୁଣେ, ସୋଲାପୁର, ନାସିକ, ବାରାମତି ଓ ସାଙ୍ଗଲି ଆଦି ଅଞ୍ଚଳରେ ୪୦୦ରୁ ଅଧିକ ସ୍କୁଲକୁ ଯାଇ ପିଲାମାନଙ୍କୁ ପରିସଂସ୍ଥାର ସଂରକ୍ଷଣ ଉପରେ ଶିକ୍ଷା ଦେଉଛନ୍ତି। ସ୍ୱାତୀ ଛତ୍ରପତି ଶିବାଜୀଙ୍କ ସମୟରେ ଖୋଳାଯାଇଥିବା କୂଅଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଏହି କାର୍ଯ୍ୟ ସମେତ ବୃକ୍ଷ ରୋପଣରେ ତାଙ୍କ ପୁଅ ଓ ଝିଅ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୭୬

- ବୃହତ୍ତର କଟକ ଉନ୍ନୟନ ସଂସ୍ଥା ପକ୍ଷରୁ ତୁଳସୀପୁରଠାରେ ୩୨ ଲକ୍ଷ ଟଙ୍କା ବ୍ୟୟରେ ବାସଗୃହ ନିର୍ମାଣ ଯୋଜନାର ଶିଳାନ୍ୟାସ।
- ଥର୍ମାଲ ବିଦ୍ୟୁତ୍ କେନ୍ଦ୍ରର ୨ୟ ପର୍ଯ୍ୟାୟର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଚିରନ୍ତନୀ

ତରଳାଇ ନିର୍ଜୀବ ଏ
ପାଷାଣର ଅଙ୍ଗ
ଜୀବନ-ରସର କେତେ
ଉଠିଛି ତରଙ୍ଗ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 7 | | | | 8 | |
| | | | | 8 | | | | |
| | | | | | 6 | 7 | | 1 |
| | 9 | 2 | 5 | 1 | | | | |
| | | | 2 | | 4 | 6 | | 5 |
| 3 | | | | | | | | |
| | 8 | | 9 | | | | | |
| | | | | 4 | | | | 6 |
| | | | | | 5 | 1 | 9 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 8 | 5 | 9 | 2 | 1 | 4 | 3 |
| 1 | 5 | 2 | 6 | 4 | 3 | 9 | 7 | 8 |
| 3 | 9 | 4 | 7 | 8 | 1 | 6 | 5 | 2 |
| 6 | 4 | 1 | 9 | 7 | 8 | 3 | 2 | 5 |
| 2 | 8 | 7 | 1 | 3 | 5 | 4 | 6 | 9 |
| 5 | 3 | 9 | 4 | 2 | 6 | 7 | 8 | 1 |
| 9 | 1 | 5 | 2 | 6 | 7 | 8 | 3 | 4 |
| 4 | 7 | 3 | 8 | 5 | 9 | 2 | 1 | 6 |
| 8 | 2 | 6 | 3 | 1 | 4 | 5 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା କବଳିତ ଯୁବ ସମାଜ

ମହାଶୟ,

ସାମ୍ପ୍ରତିକ ସମାଜରେ ଯୁବପିଢ଼ି ଦାୟିତ୍ୱବାନ୍ ହେବା ବଦଳରେ ଦାୟିତ୍ୱହୀନ ହେବାରେ ଲାଗିଛନ୍ତି। ଭାରତ ଆଜି ନିଶା କାରବାରର ଗନ୍ତାଘର ପାଲଟିଯାଇଛି। ଯୁବସମାଜ ଏକ ସୁସ୍ଥ ରାଷ୍ଟ୍ର ଗଠନ କରିବା ପରିବର୍ତ୍ତେ ନାନା ପ୍ରକାର ମାଦକଦ୍ରବ୍ୟ ଦ୍ୱାରା କବଳିତ ହୋଇସାରିଲେଣି। ତଥ୍ୟ ଅନୁସାରେ ୨୦୧୭ରେ ଭାରତରେ ନିଶା କାରବାର ୧୦ ଲକ୍ଷ କୋଟି ଥିଲା ଏବଂ ୨୦୨୦ ବେଳକୁ ଏହାର ମାତ୍ରା ବଢ଼ି ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ଅଛି । ସରକାରୀ ତଥ୍ୟ ଅନୁସାରେ ଭାରତରେ ୧୦ ରୁ ୧୭ ବର୍ଷ ବୟସର ଛାତ୍ରୀଛାତ୍ର ଅଧିକ ନିଶାଗ୍ରସ୍ତ । ଭାରତରେ ପ୍ରତ୍ୟେକ ଦିନ ୪୦ କୋଟିରୁ ଅଧିକ ଲୋକ ନିଶାଗ୍ରସ୍ତ ହେଉଛନ୍ତି, ସେଥିରୁ ୧୮ କୋଟି ମଦ ଦ୍ୱାରା ଓ ୨୨ କୋଟି ଲୋକ ଅନ୍ୟ ମାଦକ ଦ୍ରବ୍ୟ ଦ୍ୱାରା କବଳିତ । ବିଭିନ୍ନ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ ଓଡ଼ିଶାରେ ପ୍ରାୟ ୬୦-୭୦ ଲକ୍ଷ ଲୋକ ନିଶା ସେବନ କରୁଛନ୍ତି । ସେହିପରି ଯୁବପିଢ଼ି ଅଧିକ ତମାଖୁ ସେବନ କରି ମୁଖ କର୍କଟରେ ପୀଡ଼ିତ ହେଉଛନ୍ତି। ନିଶାଠାରୁ ଦୂରେଇ ରହିବା ପାଇଁ ଅନେକ ବାର୍ତ୍ତା ଦିଆଯାଉଛି, କିନ୍ତୁ ତାହା ଯୁବ ସମାଜକୁ ପ୍ରଭାବିତ କରି ପାରୁନାହିଁ । ସରକାର ଏ ଦିଗରେ ନାନା ପଦକ୍ଷେପ ନେଉଥିଲେ ମଧ୍ୟ ତାହା କେବଳ କାଗଜ କଲମରେ ସୀମିତ । ନିଶା କବଳିତ ଯୁବ ସମାଜ ବିକଶିତ ରାଷ୍ଟ୍ର ନିର୍ମାଣରେ ଆହ୍ୱାନ ପାଲଟିଛି ।

-ଦେବେନ୍ଦ୍ର ଆଚାର୍ଯ୍ୟ, ରୂପ୍‌ସା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟର କୃଷି ପ୍ରଗତି: ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପାଇଁ ଏକ ସଫଳ ସୋପାନ



କନକ ବର୍ଦ୍ଧନ ସିଂଦେଓ

ରାଜ୍ୟର ଅଧିକାଂଶ ଜନସଂଖ୍ୟାର ମୁଖ୍ୟ ଆଧାର ହେଉଛି କୃଷି, ଯେଉଁମାନେ କି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ନିଜର ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ମିଳିତ ଭାବରେ ମୋଟ ଶ୍ରମଶକ୍ତିର ୪୯% (PLFS, ୨୦୨୩- ୨୪) ନିୟୋଜିତ କରନ୍ତି ଏବଂ ରାଜ୍ୟର ଏକମାତ୍ର ବୃହତ୍ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ରୂପେ ପରିଗଣିତ। ବିଗତ ଦିନର କୃଷି ଏବଂ ଆଜିର କୃଷି ଭିତରେ ଅନେକ ବାଟ ଆମେ ଆଗେଇ ଆସିଛେ, ଦୀର୍ଘ ଏକ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ କୃଷିକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଯାଇପାରିଛି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ମାଧ୍ୟମରେ। ରାଜ୍ୟର କୃଷିକ୍ଷେତ୍ର ଠିକ୍ କୃଷିନୀତି, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତି ଏବଂ ଡିଜିଟାଇଜେଶନ ଭଳି ପଦକ୍ଷେପ ଗ୍ରହଣକରି ଉଲ୍ଲେଖନୀୟ ଅଭିବୃଦ୍ଧି ଓ ରୂପାନ୍ତରଣ ଆଣିପାରିଛି। ଏତଦ୍‌ବ୍ୟତୀତ ରାଜ୍ୟର କୃଷିକ୍ଷେତ୍ର ଏକ ପ୍ରଗତିଶୀଳ ପରିବର୍ତ୍ତନ ଦେଇ ଗତିକରୁଛି, ଫଳରେ ଏହା ରେକର୍ଡ ପରିମାଣ ଖାଦ୍ୟଶସ୍ୟ ଉତ୍ପାଦନ, ଆବଶ୍ୟକ ନିବେଶ ଏବଂ ଅନ୍ତର୍ଭୁକ୍ତୀକରଣ ପଦ୍ଧତିକୁ ଆପଣାଇ ଏକ ନୂତନ ସମ୍ଭାବନା ଦିଗରେ ଅଗ୍ରସର ହେଉଛି। ରାଜ୍ୟ ଏହାର ବଜେଟ ଆବଣ୍ଟନ, ଅଭିନବ ଯୋଜନା ପ୍ରଣୟନ, କୃଷି କ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଏବଂ ସମସ୍ତ ସାମାଜିକ ବର୍ଗଙ୍କ ବିକାଶ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି କରିଛି।

ରାଜ୍ୟ ସରକାର ୨୦୨୪-୨୫ ବର୍ଷଠାରୁ ରାଜ୍ୟରେ କୃଷି ବିକାଶ ଧାରାର ଏକ ବ୍ୟାପକ ଆଭିମୁଖ୍ୟକୁ ପ୍ରତିଫଳିତ କରିବା ସଙ୍ଗେ ସଙ୍ଗେ ଆର୍ଥିକ ସହାୟତା, ଭିତ୍ତିଭୂମି ବିକାଶ, ନୀତି ସମନ୍ୱୟ ଏବଂ ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ ଗବେଷଣା ଏବଂ ବିକାଶରେ ଅଂଶୀଦାର ସଂସ୍ଥାଗୁଡ଼ିକ ସହିତ ସହଯୋଗକୁ ସମନ୍ୱିତ କରିପାରିଛି। ରାଜ୍ୟର କ୍ଷୁଦ୍ରଚାଷୀମାନଙ୍କର ରୋଜଗାର ବୃଦ୍ଧି ଏବଂ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି, ଯାହାକି ବିଗତ ୩ ବର୍ଷର କୃଷି ବଜେଟ ଆବଣ୍ଟନରେ ପ୍ରତିଫଳିତ ହୋଇଛି। ଏହା ସରକାରଙ୍କ କୃଷି ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛି।

ରାଜ୍ୟର ଧାନଚାଷୀମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଏବଂ ଚାଷୀମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲକରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଚଳିତ ବର୍ଷରୁ ଚାଷୀମାନଙ୍କ ନିମନ୍ତେ 'ସମୃଦ୍ଧ କୃଷକ ଯୋଜନା' ନାମରେ ଏକ ନୂତନ ଯୋଜନା ପ୍ରଣୟନକରି ଇନ୍‌ପୁଟ ସହାୟତା ବାବଦକୁ ଚାଷୀମାନଙ୍କୁ ପ୍ରତି କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା MSP (୨୩୦୦ ଟଙ୍କା) ସହ ଅତିରିକ୍ତ ୮୦୦ ଟଙ୍କା ମିଶାଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କ୍ରୟ କରାଯାଉଛି। ୨୦୨୩-୨୪ ଖରିଫ ଋତୁରେ ୧୩.୩୬ ଲକ୍ଷ ଚାଷୀଙ୍କଠାରୁ ୫୮.୦୩ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇଥିଲା ଏବଂ ୨୦୨୪-୨୫ ବର୍ଷରେ ୧୬.୬୦ ଲକ୍ଷ ଚାଷୀଙ୍କଠାରୁ ୭୩.୪୫ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ କୃଷିକ୍ଷେତ୍ର ଏବଂ ଖାଦ୍ୟ ଥାଳିରେ ପୁଷ୍ଟିଶସ୍ୟକୁ ପୁନରୁଦ୍ଧାର କରିବାର ଦାୟିତ୍ୱ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଏବଂ ଜଳବାୟୁ-ପ୍ରତିରୋଧୀ ପୁଷ୍ଟିଶସ୍ୟ-ଆଧାରିତ କୃଷି ପ୍ରଣାଳୀ ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ରୋଜଗାରରେ ଉନ୍ନତି ଆଣିବା, ଅନ୍ତର୍ଭୁକ୍ତୀକରଣ, ସାମାଜିକ ନ୍ୟାୟ ନୀତି ସହିତ ମହିଳା ଏବଂ ଆଦିବାସୀ ସମ୍ପ୍ରଦାୟର ଉନ୍ନତ ଆୟ, ପୋଷଣ ଏବଂ ସଶକ୍ତୀକରଣକୁ ସୁନିଶ୍ଚିତ କରିବା ସହ ଆମ ରାଜ୍ୟକୁ ପୁଷ୍ଟିଶସ୍ୟ ହବ୍‌ରେ ପରିଣତ କରିବା ପାଇଁ ସରକାର ଦୃଢ଼ ପରିକର। ଏହି ଅଭିଯାନ ବର୍ତ୍ତମାନ ଓଡ଼ିଶାର ସମସ୍ତ ୩୦ ଜିଲାରେ ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟ ସରକାର ପ୍ରତି କୁଇଣ୍ଟାଲ ପିଛା ୪,୨୯୦ ଟଙ୍କା ସର୍ବାଧିକ ସହାୟକ ମୂଲ୍ୟ ବ୍ୟତୀତ କୁଇଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ପ୍ରଦାନକରି ମାଣ୍ଡିଆ କ୍ରୟ କରୁଛନ୍ତି। ୨୦୨୪-୨୫ ବର୍ଷରେ ୭.୬୪ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। କୃଷିକୁ ଅଧିକ କାର୍ଯ୍ୟକ୍ଷମ, ଲାଭଦାୟକ ଏବଂ ଯୁବପିଢ଼ିଙ୍କୁ କୃଷି ପ୍ରତି ଆକର୍ଷିତ କରିବା ପାଇଁ କୃଷି ଯନ୍ତ୍ରପାତିକୁ ଲୋକପ୍ରିୟ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଗ୍ରହଣ କରିଛନ୍ତି।

କୃଷି ଉତ୍ପାଦନ ଏବଂ ଖାଦ୍ୟଶସ୍ୟର ଉପଲବ୍ଧତା ବୃଦ୍ଧି, କୃଷି ରପ୍ତାନି ବୃଦ୍ଧି, ଶ୍ରମିକ ଅଭାବକୁ ହ୍ରାସ, ଦୁର୍ଲଭ ପ୍ରାକୃତିକ ସମ୍ପଦ ଏବଂ କୃଷି ସାମଗ୍ରୀର ବିଚାରପୂର୍ଣ୍ଣ ବ୍ୟବହାରକୁ ସହଜ କରିବା ନିମନ୍ତେ କୃଷି ଯାନ୍ତ୍ରିକୀକରଣ ଉପରେ ଧ୍ୟାନ ଦିଆଯାଇଛି। ୨୦୨୪-୨୫ରେ ରାଜ୍ୟର କୃଷି ଶକ୍ତି ବ୍ୟବହାର ୨.୬୦କିଲୋୱାଟ୍/ହେକ୍ଟରରେ ପହଞ୍ଚିଛି। ୨୦୩୬ ସୁଦ୍ଧା ଏହା ୩.୫ କିଲୋୱାଟ୍/ହେକ୍ଟରରେ ପହଞ୍ଚିବା ପାଇଁ ଯୋଜନା ରହିଛି। ରାଜ୍ୟର କୃଷି ଶକ୍ତି ଉତ୍ପାଦନକୁ ବୃଦ୍ଧିକରିବା ପାଇଁ ସରକାର ଚାଷୀମାନଙ୍କୁ ରିହାତି ଆକାରରେ ଆର୍ଥିକ ସହାୟତା ପ୍ରଦାନକରି ଉନ୍ନତ କୃଷି ଯନ୍ତ୍ରପାତି ଏବଂ ଉପକରଣ କ୍ରୟ କରିବାକୁ ଉତ୍ସାହିତ କରିଆସୁଛନ୍ତି।

ରାଜ୍ୟରେ ସିଏମ୍ କିଷାନ ଯୋଜନାରେ ସହରାଞ୍ଚଳର କୃଷକମାନଙ୍କୁ ଅନ୍ତର୍ଭୁକ୍ତକରି ସରକାର ନିଜର କର୍ତ୍ତବ୍ୟ ପାଳନ କରିଛନ୍ତି। ଏହି ଯୋଜନାର ସହାୟତା ରାଶି ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ପରି ବିଭିନ୍ନ କୃଷି ସାମଗ୍ରୀ କିଣିବା ସହ ଶ୍ରମ ଦେୟ ଏବଂ ଅନ୍ୟାନ୍ୟ ଚାଷଜନିତ ଖର୍ଚ୍ଚ ପୂରଣ କରିବାରେ ସାହାଯ୍ୟ କରିବ। କୃଷି ବିଦ୍ୟା ନିଧି ଯୋଜନାରେ ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ ରାଜ୍ୟ ଭିତରେ ଏବଂ ବାହାରେ ବୃତ୍ତିଗତ/ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।

ଧାନ ଉପରେ ବ୍ୟାପକ ନିର୍ଭରଶୀଳତା ସତ୍ତ୍ୱେ ରବିଋତୁରେ ସୀମିତ ଜଳସେଚନ ସୁବିଧା ଫସଲ ଉତ୍ପାଦନରେ ବାଧକ ସାଜିଥାଏ, ଯାହାକି ଆମ ରାଜ୍ୟ ପାଇଁ ଏକ ସମସ୍ୟା। ଏହି ସମସ୍ୟାର ସମାଧାନ କରିବା ଏବଂ କୃଷି ଉତ୍ପାଦକତା ବୃଦ୍ଧିକରିବା ପାଇଁ ରାଜ୍ୟ ସରକାର ଧାନ ଫସଲ ଅମଳ ପରବର୍ତ୍ତୀ ଜମିର ପରିଚାଳନା ଭଳି ଏକ ନବସୃଜନ ପଦ୍ଧତି ଉପରେ ଗୁରୁତ୍ୱ ଦେଇ ଧାନ ଚାଷ ପରେ ମାଟିରେ ଥିବା ଅବଶିଷ୍ଟ ଆର୍ଦ୍ରତାକୁ ବ୍ୟବହାରକରି ପତିତ ଜମିକୁ ଉତ୍ପାଦକ କୃଷିକ୍ଷେତ୍ରରେ ପରିଣତ କରିବା ସହ ସ୍ୱଳ୍ପ ଅବଧିର ଡାଲି ଏବଂ ତୈଳବୀଜ ଫସଲ ଚାଷ ପାଇଁ ବିଶେଷ ଧ୍ୟାନ ଦେଉଛନ୍ତି। ଏହି ନବସୃଜନ ପଦ୍ଧତି ମାଟିର ଉର୍ବରତା ପୁନରୁଦ୍ଧାର ଏବଂ ତାହାକୁ ବଜାୟ ରଖିବାରେ ସାହାଯ୍ୟକରେ, ଫଳରେ ଫସଲ ଉତ୍ପାଦନ, ବିବିଧତା ଏବଂ ପୁଷ୍ଟି ସୁରକ୍ଷାକୁ ବୃଦ୍ଧିକରେ।

ଆନ୍ତର୍ଜାତିକ ଖାଦ୍ୟ ଯୋଜନା ଗବେଷଣା ପ୍ରତିଷ୍ଠାନ (IFPRI) ଏହି ଯୋଜନାର ଏକ ସ୍ୱାଧୀନ ମୂଲ୍ୟାୟନକରି କିପରି ଭାବରେ ଏହି ନବସୃଜନ କୃଷି ଚାଷୀମାନଙ୍କର ରୋଜଗାର ବୃଦ୍ଧି କରିପାରିଛି, ସେ ବିଷୟରେ ସବିଶେଷ ବିବରଣୀ ପ୍ରକାଶ ପାଇଛି।

ରାଜ୍ୟରେ ରସାୟନମୁକ୍ତ ଜୈବିକ ଚାଷକୁ ଉତ୍ସାହିତ କରିବା ନିମନ୍ତେ ଓ ବଳଭଦ୍ର ଜୈବିକ ଚାଷ ମିଶନ ପରି ଏକ ପ୍ରମୁଖ କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଜୈବ ଅଙ୍ଗାର ବୃଦ୍ଧି ନିମନ୍ତେ ତାଲିମ ଦିଆଯିବ। କନ୍ଧମାଳ ଜିଲାର ଦାରିଙ୍ଗିବାଡ଼ି ବ୍ଲକ୍ ଏବଂ ମାଲକାନଗିରିର ସ୍ୱାଭିମାନ ଅଞ୍ଚଳକୁ ଜୈବିକ କୃଷିକୁ ରୂପାନ୍ତରଣ ନିମନ୍ତେ କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ଜୈବ ଉତ୍ପାଦ କେନ୍ଦ୍ରର ସ୍ଥାପନା, କୃଷକମାନଙ୍କୁ ପ୍ରୋତ୍ସାହନ ପ୍ରଦାନ, ଜୈବିକ ବିହନ ଉତ୍ପାଦନ, ମୂଲ୍ୟ ଯୋଗକରଣ ଏବଂ ଜୈବିକ ଉତ୍ପାଦର ବଜାର ସମ୍ପର୍କ ସ୍ଥାପନା ଦ୍ୱାରା ରପ୍ତାନିକୁ ପ୍ରୋତ୍ସାହିତ କରାଯିବା ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶା ଧାନ ଅନେକ ଭୂପ୍ରଜାତିର ଜୈବ-ବିବିଧତାରେ ସମୃଦ୍ଧ। ଅଧିକ ଅମଳକ୍ଷମ ଧାନର ବ୍ୟାପକ ବିସ୍ତାର ସତ୍ତ୍ୱେ ଏବେ ବି ଶହ ଶହ ଦେଶୀ ଜୈବିକ ପ୍ରଣାଳୀ ଧାନ ପ୍ରଜାତି ରାଜ୍ୟରେ ଚାଷ କରାଯାଉଛି। ସମ୍ପ୍ରତି ଓଡ଼ିଶା ସରକାର ଅମୃତ ଅନ୍ନ ଯୋଜନା ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ କୋଠଭୋଗ ଏବଂ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ବ୍ୟାପକ ଜମିରେ ଜୈବିକ ପ୍ରଣାଳୀ ଧାନଚାଷ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ଜଗନ୍ନାଥ ସଂସ୍କୃତିକୁ ଅଧିକ ଗୌରବାନ୍ୱିତ କରିବ।

କୃଷି ବିପଣନ ବ୍ୟବସ୍ଥାକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିବା ନିମନ୍ତେ ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ଼କରିବା ଲକ୍ଷ୍ୟନେଇ ୫୮ଟି ଉପଖଣ୍ଡ ସ୍ତରରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯାଇ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବା ସହ ଅଭାବୀ ବିକ୍ରି ମଧ୍ୟ ରୋକାଯାଇପାରିବ। କୃଷକମାନଙ୍କର ଉତ୍ପାଦର ମୂଲ୍ୟଯୁକ୍ତ, ବିକ୍ରିବଟା ଓ ବଜାର ସଂଯୋଗୀକରଣ ପାଇଁ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ନିମନ୍ତେ ସହଯୋଗ କରାଯାଉଛି। APEDA ଓ PSFPO ପ୍ରକଳ୍ପ ସହଯୋଗରେ ବିଭାଗ ଦ୍ୱାରା ୭ଟି ଜିଲାର ୨୪ଟି କୃଷକ ଉତ୍ପାଦକ ସଙ୍ଗଠନ ମାଧ୍ୟମରେ ହାରାହାରି ୫୦ ମେଟ୍ରିକ ଟନ୍ ଆମ୍ବ ଏବଂ ତାଜା ପନିପରିବା ଓଡ଼ିଶାରୁ ମଧ୍ୟପ୍ରାଚ୍ୟ, ଦୁବାଇ, କାତାର ଓ ୟୁରୋପିଅନ ରାଷ୍ଟ୍ର ସମୂହ(England, Ireland, Italy, Poland)କୁ ରପ୍ତାନି ଆରମ୍ଭ କରାଯାଇଛି। କୃଷକ ଉତ୍ପାଦକ ସଙ୍ଗଠନର ସଶକ୍ତୀକରଣ ପାଇଁ ଏବଂ କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର (CoE) ପ୍ରତିଷ୍ଠା କରାଯାଇଛି।

କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନା ୧୦୦ଟି ଆଦିବାସୀ ବହୁଳ ବ୍ଲକ୍‌ରେ କୃଷି ଉତ୍ପାଦନ କ୍ଲଷ୍ଟର (APCs) ସ୍ଥାପନ କରାଯାଇ ଜୀବିକା ସମ୍ପଦ ସୃଷ୍ଟିକରିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ବଜାର ସଂଯୋଗର ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି। ୧୬ ଜିଲାର ୧୦୦ଟି ବ୍ଲକ୍‌ରେ ୨,୫୮,୩୫୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ୨,୧୪୮ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଇଛି। ଉତ୍ପାଦକ ଗୋଷ୍ଠୀର ଚାଷୀମାନଙ୍କ ଦ୍ୱାରା ୧୧,୩୭୭ ଲକ୍ଷ ଟଙ୍କାର ସାମୂହିକ ବିପଣନ କରାଯାଇଛି।

ନିକଟ ଅତୀତରେ ମୁଁ ଏବଂ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଜାନୁଆରୀ ୨୩ରୁ ୨୫, ୨୦୨୫ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାସିକରେ ଥିବା ସହ୍ୟାଦ୍ରି ଫାର୍ମ ପରିଦର୍ଶନ କରିଥିଲୁ। ଏହି ଗସ୍ତର ଉଦ୍ଦେଶ୍ୟ ଥିଲା କୃଷି ବ୍ୟବସାୟରେ ସର୍ବୋତ୍ତମ ଅଭ୍ୟାସ ଅନୁସନ୍ଧାନ କରିବା, ନବସୃଜନଶୀଳ ଚାଷୀ ସହାୟତା ବ୍ୟବସ୍ଥାକୁ ବୁଝିବା ଏବଂ ସହ୍ୟାଦ୍ରି ଫାର୍ମ ଏବଂ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ମଧ୍ୟରେ ସମ୍ଭାବ୍ୟ ସହଯୋଗ ଚିହ୍ନଟ କରିବା ସହ ରାଜ୍ୟର ଚାଷୀମାନଙ୍କୁ ସଶକ୍ତ ଏବଂ ଉଦ୍ୟୋଗ ପ୍ରତିଷ୍ଠା ପ୍ରତି ପ୍ରୋତ୍ସାହିତ କରାଇବା।

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଜଳ ସମ୍ପଦ ବିଭାଗ ଏବଂ Bankers Institute of Rural Development (BIRD), ଲକ୍ଷ୍ନୌର ମିଳିତ ସହଯୋଗରେ ଏପ୍ରିଲ ୧୯ ରୁ ୨୬, ୨୦୨୫ ପର୍ଯ୍ୟନ୍ତ ୧୪ ଜଣ କୃଷକ ଏବଂ ୧୪ ଜଣ ଉଦ୍ୟାନ କୃଷି ଅଧିକାରୀ ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ(OIIPCRA) ଅଧୀନରେ ମାଲେସିଆ ଗସ୍ତ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକାରୀ ଓ କୃଷକମାନେ ସ୍ୱଳ୍ପ ଜମି ଏବଂ ସ୍ୱଳ୍ପ ଜଳ ସମ୍ପଦ ବ୍ୟବହାରକରି ମତ୍ସ୍ୟ ଚାଷ ତଥା ଆନୁଷଙ୍ଗିକ ଚାଷର ଉନ୍ନତି, ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ସମ୍ବନ୍ଧୀୟ ହାଇ-ଟେକ୍ ହାଇଡ୍ରୋପୋନିକ୍ସର ବ୍ୟବହାର, ବିଭିନ୍ନ କୃଷିଜାତ ଦ୍ରବ୍ୟର ଅବଶିଷ୍ଟାଂଶରୁ ଛତୁ ଉତ୍ପାଦନ ଏବଂ ପ୍ରକ୍ରିୟା କରଣ ଏବଂ ତଦ୍ୱାରା କର୍ମନିଯୁକ୍ତି ଏବଂ ଅଧିକ ଆୟର ସମ୍ଭାବନା ବିଷୟରେ ଜ୍ଞାନ ଆହରଣ ସହ କ୍ଷେତ୍ର ପରିଦର୍ଶନ କରିଥିଲେ।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ତଥା ଏହାର ଆନୁଷଙ୍ଗିକ କ୍ଷେତ୍ରରେ ବିନିଯୋଗର ଅଭିବୃଦ୍ଧି ନିମନ୍ତେ ଯୁବ ଉଦ୍ୟୋଗୀମାନଙ୍କ ବ୍ୟବସାୟଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରାଜ୍ୟ ସରକାରଙ୍କ ଏକ ମୁଖ୍ୟ ଯୋଜନା ଯେଉଁଥିରେ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସର୍ବାଧିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ପାଇବାର ବ୍ୟବସ୍ଥା ଅଛି। ରାଜ୍ୟର କୃଷିକ୍ଷେତ୍ରରେ ଆପିକଲ୍ ଏକ ପ୍ରେରକ ଶକ୍ତି ରୂପେ କାମ କରିଚାଲିଛି, ଯେଉଁଥିରେ କୃଷି ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ସହ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି।

କୃଷିକ୍ଷେତ୍ରରେ ଜଳ ସଂରକ୍ଷଣ ଆବଶ୍ୟକତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଯନ୍ତ୍ର ସାହାଯ୍ୟରେ କ୍ଷେତପୋଖରୀ ଖନନ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ନେଇଛନ୍ତି। ଏହି କ୍ଷେତ ପୋଖରୀ କୃଷି କାର୍ଯ୍ୟ ତଥା ଉଚ୍ଚ ମୂଲ୍ୟଯୁକ୍ତ ଫସଲ ଏବଂ ପନିପରିବା ଚାଷ କରିବାରେ ସହାୟତା କରିବା ସହ ଗୃହ ଓ ପ୍ରାଣୀପାଳନ ନିମିତ୍ତ ଜଳ ଯୋଗାଇଥାଏ। ଏହା ମାଧ୍ୟମରେ ଜଳବାୟୁର ସ୍ଥାୟୀ ସଂରଚନା ସହିତ କୃଷକଙ୍କ ଆୟକୁ ବହୁଗୁଣ ଏବଂ ବାରମ୍ବାର ଅନିୟମିତ ପାଣିପାଗ ଘଟଣାକୁ ପ୍ରତିହତ କରିବାରେ ସାହାଯ୍ୟ କରିଥାଏ।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୁନାମପ୍ରାପ୍ତ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସହାୟତାରେ ଅନ୍ତର୍ଭୁକ୍ତ ଓ ପରିବେଶ ଅନୁକୂଳ କୃଷିକୁ ପ୍ରାଧାନ୍ୟ ଦେଇ ସହଭାଗିତାରେ ଜଳବାୟୁ ପରିବର୍ତ୍ତନ ଆଧାରିତ କୃଷି, ତଥ୍ୟ ଆଧାରିତ କୃଷି, ଲିଙ୍ଗଗତ ସାମ୍ୟତା ଓ ବିଜ୍ଞାନଭିତ୍ତିକ କୃଷି ଉପରେ ଗୁରୁତ୍ୱ ଦିଆଯାଉଛି। ଜଳବାୟୁ ଅନୁକୂଳ କୃଷି ଉପରେ ପ୍ରାଧାନ ଦେଇ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନକରିବା ସଙ୍ଗେ ସଙ୍ଗେ କୃଷିକ୍ଷେତ୍ରକୁ ସଶକ୍ତ ସହ ସୁସ୍ଥାୟୀ କୃଷିକୁ ସୁନିଶ୍ଚିତକରି ରାଜ୍ୟର କୃଷିକ୍ଷେତ୍ରରେ ଏକ ବୈପ୍ଳବିକ ରୂପାନ୍ତରଣ ଆଣିବା ପାଇଁ ବଦ୍ଧପରିକର। ରାଜ୍ୟର କୃଷକମାନଙ୍କର ରୋଜଗାର ବୃଦ୍ଧି ସହ ସେମାନଙ୍କ କୃଷି ଭବିଷ୍ୟତକୁ ସାକାର କରିବାକୁ ଆଜିର ସରକାର ନୂତନ ଜ୍ଞାନକୌଶଳ ବ୍ୟବହାର କରିବା ସହ କୃଷିବୀମାକୁ ମଧ୍ୟ ବ୍ୟାପକ କରିବାକୁ ସମସ୍ତଙ୍କୁ ସଚେତନ କରାଯାଉଛି।

ରାଜ୍ୟର କୃଷି ପ୍ରଗତି ପଥରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଭାବଶାଳୀ ନେତୃତ୍ୱ ଓ ଦିଗ୍‌ଦର୍ଶୀ ଯୋଜନା ପ୍ରଣୟନ ନିଶ୍ଚିତ ଭାବରେ ଓଡ଼ିଶାକୁ ଏକ ବଳିଷ୍ଠ କୃଷି ନେତୃତ୍ୱ ଦେବା ସଙ୍ଗେ ସଙ୍ଗେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ନିମନ୍ତେ ଏକ ସଫଳ ସୋପାନ ପ୍ରସ୍ତୁତି ସହ ରାଜ୍ୟର କୃଷି ପ୍ରଗତିକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ପ୍ରେରଣାଦାୟକ ସାବ୍ୟସ୍ତ ହୋଇପାରିଛି।

**(ଲେଖକ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ)**

## ଆଜି ଅପରାହ୍ନ ୨ ଯାଏ ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ମଙ୍ଗଳବାର ମହାପ୍ରଭୁଙ୍କ ସେନାପଟାଲାଗି ନୀତି ଅନୁଷ୍ଠିତ ହେବ। ସେନାପଟା ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ। ତେଣୁ ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ପହଣ୍ଡି ପୂର୍ବରୁ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ସେନାପଟା ଲାଗି କରାଇଥାନ୍ତି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହା ଅନ୍ୟତମ। ତେଣୁ ଏହି ଗୁପ୍ତ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ସୋମବାର ୯ ତାରିଖ ରାତ୍ର ଆଳତି ପହୁଡ଼ଠାରୁ ମଙ୍ଗଳବାର ଅର୍ଥାତ ୧୦ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସେନାପଟାଲାଗି ନୀତି ଅନୁଷ୍ଠିତ ହେବ। ତେଣୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୬
(ରବିନାରାୟଣ ଜେନା)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ପୁଣ୍ୟ ତିଥିରେ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ନେତୃବୃନ୍ଦ ବିଧାନସଭାସ୍ଥିତ ଏବଂ ସାଲିଆ ସାହିଠାରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଦେଶର ମୁକ୍ତି ସଂଗ୍ରାମ, ବନ୍ଧୁଆ ମଜଦୁରୀ, ଆଦିବାସୀଙ୍କ ଜମି ହଡ଼ପ ଏବଂ ସୁଧଖୋର ଜମିଦାରଙ୍କ ବିରୋଧରେ ସେ ଜୀବନ ବ୍ୟାପୀ ଅବିରତ ସଂଗ୍ରାମ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭୂତି ମିଶ୍ର, ଉଦିତ ପ୍ରଧାନ, ସୁଭାଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଇଡି ବିସ୍ଫୋରଣ: ଏଏସ୍‌ପି ଶହୀଦ, ୨ ଗୁରୁତର

ମାଲକାନଗିରି, ୯।୬(ଦୁର୍ଯ୍ୟୋଧନ ପାତ୍ର)

କାଳିମେଳା ବ୍ଲକ୍ ମୋଟୁଠାରୁ ମାତ୍ର ୨ କି.ମି.ଦୂର ଛତିଶଗଡର କୋଣ୍ଟା ବ୍ଲକ୍ ଚିକାବାରିଗୁଡେମଠାରେ ସୋମବାର ଆଇଇଡି ବିସ୍ଫୋରଣରେ ଏଏସ୍‌ପି ଆକାଶ ରାଓ ଶହୀଦ ହୋଇଥିବା ବେଳେ ଅନ୍ୟ ୨ ପୋଲିସ ଅଧିକାରୀ ଗୁରୁତର ହୋଇଛନ୍ତି।



ମୃତ ଏଏସ୍‌ପି ଆକାଶ ରାଓ।

ପ୍ରକାଶ ଯେ, କୋଣ୍ଟା ତହସିଲଠାରୁ ୩ କି.ମି.ଦୂର ଚିକାବାରିଗୁଡେମ ଗ୍ରାମ ନିକଟ ପାହାଡ଼ରେ ରାସ୍ତା କାମରେ ନିୟୋଜିତ ପୋକ୍‌ଲିନ୍‌କୁ ରବିବାର ମାଓବାଦୀମାନେ ଜାଳି ଦେଇଥିଲେ। ଏହି ଘଟଣାର ତଦନ୍ତ କରିବା ପାଇଁ ସୋମବାର କୋଣ୍ଟା ଅତିରିକ୍ତ ଏସ୍‌ପି ରାଓ, ଆଇଆଇସି ଓ ଡିଏସ୍‌ପିଙ୍କ ସମେତ ପ୍ରାୟ ୨୦ ଜଣ ଯାଇଥିଲେ। ପୂର୍ବରୁ ପୋଡ଼ି ଯାଇଥିବା ପୋକ୍‌ଲିନ ନିକଟରେ ମାଓବାଦୀ ଖଞ୍ଜିଥିବା ପ୍ରେସର ବୋମା ସଂସ୍ପର୍ଶରେ ଆସି ଏଏସ୍‌ପି ଓ ଅନ୍ୟ ୨ଜଣ ଗୁରୁତର ହୋଇଥିଲେ। ସାଥୀ ଯବାନ ମାନେ ତୁରନ୍ତ ତାଙ୍କୁ କୁଣ୍ଟା ପ୍ରାଥମିକ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ରାଓଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ଜଣଙ୍କୁ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି।

## ପିକ୍‌ଅପ୍-ବାଇକ୍ ମୁହାଁମୁହିଁ, ବାପପୁଅଙ୍କ ମୃତ୍ୟୁ

ବାଲିଗୁଡ଼ା,୯।୬
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ସୁଦ୍ରା ପଞ୍ଚାୟତ ଗାଲିଗୁରା ଗାଁ ନିକଟରେ ରବିବାର ସନ୍ଧ୍ୟାରେ ଏକ ପଣସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପପୁଅଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ରୁଡୁଙ୍ଗିଆ ପଞ୍ଚାୟତ ସିରିସପାଙ୍ଗା ଗ୍ରାମର ହେମ କହଁର ଓ ତାଙ୍କ ପୁଅ ନୀଳମଣି କହଁର। ମୃତକଙ୍କ ସମ୍ପର୍କୀୟ ୫ ଲକ୍ଷ ଟଙ୍କା ଦାବି କରି ସୋମବାର ବାଲିଗୁଡ଼ା ଉପଖଣ୍ଡ ମେଡିକାଲ ସମ୍ମୁଖରେ ଲୋକେ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ତହସିଲଦାର ଓ ପୋଲିସ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶ ଯେ, ସିରିସପାଙ୍ଗା ଗ୍ରାମର ହେମ ଓ ତାଙ୍କ ପୁଅ ନୀଳମଣି ଖମନଖୋଲ ଅଞ୍ଚଳକୁ କାମ କରିବାକୁ ଯାଇଥିଲେ। ରବିବାର ସନ୍ଧ୍ୟାରେ ଉଭୟେ ବାଇକ୍‌ରେ ଘରକୁ ଫେରୁଥିଲେ। ଗାଲିଗୁରା ଗାଁ ନିକଟରେ ଏକ ପଣସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପପୁଅ ଗୁରୁତର ଆହତ ହୋଇଥିଲେ। ଗୁରୁତର ହେମ ଓ ନୀଳମଣିଙ୍କୁ ବାଲିଗୁଡ଼ା ମେଡିକାଲକୁ ନିଆଯାଇଥିଲା। ସେଠାରେ ହେମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଧିକ ଚିକିତ୍ସା ପାଇଁ ନୀଳମଣିଙ୍କୁ ଫୁଲବାଣୀ ମେଡିକାଲକୁ ପଠାଯାଇଥିଲା। ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବଚସାରୁ ଗଣ୍ଡଗୋଳ, ତୀର ମାଡ଼ରେ ଜଣେ ଗୁରୁତର

କୋରୁକୋଣ୍ଡା,୯।୬(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ରାସବେଡା ପଞ୍ଚାୟତ ପାଲକାଗୁଡା ଗ୍ରାମର ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ତୀର ମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ପାଲକାଗୁଡା ଗ୍ରାମରେ ରହୁଥିବା ଶ୍ରୀପତି ମୁଦୁଲି(୪୫)। ପୋଲିସ ସୂଚନା ମୁତାବକ ପାଲକାଗୁଡା ଗ୍ରାମର ହରି ମୁଦୁଲିଙ୍କ ପୁଅ ହାଡ଼ି ମୁଦୁଲି ଏବଂ ସେହି ଗ୍ରାମରେ ରହୁଥିବା ଶ୍ରୀପତିଙ୍କ ମଧ୍ୟରେ ଗତ ୮ ତାରିଖରେ କୌଣସି କାରଣରୁ ବଚସା ହୋଇଥିଲା। ଏହା ପରେ ହାଡ଼ି ଶ୍ରୀପତିଙ୍କ ଘରକୁ ଆସି ତାଙ୍କୁ ଟାଙ୍ଗିଆରେ ହାଣିବା ସହିତ ତୀର ମାରିବାକୁ ଧମକ ଦେଇ ଯାଇଥିଲେ। ଏହା ପରେ ସେହିଦିନ ସନ୍ଧ୍ୟା ପ୍ରାୟ ୭ଟାରେ ଶ୍ରୀପତି ହାଡ଼ିଙ୍କୁ ବୁଝାଇବା ପାଇଁ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଶ୍ରୀପତି ହାଡ଼ିଙ୍କୁ କିଛି କହିବା ପୂର୍ବରୁ ହାଡ଼ି ଧନୁତୀର ଆଣି ଶ୍ରୀପତିଙ୍କ ଛାତିକୁ ମାରିଥିଲେ।

## ଲିଫ୍ଟରେ ୨ ଘଣ୍ଟା ଫସିରହିଲେ ୨ ଭଉଣୀ, ଉଦ୍ଧାର କଲା ଅଗ୍ନିଶମ ଟିମ୍

ବ୍ରହ୍ମପୁର,୯।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଗିରିରୋଡ ମୁଖ୍ୟ ରାସ୍ତାରେ ଥିବା ୪ ମହଲା ବିଶିଷ୍ଟ କୋଠାର ଲିଫ୍ଟରେ ସୋମବାର ଦୁଇ ଭଉଣୀ ଫସି ରହିଥିଲେ। ୨ ଘଣ୍ଟା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲିଫ୍ଟଟି ଅଧାରେ ଅଟକି ଯାଇଥିଲା ବୋଲି ଜଣାପଡିଛି। ଉଦ୍ଧାର ୨ ମହିଳା ହେଲେ ବ୍ରଜନଗର ତୃତୀୟ ଲାଇନର ସୌଦାମିନୀ ମେହେର(୪୨) ଓ ସରିତା ମେହେର(୪୦)। ଉଦ୍ଧାର ବେଳେ ଉଭୟେ ଅଣନିଃଶ୍ୱାସୀ ହୋଇପଡିଥିଲେ। ସେମାନଙ୍କୁ କିଛି ସମୟ ପାଇଁ ଶୀତତାପ ନିୟନ୍ତ୍ରିତ ରୁମ୍‌ରେ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଥିଲା ବୋଲି ଅଗ୍ନିଶମ ବିଭାଗର ହାବିଲଦାର ଶତ୍ରୁଘ୍ନ ଦାଶ କହିଛନ୍ତି। ଦୁଇ ଭଉଣୀ ଅଗ୍ନିକଙ୍କୁ କୃତଜ୍ଞତା ଜଣାଇଥିଲେ। ସୁସ୍ଥ ହେବା ପରେ ସେମାନେ ଘରକୁ ଫେରିଛନ୍ତି।



ଉଦ୍ଧାର ହୋଇଥିବା ଦୁଇ ଭଉଣୀ।

ସୌଦାମିନୀ ଓ ତାଙ୍କ ଭଉଣୀ ସରିତା ଗିରିରୋଡରେ ଥିବା କେ.ଭି.ଆର ପ୍ଲାଜାର ୪ର୍ଥ ମହଲାରେ ଥିବା ଏକ ବ୍ୟାଙ୍କକୁ ଯାଇଥିଲେ। ସେଠାରୁ ବ୍ୟାଙ୍କ ଅନ୍ୟତ୍ର ଘୁଞ୍ଚି ଯାଇଥିବା ଜାଣିବା ପରେ ସେମାନେ ଲିଫ୍ଟରେ ତଳକୁ ଆସୁଥିବା ବେଳେ ତାହା ଚତୁର୍ଥ ଓ ତୃତୀୟ ମହଲା ମଝିରେ ଅଟକି ରହିଗଲା। ଦୁଇ ଭଉଣୀ କ'ଣ କରିବେ ବୁଝିପାରି ନଥିଲେ। ଦୀର୍ଘ ସମୟ ପରେ ସେମାନେ ୧୧୨କୁ ଫୋନ କରି ଜଣାଇଥିଲେ। ଖବରପାଇ ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀ ଦାୟିତ୍ୱରେ ଥିବା ପ୍ରଦୀପ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୮ଜଣିଆ ଟିମ ସେଠାରେ ପହଞ୍ଚି ଲିଫ୍ଟ ଚାଳକଙ୍କୁ ଫୋନ କରି ଡାକିଥିଲେ। ଲିଫ୍ଟକୁ ମାନୁଆଲ ମୋଡ଼ କରି ଅଗ୍ନିଶମ କର୍ମଚାରୀ ସେଥିରେ ଥିବା ତା'ରଗୁଡିକ ଧୀରେ ଧୀରେ ତଳକୁ ଛାଡି ପ୍ରଥମ ମହଲାକୁ ଆଣିଥିଲେ। ପରେ ଲିଫ୍ଟର ମେକାନିକଙ୍କ ପାଖରେ ଥିବା ମାଷ୍ଟର ଚାବି ସାହାଯ୍ୟରେ ଗେଟ ଖୋଲାଯାଇ ୨ ଭଉଣୀଙ୍କୁ ଉଦ୍ଧାର କରାଯାଇଥିଲା।

# ଚିକିତ୍ସାଧୀନ ଅବସ୍ଥାରେ ଦନ୍ତାର ମୃତ୍ୟୁ

## ତୀରମାଡ଼ରେ ହାତୀ ଆହତ ଘଟଣା

କେନ୍ଦୁଝର,୯।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଅଟେଇ ସଂରକ୍ଷିତ ଜଙ୍ଗଲର କୋଲିମାଟି ନିକଟସ୍ଥ ନୂଆପଡ଼ାଠାରେ ଦୀର୍ଘଦିନ ଧରି ଆହତ ହୋଇ ବୁଲୁଥିବା ଦନ୍ତାହାତୀର ସୋମବାର ଅପରାହ୍ନ ୨ଟାରେ ମୃତ୍ୟୁ ଘଟିଛି। ହାତୀଟି ଚାଲିପାରୁ ନ ଥିବା ବେଳେ ଖାଦ୍ୟ ବି ଖାଉ ନ ଥିଲା। ମୁଷଳ ନଦୀପଠାରେ ଛିଡ଼ା ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲା। ବନ ବିଭାଗ ପକ୍ଷରୁ ଶୁକ୍ରବାରଠାରୁ ତା'ର ଚିକିତ୍ସା ଜାରି ରହିଥିଲା। ତେବେ ଦନ୍ତା ଦେହରେ ଗଭୀର କ୍ଷତ ରହିଥିବାରୁ ଶିକାରୀଙ୍କ ତୀରମାଡ଼ରେ ଆହତ ହୋଇଥିବା ଅନୁମାନ କରାଯାଉଛି। ଏ ନେଇ ବନ ବିଭାଗ ଅଧିକାରୀମାନେ ଏ ପର୍ଯ୍ୟନ୍ତ ମୁହଁ ଖୋଲୁନାହାନ୍ତି।

ପ୍ରକାଶ ଯେ, ହାତୀଟି ସାତକୋଶିଆ ଜଙ୍ଗଲରୁ ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଜଙ୍ଗଲ ଦେଇ କେନ୍ଦୁଝର ବନଖଣ୍ଡ ଅଧୀନ ଘଟଗାଁ ରେଞ୍ଜ ଅଟେଇ ଜଙ୍ଗଲରେ ପ୍ରବେଶ କରିଥିଲା। ହାତୀଟି ଛୋଟେଇ ଚାଲୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଅଟେଇ ସଂରକ୍ଷିତ ଜଙ୍ଗଲର କୋଲିମାଟି ନିକଟସ୍ଥ ନୂଆପଡ଼ା ନିକଟରେ ଗତ ଶୁକ୍ରବାର ଏହି ୩୦ ବର୍ଷୀୟ ଆହତ ଦନ୍ତା ଠାବ ହୋଇଥିଲା। ପରେ କୋଲିମାଟି ପଞ୍ଚାୟତ କନ୍ତୋ ନିକଟସ୍ଥ ମୁଷଳ ନଦୀ ନିକଟ ଜଙ୍ଗଲକୁ ପଳାଇଥିଲା। ବନ ବିଭାଗ ପକ୍ଷରୁ ହାତୀଟିକୁ ଦୂରରୁ ଟ୍ରାଙ୍କୁଲାଇଜର ଗନ୍ ଦ୍ୱାରା ଆଣ୍ଟିବାୟୋଟିକ ଦିଆଯାଇଥିଲା। ହାତୀଟି ଚଳପ୍ରଚଳ କମ୍ କରୁଥିଲା, ଦୁଇ ଦିନ ହେଲା ମୁଷଳ ନଦୀପଠା ନିକଟରେ ଛିଡ଼ା ହୋଇ ରହୁଥିଲା। ଯାହା ବି ଖାଉଥିଲା ବାନ୍ତି କରିଦେଉଥିଲା। ମୁଷଳ ନଦୀରେ ପଶି ରହିଥିବା ବେଳେ ସୋମବାର ଅପରାହ୍ନରେ କ୍ରେନ୍ ଯୋଗେ କଢ଼ାଯାଇ ବନ୍ୟପ୍ରାଣୀ ବିଶେଷଜ୍ଞ ଦଳ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ କରିଥିଲା। ଚିକିତ୍ସା ଆରମ୍ଭର ପ୍ରାୟ ୨ ଘଣ୍ଟା ପରେ ହାତୀଟିର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ କରାଯାଇ ସେଠାରେ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ରାଉରକେଲା ପି. ରାମାସ୍ୱାମୀ କହିଛନ୍ତି, ହାତୀ ଦେହରେ ଏକ କ୍ଷତ ହୋଇଥିଲା। ସେଥିରୁ ପୂଜ ବାହାରୁଥିଲା। ଟ୍ରାଙ୍କୁଲାଇଜ କରି ଚିକିତ୍ସା କରାଯାଉଥିବା ବେଳେ ମୃତ୍ୟୁବରଣ କରିଛି। ସେ ଠିକ୍ ଭାବରେ ଖାଇ ବି ପାରୁ ନ ଥିଲା। ମୁହଁରେ କୌଣସି ସମସ୍ୟା ଥିଲା କି ନାହିଁ ବ୍ୟବଚ୍ଛେଦ ଓ ଯାଞ୍ଚ ପରେ ଜଣାପଡ଼ିବ।

## ସୋଲାର କରେଣ୍ଟ ଲାଗି ହାତୀ ଛୁଆ ମୃତ

**ଢେଙ୍କାନାଳ,୯।୬(ରତନ ନାୟାର):** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ କୋଇ ସଂରକ୍ଷିତ ଜଙ୍ଗଲର ତଣ୍ଟିଚିରା ନିକଟରେ ରବିବାର ରାତିରେ ଏକ ମାଈ ହାତୀଛୁଆ ପ୍ରାଣ ହରାଇଛି। ମୃତ ହାତୀ ଛୁଆଟିର ବୟସ ୨ରୁ ୩ବର୍ଷ ହେବ। ସୋଲାର ତାରବାଡ଼ ସଂସ୍ପର୍ଶରେ ଆସି ତା'ର ମୃତ୍ୟୁ ହୋଇଥିବା ଜଣାପଡ଼ିଥିବା ବେଳେ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଚାଲୁଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ଖବରପାଇ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଓ ହିନ୍ଦୋଳ ରେଞ୍ଜର୍ ଗୌତମ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି, ସୋଲାର ତାର ସଂସ୍ପର୍ଶରେ ଆସି ହାତୀ ଛୁଆଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଥିବା ବେଳେ ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ହାତୀ ଛୁଆ ମୃତଦେହର କିଛି ଅଂଶ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ସୋଲାର ଫେନ୍‌ସିଂ ସାମଗ୍ରୀଗୁଡ଼ିକ ଜବତ କରାଯାଇଛି।

### ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ନାକ୍ ପ୍ରସ୍ତୁତି କର୍ମଶାଳା

ଚାରିଛକ,(ଶିଶିର କୁମାର ସ୍ୱାଇଁ)- ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ସୋମବାର ନାକ୍ ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ଦିଲୀପ ମଙ୍ଗରାଜ ଯୋଗଦେଇ ମହାବିଦ୍ୟାଳୟକୁ ନାକ୍ ଅଧିସ୍ୱୀକୃତି ନିମନ୍ତେ ଆବଶ୍ୟକ ତଥ୍ୟ ଉପରେ ମାର୍ଗଦର୍ଶନ କରାଇଥିଲେ। କର୍ମଶାଳାରେ ଅନ୍ୟତମ ସାଧନ ବ୍ୟକ୍ତିତ୍ୱ ଭାବେ ମୋନିକା ମଙ୍ଗରାଜ ଯୋଗଦେଇ ନାକ୍ ପାଇଁ ଆବଶ୍ୟକ ଦସ୍ତାବିଜ୍ ଉପରେ ଆଲୋକପାତ କରିଥିଲେ। ଆଇସିଏସିର ସଂଯୋଜିକା ଡ. ପୂର୍ଣ୍ଣିମା ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ନାକ୍ ସଂଯୋଜିକା ଡ. ଶ୍ରୀଲେଖା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୬।୨୦୨୫

| | |
|---|---|
| ୬,୩୪,୭୪୩ ଟଙ୍କା | |
| ସୁନା | ୭.୧୫୦ ଗ୍ରାମ୍ |
| ରୁପା | ୨୧ ଗ୍ରାମ୍ |

## ସଂକ୍ଷେପରେ

### ତଦନ୍ତ କମିଟି ରିପୋର୍ଟ ଦେଇଛି: ଆଇନମନ୍ତ୍ରୀ

ଚାରମାଳ ଉପରୁ ବଳଭଦ୍ର ଖସିପଡ଼ିବା ଘଟଣା

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଗତବର୍ଷ ଆଡ଼ପ ପହଣ୍ଡି ସମୟରେ ପ୍ରଭୁ ବଳଭଦ୍ର ରଥ ଚାରମାଳ ଉପରୁ ଖସିପଡ଼ିବା ଘଟଣାର ତଦନ୍ତ ରିପୋର୍ଟକୁ ତଦନ୍ତ କମିଟି ହସ୍ତାନ୍ତର କରିସାରିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ପରେ ରିପୋର୍ଟ ଉପସ୍ଥାପନ କରାଯିବ। ଏହାପରେ କମିଟି ସରକାରଙ୍କୁ ରିପୋର୍ଟ ପଠାଇବ ବୋଲି ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

### ଅମାନିଆ ଗାଡ଼ିଚାଳକଙ୍କୁ ଜରିମାନା

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଆଗକୁ ସ୍ନାନଯାତ୍ରା ଓ ଘୋଷଯାତ୍ରା ଥିବାରୁ ପୁରୀରେ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ପରିବହନ ବିଭାଗ କଡ଼ା ନଜର ରଖିଛି। ପରିବହନ ବିଭାଗ ପକ୍ଷରୁ ଚେକିଂ କରାଯାଇ ବେଆଇନ ଗାଡି ଚାଳନା ପାଇଁ ଚାଳକମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ସୋମବାର ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ପୁରୀର ପୁରୁଣା ସଦର ଥାନା ଏବଂ ବଜାର ଛକରେ ଓଏସ୍ଡି ପୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏମ୍ଭିଆଇ, ସହାୟକ ଏମ୍ଭିଆଇ ଓ ଟ୍ରାଫିକ୍ ଇନ୍ସପେକ୍ଟରଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ବେଆଇନ ଭାବେ ଚାଲୁଥିବା ଟୋଟୋ ଏବଂ ଅଟୋଗୁଡ଼ିକ ଉପରେ ୨ଲକ୍ଷ ୯୫ ହଜାର ଟଙ୍କା ଜରିମାନା କରାଯାଇଛି।

### ନାଗ ଛୁଆ ଉଦ୍ଧାର

ପିପିଲି, ୯।୬(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅଧୀନ ସାଁପୁର ଗ୍ରାମର ଲକ୍ଷ୍ମୀଧର ପ୍ରଧାନଙ୍କ ଗୁହାଳରୁ ଉଦ୍ଧାର ହୋଇଥିବା ନାଗସାପ ଅଣ୍ଡାରୁ ରବିବାର ୧୩ଟି ଛୁଆ ଫୁଟି ବାହାରିଛି। ସ୍ନେକ୍ ହେଲ୍ପଲାଇନ ସଦସ୍ୟ ସୁଶାନ୍ତ କୁମାର ବେହେରା ସମସ୍ତ ନାଗଛୁଆକୁ ନେଇ ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ିଦେଇଥିବା ଜଣାପଡ଼ିଛି। ତେବେ ଗତ ମେ'ରେ ଲକ୍ଷ୍ମୀଧରଙ୍କ ଗୁହାଳଘରୁ ନାଗ, ନାଗୁଣୀ ସହ ୧୩ଟି ସାପଅଣ୍ଡା ମିଳିଥିଲା। ନାଗ ଓ ନାଗୁଣୀଙ୍କୁ ଛଡ଼ାଯାଇଥିବାବେଳେ ଅଣ୍ଡାକୁ ଉଦ୍ଧାର କରାଯାଇ କୃତ୍ରିମ ଉପାୟରେ ଫୁଟାଇବା ପାଇଁ ରଖାଯାଇଥିଲା। ଏବେ ନାଗସାପ ଅଣ୍ଡା ଫୁଟିବା ଆରମ୍ଭ ହୋଇଥିବାବେଳେ ସମସ୍ତେ ନିଜ ଆଖପାଖ ଅଞ୍ଚଳ ସଫାସୁତରା ରଖିବା ସହ ସତର୍କ ରୁହନ୍ତୁ ବୋଲି ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

# ମହାପ୍ରଭୁଙ୍କ ହାତୀବେଶ ନିର୍ମାଣ ଶେଷ ପର୍ଯ୍ୟାୟରେ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କର ବିଭିନ୍ନ ବେଶ ମଧ୍ୟରୁ ହାତୀବେଶ ବା ଗଜାନନ ବେଶ ଅନ୍ୟତମ। ପ୍ରତିବର୍ଷ ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ହାତୀବେଶରେ ସୁସଜ୍ଜିତ ହୋଇଥାନ୍ତି। ପୁରୀ ବାଲିସାହିସ୍ଥିତ ଗୋପାଳତୀର୍ଥ ମଠ ଏବଂ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସମ୍ମୁଖସ୍ଥ ଶ୍ରୀରାଘବ ଦାଶ ମଠ ହାତୀବେଶ ଯୋଗାଇଥାନ୍ତି। ଚଳିତମାସ ୧୧ ତାରିଖରେ ସ୍ନାନଯାତ୍ରାରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦୁର୍ଲଭ ହାତୀବେଶ ଦର୍ଶନର ସୁଯୋଗ ପାଇବେ। ବଡ଼ଠାକୁର ପ୍ରଭୁ ବଳଭଦ୍ର ଧଳା ଏବଂ



ମହାପ୍ରଭୁଙ୍କ ହାତୀବେଶ ପ୍ରସ୍ତୁତ କରାଯାଉଛି ।

### ସ୍ନାନପୂର୍ଣ୍ଣିମାରେ ସଜ୍ଜିତ ହେବେ

ମହାପ୍ରଭୁ ଶ୍ରୀଜଗନ୍ନାଥ କଳା ରଙ୍ଗର ହାତୀବେଶରେ ସଜେଇ ହେବେ। ଏହି ବେଶ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ପରମ୍ପରା ଅନୁଯାୟୀ, ପବିତ୍ର ଅକ୍ଷୟତୃତୀୟାଠାରୁ ହାତୀବେଶ କାର୍ଯ୍ୟ ଅନୁକୂଳ ହୋଇଛି। ବେଶ ନିର୍ମାଣକାରୀ ସେବକମାନେ ହବିଷାନ୍ନ ଖାଇ ଶୁଦ୍ଧପୂତ ଭାବେ କାର୍ଯ୍ୟ କରୁଛନ୍ତି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ବେଶ ନିର୍ମାଣକାରୀ ମୁଖ୍ୟ ସେବକ ବସନ୍ତ ରଣା କହିଛନ୍ତି। ସ୍ନାନପୂର୍ଣ୍ଣିମା ଦିନ ଜଳବିଜେ ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଛତା, କାହାଳୀ ପ୍ରଥମେ ଗୋପାଳ ତୀର୍ଥ ମଠକୁ ଯାଇଥାଏ। ସେଠାରୁ ପ୍ରଭୁ ବଳଭଦ୍ର ଓ ସୁଦର୍ଶନଙ୍କ ନିମନ୍ତେ ବେଶ ଆସିଥାଏ। ପରେ ରାଘବ ଦାସ ମଠରୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ବେଶ ସାମଗ୍ରୀ ଆସିଥାଏ। ଜଳଲାଗି ନୀତି ପରେ ଠାକୁର ହାତୀବେଶରେ ସଜ୍ଜିତ ହୋଇ ଦର୍ଶନ ଦେଇଥାନ୍ତି।

# ଶ୍ରୀମନ୍ଦିରକୁ ପ୍ରବେଶ କରି ସେବା ଆରମ୍ଭ କଲେ ଦଇତାପତି

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ଅବସରରେ ସୋମବାର ଦଇତାପତି ସେବକମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ସେବା ତଥା ଗୁପ୍ତ ନୀତିକାନ୍ତି ଆରମ୍ଭ କରିଛନ୍ତି। ରାତ୍ର ବଡ଼ସିଂହାର ସରି ଶ୍ରୀମୁଖ ଖଣ୍ଡୁଆ ପଡ଼ିବା ପରେ ଦଇତାପତିମାନେ ଗର୍ଭଗୃହକୁ ଯାଇ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଠ ନୀତି କରିଛନ୍ତି। ସେହିପରି ଚତୁର୍ଦ୍ଦଶୀ ଅର୍ଥାତ୍ ମଙ୍ଗଳବାର ୧୦ ତାରିଖ ସକାଳୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଦଇତାପତିମାନେ ସେନାପଟା ଲାଗି କରିବେ।

ସୂଚନାଯୋଗ୍ୟ, ଆସନ୍ତା ୧୧ ତାରିଖରେ ସ୍ନାନଯାତ୍ରା। ଶ୍ରୀବିଗ୍ରହମାନେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ। ସେହିପରି ସ୍ନାନ କରି ଅସୁସ୍ଥ ହେବା ପରେ ମହାପ୍ରଭୁଙ୍କ ଅଣସର ନୀତି ଆରମ୍ଭ ହେବ। ଏହି ଗୁପ୍ତ ନୀତିକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ସେବକମାନେ ସମ୍ପାଦନ କରିବେ। ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଅନେକ ନୀତି ସମ୍ପାଦନାରେ ଦଇତାପତିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ସ୍ନାନ ଯାତ୍ରା ପହଣ୍ଡି ପୂର୍ବରୁ ଦଇତାପତିମାନେ ମହାପ୍ରଭୁଙ୍କ ବାହୁଟକଣ୍ଠ ଓ ସେନାପଟା ଲାଗି ନୀତି ସମ୍ପାଦନ କରିଥାନ୍ତି। ତେଣୁ ପରମ୍ପରା ଅନୁଯାୟୀ, ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଦଇତାପତି ସେବକମାନେ ପ୍ରବେଶ କରି ନୀତି ସମ୍ପାଦନ କରିଥାନ୍ତି।



ଦଇତାପତି ସେବକମାନେ ନୀତି ସମ୍ପାଦନ ପାଇଁ ଶ୍ରୀମନ୍ଦିରକୁ ଯାଉଛନ୍ତି।

# ମନୁଷ୍ୟର ଈଶ୍ୱର ଭକ୍ତି, ଆଧ୍ୟାତ୍ମିକ ମାନସିକତା ରହିବା ଜରୁରୀ

### ଆଧ୍ୟାତ୍ମିକ ଚେତନା ଜାଗରଣ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୯।୬(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ନରେନ୍ଦ୍ରପୁର ଗ୍ରାମରେ ଆଧ୍ୟାତ୍ମିକ ଚେତନା ଜାଗରଣ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ଆଧ୍ୟାତ୍ମିକ ଚେତନାଚକ୍ର ପକ୍ଷରୁ ଶ୍ରୀଗତିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ୨୬ତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ, ଭଜନ କୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରବଚକ ଭାବେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା ଯୋଗଦେଇ ସନାତନ ଧର୍ମର ସୁରକ୍ଷା, ନିତ୍ୟ ହରିନାମ ଭଜନ ନିମନ୍ତେ ପରାମର୍ଶ ଦେଇଥିଲେ। ବିଶେଷ କରି ସ୍ୱାସ୍ଥ୍ୟସେବାରେ ନିହାତି ଈଶ୍ୱର ଭକ୍ତି ଓ ଆଧ୍ୟାତ୍ମିକ ମାନସିକତା ରହିବା ଜରୁରୀ ବୋଲି କହିଥିଲେ। ପିଲାମାନେ ନିଜକୁ ଆଧ୍ୟାତ୍ମିକ ଚେତନାରେ ଉତ୍ସର୍ଗୀକୃତ ସେବା ପ୍ରଦାନ କଲେ ଭଗବାନ ତାଙ୍କୁ ଆଗକୁ ନେବାରେ ସହାୟକ ହେବେ ବୋଲି କହିଥିଲେ। ଅନୁଷ୍ଠାନ ସଭାପତି ବଳଭଦ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ପୂଜକ ଦିବ୍ୟଜ୍ୟୋତି ପଣ୍ଡାଙ୍କ ସହିତ ଅରୁଣ ପଣ୍ଡା, ଅନୁଷ୍ଠାନ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଦେବେନ୍ଦ୍ର ସାହୁ, ଦାମ ମହାପାତ୍ର, ବିଭୁପ୍ରସାଦ ମହାପାତ୍ର, ରାଜକିଶୋର ମହାପାତ୍ର, ବାବନ ମହାପାତ୍ର, ଭଗବାନ ଜେନା, ଭରତ ସାହୁ, ଲଛମନ ସାହୁ, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।


## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




@ ଦୀପକ



@ ଜୀବନ



@ ପ୍ରଭୁଜି



@ ରବି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତାକାର୍ଯ୍ୟକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

ଗୋପ, ୯।୬(ଭାରତୀ ଭୂଷଣ ଉପାଧ୍ୟାୟ)

### ଅଟକିଲା ସ୍କୁଲକୁ ରାସ୍ତା କାମ

ଗୋପ-କୋଣାର୍କ ରାସ୍ତାର ଗୋପ ପଞ୍ଚାୟତ ଅଧୀନ ବାୟାକୁଦା ପ୍ରାଥମିକ ବିଦ୍ୟାଳୟକୁ ଏମ୍ପି ପାଣ୍ଠିରେ ନିର୍ମାଣ ରାସ୍ତା କାର୍ଯ୍ୟକୁ ନେଇ ରବିବାର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଏହି ବାୟାକୁଦା ପ୍ରାଥମିକ ବିଦ୍ୟାଳୟ ରାସ୍ତା କାର୍ଯ୍ୟ ପାଇଁ ଚଳିତବର୍ଷ ଜଗତ୍ସିଂହପୁର ଏମ୍ପିଙ୍କ ପାଣ୍ଠିରୁ ଦେଢ଼ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଏହି ରାସ୍ତାକାର୍ଯ୍ୟକୁ ନେଇ କିଛିଦିନ ଧରି କିଏ କାମ କରିବ, ସେନେଇ ଭିଡ଼ାଓଟରା ଲାଗି ରହିଥିଲା। ପରେ ଜଣେ ଶାସକ ଦଳର ସମର୍ଥକ ସ୍କୁଲ ରାସ୍ତାକାର୍ଯ୍ୟ ଲାଗି ମେଟାଲ, ଚିପ୍ସ ସମେତ ଅନ୍ୟାନ୍ୟ ସାମଗ୍ରୀ ରଖି ରବିବାର ରାସ୍ତାକାର୍ଯ୍ୟ ଆରମ୍ଭ କରିଥିଲେ। କାର୍ଯ୍ୟ ଆରମ୍ଭ ହେବାମାତ୍ରେ କେତେଜଣ ଯୁବକ ଏହାକୁ ବିରୋଧକରି ବନ୍ଦ କରିବା ଯୋଗୁ ୨ ଗୋଷ୍ଠୀ ମଧ୍ୟରେ ବାଦାନୁବାଦ ହୋଇଥିଲା। ଏହି ସ୍କୁଲ ନିକଟରେ କିଛିବର୍ଷ ପୂର୍ବରୁ ଏକ ଅଙ୍ଗନୱାଡି ଗୃହ ନିର୍ମାଣରେ ବାଦାନୁବାଦ ସୃଷ୍ଟିହେବା ସହ କୋର୍ଟ କଚେରି ପର୍ଯ୍ୟନ୍ତ ମାମଲା ଯାଇଥିଲା। ତେବେ ଏପର୍ଯ୍ୟନ୍ତ ଉକ୍ତ ଅଙ୍ଗନୱାଡ଼ି ଗୃହ ଅଧାପନ୍ତରିଆ ଭାବେ ପଡ଼ିରହିଛି। ବାୟାକୁଦା ଅଙ୍ଗନୱାଡ଼ି କେନ୍ଦ୍ରଟି ସ୍କୁଲ ଭିତରେ ଚାଲୁଛି। ରବିବାର ରାସ୍ତା କାର୍ଯ୍ୟକୁ ଗୋଟିଏ ଗୋଷ୍ଠୀର ଯୁବକମାନେ ବନ୍ଦ ରଖିବା ସହ ସ୍କୁଲକୁ ରାସ୍ତା ନ କରାଯାଇ ବ୍ୟକ୍ତିଗତ ଭାବେ ଜଣେ ବ୍ୟକ୍ତିଙ୍କ ଘରକୁ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, ତାଙ୍କ ନିକଟରେ ଏନେଇ କୌଣସି ଅଭିଯୋଗ ନାହିଁ। ହେଲେ ମଧ୍ୟ ସେ ଘଟଣା ବାବଦରେ ବୁଝିବେ ବୋଲି କହିଥିଲେ।

# ମହାପ୍ରଭୁଙ୍କୁ ଦେବସ୍ନାନ ପୋଲିସ ବ୍ୟବସ୍ଥାବଳୀ ପୁସ୍ତକ ସମର୍ପଣ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଏସ୍ପି ବିନିତ ଅଗ୍ରୱାଲଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସୋମବାର ଦେବସ୍ନାନ ପୋଲିସ ବ୍ୟବସ୍ଥାବଳୀ ପ୍ରଥମ ପୁସ୍ତକ ପୂଜାର୍ଚ୍ଚନା ପାଇଁ ମହାପ୍ରଭୁଙ୍କ ପାଖରେ ସମର୍ପଣ କରାଯାଇଛି। ଏଥିସହ ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସମସ୍ତ ଅଧିକାରୀ ଓ ଫୋର୍ସଙ୍କୁ ନେଇ କେନ୍ଦ୍ରାଞ୍ଚଳ ଆଇଜି ଏବଂ ପୁରୀ ଏସ୍ପି ରଥଯାତ୍ରା ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଆମର ଭାଗ୍ୟ ମହାପ୍ରଭୁଙ୍କ ସେବା କରିବାକୁ ମିଳିଛି, ଏହାକୁ ସଫଳ କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କେନ୍ଦ୍ରାଞ୍ଚଳ ଆଇଜି କହିଥିଲେ। ପୁସ୍ତକ ପୂଜା ସମୟରେ ଏସ୍ପିଙ୍କ ସମେତ ଦୁର୍ଗପତି ଜଗନ୍ନାଥ ବାଟାଲିୟନର ତାପସ ଦାସ, ଉପଦୁର୍ଗପତି କୌଶିକ ନାୟକ, ଅତିରିକ୍ତ ଏସ୍ପି ସଚିନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁମିଳନରେ ସଚେତନତା ବାର୍ତ୍ତା ବାଣ୍ଟିଲେ

ନିମାପଡ଼ା,୯।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା କଲେଜ ୧୯୮୧ ମସିହା ସ୍ନାତକ ବ୍ୟାଚ୍‌ର ଏକ ବନ୍ଧୁମିଳନ ସମାରୋହ ନିମାପଡ଼ା ବ୍ଲକ ଅଧୀନ ଧଳେଶ୍ୱର ପଞ୍ଚାୟତର ବୋଧେଇ ଛକସ୍ଥିତ ଆଶ୍ରିତ ଅଙ୍କିତ ଉଦ୍ୟାନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ସ୍ନେହ, ଶ୍ରଦ୍ଧାର ଆଦାନ ପ୍ରଦାନ କରିଥିଲେ। ନିଶାମୁକ୍ତ ସମାଜ ଗଠନ, ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ, ଚାରାରୋପଣ, ସବୁଜିମା ସୃଷ୍ଟି, ପରିବେଶ ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସାମୂହିତ ଶପଥ ନେଇ ସ୍ଥାନୀୟ ଗ୍ରାମରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ଉଦ୍ୟାନ ପରିସରରେ ଛାତ୍ରୀଛାତ୍ର ଚାରାରୋପଣ ଓ ସଫେଇ କାର୍ଯ୍ୟ କରିଥିଲେ। ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଦିପ୍ତୀ ନନ୍ଦ, ସୁଧୀର ରଞ୍ଜନ ବରାଳ, ବାବାଜୀ ରାଉତ, ପବିତ୍ର ସ୍ୱାଇଁ, ନଟବର ମହାନ୍ତି, ବନବିହାରୀ ନାୟକ, ମମତା ସ୍ୱାଇଁ, ଅନ୍ନପୂର୍ଣ୍ଣା ଦାଶ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ନୀଳାଦ୍ରି କଲ୍‌ଚର ଏକାଡେମୀ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ମହୋତ୍ସବ ପାଇଁ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଉଛି ।

# ୧୩ ଦଫା ଦାବିରେ ବ୍ଲକ ସମ୍ମୁଖରେ କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମହାଦୁର୍ନୀତି ଅଭିଯୋଗ

ଗୋପ,୯।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବାସ୍ତବରେ ତାହା କେବଳ କାଗଜ କଲମରେ ସୀମିତ ରହୁଛି। ସୋମବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ୧୩ ଦଫା ସମ୍ବଳିତ ଦାବିରେ ବ୍ଲକ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଜଣିଆ ଟିମ୍ ଏକ ଦାବିପତ୍ର ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ପ୍ରଦାନ କରିଥିଲେ।

ପ୍ରକାଶ ଯେ, ସରକାର ଏ ପର୍ଯ୍ୟନ୍ତ ଆୟୁଷ୍ମାନ୍ କାର୍ଡ଼ ପ୍ରଦାନ ନ କରିବା, ପ୍ରତ୍ୟେକ ପରିବାରକୁ ରାଶନ କାର୍ଡ ଯୋଗାଇ ନ ଦେବା, ନିର୍ବାଚନ ପ୍ରତିଶ୍ରୁତି ଅନୁସାରେ ୩୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼ ନ କରିବା, ବିଦ୍ୟୁତ୍ ଉପଭୋକ୍ତାଙ୍କ





ଗୋପ ବ୍ଲକ୍‌ସମ୍ମୁଖରେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଘରେ ସ୍ମାର୍ଟ ମିଟର ନ ବସାଇବା ଆଦି ୧୩ ଦଫା ଦାବିକୁ ନେଇ ଏଭଳି ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଶେଷକରି ଗୋପ ବ୍ଲକରେ ୨୦୨୨-୨୩ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ପଞ୍ଚାୟତରେ ଚାଷ ଜମିଠାରୁ ଆରମ୍ଭ କରି ରାସ୍ତାଘାଟ ସହିତ ଗାଡ଼ିଆ ପୋଖରୀକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସାମିଲ କରି କୋଟି କୋଟି ଟଙ୍କାର ମିଥ୍ୟା ବିଲ୍ ହୋଇଥିବାବେଳେ ସରକାର ଭିଜିଲାନ୍ସ ତଦନ୍ତ କରିବା ପାଇଁ କୃଷକ ସଭା ଜିଲା ସଭାପତି ମନୋରଞ୍ଜନ ପରିଡ଼ା ଦାବି କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ପ୍ରସନ୍ନ ଦାସଙ୍କ ସମେତ କୃଷ୍ଣଚନ୍ଦ୍ର ରାଉତ, ପ୍ରଦୀପ୍ତ କୁମାର ମହାନ୍ତି, ଆଶିଷ କାନୁନ୍‌ଗୋ, କ୍ଷୀରୋଦ ଚନ୍ଦ୍ର ସିଂହଦୋ ପ୍ରମୁଖ ଯୋଗଦେଇ ସରକାର ଏଭଳି ଦାବି ଉପରେ ଗୁରୁତ୍ୱ ଦେଇ ସାଧାରଣ ଲୋକଙ୍କ ସମସ୍ୟା ଉପରେ ଦୃଷ୍ଟି ଦେବାକୁ ଦାବି କରିଥିଲେ। ପ୍ରତିବାଦ ସଭା ପରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ବ୍ଲକରେ ହେଉଥିବା ଦୁର୍ନୀତିର ତଦନ୍ତ ଦାବି କରିଥିଲେ। ପୂର୍ବାହ୍ନରେ କମ୍ୟୁନିଷ୍ଟ ପାର୍ଟି ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ଗୋପ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲା।

# ୮୭,୬୬୭ ଖାଲି ପଦରୁ ୪୦, ୬୩୬ ପୂରଣ ପାଇଁ ସୁପାରିସ

## ନିଯୁକ୍ତିକୁ ସରକାରଙ୍କ ପ୍ରାଥମିକତା

ଭୁବନେଶ୍ୱର,୯।୬(ରବିନାରାୟଣ ଜେନା)

ରାଜ୍ୟ ସରକାର ନିଯୁକ୍ତିକୁ ପ୍ରାଥମିକତା ଦେଉଛନ୍ତି। ଏହିକ୍ରମରେ ରାଜ୍ୟରେ ୩ଲକ୍ଷ ୮୫ହଜାର ୭୨୭ ମଞ୍ଜୁରପ୍ରାପ୍ତ ପଦ ମଧ୍ୟରୁ ୮୭ହଜାର ୬୬୭ ମୂଳପଦ(ବେସ୍‌ଲେଭଲ୍) ଖାଲିପଡ଼ିଛି। ସେଥିମଧ୍ୟରୁ ଚଳିତମାସ ୪ତାରିଖ ସୁଦ୍ଧା ୪୪ହଜାର ୭୩୮ ପଦକୁ ସରକାରଙ୍କ ଉଚ୍ଚକ୍ଷମତାସମ୍ପନ୍ନ କମିଟି ମଞ୍ଜୁର ଦେଇଥିବାବେଳେ ବିଭିନ୍ନ ବିଭାଗ ପକ୍ଷରୁ ଏବେ ସୁଦ୍ଧା ୪୦ହଜାର ୬୩୬ ପଦ ପୂରଣ ପାଇଁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାକୁ ସୁପାରିସ କରାଯାଇଛି। ଇତିମଧ୍ୟରେ ବିଭିନ୍ନ ବିଭାଗରେ କେତେ ନିଯୁକ୍ତି ବାସ୍ତବରେ ହୋଇଛି ସେନେଇ ତାଲିକା ପ୍ରଦାନ କରିବା ଲାଗି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାକୁ ପତ୍ର ଲେଖାଯାଇଛି।

ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ ଚଳିତମାସ ୪ରେ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଅଧ୍ୟକ୍ଷଙ୍କୁ ପତ୍ର ଲେଖି ନିଯୁକ୍ତି ରିପୋର୍ଟ ଲୋଡ଼ିଛନ୍ତି। ଏହାସହିତ ଅତିରିକ୍ତ ସଚିବ ଓଡ଼ିଶା ପୋଲିସ ଷ୍ଟେଟ୍ ସିଲେକ୍ସନ ବୋର୍ଡ ଅଧ୍ୟକ୍ଷ, ଓଡ଼ିଶା ପୋଲି ସ ମିନିଷ୍ଟ୍ରେରିଆଲ ଷ୍ଟାଫ୍ ସିଲେକ୍ସନ ବୋର୍ଡ ଅଧ୍ୟକ୍ଷ, ସିଲେକ୍ସନ ବୋର୍ଡ ଅଧ୍ୟକ୍ଷ(ପୋଲିସ), ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଲୋକସେବା ଆୟୋଗ ସଚିବ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ସଚିବ, ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ସଚିବ ଏବଂ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଉଚ୍ଚଶିକ୍ଷା) ସଚିବଙ୍କୁ ମଧ୍ୟ ପତ୍ର ଲେଖି ରିପୋର୍ଟ ମାଗିଛନ୍ତି।

ତଥ୍ୟ ଅନୁଯାୟୀ, କୃଷି ବିଭାଗରେ ୭,୬୭୫ଟି ମଞ୍ଜୁରପ୍ରାପ୍ତ ପଦ ରହିଥିବାବେଳେ ୪ହଜାର ପଦ ଖାଲି ପଡ଼ିଛି। ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ୨,୨୫୪ପଦକୁ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଅନୁମୋଦନ ଦେଇଥିବାବେଳେ ୧,୭୪୬ଟି ପଦ ଅନୁମୋଦନ ଅପେକ୍ଷାରେ ରହିଛି। ସେହିପରି ବିଭାଗ ପକ୍ଷରୁ ଅନୁମୋଦିତ ୨,୨୫୪ ପଦ ତୁରନ୍ତ ପୂରଣ ଲାଗି ବିଭିନ୍ନ ସଂସ୍ଥାକୁ ପତ୍ର ଲେଖାଯାଇଛି। ସେହିପରି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୪,୨୦୫ ଖାଲି ପଦ ମଧ୍ୟରୁ ୧,୭୩୩କୁ ଅନୁମୋଦନ ମିଳିଥିବାବେଳେ ୨,୪୭୨ ପଦ ଅନୁମୋଦନ ଅପେକ୍ଷାରେ ରହିଛି। ଇତିମଧ୍ୟରେ ବିଭାଗ ପକ୍ଷରୁ ୧,୩୩୯ଟି ପଦ ପୂରଣ ଲାଗି ସୁପାରିସ ହୋଇଥିବାବେଳେ ୩୯୪ଜଣଙ୍କୁ ନିଯୁକ୍ତି ମିଳିଛି। ସ୍ୱାସ୍ଥ୍ୟ ବିଭାଗରେ ୮,୯୨୧ ଖାଲି ପଦ ମଧ୍ୟରୁ ୬,୮୧୪ ପଦ ପୂରଣ ଲାଗି ଉଚ୍ଚକ୍ଷମତାସମ୍ପନ୍ନ କମିଟି ମଞ୍ଜୁର ଦେଇଛନ୍ତି। ୨,୧୦୭ଟି ମଞ୍ଜୁର ଅପେକ୍ଷାରେ ରହିଥିବାବେଳେ ୫,୬୧୧ଟି ପଦ ପୂରଣ ଲାଗି ନିଯୁକ୍ତିପ୍ରଦାନକାରୀ ସଂସ୍ଥାକୁ ସୁପାରିସ କରାଯାଇଛି। ଏବେସୁଦ୍ଧା ୧,୨୦୩ଟି ପଦ ପୂରଣ ହୋଇଛି। ଗୃହବିଭାଗରେ ୧୦ହଜାର ୨୦୮ ଖାଲିପଦରୁ ୪,୮୬୭ଟି ପଦକୁ ମଞ୍ଜୁରୀ ମିଳିଛି। ୯୦ଟି ପଦ ପୂରଣ ହୋଇଥିବାବେଳେ ୪,୭୭୭ଟି ପ୍ରକ୍ରିୟା ଭିତରେ ରହିଛି। ରାଜସ୍ୱ ବିଭାଗରେ ୫,୩୩୯ ଖାଲି ପଦ ମଧ୍ୟରୁ ୩,୬୯୭ଟିକୁ କମିଟି ମଞ୍ଜୁର ଦେଇଛି ଏବଂ ୧,୬୪୨ଟି ମଞ୍ଜୁର ଅପେକ୍ଷାରେ ରହିଛି। ପଞ୍ଚାୟତିରାଜ ବିଭାଗରେ ୨,୨୭୦ଟି ଖାଲି ପଦ ମଧ୍ୟରୁ ୬୨୩କୁ ମଞ୍ଜୁରୀ ମିଳିଛି। ହେଲେ ଶିଳ୍ପ, ମିଶନଶକ୍ତି, ସାଧାରଣ ଉଦ୍ୟୋଗ, ଇ ଆଣ୍ଡ ଆଇଟି ଏବଂ ବିଜ୍ଞାନ ଓ କାରିଗରି ବିଭାଗରେ କୌଣସି ଖାଲି ପଦକୁ ପୂରଣ ଲାଗି ମଞ୍ଜୁରୀ ମିଳିନଥିବାବେଳେ ଅନ୍ୟାନ୍ୟ ବିଭାଗ ପକ୍ଷରୁ ମଞ୍ଜୁରପ୍ରାପ୍ତ ଅବଶିଷ୍ଟ ପଦ ପୂରଣ ସକାଶେ ପ୍ରକ୍ରିୟା ଜାରି ରହିଥିବା ଅତିରିକ୍ତ ସଚିବଙ୍କ ପତ୍ରରୁ ଜଣାଯାଇଛି।



କନ୍ସନାଛକସ୍ଥିତ ସିଡିପିଓ ଅଫିସ୍ ପରିସରରେ ସୋମବାର ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ପାରମ୍ପରିକ ଶକ୍ତି ଖାଦ୍ୟ ପ୍ରତିଯୋଗିତା।

# ନଗର ଉନ୍ନୟନ ବିଭାଗ ପକ୍ଷରୁ ପଦୋନ୍ନତି, ବଦଳି

ଭୁବନେଶ୍ୱର,୯।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ୬ଜଣ ଅଧିକାରୀଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଛି। ଏହାସହିତ ତିନିଜଣ ଅଧିକାରୀଙ୍କୁ ୪ ତାରିଖରେ ବଦଳି କରାଯାଇଛି। ପଞ୍ଚାୟତିରାଜ ବିଭାଗ ଅଧୀନସ୍ଥ ଗ୍ରାମ୍ୟ ଜଳଯୋଗାଣର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନାରାୟଣ ପ୍ରସାଦ ଗାନ୍ଧୀଙ୍କୁ ମୁଖ୍ୟଯନ୍ତ୍ରୀଙ୍କୁ ପଦୋନ୍ନତି ଦିଆଯାଇଛି। ସେହିପରି ୫ଜଣ ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଜନସ୍ୱାସ୍ଥ୍ୟ)ଙ୍କୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରେ ତପନ କୁମାର ସାହୁ, ଅଶୋକ କୁମାର ବଡ଼େଇ, ପ୍ରଭାତ ଚନ୍ଦ୍ର ବେହେରା, ପ୍ରଦୀପ କୁମାର ଆଡି ଏବଂ ବସନ୍ତ କୁମାର ବେହେରା ରହିଛନ୍ତି। ସେହିପରି ବିଭାଗର ବଦଳି ବିଜ୍ଞପ୍ତି ଅନୁଯାୟୀ, ରାଉରକେଲା ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ଅଭିଷେକ ମିଶ୍ରଙ୍କୁ କେନ୍ଦ୍ରାପଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅରଜିତ ନାୟକଙ୍କୁ ପୁରୀ ମ୍ୟୁନିସିପାଲିଟିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିବା ବେଳେ ରୋହିତ କାନ୍ତି ଦାସଙ୍କ ମେ' ୨୭ତାରିଖ ନିଯୁକ୍ତିକୁ ବାତିଲ କରାଯାଇଛି।

# ୧୩ରୁ ନୟାପଲ୍ଲୀ ରଜ ମହୋତ୍ସବ

ଭୁବନେଶ୍ୱର, ୯।୬(ସୌମ୍ୟରଞ୍ଜନ ରାଉତ)

ନୟାପଲ୍ଲୀ କଳିଙ୍ଗ କ୍ରୀଡ଼ା ଏବଂ ବିକାଶ ପରିଷଦ ପକ୍ଷରୁ ଆସନ୍ତା ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ନୟାପଲ୍ଲୀ ରାବଣ ପୋଡ଼ି ପଡ଼ିଆରେ ରଜ ମହୋତ୍ସବ ପାଳନ ହେବ। ଏଥିରେ ମହିଳାଙ୍କ ପିଠାପଣା ପ୍ରସ୍ତୁତ ସାଙ୍ଗକୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କାର୍ଯ୍ୟକ୍ରମ ରହିବ। ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଖେଳକୁଦ ପ୍ରତିଯୋଗିତା ହେବା ସହ ପୁରସ୍କୃତ କରାଯିବ। ରାମ ଦୋଳି, ବ୍ରେକ ଡାନ୍ସ ବେଲୁନ ଦୋଳି, ଡ୍ରାଗନ ଦୋଳି ସାଙ୍ଗକୁ ମୀନା ବଜାରର ସୁବିଧା ରହିବ। ଚଳିତ ବର୍ଷ ୮୦ରୁ ଅଧିକ ଷ୍ଟଲ ସାଙ୍ଗକୁ ୨୦ରୁ ଊର୍ଦ୍ଧ୍ୱ ଦୋଳି ବ୍ୟବସ୍ଥା ରହିବ। ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମନ୍ଟୁ ଛୁରିଆ, ବିଷ୍ଣୁମୋହନ କବିଙ୍କ ସମେତ ବହୁ ଗୀତିକାର, ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଓ ସିନେ କଳାକାର ଯୋଗଦେବେ। ପରିଷଦ ସ୍ୱେଚ୍ଛାସେବୀଙ୍କ ସହ ପୋଲିସ ମୁତୟନ ହେବେ। ଏନେଇ ନୟାପଲ୍ଲୀ କଳିଙ୍ଗ କ୍ରୀଡ଼ା ଓ ବିକାଶ ପରିଷଦର ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ସାମଲ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଅର୍ଜୁନ ବେହେରା, ସଭାପତି ମନୋରଞ୍ଜନ ବେହେରା, ସମ୍ପାଦକ ପ୍ରଭୁଦତ୍ତ ସାମଲ, କଳା ଓ ସାଂସ୍କୃତିକ ସମ୍ପାଦକ ଅଜିତ ବେହେରା, ଉପଦେଷ୍ଟା ପ୍ରକାଶ ଷଡ଼ଙ୍ଗୀ, ଚିତ୍ରସେନ ବେହେରା, ମାନସ ଭଞ୍ଜ, ସୌମେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କର୍ପୋରେଟର ବନ୍ଦିତା ପାଲ ଧନ୍ୟବାଦ ଦେଇଥିଲେ।

# ଅଭିଲେଖର ସ୍ଥାୟୀ ସଂରକ୍ଷଣ ହେଉ

## ଆନ୍ତର୍ଜାତିକ ଅଭିଲେଖ ଦିବସ

ଭୁବନେଶ୍ୱର, ୯।୬(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଆନ୍ତର୍ଜାତିକ ଅଭିଲେଖ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଅଭିଲେଖାଗାର ଉପଲବ୍ଧ- ସମସ୍ତଙ୍କ ପାଇଁ' ବିଷୟ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଭିଲେଖାଗାର ପୁଣେର ପୂର୍ବତନ ମୁଖ୍ୟ ଅଭିଲେଖପାଳ ତଥା ମହାପ୍ରବନ୍ଧକ ଡ. ରାଜୀବ ଲୋଚନ ସାହୁ ଯୋଗଦେଇ ଆନ୍ତର୍ଜାତିକ ଅଭିଲେଖ ଦିବସ ପାଳନର ଉଦ୍ଦେଶ୍ୟ ଓ ଅଭିଲେଖର ସ୍ଥାୟୀ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ଓଡ଼ିଶାରେ ଅଭିଲେଖୀୟ ନୀତି କିମ୍ବା ସାର୍ବଜନୀନ ରେକର୍ଡ଼ ଅଧିନିୟମ ପ୍ରଣୟନ କରିବାର ଆବଶ୍ୟକତା ରହିଛି। ଏହା ବିଧିବଦ୍ଧ ବ୍ୟବସ୍ଥା ଅନୁସାରେ ସାର୍ବଜନୀନ ରେକର୍ଡକୁ ଓଡ଼ିଶା ରାଜ୍ୟ ଅଭିଲେଖାଗାରକୁ ହସ୍ତାନ୍ତର କରିବାରେ ସହାୟକ ହେବ। ସ୍ଥାୟୀ ସଂରକ୍ଷଣ ପାଇଁ ଯୋଗ୍ୟ ରେକର୍ଡଗୁଡ଼ିକ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସେ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ କାର୍ଯ୍ୟାଳୟରେ ସାମ୍ପ୍ରତିକ ରେକର୍ଡଗୁଡ଼ିକ ପରିଚାଳନା କରିବା ପାଇଁ ଏକ ଉତ୍ସର୍ଗୀକୃତ ଦଳ ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥାୟୀ ରେକର୍ଡ଼ଗୁଡ଼ିକ ଚିହ୍ନଟ କରିବାରେ ସାହାଯ୍ୟ କରିବ, ଯାହାଦ୍ୱାରା ସେଗୁଡ଼ିକ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ରହିବ। ସର୍ବସାଧାରଣଙ୍କୁ ଅଭିଲେଖର ପ୍ରାପ୍ତି କରାଇବା ତଥା ଅଭିଲେଖୀୟ ଧାରା ବିଷୟରେ ପ୍ରଦର୍ଶନୀ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକଙ୍କୁ ଅନୁରୋଧ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବିଭାଗୀୟ ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ, ଡ. ଶେଖ୍ ସୋଲେମାନ ଅଲ୍ଲୀ ପ୍ରାରମ୍ଭିକ ଭାଷଣରେ ପ୍ରତି ନାଗରିକଙ୍କୁ ଜଣେ ଜଣେ ଅଭିଲେଖବିତ୍ ହେବା ପାଇଁ ଆହ୍ୱାନ ଦେବା ସହ ବିଶ୍ୱର କୋଣ ଅନୁକୋଣରେ ଥିବା ସମସ୍ତ ଅଭିଲେଖବିତ୍‌ଙ୍କୁ ଶୁଭେଚ୍ଛାର ବାର୍ତ୍ତା ଦେଇଥିଲେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ଆନ୍ତର୍ଜାତିକ ଅଭିଲେଖ ଦିବସ ପାଳନ ଅବସରରେ ଡ. ରାଜୀବ ଲୋଚନ ସାହୁଙ୍କ ସହ ଅନ୍ୟମାନେ।

# ୧୪ ଜୁଲାଇକୁ ଘୁଞ୍ଚିଲା ଶୁଣାଣି

## ଅର୍ଚ୍ଚନା ନାଗଙ୍କ ହନିଟ୍ରାପ୍ ମାମଲା

ଭୁବନେଶ୍ୱର,୯।୬(ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ହନିଟ୍ରାପ୍ ମାମଲାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ସିଜେଏମ୍ କୋର୍ଟରେ ଶୁଣାଣି ପ୍ରକ୍ରିୟା ହେବାକୁ ଯାଉଛି। ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୪୯୬/୨୦୨୨) ସୋମବାର ଶୁଣାଣି ଥିବାବେଳେ ଏହାକୁ ଜୁଲାଇ ୧୪କୁ ଘୁଞ୍ଚାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ଖଣ୍ଡଗିରି ପୋଲିସ ପକ୍ଷରୁ ଚାର୍ଜଶିଟ୍ ହୋଇଥିବା ବେଳେ କୋର୍ଟଙ୍କ ପକ୍ଷରୁ ଅଭିଯୁକ୍ତା ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ବିରୋଧରେ ଚାର୍ଜଫ୍ରେମ୍ ମଧ୍ୟ ହୋଇଛି। ସରକାରୀ ଓକିଲ ରତ୍ନାକର ନାୟକଙ୍କ କହିବା ଅନୁଯାୟୀ, ଏହି ମାମଲାରେ ସାକ୍ଷୀଥିବା ସିନେ ପ୍ରଯୋଜକ ଅକ୍ଷୟ ପରିଜା ଓ ଶ୍ରଦ୍ଧାଞ୍ଜଳୀଙ୍କୁ ସମନ୍ ହୋଇଥିଲା। ତେବେ ସାକ୍ଷୀମାନେ ହାଜର ହୋଇଥିବା ବେଳେ ବିଚାରପତି ଶରତ କୁମାର ଜେନା ଛୁଟିରେ ଥିଲେ। ତେଣୁ ଏହାର ଶୁଣାଣିକୁ ନିର୍ଦ୍ଧାରିତ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଉକ୍ତ ଦିନ ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଅକ୍ଷୟଙ୍କ ଅଭିଯୋଗ ଆଧାରରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କ ନାମରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲା (ନଂ.୬୪୬/୨୦୨୨)ରେ ଚାର୍ଜଶିଟ୍ ଦାଖଲ ହୋଇଥିବା ବେଳେ ଚାର୍ଜଫ୍ରେମ୍ ହୋଇନାହିଁ।

## ଆଜାଦ ହିନ୍ଦ୍ ଫୌଜ ସଂଘର ସାଧାରଣ ଅଧିବେଶନ

ଭୁବନେଶ୍ୱର,୯।୬(ବନ୍ଦନା ସେଠୀ)

ରାଜ୍ୟ ଆଜାଦ ହିନ୍ଦ୍ ଫୌଜ ସଂଘ ପକ୍ଷରୁ ସାଧାରଣ ଅଧିବେଶନ ୟୁନିଟ୍-୩ସ୍ଥିତ କାର୍ଯ୍ୟାଳୟରେ ସଭାପତି ବସନ୍ତ କୁମାର ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦେଶକୁ ସ୍ୱାଧୀନତା ଦେବାରେ ସଂଗ୍ରାମୀଙ୍କ ତ୍ୟାଗ, ବୀରତ୍ୱ ଉପରେ ଆଲୋଚନା ହୋଇଥିଲା। ସଂଗ୍ରାମୀଙ୍କ ଇତିହାସ ସଂକଳନ କରାଯିବା, ପ୍ରତ୍ୟେକଙ୍କୁ ପରିଚୟ ପ୍ରଦାନ, ରାଜଧାନୀରେ ସଂଗ୍ରାମୀ ଭବନରେ ସମସ୍ତଙ୍କ ତୈଳ ଚିତ୍ର, ପ୍ରତ୍ୟେକ ପରିବାରକୁ ଭତ୍ତା ପ୍ରଦାନ, ଖୋର୍ଦ୍ଧା ଜାତୀୟ ରାଜପଥରେ ଥିବା ସଂଗ୍ରାମୀମାନଙ୍କୁ ପୁନଶ୍ଚ ସ୍ଥାପନ ଆଦି ଦାବି କରାଯାଇଥିଲା। ସମାଜସେବୀ ଶ୍ରୀକାନ୍ତ ମିଶ୍ର, ରାମଚନ୍ଦ୍ର ସାହୁ, ଭରତ ସାହୁ, ପ୍ରଫୁଲ୍ଲ ତ୍ରିପାଠୀ, କୈଳାସ ପ୍ରଧାନ, ରମେଶ ମହାପାତ୍ର, ପୀତବାସ ମାନସିଂ, ସମାଜସେବୀ ଗୌରୀଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜୁଲାଇ ୮ରୁ ଷ୍ଟିଅରିଂ ଛାଡିବେ ୧୨ଲକ୍ଷ ଡ୍ରାଇଭର

ଭୁବନେଶ୍ୱର, ୯।୬ (ବନ୍ଦନା ସେଠୀ)

ଅଟୋ ଚାଳକମାନେ ଗାଡ଼ି ଚଳାଉଥିବାବେଳେ ସେମାନଙ୍କୁ ରାଜ୍ୟ ସରକାର ଅଣସଂଗଠିତ ଶ୍ରମିକ କ୍ଷେତ୍ରରେ ସାମିଲ କରିଛନ୍ତି। ଏହା ଡ୍ରାଇଭରମାନଙ୍କୁ ଭାଗ ଭାଗ କରିବାର ସରକାରଙ୍କ ଯୋଜନା। ତେଣୁ ଏହି ଯୋଜନାକୁ ପଣ୍ଡ କରିବା ସହ ଡ୍ରାଇଭରମାନଙ୍କ ଏକତାକୁ ବଳିଷ୍ଠ କରାଯିବା ଆବଶ୍ୟକ ବୋଲି ଡ୍ରାଇଭର ଏକତା ମହାମଞ୍ଚ ଓଡ଼ିଶା ପକ୍ଷରୁ ଆହ୍ୱାନ କରାଯାଇଛି। ସରକାର ମଞ୍ଚର ଦାବି ପୂରଣ ନ କଲେ ଜୁଲାଇ ୮ରେ ସାରା ରାଜ୍ୟରେ ମଞ୍ଚ ଅଧୀନରେ ଥିବା ୧୨ଲକ୍ଷ ଡ୍ରାଇଭର ଷ୍ଟିଅରିଂ ଛାଡ ଆନ୍ଦୋଳନ କରିବେ ବୋଲି ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଅଟୋ ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ୍ ୱାର୍କର୍ସ ୱେଲ୍‌ଫେୟାର ବୋର୍ଡରେ ସାମିଲ କରିବାକୁ ଦାବି କରାଯାଇଛି। ଏହାବାଦ୍ ଜନସାଧାରଣ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା, ଗାଡିଗୁଡିକ ପାର୍କିଂ ଏବଂ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ପାର୍କିଂ ସହିତ ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା କରିବା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନାଗୁଡିକରେ ଓଡ଼ିଶାର ୭୦% ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଦିଆଯିବା ଏବଂ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା ଆଦି ୬ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଏନେଇ ମଞ୍ଚର ରାଜ୍ୟ ସଭାପତି ଦୀପକ କୁମାର ନାୟକ କହିଛନ୍ତି, ସରକାରଙ୍କ ନିକଟରେ ମଞ୍ଚ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଯଦି ସରକାର ଏଥିପ୍ରତି କର୍ଣ୍ଣପାତ ନ କରନ୍ତି ତେବେ ଆଗକୁ ତୀବ୍ର ଆନ୍ଦୋଳନ କରାଯିବ। ସେହିପରି ମଞ୍ଚ ଅଧୀନରେ ପ୍ରାୟ ୫ଲକ୍ଷ ପଞ୍ଜୀକୃତ ଡ୍ରାଇଭର ଥିବାବେଳେ ଅଣପଞ୍ଜୀକୃତ ଭାବେ ପ୍ରାୟ ୭ଲକ୍ଷ ଡ୍ରାଇଭର ରହିଛନ୍ତି। ସମସ୍ତେ ଷ୍ଟିଅରିଂ ଛାଡି ଆନ୍ଦୋଳନକୁ ଓହ୍ଲାଇବେ ଏବଂ ଫଳାଫଳ ପାଇଁ ସରକାର ଦାୟୀ ରହିବେ ବୋଲି ସେ କହିଛନ୍ତି। ସମ୍ମିଳନୀରେ ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚ କର୍ମକର୍ତ୍ତାମାନେ ଦାବି ଓ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଉଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ପ୍ରଭୁଜୀ



@ ଜୀବନ



@ ରବି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଲ୍ ନ୍ୟୁଜ୍ ପେପର ସପ୍ଲାୟର ସୋସିଆଲ ୱେଲଫେୟାର ଆସୋସିଏଶନ ବନ୍ଧୁମିଳନ



ବନ୍ଧୁମିଳନ ଉତ୍ସବରେ ସଂଘ କର୍ମକର୍ତ୍ତାଙ୍କ ସହ ବିତରକମାନେ।

ଭୁବନେଶ୍ୱର,୯।୬

ୟୁନିଟ୍-୮ସ୍ଥିତ ଅଲ୍ ନ୍ୟୁଜ୍ ପେପର ସପ୍ଲାୟର ସୋସିଆଲ ୱେଲଫେୟାର ଆସୋସିଏଶନ ମାଷ୍ଟର କାଣ୍ଟିନ୍ ଜୋନ୍ ସଂଘର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଂଘର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ କାର୍ଯ୍ୟକର୍ତ୍ତାମାନେ ସେମାନଙ୍କର ମତାମତ ଜଣାଇଥିଲେ। ବିତରକ ଭାଇମାନଙ୍କ ସ୍ୱାର୍ଥ ଓ ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିକୁ ସଂଘ ଗୁରୁତ୍ୱ ଦେବ ବୋଲି ଆସୋସିଏଶନର ସଭାପତି ଅଭୟ କୁମାର ଯୋଗାଣିଆ କହିଥବଲେ। ସମ୍ପାଦକ ଗୋବର୍ଦ୍ଧନ ପାଳ, ଉପଦେଷ୍ଟା ନିମାଇଁ ବିହାରୀ, ସହସଭାପତି ପ୍ରହ୍ଲାଦ ଜେନା, କୋଷାଧ୍ୟକ୍ଷ ସୁବାସ ପଣ୍ଡା, ସହସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ମତାମତ ରଖିଥିଲେ।

# ପୂର୍ବତନ ଆଇନ ଅଧିକାରୀ ଶ୍ରୀଧର ସାହୁଙ୍କ ପରଲୋକ

ଭୁବନେଶ୍ୱର, ୯।୬(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାରେ ସତ୍‌ସଙ୍ଗ ଆନ୍ଦୋଳନରେ ସାମିଲ ହୋଇଥିବା ବର୍ଷୀୟାନ ବ୍ୟକ୍ତିତ୍ୱ ତଥା ଜଳସମ୍ପଦ ବିଭାଗର ପୂର୍ବତନ ଆଇନ ଅଧିକାରୀ ଶ୍ରୀଧର ସାହୁଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁତ୍ର ଓ ପୁତ୍ରବଧୂ ଏବଂ ତିନି କନ୍ୟା ଓ ଜାମାତା ଉପସ୍ଥିତ ଥିଲେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହେତୁ ସେ କିଛିଦିନ ହେଲା ରାଜଧାନୀର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଡାକ୍ତରଖାନାରୁ ତାଙ୍କ ମରଶରୀର ଅଣାଯିବା ପରେ ବମିଖାଲସ୍ଥିତ ବାସଭବନରେ ସ୍ଥାନୀୟ ଅଧିବାସୀ, ସତ୍‌ସଙ୍ଗ କର୍ମକର୍ତ୍ତାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ସାହୁ ଖୋର୍ଦ୍ଧା ଜିଲା ବନମାଳୀପୁରର ବାଲିକୁଦା ପାଟଣାରେ



୧୯୩୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମରଶରୀରକୁ ଜନ୍ମମାଟି ବନମାଳୀପୁର ନିଆଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ସାହୁଙ୍କ ଜ୍ୟେଷ୍ଠପୁତ୍ର ସାମ୍ବାଦିକ ଶ୍ରୀକାନ୍ତ ସାହୁ ମୁଖାଗ୍ନି ଦେଇଥିବାବେଳେ କନିଷ୍ଠପୁତ୍ର ସୀତାକାନ୍ତ ସାହୁ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଭୁବନେଶ୍ୱର ସତ୍‌ସଙ୍ଗ ବିହାରର ପରିଚାଳକ ଅଭୟ କୁମାର ପରଡ଼ା, ଧୃତିକାମ ମହାନ୍ତି, କୃପାନିଧି ବିଶ୍ୱାଳ ଏବଂ ବନମାଳୀପୁର ସତ୍‌ସଙ୍ଗ ବିହାରର ପରିଚାଳକ ବୈରାଗୀ ସାହୁ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ଗୋରୁ ଚାଲାଣର ମୁଖ୍ୟ ଅଭିଯୁକ୍ତ ଗିରଫ

ବଡ଼ମ୍ବା, (ମାୟାଧର ମଲ୍ଲିକ) କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଗୋରୁ ଚାଲାଣରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ରବିବାର ବଡ଼ମ୍ବା ପୋଲିସ ଗିରଫ କରିଛି। ସେ ହେଲେ ଟିଗିରିଆ ଥାନା ଅନ୍ତର୍ଗତ କରଡାପଲ୍ଲୀ ଗ୍ରାମରେ ୟୁସୁଫ ଖାନ । ତାଙ୍କ ନାମରେ ନରସିଂହପୁର, କାନପୁର, ଟିଗିରିଆ ଥାନା ସହ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ବିଶେଷ କରି ପୋଲିସ ଉପରକୁ ଆକ୍ରମଣ ଭଳି ସଙ୍ଗିନ ଅଭିଯୋଗ ୟୁସୁଫଙ୍କ ନାମରେ ରହିଛି।

**ସଂକ୍ଷେପରେ**

## ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ୍‌ର ସ୍ୱତନ୍ତ୍ର ସଭା

ବାଙ୍କୀ,୯।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ ପକ୍ଷରୁ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାର ସଭାପତିତ୍ୱ କ୍ଲବର ସଭାପତି କରିଥିଲେ ନଳିନୀ ମହାପାତ୍ର । ମୁଖ୍ୟ ଅତିଥି ଭାବେ ରୋଟାରୀ ୩୨୬୨ ଡିଷ୍ଟ୍ରିକ ଗଭର୍ନର ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଯୋଗଦେଇଥିଲେ। ଡମପଡା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମରେ ଗଠନ କରାଯାଇଥିବା ସୁବ୍ରତେଶ୍ୱର ରୋଟାରୀ କମ୍ୟୁନିଟିର କର୍ପସ ପଞ୍ଜୀକରଣ ପ୍ରମାଣପତ୍ର ସଭାପତି ସନ୍ତୋଷ କୁମାର ମୁଦୁଲି ଓ ନିରଞ୍ଜନ ବେଉରାଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ରୋଟାରିଆନ ଗୌରାଙ୍ଗ ଚରଣ ରାଉତଙ୍କୁ ବ୍ୟାଚ୍ ପ୍ରଦାନ କରିବା ସହିତ ନୂତନ ସଭ୍ୟସଭ୍ୟାଙ୍କୁ ଶପଥ କରାଇଥିଲେ। କାର୍ଯ୍ୟକ୍ରମକୁ ପ୍ରବାସ ଚନ୍ଦ୍ର ଜେନା, ତୃପ୍ତିମୟୀ ମିଶ୍ର, ଡ. ଦୁର୍ଗାପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଶୋଇବା ଘରୁ ୬ ଫୁଟର ନାଗ ଉଦ୍ଧାର

ଖୁଣ୍ଟୁଣୀ,୯।୬(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ନିକଟ କଲେଜ ପାର୍ଶ୍ୱ ରାମେଶ୍ୱର ସାହିର ଜିତେନ୍ଦ୍ର ଦାନିଙ୍କ ଶୋଇବା ଘରୁ ସୋମବାର ଏକ ୬ ଫୁଟ ଲମ୍ବର ନାଗ ସାପ ଉଦ୍ଧାର ହୋଇଛି। ରାତିରେ ପ୍ରବଳ ଗୁଳୁଗୁଳି ହେବାରୁ ଜିତେନ ଘର କବାଟ ଖୋଲି ପରିବାର ସହିତ ଶୋଇଥିଲେ। ତାଙ୍କ ଘର ଭିତରେ ପୂର୍ବରୁ ଏକ ବେଙ୍ଗ ଥିବା ସେ ଜାଣିଥିଲେ ମଧ୍ୟ ତାକୁ ବାହାର କରି ନ ଥିଲେ। ସାପଟି ପାଖରେ ଥିବା ଗହୀର ବିଲରୁ ଚାଲି ଆସି ଜିତେନଙ୍କ ଶୋଇବା ଘରେ ପଶି ଯାଇଥିଲା। ହେଲେ ସୌଭାଗ୍ୟବଶତଃ ସାପ କାହାର କୌଣସି କ୍ଷତି କରି ନାହିଁ। ସକାଳେ ଜିତେନଙ୍କ ସ୍ତ୍ରୀ ଘର ଓଳାଉଥିବାବେଳେ ସାପ ଦେହରେ ଝାଡୁ ବାଜିବାରୁ ସେ ଖୁବ୍ ଜୋରରେ ଗର୍ଜନ କରିଥିଲା। ସେଠାରେ ସାପ ଥିବା ଜାଣି ସମସ୍ତଙ୍କୁ କହିଥିଲେ। ସାହି ଲୋକ ପହଞ୍ଚି ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କୁ ଜଣାଇଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ଆସି ଘର ଭିତରୁ ଏହି ନାଗ ସାପକୁ ଉଦ୍ଧାର କରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ଖ୍ରୀଷ୍ଟିଆନ୍‌ଙ୍କ ଉପରେ ହିଂସା ବିରୋଧରେ ସ୍ମାରକପତ୍ର

କଟକ,୯।୬(କାର୍ତ୍ତିକ ସାହୁ) ଦେଶରେ ଖ୍ରୀଷ୍ଟିଆନମାନଙ୍କ ଉପରେ ହିଂସା ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ କରି ଏହାର ପ୍ରତିକାର ନିମନ୍ତେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ସୋମବାର ପ୍ରଦାନ କରାଯାଇଛି। ସମ୍ବିଧାନରେ ପ୍ରଦତ୍ତ ଅଧିକାରର ସୁରକ୍ଷା ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ପକ୍ଷରୁ ସଂଯୋଜକ ରାଜକୁମାର ଶତପଥୀ, ସଭାପତି ଜେବି ଲିମ୍ମା ଜିଲାପାଳଙ୍କୁ ଭେଟି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ୨ ଅଫୁଟା ବୋମା, ୧ କିଲୋ ବିସ୍ଫୋରକ ଜବତ: ୨ ଗିରଫ

### ଲୁଟ୍ ଉଦ୍ୟମ ପଣ୍ଡ

ନିଶ୍ଚିନ୍ତକୋଇଲି,୯।୬ (ଅଶୋକ କୁମାର ମହାପାତ୍ର):

କଟକ ଜିଲା ନେମାଳ ଥାନା ଅଞ୍ଚଳରେ ବୋମା ବିସ୍ଫୋରଣ ହେବା ପରଠୁ ପୋଲିସ କ୍ରିୟାଶୀଳ ହୋଇ ଉଠିଛି। ରବିବାର ରାତିରେ ପାଟ୍ରୋଲିଂ ସମୟରେ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ଅଞ୍ଚଳରୁ ୨ଟି ଅଫୁଟା ବୋମା ଓ ୧କିଲୋ ବିସ୍ଫୋରକ ଦ୍ରବ୍ୟ ଜବତ କରିଛି। ଫଳରେ ଲୁଟ୍ ଉଦ୍ୟମ ପଣ୍ଡ ହୋଇଯାଇଛି।

ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରେଶ୍ୱର



ଗିରଫ ଦୁଇ ଅଭିଯୁକ୍ତ ।

ଥାନା ଅଧୀନ ଝାଡ଼େଶ୍ୱରପୁର ଗ୍ରାମର ବାସର ଅଲ୍ଲୀ (୨୮) ଓ ଟାଙ୍ଗି ଥାନା ବିରଳ ଗ୍ରାମର ଗୋବିନ୍ଦ ମଲ୍ଲିକଙ୍କ ପୁଅ ସୌମ୍ୟ ରଞ୍ଜନ ମଲିକ (୨୭)। ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ଶିଶୁଆ ଉପକାରାଗାରକୁ ପଠାଇ ଦିଆଯାଇଛି।

ନିଶ୍ଚିନ୍ତକୋଇଲି ଥାନାର ସବ୍‌ଇନ୍ସପେକ୍ଟର ଚିନ୍ମୟୀ କର ପାଟ୍ରୋଲିଂ କରୁଥିବାବେଳେ କଟିକଟା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ପାଇଁ ବୋମା ଓ ବିସ୍ଫୋରକ ଧରି ମସୁଧା ଚାଲିଥିବା ସୂଚନା ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ ବେଳେ ଅଭିଯୁକ୍ତ ଦ୍ୱୟ କଟିକଟା ମଦ ଦୋକାନରୁ ଚାନ୍ଦା ଆଦାୟ କରୁଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ନଂ.୧୧୪/୨୫ରେ ମାମଲା ରୁଜୁ କରାଯାଇଛି। ସେମାନଙ୍କ ନାମରେ ବାଲିଚନ୍ଦ୍ରପୁର,କେନ୍ଦ୍ରାପଡା, ମାହାଙ୍ଗା ଓ ଭଦ୍ରେଶ୍ୱର ଥାନାରେ ଏକାଧିକ ମାମଲା ଥିବା ଜଣାପଡିଛି।

## ଖୋ ଖୋ ଲିଗ୍ ମ୍ୟାଚ୍ ପାଇଁ ରୟାଲ୍‌ସ ଦଳର ଜର୍ସି ଉନ୍ମୋଚିତ



ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଠଗଡ଼ କ୍ରୀଡା ସଂସଦର ସଦସ୍ୟ ଓ ଖେଳାଳିମାନେ ।

ଆଠଗଡ଼ ୮।୬(ସତ୍ୟ ପ୍ରସାଦ ରଥ):

ରାଜ୍ୟସ୍ତରୀୟ ଖୋ ଖୋ ଲିଗ୍ ମ୍ୟାଚ୍ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମ୍ୟାଚ୍‌ରେ ମୋଟ ଆଠଟି ଦଳ ଅଂଶ ଗ୍ରହଣ କରିବେ। ଚଳିତବର୍ଷ ନିମନ୍ତେ ୪ଟି ପୁରୁଷ ଓ ୪ ଟି ମହିଳା ଦଳ ଘୋଷଣା ହୋଇଛି ।ଏହି ଅବସରରେ କଟକ ରୟାଲ୍‌ସ ଖୋ ଖୋ ଦଳର ଜର୍ସି ସୋମବାର ସନ୍ଧ୍ୟାରେ ସ୍ଥାନୀୟ ସାଇ ଭବନ ପରିସରରେ ଉନ୍ମୋଚନ ହୋଇଯାଇଛି । ଏହି ଦଳକୁ ଆଠଗଡର ସମାଜସେବୀ ଲକ୍ଷ୍ମୀ ନାରାୟଣ ଭଞ୍ଜ କିଣିଥିଲେ। ଭଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆଠଗଡ଼ କ୍ରୀଡା ସଂସଦ ସହ ସମ୍ପାଦକ ସୋମନାଥ ଭକ୍ତା, କ୍ରୀଡାବିତ କ୍ଷୀରୋଦ ମହାପାତ୍ର, ଚନ୍ଦନ ବେହେରା, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆଠଗଡ଼ ଅଞ୍ଚଳର ଖୋ ଖୋ କ୍ରୀଡ଼ାବିତ୍‌ଙ୍କ ମନୋବଳ ଦୃଢ଼ ଓ ବୃଦ୍ଧି କ୍ଷେତ୍ରରେ ଭଞ୍ଜଙ୍କ ଅବଦାନ ଅବର୍ଣ୍ଣନୀୟ ବୋଲି ମତ ପ୍ରକାଶ ପାଇଛି । ଏହି ଅବସରରେ ଦଳର ଜର୍ସି ଉନ୍ମୋଚନ ହେବା ସହ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।କାର୍ଯ୍ୟକ୍ରମକୁ କୋଟ୍‌ବିକ୍ରମ ରାୟସାମନ୍ତ ସଂଯୋଜନା କରିଥିଲେ।

## ଜିଲାପାଳଙ୍କ ଶୁଣାଣିରେ ୧୩୨ ଅଭିଯୋଗ

ବାଙ୍କୀ, ୯।୬ ( ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର) : ଡମପଡ଼ା ବ୍ଲକ୍‌ରେ କଟକ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ବ୍ଲକର ଜନସାଧାରଣ ଯୋଗ ଦେଇ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ଶିବିରରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, କୃଷି, ରାଜସ୍ୱ, ଫୌଜଦାରି, ସ୍ୱାସ୍ଥ୍ୟ, ଶିକ୍ଷା, ଆଦି ବିଭିନ୍ନ ସମସ୍ୟା ସମ୍ପର୍କିତ ସମୁଦାୟ ୧୩୨ ଟି ଅଭିଯୋଗର ତୁରନ୍ତ ସମାଧାନ କରିବାପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ପ୍ରଶାନ୍ତ ନାୟକ, ବାଙ୍କୀ ଉପଜିଲାପାଳ ପ୍ରଣବ ବେହେରା, ବାଙ୍କୀ କେନ୍ଦ୍ର ଜୋନ ଜିଲାପରିଷଦ ସଦସ୍ୟା ମିନତି ମହାପାତ୍ର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଶାନ୍ତ କୁମାର ହୋତା, ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ.ବନବାସୀ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର, ଡମପଡା ବିଡିଓ ଅଂଶୁମାନ ଦାଶ, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଡମପଡା ତହସିଲଦାର ବୈଶାଖୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ଜୀବନ



@ ପ୍ରଭୁଜୀ



@ ରବି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଟିଗିରିଆ,୯।୬(ଜାଫର ଖାଁ )

ଟିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଦୁଇ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ଓ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୪ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ବିଚାରକ





ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ।

ଭାବେ ତହସିଲଦାର ଅକ୍ଷୟ କୁମାର ପରିଡା, ବିଡିଓ ମନସ୍ୱିନୀ ଦାସ, ସିଡିପିଓ ବୀଣାପାଣି ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଖାଦ୍ୟ ଷ୍ଟଲ ବୁଲି ଦେଖିବା ସହ ଖାଦ୍ୟର ସ୍ୱାଦ ପରଖିଥିଲେ।

ଏହି ପ୍ରତିଯୋଗିତାରେ ବଡନାଉପୁଟ ପଞ୍ଚାୟତସ୍ଥିତ ଶାଳିଜଙ୍ଗା ଗ୍ରାମର ମା ରାମଚଣ୍ଡୀ ୨ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ଓ ନିଜିଗଡ଼ ପଞ୍ଚାୟତର ଶନିଶ୍ଚର ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଉଭୟ ଜିଲାସ୍ତର କାର୍ଯ୍ୟକ୍ରମରେ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବିପିଏମ ପ୍ରଦୀପ କୁମାର ସିଂହ, ବିପିସି ତପନ କୁମାର ମହାନ୍ତି, ଧର୍ମରାଜ ଜେନା, ବିପିଏ ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଟି ମାଗି ବଦଳି ହେଲେ କନଷ୍ଟେବଲ

ନିଶ୍ଚିନ୍ତକୋଇଲି, ୯।୬(ଅଶୋକ କୁମାର ମହାପାତ୍ର):

ମାଟି ବାଲାଙ୍କୁ ଧମକ ଦେଇ ବଟି ମାଗିବା। ମାତ୍ର ନ ମିଳିବାରୁ ଆକ୍ରମଣ କରିବା ପୋଲିସ କନଷ୍ଟେବଲଙ୍କୁ ମହଙ୍ଗା ପଡ଼ିଛି। ଘଟଣା ସାମାଜିକ ଗଣମାଧ୍ୟମରେ ଜଣାପଡିବା ପରେ ଗୃହ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ସମ୍ପୃକ୍ତ କନଷ୍ଟେବଲଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ସେ ହେଲେ ଭଦ୍ରେଶ୍ୱର ଥାନାର ଅରକ୍ଷିତ ସେଠୀ। ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ଜଣେ ବ୍ୟକ୍ତି କିଛି ଦିନ ପୂର୍ବେ ନିଜ ବିଲରୁ ମାଟି ଉଠାଉଥିବା ସମୟରେ ତାକୁ ବେଆଇନ ବୋଲି ଦର୍ଶାଇ କନଷ୍ଟେବଲ ସେଠୀ ଧମକ ଦେବା ସହ ମୋଟା ଅଙ୍କର ବଟି ମାଗିଥିଲେ। ମାଟି ପାଇଁ ଜରିମାନା ଦାୟିତ୍ୱ ରାଜସ୍ୱ ବିଭାଗର ବୋଲି ସମ୍ପୃକ୍ତ ବ୍ୟକ୍ତି କହିବାରୁ ଭୁଲ୍ ଲୁଚାଇବା ପାଇଁ ସେଠୀ ଉତ୍କ୍ଷିପ୍ତ ହୋଇଯାଇଥିଲେ। ଏପରିକି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସାମାଜିକ ଗଣମାଧ୍ୟମରେ ଏହା ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ଏସମ୍ପର୍କରେ ଭଦ୍ରେଶ୍ୱର ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂଙ୍କୁ ପଚାରିବାରୁ ସେଠୀଙ୍କ ବଦଳି ସମ୍ପର୍କରେ କୌଣସି ବିବୃତି ଦେଇପାରିବେ ନାହିଁ। ଅପରପକ୍ଷେ ମାଡ଼ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁବୋଲି ସେ କହିଛନ୍ତି।

## ରାଣୀ ଶୁକଦେଈ ବାର୍ଷିକ ଉତ୍ସବ ପରିବେଷଣ

ବାଙ୍କୀ,୯।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଡମପଡ଼ା ବ୍ଲକ୍ ଅନ୍ତର୍ଗତ ଦୁର୍ଗାପୁରସ୍ଥ ବାଙ୍କୀ ରାଜବାଟୀ ପରିସରରେ ରାଣୀ ଶୁକଦେଈ କଳା ସଂସଦ ଆନୁକୂଲ୍ୟରେ ୨୬ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ ହୋଇଯାଇଛି। ଏହି ଉତ୍ସବ ବାଙ୍କୀର ସ୍ୱର୍ଗତ ରାଜା ସାହେବ ସାମନ୍ତନାରାୟଣ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସଂସଦର ପ୍ରତିବର୍ଷ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ବାଙ୍କୀର ରାଜା ସାହେବ ଦୁର୍ଗାମାଧବ ଶ୍ରୀଚନ୍ଦନ ମହାପାତ୍ର ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ଉତ୍ସବ ସଞ୍ଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ରାଜା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ରାଜବାଟୀର ଗୌରବ ଗାଥାକୁ ରାଣୀ ଶୁକଦେଈଙ୍କ ବୀରତ୍ୱ , ଦୟା, କ୍ଷମାଶୀଳନ ନୀତି ଯୁଗେ ଯୁଗେ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

ସାରା ପୃଥିବୀର ଗରିମା ଗାଉଥିବ ବୋଲି ତ୍ରିପାଠୀ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଣୀ ଶୁକଦେଈ ସ୍ମୃତି ପରିଷଦର ସମ୍ପାଦକ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ରାଣୀ ଶୁକଦେଈଙ୍କ ଯୁଦ୍ଧ ଇତିହାସ ଓ ଯୁଦ୍ଧରେ ବିଜୟୀ ହୋଇ ବାଙ୍କୀଗଡର ନାମକୁ ସାର୍ଥକ କରିଥିଲେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବାଙ୍କୀ ପ୍ରେସକ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇ ଏହି ବାଙ୍କୀ ଗଡ଼କୁ ବୀରମାଟି ଓ ଲାଲ ମାଟି ଭାବେ ବର୍ଣ୍ଣନା କରିଥିଲେ । ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରୀୟ ଜିଲାପରିଷଦ ସଦସ୍ୟା ମିନତି ମହାପାତ୍ର ଯୋଗଦେଇ ରାଣୀ ଶୁକଦେଈଙ୍କୁ ନେଇ ସାରା ନାରୀ ସମାଜ ଗର୍ବ କରେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ସରପଞ୍ଚ ପ୍ରତିନିଧି ଲଳିତମୋହନ ମହାପାତ୍ର, ସ୍ଥାନୀୟ ସମିତି ସଭ୍ୟ ଶ୍ରୀକାନ୍ତ ଦାସ ଓ ଶିକ୍ଷାବିତ୍ ତଥା ପୂର୍ବତନ ସରକାରୀ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ରାଣୀ ଶୁକଦେଈଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଗ୍ରାମର ୧୦ଜଣ ପୁରାତନ କଳାକାରଙ୍କୁ ଉପଢୌକନ ,ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ପରେ ନାଟ୍ୟକାର ସର୍ବେଶ୍ୱର ଦାସଙ୍କ ନିର୍ଦ୍ଦେଶନାରେ ନାଟକ 'କଳିଯୁଗରେ ଏ ନୂଆ କାହାଣୀ' ପରିବେଷଣ କରାଯାଇଥିଲା ।

## ବାଙ୍କୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାକୁ ସଂଯୋଗ ଦାବି

**ତୁଳସୀପୁର-ବ୍ରହ୍ମପୁରା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା**

■ ଜିଲାପାଳଙ୍କୁ ଦାବିପତ୍ର

ବାଙ୍କୀ,୯।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ଉପଖଣ୍ଡ ତୁଳସୀପୁର ଓ ବ୍ରହ୍ମପୁରା ଦେଇଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ନରଗାଙ୍ଗ ଶ୍ମଶାନ ନିକଟରୁ ବାଙ୍କୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାକୁ ତୁଳସୀପୁର ପେଟ୍ରୋଲ ଟାଙ୍କିଠାରେ ସଂଯୋଗ କରାଯାଉ। ଏଥିପାଇଁ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ସୋମବାର ଡମପଡ଼ା ବ୍ଲକରେ କଟକ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଦାବିପତ୍ର କରାଯାଇଛି । କିଆପଲା ସରପଞ୍ଚ ଗୀତାଞ୍ଜଳି ସାହୁ, ବରପୁଟ ସରପଞ୍ଚ ଅଶୋକ କୁମାର ମିଶ୍ର, ନରଗାଙ୍ଗ ସରପଞ୍ଚ ରେବତୀ ଜେନା, ବ୍ରହ୍ମପୁରା ସରପଞ୍ଚ ରଶ୍ମିତା ବାରିକ ପ୍ରମୁଖଙ୍କ ଏନେଇ ଏକ ଦାବିପତ୍ର କଟକ ଏମ୍‌ପି ପ୍ରତିନିଧି ସରୋଜ କୁମାର ମତଗଜ



ତୁଳସୀପୁର-ବ୍ରହ୍ମପୁରା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ।

ସିଂହଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ତୁଳସୀପୁର ବଜାରଠାରୁ ବ୍ରହ୍ମପୁରା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଆରଡି ରାସ୍ତା ଉପରେ ଏହି ପଞ୍ଚାୟତର ଅଧିବାସୀ ନିର୍ଭରଶୀଳ। ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ବାଙ୍କୀ ଉପଖଣ୍ଡ ସଦର ମହକୁମାକୁ ଯିବା ଆସିବା ପାଇଁ ଏହି ପଞ୍ଚାୟତର ଅଧିବାସୀମାନେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ତୁଳସୀପୁର ଗ୍ରାମର ଉପରପଟ ଗାଁ ମୁଣ୍ଡ ଠାରୁ ତୁଳସୀପୁର ବଜାର ପର୍ଯ୍ୟନ୍ତ ୫ଶହ ମିଟର. ରାସ୍ତା ଏବେ ସଂକୀର୍ଣ୍ଣ ହୋଇଯାଇଛି। ଫଳରେ ଏହି ରାସ୍ତାରେ ଜନସାଧାରଣ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶ ଏହି ରାସ୍ତାର ଦୁଇ ପାର୍ଶ୍ୱରେ ତୁଳସୀପୁର ଗ୍ରାମର ବହୁ ଲୋକେ ଘର କରିଥିବା ବେଳେ ବିବାହ ଓ ଅନାନ୍ୟ କାର୍ଯ୍ୟକ୍ରମବେଳେ ରାସ୍ତାଟି ବନ୍ଦ ହୋଇଯାଏ। ଏପରିକି ଆବଶ୍ୟକ ବେଳେ ଜରୁରିକାଳୀନ ସେବା ଯଥା ଆମ୍ବୁଲାନ୍ସ ଓ ଅଗ୍ନିବିପନ୍ନ ଗାଡି ଆଦି ପହଞ୍ଚିପାରୁନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ନରଗାଙ୍ଗ ଶ୍ମଶାନ ଠାରୁ ତୁଳସୀପୁର ଗ୍ରାମସ୍ଥିତ ବାଙ୍କୀ ଭୁବନେଶ୍ୱର ମୁଖ୍ୟରାସ୍ତାର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି ।

## ସଂକ୍ଷେପରେ

### ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ

ଟାଙ୍ଗୀ,୯।୬(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ସୋରଣ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜାଗା ଜବରଦଖଲରେ ରହିଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ସୋରଣ ଗ୍ରାମବାସୀଙ୍କ ସମୂହ ନିଷ୍ପତ୍ତିକ୍ରମେ ସୋରଣ ଡାକ୍ତରଖାନା ଚତୁଃପାର୍ଶ୍ୱରେ ଥିବା ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ହୋଇଥିଲା। ଏବେ ପୁଣି ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ଚିଲିକା ତହସିଲ ପକ୍ଷରୁ ଅବରୋଧ କରିଥିବା ୩ଟି ପରିବାରକୁ ନୋଟିସ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୧୦ ତାରିଖରେ ସ୍ଥାନୀୟ ତହସିଲ ପକ୍ଷରୁ ସୋରଣ ଭଗବତୀପୁର ମୌଜାର ଖାତା ନମ୍ବର.୧୦୯୫ ଓ ନଂ.୨୦୦୪ ଏହି ଦୁଇଟି ପ୍ଲଟରୁ ଜବରଦଖଲ ଉଚ୍ଛେଦ କରାଯିବ। ପ୍ରଶାସନ ଓ ପୋଲିସ ଅଧିକାରୀ ଉପସ୍ଥିତ ରହିବେ। ପୂର୍ବରୁ ନୋଟିସ ମାଧ୍ୟମରେ ସେସବୁ ସ୍ଥାନ ଖାଲି କରିବା ପାଇଁ ଜବରଦଖଲକାରୀଙ୍କୁ ଅବଗତ କରାଯାଇଛି। ସେଥିରେ ସେମାନେ ସହଯୋଗ ନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ବିଷ୍ଣୁପ୍ରିୟା ବେହେରା କହିଛନ୍ତି।

### ରୋଟାରୀ କ୍ଲବର ନୂଆ ସଦସ୍ୟତା ଅଭିଯାନ

ଖୋର୍ଦ୍ଧା,୯।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ରୋଟାରୀ କ୍ଲବ ପକ୍ଷରୁ ନୂତନ ସଦସ୍ୟତା ଅଭିଯାନ ଚାଲିଛି। ଆଗାମୀ ବର୍ଷ ପାଇଁ ରୋଟାରୀ ସଭାପତି ଭାବେ ସୁକାନ୍ତ ନାୟକ ଏବଂ ରୋଟ୍ରାକ୍ଟ ସଭାପତି ଭାବେ ସମ୍ବିତ ବେହେରାଙ୍କୁ ମନୋନୀତ କରାଯାଇଛି। ରୋଟାରୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ସଭାପତି ଏବଂ ନୂତନ ସଦସ୍ୟତା ଗ୍ରହଣ କରିଥିବା ୧୦ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ରୋଟାରୀ ଗଭର୍ନର ଇନ୍ଦ୍ରଜିତ ସାହୁ, ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର, ରୋଟାରୀ ସଭାପତି ରୁଦ୍ରନାଥ ଦତ୍ତ, ସମ୍ପାଦକ ସଞ୍ଜୟ ବର୍ମନ ନୂଆ ସଭ୍ୟଙ୍କୁ ଶପଥପାଠ କରାଇଥିଲେ। ଏଥିରେ ଇଂ. ଶୁଭମ୍ ଜ୍ୟୋତି, ସ୍ମୃତିଶ୍ରୀ ପରିଜା, ଅଧ୍ୟାପକ ସୁବୋଧ ଜଗଦେବ, ଶାରଳା ପଟ୍ଟନାୟକ, ଉମାଶଙ୍କର ପ୍ରସାଦ ରୋଟାରୀ ସଦସ୍ୟ ହୋଇଥିବା ବେଳେ ଶାଶ୍ୱତ ମହାନ୍ତି, ସୌମ୍ୟରଞ୍ଜନ ବେହେରା, ନିଶାନ୍ତ ମହାନ୍ତି, ସୂର୍ଯ୍ୟ ମୁଦୁଲି ରୋଟ୍ରାକ୍ଟ ସଭ୍ୟ ହୋଇଥିଲେ। ରୋଟାରିଆନ୍ ଦେବୀ ପ୍ରସାଦ ମଜୁମଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସଭାପତି ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଡା. ଅମିୟ ଜେନାମଣି, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସୁଚିସ୍ମିତା ପରିଜା, ତାପସ ବୋଷ, ଲୋକେଶ ନାୟକ, ଦେବୀ ପ୍ରସାଦ ଦାସ, ଚିନ୍ମୟୀ ଦାସ, ମୋନାଲି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ବନ୍ଧୁ ମିଳନ, ସମ୍ବର୍ଦ୍ଧନା ଉତ୍ସବ

ଟାଙ୍ଗୀ,୯।୬(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁରସ୍ଥିତ ମା'ଉଗ୍ରତାରା ପୀଠରେ ବାଲୁଗାଁ ମହାବିଦ୍ୟାଳୟ ପରିବାରର ଏକ ବନ୍ଧୁ ମିଳନ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୮୧ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବାଲୁଗାଁ ମହାବିଦ୍ୟାଳୟରେ କାର୍ଯ୍ୟ କରି ପରବର୍ତ୍ତୀ ସମୟରେ ବିଭିନ୍ନ ମହାବିଦ୍ୟାଳୟକୁ ବଦଳି ହୋଇଥିବା ଅଧ୍ୟାପକ ଏବଂ ଏହିଠାରୁ ଅବସର ନେଇଥିବା ଅଧ୍ୟକ୍ଷା, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସମସ୍ତ ବନ୍ଧୁମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ପୁରୁଣା ଦିନର ସ୍ମୃତି ମନେପକାଇଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ସାହୁ, ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଶିବପ୍ରସାଦ ସାହୁ, ପୂର୍ବତନ ପ୍ରାଧ୍ୟାପକ ଅରୁଣ କୁମାର ଦାଶ, ରଣପୁର କଲେଜ ପୂର୍ବତନ ପ୍ରାଧ୍ୟାପକ ଡ. ଚନ୍ଦ୍ରକାନ୍ତ ପାଇକରାୟ, ପୂର୍ବତନ ଅଧ୍ୟକ୍ଷା ବିନତୀ ମଞ୍ଜରୀ ରାଉତ, ଡ.କଳ୍ପନା ଦାଶ, ପ୍ରାଧ୍ୟାପିକା ଡ.ଜୟନ୍ତୀ ସାମଲ, ମୀନାକ୍ଷୀ ମହାପାତ୍ର, ରେଣୁବାଳା ଦାସ, ପ୍ରାଧ୍ୟାପକ ଆନନ୍ଦ ଚନ୍ଦ୍ର ଭୋଳ, ଅକ୍ଷୟ କୁମାର ମହାପାତ୍ର, ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଲଡୁ କିଶୋର ପରିଡା, ବିଜୟ କୁମାର ରାଉତ, ମଧୁସୂଦନ ପ୍ରଧାନ, ପ୍ରଦୀପ କୁମାର ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ.କୈଳାସ ମହାରଣା, ଡ.ଅକ୍ଷୟ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ବିଦ୍ୟାଧର ଜୁଝାରସିଂ, ପ୍ରବୀଣ କୁମାର ଜେନା, ସୁଧାକର ପ୍ରଧାନ, ସୁନୀଲ କୁମାର ସୁଆର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭକ୍ତଙ୍କୁ ମିଳିବ ମାଗଣା ଅଟୋସେବା




ସମନ୍ୱୟ ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ଅନ୍ୟମାନେ।

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେବା ସହ ନିର୍ଦ୍ଧାରିତ ସମୟ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମୟରେ ବିଭିନ୍ନ ପାର୍କିଂସ୍ଥଳରୁ ଭକ୍ତଙ୍କୁ ମାଗଣା ଅଟୋସେବା ଯୋଗାଇଦେବାକୁ ସ୍ଥିର ହୋଇଛି। ରଥକାଠ ସହ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ନୀତି ସମ୍ପାଦନ, ସ୍ୱାସ୍ଥ୍ୟ ଓ ପରିମଳ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ବିଦ୍ୟୁତ୍, ପରିବହନ, ଟ୍ରେନ ଚଳାଚଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

ରଥଯାତ୍ରା ପାଇଁ ୨୩୦ରୁ ୨୫୦ ଅଧିକ ବସ୍ ଚଳାଚଳ କରିବ। ପୁରୀ ସହରର ବିଭିନ୍ନ ସ୍ଥାନରେ ୧୮ଟି ପାର୍କିଂ ସ୍ଥାନ ହେବ। ମାଳତୀପାଟପୁରରେ ଟୁରିଷ୍ଟ ବସ୍ ରହିବ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଯାତ୍ରୀବାହୀ ବସ୍ ତାଳବଣିଆରେ ପାର୍କିଂ କରିବ। ସବୁ ବସ୍‌ରେ ରେଟ୍ ଚାର୍ଟ ରହିବ। ବିଭିନ୍ନ ପାର୍କିଂ ସ୍ଥାନରୁ ମାଗଣା ଅଟୋସେବା ଯୋଗାଇ ଦିଆଯିବ। ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ସହ ୩୫ଟି ଅତିରିକ୍ତ ଟିକେଟ କାଉଣ୍ଟର, ୧୦ଟି ଏଟିଭି ମେଶିନ ବ୍ୟବସ୍ଥା ହେବ। ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର, ୧୧ଟି କ୍ରେନ୍ ନିୟୋଜିତ ହେବ। ଭିଡି ୱାଲ୍‌ରେ ଟ୍ରେନ୍ ସୂଚନା ଦିଆଯିବ। ରଥଯାତ୍ରା ପାଇଁ ୩୦୦ ଅଧିକ ଡାକ୍ତର ନିୟୋଜିତ ହେବେ। ଏଆଇ-୧ ସିସିଟିଭି କ୍ୟାମେରା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ କରାଯିବ। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ଓ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହ ୱାର୍ ରୁମ୍ ହେବ। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ ରୁମ୍ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ ହେବେ। ଡ୍ରେନ୍ ସଫେଇ, ରାସ୍ତାଘାଟ ଓ ଷ୍ଟ୍ରିଟ୍‌ଲାଇଟ୍ ମରାମତି ତୁରନ୍ତ ସାରିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡର ହେବ। ଅଂଶୁଘାତ ଆଶଙ୍କାକୁ ଦୃଷ୍ଟିରେ ରଖି ପୁରୀ ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟା ବ୍ୟବସ୍ଥା ହେବ। ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ଓ ନବୀକରଣ କରାଯାଇଛି। ଜୁନ ୨୬ରୁ ଜୁଲାଇ ୯ ପର୍ଯ୍ୟନ୍ତ ପୁରୀ ପୌରାଞ୍ଚଳର ପ୍ରତ୍ୟେକ ବ୍ୟକ୍ତିଙ୍କ ପିଛା ୫ଲକ୍ଷ ଟଙ୍କାର ବୀମା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ଅଗ୍ରୱାଲ କହିଥିଲେ। ଶୃଙ୍ଖଳିତ ରଥଯାତ୍ରା ପାଇଁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବସେବା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ସୂଚନା ଓ ଲୋକସମ୍ପର୍କ ତଥା ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର, କେନ୍ଦ୍ରାଞ୍ଚଳ ଆର୍‌ଡିସି ବି. ପରମେଶ୍ୱରନ, ଦେବୋତ୍ତର କମିଶନର ଶିଶିର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ପରିବାର ନିର୍ମାଣ ଶିବିର ଉଦ୍‌ଯାପିତ



ସଭାଗୃହ ଶିଳାନ୍ୟାସ ଅବସରରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

ବେଗୁନିଆ,୯।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ତିନିଦିନ ଧରି ଚାଲିଥିବା ଆଦର୍ଶ ପରିବାର ନିର୍ମାଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗୁରୁକୁଳର ପ୍ରତିଷ୍ଠାତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ନିରୋଦ କୁମାର ଖୁଣ୍ଟିଆଙ୍କ ସଂଯୋଜନାରେ ସ୍ୱାମୀ ମୁକ୍ତାନନ୍ଦଜୀ ବିଶିଷ୍ଟ ଅତିଥି, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ମୁଖ୍ୟ ଅତିଥି, ଆର୍ଯ୍ୟ ସମାଜର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ମୁଖ୍ୟବକ୍ତା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ପ୍ରଦୀପ କୁମାର ସାହୁ, ସମାଜସେବୀ ଭିକାରୀ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଦର୍ଶ ପରିବାର ସମାଜରେ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ନୂତନ ସଭାଗୃହର ଅତିଥିମାନେ ଶିଳାନ୍ୟାସ କରିଥିଲେ। ସେହିପରି ଦ୍ୱିତୀୟ ଦିନରେ ସ୍ୱାମୀ ବେଦାନନ୍ଦଜୀ ମୁଖ୍ୟ ଅତିଥି ଓ ବିଶିଷ୍ଟ ସ୍ତମ୍ଭକାର ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଏମ୍‌ର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ନିରୁପମା ରାୟ, ପରିଚାଳକ ଆର୍ତ୍ତତ୍ରାଣ ମିଶ୍ର, ତ୍ୟାଗ ଭୂମିର ସଭାପତି ଅଜୟ କୁମାର ନାୟକ, ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ ଓ ପୂର୍ବତନ ଜିଲାପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଦୁଷ୍ମନ୍ତ ସାଇଁ ଧନ୍ୟବାଦ ଦେଇଥିଲେ।

### ଜନତା ହାଇସ୍କୁଲ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି

ଟାଙ୍ଗୀ,୯।୬(ରଘୁନାଥ ସାହୁ)

କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମହର୍ଷି ମହାବିଦ୍ୟାଳୟ ପରିସରରେ ସଭାପତି ମନୋଜ କୁମାର ମାନସିଂହଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠା ଦିବସରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ନିଶା ନିବାରଣ ସଚେତନତା, ଅତିଥି ନିମନ୍ତ୍ରଣ, କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା, ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ଏବଂ ପଞ୍ଜୀକରଣ ବିଷୟରେ ଆଲୋଚନା କରାଯାଇଥିଲା। ସମ୍ପାଦକ ପ୍ରଶାନ୍ତ ଭୁଜବଳ, ରବି ନାରାୟଣ ସୁବୁଦ୍ଧି, ପ୍ରାଣନାଥ ପ୍ରଧାନ, ସୁବାସ ପାଇକରାୟ, ଜିତେନ୍ଦ୍ର ବାଘସିଂହ, ପଦ୍ମ ବେହେରା, ହିମାଂଶୁ ସୁବୁଦ୍ଧି, ଲଳିତ ମୋହନ ଭୁଜବଳ, ପବିତ୍ର ଭୁଜବଳ, ପ୍ରସନ୍ନ ସୁବୁଦ୍ଧି, ହରିବନ୍ଧୁ ସାମନ୍ତରାୟ, ନିଶିରଞ୍ଜନ ବଳବନ୍ତରାୟ, ଗୁରୁବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ନୃତ୍ୟ, ଗୀତ ଓ ଚିତ୍ରକଳା ପ୍ରତିଯୋଗିତା

ବାଲୁଗାଁ,୯।୬(ସଂଗ୍ରାମ ପାଇକରାୟ): ସଂଯୋଗ କଲ୍‌ଚରାଲ ଫାଉଣ୍ଡେଶନ ପକ୍ଷରୁ ବ୍ଲକସ୍ତରୀୟ ନୃତ୍ୟ, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଚିଲିକା ଓ ବାଣପୁର ବ୍ଲକ ପାଇଁ ଅନୁଷ୍ଠିତ ହୋଇଯାଇଛି। ବାଣପୁର ବ୍ଲକ ପାଇଁ ବିଧାରପୁରସ୍ଥିତ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଚିଲିକା ବ୍ଲକ ପାଇଁ ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଯୋଗିତା ହୋଇଥିଲା। ସମାଜସେବୀ ସୁମିତ୍ରା ମହାପାତ୍ର ଏବଂ ଚିତ୍ତରଞ୍ଜନ ମହାପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଡା.ସୁରେନ୍ଦ୍ର ନାଥ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବାଣପୁରଠାରେ ଶିକ୍ଷାବିତ୍ ଗୋଲକ ବିହାରୀ ପରିଡ଼ାଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ଗୁରୁ ଗୋବିନ୍ଦ ଚନ୍ଦ୍ର ଜାଲି, ରଙ୍କନାଥ ସେଠୀ ପ୍ରମୁଖ ପ୍ରତିଯୋଗିତା ନିରୀକ୍ଷଣ କରିଥିବା ବେଳେ ଅତିଥିଭାବେ ଆଡଭୋକେଟ ରବୀନ୍ଦ୍ର ନାଥ ମାନସିଂହ, କିଶୋର ପ୍ରଧାନ, ପ୍ରଶାନ୍ତ କୁମାର ଦାସ ଉପସ୍ଥିତ ଥିଲେ। ସେହିଭଳି ବାଲୁଗାଁଠାରେ ନାଟ୍ୟକାର ଜିତେନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ୍ ବିରଞ୍ଚି ନାରାୟଣ ପ୍ରଧାନ, ହାଡ଼ିବନ୍ଧୁ ବେହେରା, ଭାଗୀରଥି ପାଇକରାୟ ପ୍ରମୁଖ ନିରୀକ୍ଷକଭାବେ ପ୍ରତିଯୋଗିତା ସଂପୂର୍ଣ୍ଣ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ କବି ଦିଗମ୍ବର ବିଶ୍ୱାଳ, ପତ୍ରକାର ଅଶୋକ କୁମାର ପାଇକରାୟ, ସିଆର୍‌ସିସି ପ୍ରଶାନ୍ତ କୁମାର ସାହୁ, ବିଘ୍ନେଶ୍ୱର ପ୍ରଧାନ, ଗୋପୀନାଥ ପ୍ରଧାନ, ଆଲୋକ କୁମାର ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରିୟରଞ୍ଜନ ବାରିକ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ମା'ଭଗବତୀ କଳା ନିକେତନର ସମ୍ପାଦିକା ବିଷ୍ଣୁପ୍ରିୟା ବାରିକ ଏବଂ ଫାଉଣ୍ଡେଶନର ମୁଖ୍ୟ ତ୍ରିଲୋଚନ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ବେଶ୍ ସରସ ସୁନ୍ଦର ହୋଇପାରିଥିଲା। ଉଭୟ ସ୍ଥାନରେ ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ସମସ୍ତ ପ୍ରତିଯୋଗିତାର ଫଳାଫଳ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ବାରିକ କହିଛନ୍ତି।

## ମହାପ୍ରଭୁଙ୍କ ରଥ ଗଢ଼ିଲେ ୮ ଛାତ୍ର

ଖୋର୍ଦ୍ଧା,୯।୬(ପ୍ରଭାତ ପାଣିଗ୍ରାହୀ)

ରତ୍ନବେଦିରୁ ଜନ୍ମବେଦିକୁ ନବଦିନାତ୍ମକ ଯାତ୍ରାରେ ବାହାରି ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିଲାଗି ଖୋର୍ଦ୍ଧା ଜିଲା ବୋଲଗଡ଼ ଗଡ଼ସାହିରେ ପିଲାମାନେ ନିର୍ମାଣ କରିଛନ୍ତି ୩ ରଥ। ଶ୍ରୀକ୍ଷେତ୍ରର ଅବିକଳ ନନ୍ଦିଘୋଷ ରଥ ଢାଞ୍ଚାରେ ପ୍ରସ୍ତୁତ କରିଛନ୍ତି ରଥ। ଏନେଇ ବୋଲଗଡ଼ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ୩ରଥ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ସୃଜନଶୀଳତାର ଝଲକ ଏହି ରଥରେ ଦେଖିବାକୁ ମିଳିଛି। ଅଦରକାରୀ କାଗଜ, ବାଉଁଶ ପଟା, ରଙ୍ଗିନ କାଗଜକୁ ବ୍ୟବହାର କରି ଗଢ଼ିଛନ୍ତି ଆକର୍ଷଣୀୟ ରଥ। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ପରେ ସ୍ମୃତିରଞ୍ଜନ ପଟ୍ଟନାୟକ, ଉଦ୍ୟମାନ ଚମ୍ପତି, ଚିତ୍ତରଞ୍ଜନ ସୁବୁଦ୍ଧି, ତାପସ ଚମ୍ପତି, ଦିବ୍ୟଜ୍ୟୋତି ଚମ୍ପତି, ସ୍ୱାଧୀନ ପଶ୍ଚିମକବାଟ, ସ୍ମୃତିମନ୍ତ ପାଟଶାଣୀ, ମଳୟ ପାଟଶାଣୀ ଏକାଠି ହୋଇ ଅଦରକାରୀ ପଦାର୍ଥକୁ ବ୍ୟବହାର କରି ମହାପ୍ରଭୁଙ୍କ ରଥ ପ୍ରସ୍ତୁତି ପାଇଁ ସ୍ଥିର କରିଥିଲେ। ଏଥିଲାଗି ଆବଶ୍ୟକ ସରଞ୍ଜାମ ସଂଗ୍ରହ ପରେ ଅକ୍ଷୟତୃତୀୟାରେ କାମ ଆରମ୍ଭ କରିଥିଲେ। ଏହି ତିଥିରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାମ ଅନୁକୂଳ ହୋଇଥିବା ବେଳେ ଏପଟେ ପିଲାମାନେ ମଧ୍ୟ ରଥ ପ୍ରସ୍ତୁତି କାମ ଆରମ୍ଭ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଉଚ୍ଚତା ୫ଫୁଟ, ବଡ଼ଭାଇ ବଳଭଦ୍ରଙ୍କ ରଥର ଉଚ୍ଚତା ୪.୫ଫୁଟ ଏବଂ ଦେବୀ ସୁଭଦ୍ରାଙ୍କ ରଥର ଉଚ୍ଚତା ୪ ଫୁଟ ରହିଛି।



ଛାତ୍ରମାନଙ୍କ ଦ୍ୱାରା ନିର୍ମିତ ୩ ରଥ।

ରଥଯାତ୍ରା ଦିନ ବୋଲଗଡ଼ ଦାଣ୍ଡରେ ରଥ ଗଡ଼ାଇବା ପାଇଁ ସ୍ଥିର କରିଛନ୍ତି। ସ୍ମୃତିରଞ୍ଜନ ପଟ୍ଟନାୟକ କୁହନ୍ତି, ଅକ୍ଷୟତୃତୀୟା ଦିନ ଘରେ ପୂଜା ପାଉଥିବା ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ରଥରେ ବ୍ୟବହୃତ ସରଞ୍ଜାମ ପୂଜାପାଠ ପରେ ରଥ ପ୍ରସ୍ତୁତି କାମ ଆରମ୍ଭ କରିଥିଲୁ। ଶ୍ରୀକ୍ଷେତ୍ରରେ ବିଧିବିଧାନ ଅନୁଯାୟୀ ରଥ ପ୍ରସ୍ତୁତ କରାଯାଇଛି। ଉଦ୍ୟମାନ ଚମ୍ପତି କୁହନ୍ତି, ପିଲାବେଳୁ ମହାପ୍ରଭୁଙ୍କ ପ୍ରତି ଅଗାଢ଼ ଭକ୍ତି ରହିଛି। ଚଳିତବର୍ଷ କରୋନା ଆଶଙ୍କା ରହିଛି, ପ୍ରବଳ ଭକ୍ତଙ୍କ ସମାଗମ ହେବ। ରଥଯାତ୍ରା ଯିବାକୁ ସୁଯୋଗ ମିଳିବ କି ନାହିଁ, ସେହି ଆଶଙ୍କାରେ ଚଳିତବର୍ଷ ନିଜସ୍ୱ ଉଦ୍ୟମରେ ରଥ ପ୍ରସ୍ତୁତ କରିବାକୁ ମନସ୍ଥ କରି କାମ ଆରମ୍ଭ କରିଥିଲୁ। ସମୟ ପୂର୍ବରୁ ରଥ ପ୍ରସ୍ତୁତି ସରିଛି। ଏବେ ଘୋଷଯାତ୍ରାକୁ ଅପେକ୍ଷା। ରଥଯାତ୍ରା ଦିନ ଦାଣ୍ଡରେ ଭକ୍ତଙ୍କ ଗହଣରେ ଘଣ୍ଟଘଣ୍ଟା ସହ ରଥ ଟାଣିବା ପାଇଁ ଯୋଜନା ରହିଛି। ନିଜସ୍ୱ ଖର୍ଚ୍ଚରେ ଏହି ରଥ ନିର୍ମାଣ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୀପକ



@ ଜୀବନ



@ ପ୍ରଭୁଜି



@ ରବି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ମା' ନାରାୟଣୀ ଶାନ୍ତି କମିଟିର ବାର୍ଷିକୋତ୍ସବ

ବାଲିପାଟଣା,୯।୬(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକ ଅନ୍ତର୍ଗତ ଆଇତଲଙ୍ଗ ଗ୍ରାମରେ ମା' ନାରାୟଣୀ ଶାନ୍ତି କମିଟିର ନବମ ବାର୍ଷିକୋତ୍ସବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଗନ୍ନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ବାଲିପାଟଣା ଥାନା ଏସ୍‌ଆଇ ରାକେଶ କୁମାର ସାମଲ, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ସଞ୍ଜୀବ ରଞ୍ଜନ ଦାଶ, ବସନ୍ତ ଦାଶ ଏବଂ ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଚତୁର୍ଥ ବାର୍ଷିକ ଇଜତେମା ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୯।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିକଟ ମହମୁଦାବାଦ (କେରଙ୍ଗ) ଠାରେ ନାସର ମସ୍‌ଜିଦ ପ୍ରାଙ୍ଗଣରେ ମଜଲିସ ଅନସାରୁଲ୍ଲା (ବୟସ୍କ ସଙ୍ଗଠନ)ର ଚତୁର୍ଥ ବାର୍ଷିକ ଲୋକାଲ ଇଜତେମା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସକାଳ ୯ଟାରେ ଅନ୍‌ସାରମାନଙ୍କ ପତାକା ଉତ୍ତୋଳନ ପରେ ଉପସ୍ଥିତ ସଭ୍ୟମାନଙ୍କଠାରୁ ଶପଥ ଗ୍ରହଣ (ଅହେଦନାମା) କରାଯାଇଥିଲା। ଖୋର୍ଦ୍ଧା, ନୟାଗଡ଼ ଓ ପୁରୀର ନାଜିମ ଜନାବ ମେରାଜ ଅହମଦ ସାହେବଙ୍କ ସଭାପତିତ୍ୱରେ ଏହି ସମାରୋହ ଆରମ୍ଭ ହୋଇଥିଲା। ଇଂ. ରୌଶନ ଖାନ ଉର୍ଦ୍ଦୁ ଭକ୍ତିମୂଳକ ପଦ୍ୟ ଗାନ କରିଥିଲେ। ସ୍ଥାନୀୟ ସଙ୍ଗଠନ ମୁଖ୍ୟ ଜଇମ ଅନସାରୁଲ୍ଲା ଜନାବ ଅଜିଜୁଲ୍ଲା ଖାନ ସାହେବ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଜିଲାଇ ମୁବଲ୍ଲିଗ ଇନଚାର୍ଜ ମୌଲାନା ହଲିମ ଅହମଦ ସାହେବ ୪୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ପାଇଁ ୧୯୪୦ ମସିହାରେ ଗଠନ କରାଯାଇଥିବା ଏହି ସଙ୍ଗଠନର ଆଭିମୁଖ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ପରେ କେରଙ୍ଗର ସଭାପତି ୱସୀମ ଅହମଦ ସାହେବ ବକ୍ତବ୍ୟରେ ପ୍ରତ୍ୟେକ ଅନସାରଙ୍କୁ ନିଜେ ଶୃଙ୍ଖଳିତ ହେବା ସହିତ ପରିବାରର ସମସ୍ତ ସଦସ୍ୟଙ୍କ ପ୍ରତି ନିଜର ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଶେଷରେ ଅମୀର ଜିଲା ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜନାବ ସଇଫୁର ଅହମଦ ସାହେବ ସମବେତ ପ୍ରାର୍ଥନା କରାଇଥିଲେ। ଦୁଇଦିନ ଧରି ବିଭିନ୍ନ ଜ୍ଞାନଭିତ୍ତିକ ଓ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏହି ଉଦ୍‌ଘାଟନୀ ସମାରୋହକୁ ସ୍ଥାନୀୟ ମୌଲାନା ଜନାବ ଶେଖ ଇଦ୍ରିସ ସାହେବ ପରିଚାଳନା କରିଥିଲେ।

**ଠେଲା ଦୋକାନରେ ଅଗ୍ନିକାଣ୍ଡ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ପୁରୀରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନରେନ୍ଦ୍ରକୋଣ ନିକଟରେ ଥିବା ଠେଲାଗାଡ଼ିରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡରେ ଖାଦ୍ୟ ବିକ୍ରି ହେଉଥିବା ଠେଲା ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଠେଲାଗାଡ଼ିରେ ଖାଦ୍ୟ ବିକ୍ରି କରୁଥିବା ସମୟରେ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା, ଫଳରେ ଉକ୍ତ ଠେଲା ଗାଡ଼ି ସହିତ ଏକ ସେଲୁନ ମଧ ଜଳିଯାଇଛି। ଘଟଣାସ୍ଥଳରେ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଛି। ଏହି ଅଗ୍ନିକାଣ୍ଡରେ କାହାର କିଛି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି।

# ଭକ୍ତଙ୍କୁ ମିଳିବ ମାଗଣା ଅଟୋସେବା

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେବା ସହ ନିର୍ଦ୍ଧାରିତ ସମୟ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମୟରେ ବିଭିନ୍ନ ପାର୍କିଂସ୍ଥଳରୁ ଭକ୍ତଙ୍କୁ ମାଗଣା ଅଟୋସେବା ଯୋଗାଇଦେବାକୁ ସ୍ଥିର ହୋଇଛି। ରଥକାଠ ସହ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ନୀତି ସମ୍ପାଦନ, ସ୍ୱାସ୍ଥ୍ୟ ଓ ପରିମଳ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ବିଦ୍ୟୁତ୍, ପରିବହନ, ଟ୍ରେନ ଚଳାଚଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।



ସମନ୍ୱୟ ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ଅନ୍ୟମାନେ।)

ରଥଯାତ୍ରା ପାଇଁ ୨୩୦ରୁ ୨୫୦ ଅଧିକ ବସ୍ ଚଳାଚଳ କରିବ। ପୁରୀ ସହରର ବିଭିନ୍ନ ସ୍ଥାନରେ ୧୮ଟି ପାର୍କିଂ ସ୍ଥାନ ହେବ। ମାଳତୀପାଟପୁରରେ ଟୁରିଷ୍ଟ ବସ୍ ରହିବ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଯାତ୍ରୀବାହୀ ବସ୍ ତାଳବଣିଆରେ ପାର୍କିଂ କରିବ। ସବୁ ବସ୍‌ରେ ରେଟ୍ ଚାର୍ଟ ରହିବ। ବିଭିନ୍ନ ପାର୍କିଂ ସ୍ଥାନରୁ ମାଗଣା ଅଟୋସେବା ଯୋଗାଇ ଦିଆଯିବ। ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ସହ ୩୫ଟି ଅତିରିକ୍ତ ଟିକେଟ କାଉଣ୍ଟର, ୧୦ଟି ଏଟିଭି ମେସିନ ବ୍ୟବସ୍ଥା ହେବ। ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର, ୧୧ଟି କ୍ରେନ୍ ନିୟୋଜିତ ହେବ। ଭିଡି ୱାଲ୍‌ରେ ଟ୍ରେନ୍ ସୂଚନା ଦିଆଯିବ। ରଥଯାତ୍ରା ପାଇଁ ୩୦୦ ଅଧିକ ଡାକ୍ତର ନିୟୋଜିତ ହେବେ। ଏଆଇ-୧ ସିସିଟିଭି କ୍ୟାମେରା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ କରାଯିବ। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ଓ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହ ୱାର୍ ରୁମ୍ ହେବ। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ ରୁମ୍ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ ହେବେ। ବଡ଼ଦାଣ୍ଡରେ ବିପଦସଙ୍କୁଳ କୋଠା ଚିହ୍ନଟ କରାଯାଇଛି। ଏବେସୁଦ୍ଧା ୮୦ ପ୍ରତିଶତ କାର୍ଯ୍ୟ ସରିଛି। ଡ୍ରେନ୍ ସଫେଇ, ରାସ୍ତାଘାଟ ଓ ଷ୍ଟ୍ରିଟ୍‌ଲାଇଟ୍ ମରାମତି ତୁରନ୍ତ ସାରିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁଣ୍ଡିଚା ମନ୍ଦିର ଅଞ୍ଚଳରୁ ପଲ୍ଲିଶ୍ରୀ ମେଳା ସମୁଦ୍ରକୂଳ ସ୍ଥାନାନ୍ତର ନେଇ ପୁନର୍ବିଚାର କରାଯିବ ବୋଲି ଆଇନମନ୍ତ୍ରୀ କହିଛନ୍ତି। ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡର ହେବ। ଅଂଶୁଘାତ ଆଶଙ୍କାକୁ ଦୃଷ୍ଟିରେ ରଖି ପୁରୀ ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟା ବ୍ୟବସ୍ଥା ହେବ। ଚଳିତବର୍ଷ ଢେଙ୍କାନାଳରୁ ୨୧ ଓ ବରଗଡ଼ରୁ ୧୯ ଜଣ ଫାଶିକାଠ ଦାନ କରିଛନ୍ତି। ଚଳିତ ବର୍ଷ ଖୋର୍ଦ୍ଧା ଓ ନୟାଗଡ଼ ବନଖଣ୍ଡ ସମେତ ରାଜ୍ୟର ୮ଟି ଡିଭିଜନରୁ ୮୧୫ ଖଣ୍ଡ କାଠ ଆସିଛି। ତାମିଲନାଡୁରୁ ଗ୍ରେଡ୍-ଏ ମାନର ଚନ୍ଦନକାଠ ଅଣାଯାଇଛି। ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ଓ ନବୀକରଣ କରାଯାଇଛି। ଜୁନ ୨୬ରୁ ଜୁଲାଇ ୯ ପର୍ଯ୍ୟନ୍ତ ପୁରୀ ପୌରାଞ୍ଚଳର ପ୍ରତ୍ୟେକ ବ୍ୟକ୍ତିଙ୍କ ପିଛା ୫ଲକ୍ଷ ଟଙ୍କାର ବୀମା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ଅଗ୍ରୱାଲ କହିଥିଲେ। ଶୃଙ୍ଖଳିତ ରଥଯାତ୍ରା ପାଇଁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବସେବା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ସୂଚନା ଓ ଲୋକସମ୍ପର୍କ ତଥା ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର, କେନ୍ଦ୍ରାଞ୍ଚଳ ଆର୍‌ଡିସି ବି. ପରମେଶ୍ୱରନ, ଦେବୋତ୍ତର କମିଶନର ଶିଶିର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁତର ରୋଗ, କୋଭିଡ୍ ଲକ୍ଷଣ ଥିଲେ ରଥ ଭିଡ଼କୁ ଆସନ୍ତୁ ନାହିଁ

ପୁରୀ, ୯।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ କୃପାରୁ ରଥଯାତ୍ରା ଠିକ୍ ଭାବେ ସମ୍ପନ୍ନ ହେବ। କୋଭିଡ୍ ବ୍ୟାପୁଥିଲେ ମଧ ଏ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ। ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛନ୍ତି। ସମ୍ପ୍ରତି ବ୍ୟାପିଥିବା କୋଭିଡ୍ ସଂକ୍ରମଣର କମ୍ ପ୍ରଭାବ ରହିଥିବାରୁ ଏହା ବିଶେଷ କ୍ଷତି ପହଞ୍ଚାଇବ ନାହିଁ। ମାତ୍ର କୌଣସି ବ୍ୟକ୍ତି କୋଭିଡ୍ ଲକ୍ଷଣ ଅନୁଭବ କଲେ କିମ୍ବା ଗୁରୁତର ରୋଗ ଥିଲେ ରଥଯାତ୍ରା ଭିଡ଼ଠୁ ଦୂରେଇ ରହିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି। ଅଦ୍ୟାବଧି ୪୪ ଜଣ ବ୍ୟକ୍ତି କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଘରକୁ ଫେରିଯାଇଛନ୍ତି। ଅନ୍ୟ ୩୪ ଜଣ ସୁସ୍ଥ ଓ ଚିକିତ୍ସାଧୀନ ଅଛନ୍ତି। ସଂପ୍ରତି ବ୍ୟାପିଥିବା କୋଭିଡ୍ ସଂକ୍ରମଣର ପ୍ରଭାବ କମ୍ ରହିଛି। ତେଣୁ ଓଡ଼ିଶାବାସୀ ଆତଙ୍କିତ ହେବାର ଆବଶ୍ୟକତା ନାହିଁ। ଯେଉଁମାନେ ଅସୁସ୍ଥ ବା କୋଭିଡ୍‌ର ଲକ୍ଷଣ ଅନୁଭବ କରୁଛନ୍ତି ସେମାନେ ମାସ୍କ ବ୍ୟବହାର କରନ୍ତୁ। ହାତ ଧୋଇବା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାକୁ ପଡ଼ିବ। ଯଦି କୌଣସି ବ୍ୟକ୍ତି ନିଜ ଶରୀରରେ କୋଭିଡ୍‌ର ଲକ୍ଷଣ ଅନୁଭବ କରୁଛନ୍ତି, କିମ୍ବା କ୍ୟାନ୍‌ସର ଓ ହୃଦରୋଗ ଭଳି ଗୁରୁତର ରୋଗରେ ପୀଡ଼ିତ, ତେବେ ସେମାନେ ଭିଡ଼ରୁ ଦୂରେଇ ରହିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକାରେ କୁହାଯାଇଛି। ଏ ନେଇ ସଚେତନତା କରାଯାଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

### ୩୦୦ ଡାକ୍ତର, ୨୪୦ ଅତିରିକ୍ତ ଶଯ୍ୟା, ୧୫ ଆଇସିୟୁ

ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରାରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି। ତେଣୁ ଭକ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ରଥଯାତ୍ରା ପାଇଁ ପୁରୀରେ ୩୦୦ ଡାକ୍ତର ନିୟୋଜିତ ହେବେ। ଆଇଡିଏଚ୍‌ରେ ୧୫ଟି ଆଇସିୟୁ ବେଡ୍ ସହ ୧୪୦ଟି ଅତିରିକ୍ତ ବେଡ୍ ବ୍ୟବସ୍ଥା ହେବ। ଏହାବ୍ୟତୀତ ଆଇଡିଏଚ୍‌ରେ ନିର୍ମିତ ହୋଇଥିବା ନୂଆ ଏଏନ୍‌ଏମ୍ ତାଲିମ କେନ୍ଦ୍ରରେ ୧୦୦ ଶଯ୍ୟା ପାଇଁ ପ୍ରକ୍ରିୟା ଚାଲିଛି ବୋଲି ଭାରପ୍ରାପ୍ତ ସିଡିଏମ୍‌ଓ ଡା. ବିନୋଦ ରଥ ସୂଚନା ଦେଇଛନ୍ତି। କାଜୁଆଲିଟି, ଟ୍ରମା ଓ ବର୍ନ ୟୁନିଟ ଅସ୍ଥାୟୀ ଭାବେ ଖୋଲାଯିବ। ବ୍ଲଡ ବ୍ୟାଙ୍କରେ ବିଭିନ୍ନ ଗ୍ରୁପର ୨ଶହ ୟୁନିଟ୍ ରକ୍ତ ସଂରକ୍ଷିତ ରହିଛି। ସମଗ୍ର ପୁରୀ ଜିଲାରେ ୩୧ଟି ଫାଷ୍ଟ ଏଡ୍ ସେଣ୍ଟର କାର୍ଯ୍ୟକାରୀ ହେବ। ଏହା ୨୬ତାରିଖରୁ ଆରମ୍ଭ ହେବ। ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ ନିୟୋଜିତ ହେବେ। ପ୍ରତି ସିଏଚ୍‌ସିରେ ଓଆର୍‌ଏସ୍ କର୍ନର ଖୋଲାଯିବ ବୋଲି ସିଡିଏମ୍‌ଓ ଡା. ରଥ କହିଛନ୍ତି।

### ଅଂଶୁଘାତ ମୁକାବିଲା ପାଇଁ ୫୯ ବେଡ୍

ରଥଯାତ୍ରାରେ ଅଂଶୁଘାତ ମୁକାବିଲା ଓ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ପାଇଁ ୬ଟି ସ୍ଥାନରେ ସୁବିଧା କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ୬ଶଯ୍ୟା ବ୍ୟବସ୍ଥା କରାଯାଇଛି। ସେହିପରି ବଡ଼ଦାଣ୍ଡସ୍ଥିତ ଉତ୍କଳ ହିନ୍ଦୀ ବିଦ୍ୟାପୀଠରେ ୬, ଜଗନ୍ନାଥବଲ୍ଲଭ ପାର୍କରେ ୧୦, ବଗଲା ଧର୍ମଶାଳାରେ ୬, ଅବକାଶ ଗେଷ୍ଟ ହାଉସରେ ୬ ଏବଂ ଉତ୍ତର ଦ୍ୱାର ହାଇଟେକ ମେଡିକାଲ କଲେଜ୍‌ର ଅସ୍ଥାୟୀ ଶିବିରରେ ୨୫ ଶଯ୍ୟାର ସୁବିଧା ରହିବ। ଏହାବ୍ୟତୀତ ଅନବସର ସମୟରେ ବ୍ରହ୍ମଗିରି, ରେବେଣା ନୂଆଗାଁରେ ଅଂଶୁଘାତ ବେଡ୍ ରହିବ। ପ୍ରତି ସିଏଚ୍‌ସିରେ ଏହି ବ୍ୟବସ୍ଥା ହେବ। ପିଏଚ୍‌ସିରେ ଏସି ନ ଥିଲେ କୁଲର ବ୍ୟବସ୍ଥା କରାଯିବ। ।

### ସବୁ ବ୍ଲକରୁ ପୁରୀକୁ ଗଡ଼ିବ ଗାଡ଼ି

ରଥଯାତ୍ରା ସମୟରେ ଭକ୍ତମାନେ ଯେପରି ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସିପାରିବେ ସେଥିପାଇଁ ମାଗଣା ଅଟୋ ବ୍ୟବସ୍ଥା କରାଯିବ। ପୁରୀ ଷ୍ଟର୍ଲିଂ ଛକ ଓ ତାଳବଣିଆ ଛକରୁ ଭକ୍ତମାନେ ମାଗଣା ଅଟୋରେ ଯାତ୍ରା କରିପାରିବେ। ସେହିପରି ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍‌ରୁ ଗାଡ଼ି ପୁରୀକୁ ଗଡ଼ିବ। ଫଳରେ ଭକ୍ତମାନେ ପୁରୀ ଆସିବାରେ ସମସ୍ୟା ଭୋଗିବେନି। ସମସ୍ତ ବସ୍‌ରେ ରେଟ୍ ଚାର୍ଟ ଲାଗିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ସୋମବାର ପୁରୀ ଟାଉନ ହଲ୍‌ରେ ଅନୁଷ୍ଠିତ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ପରେ ମନ୍ତ୍ରୀ ଜେନା ଏହି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ହେଉ: ସୁନୀଲ

ପୁରୀ, ୯।୬(ଅଜିତ୍ କୁମାର ମହାନ୍ତି): ଟାଉନ ହଲ୍‌ରେ ସୋମବାର ଅନୁଷ୍ଠିତ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ପୁରୀ ବିଧାୟକ ସୁନିଲ ମହାନ୍ତି କହିଛନ୍ତି, ଦର୍ଶନ ପାଇଁ ପୂର୍ବରୁ ପୁରୀବାସୀ ସେମାନଙ୍କ ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ଯାଉଥିଲେ। ବର୍ତ୍ତମାନ ସେପରି ବ୍ୟବସ୍ଥା ନାହିଁ। ଫଳରେ ସେମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିରରେ ପୁରୀବାସୀଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ ସହ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବାକୁ ମହାନ୍ତି ଦାବି କରିଛନ୍ତି।

### ପରିଚାଳନା କମିଟି ଗଠନ ହେଉ ନ ଥିବାରୁ କ୍ଷୋଭ

ପୁରୀ, ୯।୬(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଦୀର୍ଘ ମାସ ହେବ ଶେଷ ହୋଇସାରିଥିଲେ ମଧ ଏପର୍ଯ୍ୟନ୍ତ ନୂତନ ପରିଚାଳନା କମିଟି ଗଠନ ହୋଇପାରିନାହିଁ। ସୋମବାର ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଏହାକୁ ନେଇ ବରିଷ୍ଠ ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବିନା ପରିଚାଳନା କମିଟିରେ ଶ୍ରୀମନ୍ଦିର ପ୍ରଶାସନ ମନଇଚ୍ଛା କାର୍ଯ୍ୟ କରୁଛି। ତୁରନ୍ତ ନୂତନ କମିଟି ଗଠନ କରିବାକୁ ସେମାନେ ଦାବି କରିଛନ୍ତି। ତେବେ କୋର୍ଟରେ ଏ ସଂକ୍ରାନ୍ତ ମାମଲା ବିଚାରାଧୀନ ଥିବାରୁ ପରିଚାଳନା କମିଟି ଗଠନ ହୋଇପାରିନାହିଁ। କୋର୍ଟ ଖୋଲିବା ପରେ ଏନେଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

### ବଜ୍ରପାତରେ ଚାଲିଗଲା ଚାଷୀଙ୍କ ଜୀବନ

ପିପିଲି,୯।୬(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାପ୍ରସାଦ ମିଶ୍ର)

ଜମିରେ ଚାଷ କରୁଥିବା ବେଳେ ବଜ୍ରପାତ ଯୋଗୁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ପିପିଲି ବ୍ଲକ କୁଳଶେଖର ପାଟଣା ମାଳିବରାହୀ ଗ୍ରାମର ସୁରେଶ ରାୟ(୫୩)। ସୋମବାର ଅପରାହ୍ନରେ ଘଡ଼ଘଡ଼ି ସହ ମେଘ ପବନ ହୋଇଥିଲା। ସୁରେଶ ବିଲକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ବିଜୁଳି ପଡ଼ି ଚାଷୀ ଜଣକ ବିଲ ମଝିରେ ନିସ୍ତେଜ ହୋଇ ପଡ଼ିଥିବା ବେଳେ ହାତରେ ଥିବା ଛତାଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଏଥିସହ ତାଙ୍କ ଛାତି ଓ ପେଟ ମଧ ଶିଝି ଯାଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ପରିବାର ଲୋକେ ନିସ୍ତେଜ ଚାଷୀଙ୍କୁ ବିଲରୁ ଉଦ୍ଧାର କରି ପିପିଲି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସୁରେଶଙ୍କ ସ୍ତ୍ରୀ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯିବ ବୋଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।


ମହାପ୍ରଭୁଙ୍କ ପହଣ୍ଡିରେ ସେନାପଟାଲାଗି ପାଇଁ ଦରଜି ସେବାୟତ ଲୁଗା ପ୍ରସ୍ତୁତ କରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ଗୃହ ନିର୍ମାଣକୁ କେନ୍ଦ୍ରକରି ମାରପିଟ, ଉଭୟ ପରିବାରର ୬ ଆହତ

କଣାସ,୯।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଡା ଥାନା ପରିସରଭୁକ୍ତ ଚୁପୁରିଙ୍ଗି ପଞ୍ଚାୟତର କାଳିଘଡ଼ି ଗ୍ରାମରେ ସୋମବାର ୨ ପରିବାର ମଧ୍ୟରେ ଗୃହ ନିର୍ମାଣକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପକ୍ଷର ୬ଜଣ ଆହତ ହୋଇଛନ୍ତି। ଉକ୍ତ ଜାଗାଟି ରିଜିମାଇଲ୍ ଥିବାରୁ ଗୋଟିଏ ଗୋଷ୍ଠୀ କୋର୍ଟର ଆଶ୍ରୟ ନେଇ କେହି ଘର ତିଆରି ନ କରିବା ପାଇଁ ୧୪୪ ଧାରା ଜାରି କରିଥିଲ, ଏବେ କିନ୍ତୁ ଗୋଟିଏ ପରିବାର ତାହା ନ ମାନି ଆଜି ଘର ତିଆରି କରିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ପରିବାରର ସୁରେନ୍ଦ୍ର ବଳିୟାରସିଂହ, ଉପେନ୍ଦ୍ର ବଳିୟାରସିଂହ, ଜଳନ୍ଧର ବଳିୟାରସିଂହ, ସେବତୀ ବଳିୟାରସିଂହ ଆହତ ହୋଇଥିବାବେଳେ ଅନ୍ୟ ପରିବାରର ବିରଞ୍ଚି ବଳିୟାରସିଂହ, ବନିତା ବଳିୟାରସିଂହ ଆହତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗଡ଼ିଶାଗୋଡା ଥାନାଧିକାରୀ ସୁଧୀର କୁମାର ଦାସ କହିଛନ୍ତି, ଘର ତିଆରି ହେଉଥିବା ପ୍ଲଟ୍ ଉପରେ ୧୪୪ ଧାରା ଜାରି ହୋଇଥିବାରୁ ମୁଁ ଉଭୟ ପକ୍ଷଙ୍କୁ ଡାକି କେହି ଘର ତିଆରି ନ କରିବାକୁ ବାରଣ କରିଥିଲି। କିନ୍ତୁ ମୋ କଥା ନ ମାନି ଘର ତିଆରି କରିବାରୁ ଆଜି ଗଣ୍ଡଗୋଳ ହୋଇଛି। ଖବର ଲେଖାହେବା ସୁଦ୍ଧା କୌଣସି ପକ୍ଷ ଥାନାରେ ଅଭିଯୋଗ କରିନାହାନ୍ତି।

## ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର ପାଇଁ ଗୁରୁତ୍ୱ

### ଶ୍ରୀଜଗନ୍ନାଥ ଭକ୍ତ ସମାଜର ଦ୍ୱିତୀୟ ବାର୍ଷିକ ଉତ୍ସବ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଭକ୍ତ ସମାଜର ଦ୍ୱିତୀୟ ବାର୍ଷିକ ଉତ୍ସବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କିପରି ବିଶ୍ୱସ୍ତରୀୟ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ମୁଖ୍ୟବକ୍ତା ଭାବେ ସ୍ୱାମୀ ଶ୍ରୀକୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ, ବିଶିଷ୍ଟ ଅତିଥି ଭାବେ ସଦାଶିବ ପରିସରର ଭାରପ୍ରାପ୍ତ ନିର୍ଦ୍ଦେଶିକା ଅନୁପମା ପୃଷ୍ଟି, ସମ୍ମାନିତ ଅତିଥି ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର ପାଇଁ ସମସ୍ତ ଜଗନ୍ନାଥପ୍ରେମୀ ଅନୁଷ୍ଠାନ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ସେବାରେ ନିଜକୁ ନିୟୋଜିତ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ମଧ୍ୟରେ ସ୍ୱାମୀ ଶ୍ରୀକୃଷ୍ଣ ପ୍ରେମାନନ୍ଦ ସରସ୍ୱତୀଙ୍କୁ ଶ୍ରୀଜଗନ୍ନାଥ କଥାସେବା ସମ୍ମାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଶ୍ରୀଜଗନ୍ନାଥ ସେବା ସମ୍ମାନ, ନାରାୟଣ ମହାପାତ୍ରଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ସମ୍ମାନ, ଦେବେନ୍ଦ୍ର ନାଥ ତରେଇଙ୍କୁ ଶ୍ରୀଜଗନ୍ନାଥ ଚିକିତ୍ସା ସମ୍ମାନ ଓ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଶ୍ରୀଜଗନ୍ନାଥ ଆରକ୍ଷୀ ସେବା ସମ୍ମାନରେ ମାନପତ୍ର, ଉତ୍ତରୀୟ, ଟ୍ରଫି ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ପ୍ରକାଶିତ ବାର୍ଷିକ ପତ୍ରିକା 'ଜଗବନ୍ଧୁ ଶ୍ରୀଜଗନ୍ନାଥ' ଓ ଜୟ ମା' ଭବାନୀ ଚାରିଟେବଲ ଟ୍ରଷ୍ଟର ମାସିକ ପତ୍ରିକା 'ଅନନ୍ତା' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ଭକ୍ତି ନୈବେଦ୍ୟ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଣ୍ଠଶିଳ୍ପୀ ଅନାମିକା ସ୍ୱାଇଁ ପଟ୍ଟନାୟକ, ଭାରତୀ ଭୂଷଣ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପାଣି ପ୍ରମୁଖ ଶ୍ରୀଜଗନ୍ନାଥ ଭଜନ ଗାନ କରିଥିଲେ। ବାଣୀଶ୍ରୀ ସଂଗୀତ ଏକାଡେମୀର କଳାକାର ମାନଙ୍କ ଦ୍ୱାରା ଶ୍ରୀଜୟଦେବ କୃତ ଗୀତଗୋବିନ୍ଦ ଗାନ କରାଯାଇଥିଲା। କୋଷାଧ୍ୟକ୍ଷ କାର୍ତ୍ତିକ ସାହୁ, ପୁଷ୍ପିତା ପଟ୍ଟନାୟକ, ବିଜୟ କୁମାର ସାହୁ, ଦୀପ୍ତିରଞ୍ଜନ ସେନାପତି, ଅଜୟାନନ୍ଦ ସାହୁ, ଜ୍ୟୋତିପ୍ରକାଶ ନନ୍ଦ, ମହେଶ ପାଣିଗ୍ରାହୀ ତଥା ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦୋଳବେଦିରେ ଶିଳାଲେଖର ସନ୍ଧାନ ପାଇଲେ ଐତିହ୍ୟପ୍ରେମୀ

### ୧୧ଦଶ ପୁରୀ ଐତିହ୍ୟ ପଦଯାତ୍ରା

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଚଳିତ ମାସର ଦ୍ୱିତୀୟ ରବିବାର ଅପରାହ୍ନରେ ବିଭିନ୍ନ ସ୍ଥାନରୁ ଆସି ଯୋଗଦେଇଥିବା ୨୦ ଜଣ ଐତିହ୍ୟପ୍ରେମୀ ଓ ଗବେଷକଙ୍କ ଗହଣରେ ୧୧ଶ ପୁରୀ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଶ୍ରୀକ୍ଷେତ୍ରର ଅନ୍ୟତମ ଦେବୀପୀଠ ମରିଚିକୋଟ ନିକଟସ୍ଥ ମରିଚି ଠାକୁରାଣୀଙ୍କ ପୀଠରୁ ଆରମ୍ଭ ହୋଇ ସତ୍ୟନାରାୟଣ ମନ୍ଦିର ତଥା ରାମଜୀ ମଠ ନିକଟରେ ଶେଷ ହୋଇଥିଲା। ପଦଯାତ୍ରାରେ ରଥଖଳା ଓ ରଥଚାଳିରେ ଅନେକ ବରିଷ୍ଠ ରଥ କାରିଗରଙ୍କ ସହ ରଥ ନିର୍ମାଣର ମୂଲ୍ୟବାନ୍ ବିଷୟ ଉପରେ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା। ସାକ୍ଷାତ୍କାରରେ ରଥର ବିଭିନ୍ନ କାରୁକାର୍ଯ୍ୟ ଖୋଦିତ ଅଂଶ ବିଷୟକ ସମ୍ପୂର୍ଣ୍ଣ ବିବରଣୀ ଐତିହ୍ୟପ୍ରେମୀ ଅବଗତ ହୋଇଥିଲେ। ଜଗନ୍ନାଥଙ୍କ ରଥର ରୂପକାର ସେବକ ରାଜେନ୍ଦ୍ର କୁମାର ମହାପାତ୍ର ତାଙ୍କ ଅଙ୍ଗେନିଭା କଥାରେ ମହାପ୍ରଭୁ ଜଗନ୍ନାଥଙ୍କ ବିଚିତ୍ର ଲୀଳା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବଳଭଦ୍ରଙ୍କ ରଥର କାରିଗର ବାଳକୃଷ୍ଣ ମହାପାତ୍ର ୩ ରଥର ବିଭିନ୍ନ ଅଙ୍ଗ ପର୍ଯ୍ୟାୟକ୍ରମେ କିପରି ଯୋଡ଼ା ହୋଇ ସମ୍ପୂର୍ଣ୍ଣ ରଥ ହୁଏ ତାହା କହିଥିଲେ। ପରେ ଐତିହ୍ୟପ୍ରେମୀ ରଥଖଳାର ଇଷ୍ଟଦେବୀ ମା' ଚର୍ଚ୍ଚିକାଙ୍କ ମନ୍ଦିର ଦର୍ଶନ ସହ ବଡ଼ ଆଖଡ଼ା ମଠରେ ଥିବା ହନୁମାନ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟର ବିଶ୍ଳେଷଣ କରିଥିଲେ। ଏଠାରୁ ଦୋଳବେଦି ପରିସର ଭ୍ରମଣ କରି ପୀଠର ବାଡ଼ରେ ପ୍ରାଚୀନ ଭାସ୍କର୍ଯ୍ୟ ସମୂହର ତର୍ଜମା କରିଥିଲେ। ପଶ୍ଚିମ ପାର୍ଶ୍ୱସ୍ଥ ପାବଚ୍ଛ ଶ୍ରେଣୀର ବାହାରେ ଖୋଦିତ ଯୁଦ୍ଧହସ୍ତୀର ଅନୁଧ୍ୟାନ କରିବା ସହ ଏକ ଶିଳାଲିପିର ସନ୍ଧାନ ପାଇଥିଲେ। ଚୂନ ପଲସ୍ତରା ଛଡ଼ା ଯିବା ସମୟରେ ଏହା ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲେ ମଧ ଏବେ ବି ପାଠୋଦ୍ଧାର ସମ୍ଭବ ଥିବାରୁ ଏହାର ସଂରକ୍ଷଣ ଓ ଉକ୍ତ ସ୍ଥଳରେ ଏଥିନେଇ ସୂଚନା ପ୍ରଦାନ କରାଯିବା ଆବଶ୍ୟକ ବୋଲି ଐତିହ୍ୟ ପଦଯାତ୍ରୀ ଅନୁଭବ କରିଥିଲେ। ଦୋଳବେଦି ପରିସରରେ ସ୍ଥାପିତ ଲୌହକାରଙ୍କ ଅସ୍ଥାୟୀ ଶାଳରେ ୩ ରଥର ଓଝା ମହାରଣାଙ୍କ ଉପସ୍ଥିତିରେ ଲୁହା କଣ୍ଟା ସାମଗ୍ରୀର ନିର୍ମାଣ ଦେଖିଥିଲେ। ରଥକାମରେ ପ୍ରତିବର୍ଷ କଣ୍ଟା, ବଳା ଓ ପଦାରି ଆଦି ପ୍ରସ୍ତୁତ କରିବାରେ ପ୍ରାୟ ୫ କୁଇଣ୍ଟାଲ ଲୁହାଛଡ଼ ଲାଗିଥାଏ ବୋଲି ସୂଚନାରୁ ଜଣାପଡ଼ିଛି। ଶେଷରେ ସତ୍ୟନାରାୟଣ ମନ୍ଦିର ଏବଂ ରାମଜୀ ମଠର ହନୁମାନଙ୍କୁ ଦର୍ଶନ ପରେ ଐତିହ୍ୟ ପଦଯାତ୍ରା ଶେଷ ହୋଇଥିଲା। ଏଥିରେ ଐତିହ୍ୟ ବିଶାରଦ ଦେବୀ ପ୍ରସନ୍ନ ନନ୍ଦ ଅଧ୍ୟକ୍ଷତା କରିଥିଲେ। ବିଶ୍ୱରଞ୍ଜନ ଦେହୁରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଯାତ୍ରାରେ ଐତିହ୍ୟ କର୍ମୀ ସଞ୍ଜୟ ବରାଳ ଐତିହ୍ୟ ପ୍ରତି ଯୁବସମାଜର ଆଗ୍ରହ କିପରି ସୁଦୃଢ଼ ହେବ ତାହା ଆଲୋଚନା କରିଥିଲେ। ଆବାହକ ଡା. କୁମାର ଅରୋଜ୍ୟୋତି ଧନ୍ୟବାଦ ଦେଇଥିଲେ। ଐତିହ୍ୟ ପଦଯାତ୍ରାରେ ସୁବାସ ମହାପାତ୍ର, ସୁବ୍ରତ ବଳ, ଜ୍ୟୋତ୍ସ୍ନା ମହାପାତ୍ର, ସୁପ୍ରଭା ମହାପାତ୍ର, ପ୍ରଶାନ୍ତ ମିଶ୍ର, ପ୍ରିୟଙ୍କର ମହାରଣା ଓ ବିଶ୍ୱମୋହନ ପ୍ରମୁଖ ଐତିହ୍ୟପ୍ରେମୀ ଯୋଗଦେଇଥିଲେ।

## ରଥଖଳାରୁ...

### ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି



ପୁରୀ, ୯।୬(ଅଜିତ୍ କୁମାର ମହାନ୍ତି)

୩ ରଥର ଉଭୟ ପାର୍ଶ୍ୱରେ ୩ଟି ଲେଖାଏ ପୋଲ ଗୟଳ ମୋଡ଼ାଯାଇ, ଅନୁକୂଳ ପୂଜା, ଚାରି ନାହାକା ଉଠିବା, ଗୋଟିଏ ଗୋଟିଏ ଛନ୍ଦା ଗୟଳ ମୋଡ଼ା ଯାଇଥିବାବେଳେ ସୋମବାର ଛନ୍ଦା ଗୟଳ ମୋଡ଼ାକାର୍ଯ୍ୟ ଶେଷ ହୋଇଛି। ମୋଟ ୩୨ଟି ଗୟଳ ମଧ୍ୟରୁ ୧୬ଟି ପୋଲ ଗୟଳ ମୋଡ଼ା ଶେଷ ହୋଇଥିଲା। ବାକି ୧୬ଟି ଛନ୍ଦା ଗୟଳ ମଧ୍ୟରୁ ଗୋଟିଏ ଗୋଟିଏ ଛନ୍ଦା ଗୟଳ ମୋଡ଼ାଯାଇ କଣ୍ଟା ବସିବାକୁ ଦଉଡିରେ ବାନ୍ଧେଣି ପଡ଼ିଥିଲା। ବାକି ୧୦ଟି ଛନ୍ଦା ଗୟଳ ରଥ ଉଭୟ ପାର୍ଶ୍ୱରେ ମୋଡ଼ା ଶେଷ ହୋଇ ବାନ୍ଧେଣି ପଡ଼ିଛି। ଏହା ୨ ପାର୍ଶ୍ୱ ନିରାଡ଼ିରେ ସଂଯୋଗ ହୋଇ ଗୟଳ ଏବଂ ନିରାଡ଼ିରେ ଖୋଦେଇ କାମ ଶେଷ ହୋଇ କଣ୍ଟା ବାଡ଼ିଆ ଶେଷ ହୋଇଛି। ୪୪ଟି ଯୋକା ଫିଟିଂ ପାଇଁ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି। ରଥ ନିର୍ମାଣ କାର୍ଯ୍ୟ ଶେଷହେବା ପୂର୍ବରୁ ଭୋଇ ସେବକମାନେ ନିର୍ମାଣ ଶେଷ ହୋଇଥିବା ଯୋକାଗୁଡ଼ିକୁ ନେଇ ରଥରେ ଡେରିଛନ୍ତି। ମଙ୍ଗଳବାର ରଥରେ ଯୋକାଗୁଡ଼ିକ ଫିଟିଂ କରାଯିବ ବୋଲି ସୂଚନା ମିଳିଛି। ଏଥିସହ ସୋମବାର ମହାରଣା ସେବକମାନେ ରଥର ୪ଟି ଲେଖାଏ ଧ୍ୱଜବତା ନିର୍ମାଣ ଶେଷ କରିଛନ୍ତି। ରୂପକାର ସେବକମାନେ ୩ ରଥର ନାଟ ଗୋଡ଼ରେ ରାହୁ ରୂପ ବା ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି।

## ପୁରୀରେ ହେବ ସୁପର ସ୍ପେସାଲିଟି ହସ୍ପିଟାଲ

ପୁରୀ, ୯।୬(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ଭିଡ଼ରେ କେତେକ ଭକ୍ତଙ୍କୁ ହୃଦ୍‌ଘାତ ହେବାର ପୂର୍ବରୁ ନଜିର ରହିଛି। ହୃଦଘାତ ଚିକିତ୍ସା ପାଇଁ ୬ଘଣ୍ଟା ଗୋଲ୍‌ଡେନ ଆୱାର। ମାତ୍ର ଉପଯୁକ୍ତ ଚିକିତ୍ସା ଅଭାବରୁ ହୃଦ୍‌ଘାତ ରୋଗୀ ଭୁବନେଶ୍ୱର ରେଫର ହୋଇ ଚିକିତ୍ସା ଆରମ୍ଭ ହେବା ବେଳକୁ ମୃତ୍ୟୁବରଣ କରିବାର ଆଶଙ୍କା ରହିଛି। ତେଣୁ ଅନ୍ତତଃ ରଥଯାତ୍ରା ସମୟରେ ପୁରୀରେ ଅସ୍ଥାୟୀ ଆଞ୍ଜିଓଗ୍ରାମ୍ ଓ ଆଞ୍ଜିଓପ୍ଲାଷ୍ଟି ୟୁନିଟ ଖୋଲାଯାଉ ବୋଲି ଏମ୍‌ପି ଡାକ୍ତର ସମ୍ବିତ ପାତ୍ର ସୋମବାର ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ମତ ଦେଇଛନ୍ତି। ସ୍ପେଶାଲିଷ୍ଟ ହସ୍ପିଟାଲରୁ ସ୍ପେଶାଲିଷ୍ଟମାନଙ୍କୁ ଡାକି ଏଠାରେ ପରୀକ୍ଷା ତଥା ଚିକିତ୍ସା ସୁବିଧା କରାଯାଉ ବୋଲି ସେ କହିଛନ୍ତି। ବର୍ନ ୟୁନିଟ୍ ଭଳି ସ୍ଥାୟୀ ସମସ୍ୟା ଏବଂ ଅନ୍ୟ ବିଭାଗ ପାଇଁ ପୁରୀରେ ଏକ ସୁପର ସ୍ପେସାଲିଟି ହସ୍ପିଟାଲ ଖୋଲାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହ ସେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟି ଏ ସମ୍ବନ୍ଧରେ ଜଣାଇଛନ୍ତି ବୋଲି ପାତ୍ର କହିଛନ୍ତି।

**ଚଢ଼ାଉ: ପାଇକରାପୁରରୁ ୩ ହାଇୱା, ୧ ଜେସିବି ଜବତ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ଚନ୍ଦକା ଥାନା ଅଧୀନ ପାଇକରାପୁର ଗ୍ରାମ ନିକଟ ଖଣିରେ ରବିବାର ରାତିରେ ପୋଲିସ ଚଢ଼ାଉ କରି ୩ ହାଇୱା, ଜେସିବି ଜବତ କରିଛି। ପୋଲିସକୁ ଦେଖି ଗାଡ଼ି ଚାଳକ ଓ ମାଫିଆମାନେ ଫେରାର ହୋଇଯାଇଥିଲେ। ଖଣିରୁ ୩ଟି ହାଇୱା (ଓଡି ୦୨ ଏଏଫ୍ ୨୬୫୪), (ଓଡି ୦୨ ଏଏଫ୍ ୮୫୩୭), (ଓଡି ୦୨ସିବି ୧୯୭୦) ଓ ଜେସିବି (ଓଡି ୦୨ ସିକେ ୮୬୮୬)କୁ ଜବତ କରାଯାଇଛି। ଗାଡ଼ିଗୁଡ଼ିକୁ ପୋଲିସ ଚନ୍ଦକା ଥାନାକୁ ଆଣିଛି।



# ଭକ୍ତଙ୍କୁ ମିଳିବ ମାଗଣା ଅଟୋସେବା

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)




ସମନ୍ୱୟ ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ଅନ୍ୟମାନେ।

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେବା ସହ ନିର୍ଦ୍ଧାରିତ ସମୟ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମୟରେ ବିଭିନ୍ନ ପାର୍କିଂସ୍ଥଳରୁ ଭକ୍ତଙ୍କୁ ମାଗଣା ଅଟୋସେବା ଯୋଗାଇଦେବାକୁ ସ୍ଥିର ହୋଇଛି। ରଥକାଠ ସହ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ନୀତି ସମ୍ପାଦନ, ସ୍ୱାସ୍ଥ୍ୟ ଓ ପରିମଳ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ବିଦ୍ୟୁତ୍, ପରିବହନ, ଟ୍ରେନ ଚଳାଚଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

ରଥଯାତ୍ରା ପାଇଁ ୨୩୦ରୁ ୨୫୦ ଅଧିକ ବସ୍ ଚଳାଚଳ କରିବ। ପୁରୀ ସହରର ବିଭିନ୍ନ ସ୍ଥାନରେ ୧୮ଟି ପାର୍କିଂ ସ୍ଥାନ ହେବ। ମାଳତୀପାଟପୁରରେ ଟୁରିଷ୍ଟ ବସ୍ ରହିବ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଯାତ୍ରୀବାହୀ ବସ୍ ତାଳବଣିଆରେ ପାର୍କିଂ କରିବ। ସବୁ ବସ୍‌ରେ ରେଟ୍ ଚାର୍ଟ ରହିବ। ବିଭିନ୍ନ ପାର୍କିଂ ସ୍ଥାନରୁ ମାଗଣା ଅଟୋସେବା ଯୋଗାଇ ଦିଆଯିବ। ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ସହ ୩୫ଟି ଅତିରିକ୍ତ ଟିକେଟ କାଉଣ୍ଟର, ୧୦ଟି ଏଟିଭି ମେଶିନ ବ୍ୟବସ୍ଥା ହେବ। ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର, ୧୧ଟି କ୍ରେନ୍ ନିୟୋଜିତ ହେବ। ଭିଡି ୱାଲ୍‌ରେ ଟ୍ରେନ୍ ସୂଚନା ଦିଆଯିବ। ରଥଯାତ୍ରା ପାଇଁ ୩୦୦ ଅଧିକ ଡାକ୍ତର ନିୟୋଜିତ ହେବେ। ଏଆଇ-୧ ସିସିଟିଭି କ୍ୟାମେରା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ କରାଯିବ। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ଓ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହ ୱାର୍ ରୁମ୍ ହେବ। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ ରୁମ୍ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ ହେବେ। ବଡ଼ଦାଣ୍ଡରେ ବିପଦସଙ୍କୁଳ କୋଠା ଚିହ୍ନଟ କରାଯାଇଛି। ଏବେସୁଦ୍ଧା ୮୦ ପ୍ରତିଶତ କାର୍ଯ୍ୟ ସରିଛି। ଡ୍ରେନ୍ ସଫେଇ, ରାସ୍ତାଘାଟ ଓ ଷ୍ଟ୍ରିଟ୍‌ଲାଇଟ୍ ମରାମତି ତୁରନ୍ତ ସାରିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁଣ୍ଡିଚା ମନ୍ଦିର ଅଞ୍ଚଳରୁ ପଲ୍ଲିଶ୍ରୀ ମେଳା ସମୁଦ୍ରକୂଳ ସ୍ଥାନାନ୍ତର ନେଇ ପୁନର୍ବିଚାର କରାଯିବ ବୋଲି ଆଇନମନ୍ତ୍ରୀ କହିଛନ୍ତି। ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡର ହେବ। ଅଂଶୁଘାତ ଆଶଙ୍କାକୁ ଦୃଷ୍ଟିରେ ରଖି ପୁରୀ ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟା ବ୍ୟବସ୍ଥା ହେବ। ଚଳିତବର୍ଷ ଢେଙ୍କାନାଳରୁ ୨୧ ଓ ବରଗଡ଼ରୁ ୧୯ ଜଣ ଫାଶିକାଠ ଦାନ କରିଛନ୍ତି। ଚଳିତ ବର୍ଷ ଖୋର୍ଦ୍ଧା ଓ ନୟାଗଡ଼ ବନଖଣ୍ଡ ସମେତ ରାଜ୍ୟର ୮ଟି ଡିଭିଜନରୁ ୮୧୫ ଖଣ୍ଡ କାଠ ଆସିଛି। ତାମିଲନାଡୁରୁ ଗ୍ରେଡ୍-ଏ ମାନର ଚନ୍ଦନକାଠ ଅଣାଯାଇଛି। ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ଓ ନବୀକରଣ କରାଯାଇଛି। ଜୁନ ୨୬ରୁ ଜୁଲାଇ ୯ ପର୍ଯ୍ୟନ୍ତ ପୁରୀ ପୌରାଞ୍ଚଳର ପ୍ରତ୍ୟେକ ବ୍ୟକ୍ତିଙ୍କ ପିଛା ୫ଲକ୍ଷ ଟଙ୍କାର ବୀମା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ଅଗ୍ରୱାଲ କହିଥିଲେ। ଶୃଙ୍ଖଳିତ ରଥଯାତ୍ରା ପାଇଁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସୂଚନା ଓ ଲୋକସମ୍ପର୍କ ତଥା ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର, କେନ୍ଦ୍ରାଞ୍ଚଳ ଆରଡିସି ବି. ପରମେଶ୍ୱରନ, ଦେବୋତ୍ତର କମିଶନର ଶିଶିର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ଯୁବକ ମୃତ, ୨ ଗୁରୁତର

ଯାଁଳା,୯।୬(ବୁଲା ବାରିକ)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତ ଅଞ୍ଚଳରେ ସୋମବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ପିଲା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗୁପ୍ତପଡ଼ାର ଦୁଃଶାସନ ନାଏକ (୨୮)। ସେହିପରି ଆହତଦ୍ୱୟ ହେଲେ କନ୍ଦଳେଇ ଗ୍ରାମର ବାବୁଲି ଚତରଙ୍କ ପୁଅ ସମା ଚତର ଏବଂ ଜେନା ବଇପାଇଙ୍କ ପୁଅ ସୁନୀଲ। ସୂଚନା ମୁତାବକ, ଅପରାହ୍ନରେ ହଠାତ୍ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ପବନ ହୋଇଥିଲା। ଦୁଃଶାସନ କୌଣସି କାମରେ କନ୍ଦଳେଇ ଗ୍ରାମକୁ ଯାଇଥିବା ବେଳେ ବର୍ଷା ହେଉଥିବାରୁ ଜଣଙ୍କ ଘର ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଜେନା ବଇପାଇଙ୍କ ଘରେ ତାଙ୍କ ପୁଅ ସୁନୀଲ ଓ ପଡ଼ୋଶୀ ଘରର ସମା ଖେଳୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଜେନାଙ୍କ ଘର କାନ୍ଥ ଓ ଆଜ୍‌ବେଷ୍ଟସ ଫାଟିଯିବା ସହ ସୁନୀଲ ଓ ସମା ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ଏମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଚନ୍ଦକା ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ




ସେବା ପ୍ରତିନିଧି ପକ୍ଷରୁ ବିନ୍ଦୁସାଗରଠାରେ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ କରାଯାଉଛି।

ପୁରୁଣା ଭୁବନେଶ୍ୱର,୯।୬(ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ସୋମବାର ସେବା ପ୍ରତିନିଧି ପକ୍ଷରୁ ବିନ୍ଦୁସାଗର ଠାରେ ପାଳିତ ହୋଇଯାଇଛି। ଏଥିରେ ସଙ୍ଗଠନର ଅଧ୍ୟକ୍ଷ ନୀଳମଣି ମିଶ୍ର ଅଧ୍ୟକ୍ଷତା କରିଥିଲେ। ନନ୍ଦିନୀ ଶତପଥୀ କେବଳ ରାଜନୀତି ନୁହେଁ, ସାହିତ୍ୟ ଜଗତରେ ମଧ୍ୟ ତାଙ୍କର ଅନେକ ଅବଦାନ ରହିଛି। ଅନେକ ସଂସ୍କାରମୂଳକ କାର୍ଯ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା। ସେ ପ୍ରଥମେ ଓଡ଼ିଶାରେ ବାର୍ଦ୍ଧକ୍ୟ ଭତ୍ତା ବ୍ୟବସ୍ଥା ପ୍ରଚଳନ କରିଥିଲେ। ଭୂମିହୀନଙ୍କୁ ସରକାରଙ୍କ ପକ୍ଷରୁ ବାସ ଉପଯୋଗୀ ଭୂମି ପ୍ରଦାନର ଆଇନ ପ୍ରଣୟନ କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଗିରିଜା ଶଙ୍କର ମହାପାତ୍ର, ଅଶୋକ କୁମାର ମହାରଣା, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ତାରା ଚରଣ ଆଚାର୍ଯ୍ୟ, ଉଲ୍ଲାସ ମହାପାତ୍ର, ସୌଦାମିନୀ ସାମଲ, ପ୍ରଶାନ୍ତ କୁମାର ମହାନ୍ତି, ସ୍ନେହଲତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ମା' ନାରାୟଣୀ ଶାନ୍ତି କମିଟିର ବାର୍ଷିକୋତ୍ସବ

ବାଲିପାଟଣା,୯।୬(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଆଇତଳଙ୍ଗ ଗ୍ରାମରେ ମା' ନାରାୟଣୀ ଶାନ୍ତି କମିଟିର ନବମ ବାର୍ଷିକୋତ୍ସବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଗନ୍ନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ବାଲିପାଟଣା ଥାନା ଏସ୍‌ଆଇ ରାକେଶ କୁମାର ସାମଲ, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ସଞ୍ଜୀବ ରଞ୍ଜନ ଦାଶ, ବସନ୍ତ କୁମାର ଦାଶ ଏବଂ ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ କମିଟିର ଗ୍ରାମରେ ବହୁଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଯୁକ୍ତ ୨ କଳାରେ ବ୍ଲକ୍ ଟପ୍ପର ମଧୁସ୍ମିତା ଦାସ, ମାଟ୍ରିକ ପରୀକ୍ଷାରେ ବ୍ଲକରେ ଦ୍ୱିତୀୟ ସର୍ବାଧିକ ନମ୍ବର ରଖିଥିବା ଅମ୍ରିତ ପ୍ରୀତମ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପୂର୍ଣ୍ଣଚନ୍ଦ୍ର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ।



ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବର ଉଦ୍‌ଯାପନ ଅବସରରେ ଯୋଗଦେଇଥିବା ଅତିଥିମାନେ।

# ଶେଷଦିନରେ ଓଡ଼ିଆ, କନ୍ନଡ ଚଳଚ୍ଚିତ୍ର ପ୍ରଦର୍ଶିତ

## ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୯।୬
(ସୌମ୍ୟରଞ୍ଜନ ରାଉତ)



ଭୁବନେଶ୍ୱର ସୂଚନା ଭବନରେ ଚାଲିଥିବା 'ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ଫିଲ୍ମ ସର୍କଲ୍ ବ୍ୟାନରରେ ଏହା ୪ଦିନ ଧରି ଚାଲିଥିଲା। ଉତ୍ସବରେ ସୁବାସ ସାହୁ, ସୁକାନ୍ତ ରଥ, ବାବୁ ବାବୁ, ଅଶୋକ ପାଳିତ, ସଞ୍ଜୟ ମହଲା, ସଞ୍ଜୟ ପଟ୍ଟନାୟକ, ଶକ୍ତି ବରାଳ, କମଳା ମିଶ୍ର ଓ ଅଭିଷେକ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫ ଓଡ଼ିଆ ଓ କନ୍ନଡ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ତ୍ରିମୂର୍ତ୍ତିଙ୍କ ନିର୍ଦ୍ଦେଶିତ 'ଯାଯାବର', ବିପ୍ଳବ ରାୟ ଚୌଧୁରୀଙ୍କ ନିର୍ଦ୍ଦେଶିତ 'ନିର୍ବାଚନ', ଘନଶ୍ୟାମ ମହାପାତ୍ରଙ୍କ 'କନକଲତା' ଓ ଅମିତ୍ ମୈତ୍ରୀଙ୍କ ନିର୍ଦ୍ଦେଶିତ 'ଅଦିନ ମେଘ' ସହ ଗିରିଶ୍ କସରାୱାଲିଙ୍କ ନିର୍ଦ୍ଦେଶିତ କନ୍ନଡ଼ ଚଳଚ୍ଚିତ୍ର 'ଘଟଶ୍ରାଦ୍ଧ' ପ୍ରଦର୍ଶିତ ହୋଇଥିଲା।

# ବିବାହ ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୬(ସତ୍ୟଜିତ୍ ରାଉତ)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ମହିଳା ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳର ଶୁଭ୍ରଜିତ୍ ଜେନା (୩୨)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତା ଜଣକ ୪ବର୍ଷ ତଳେ ଫେସ୍‌ବୁକ୍‌ରେ ଶୁଭ୍ରଜିତଙ୍କ ସମ୍ପର୍କରେ ଆସିଥିଲେ। ପରେ ଉଭୟଙ୍କ ସମ୍ପର୍କ ନିବିଡ ହୋଇଥିଲା। ଶୁଭ୍ରଜିତ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅନେକଥର ଶାରୀରିକ ସମ୍ପର୍କ ରଖିଥିଲେ। ଏପ୍ରିଲ ୧୩ରେ ଶୁଭ୍ରଜିତ ଛଳନା କରି କୋର୍ଟ ବିବାହ କରିବା ଲାଗି ପୀଡ଼ିତାଙ୍କୁ ପାହାଳସ୍ଥିତ ଏକ ଗେଷ୍ଟହାଉସ୍‌କୁ ଡାକି ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପାଇଁ କହିବାରୁ ଶୁଭ୍ରଜିତ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ଭାଇରାଲ କରିବାକୁ ଧମକ ଦେଇ ବ୍ଲାକମେଲ୍ କରିଥିଲେ। ଏନେଇ ପୀଡ଼ିତାଙ୍କ ଏତଲାକ୍ରମେ ପୋଲିସ ଜୁନ୍ ୭ରେ ମାମଲା (ନଂ.୧୪୩/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଗୋବିନ୍ଦ ମହାନ୍ତି ରାଜ୍ୟସ୍ତରୀୟ ସ୍ମାରକୀ ଶିକ୍ଷା ଶିବିର

ଭୁବନେଶ୍ୱର,୯।୬ (ବନ୍ଦନା ସେଠୀ)

ସ୍ୱାଧୀନତା ସଂଗ୍ରାମୀ, କମ୍ୟୁନିଷ୍ଟ ନେତା କମ୍ରେଡ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ୨୫ତମ ସ୍ମୃତି ବାର୍ଷିକୀ ଅବସରରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଚାଲିଥିବା ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ସ୍ମାରକୀ ଶିକ୍ଷା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ୬ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ଶିବିରର ବିଭିନ୍ନ ଦିବସରେ ମାର୍କ୍ସବାଦୀ ଦର୍ଶନ, ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ପରବର୍ତ୍ତୀ ଅବସ୍ଥାରେ ସିପିଆଇର ଭୂମିକା, ରାଜନୈତିକ ଅର୍ଥନୀତି, ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନ ଓ ବାମପନ୍ଥୀଙ୍କ ସ୍ଥିତି, ଭାରତୀୟ ସଂସ୍କୃତି, ଇତିହାସ ଓ ସାମ୍ପ୍ରଦାୟିକତାବାଦ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଓ ପାର୍ଟି ସଂଗଠନ ଉପରେ ଶ୍ରୀହର୍ଷ ରଥ, ଡ. ଅମିୟ କୁମାର ମହାନ୍ତି, ରମେଶ ଚନ୍ଦ୍ର ପାଢ଼ୀ, ବିଜୟ କୁମାର ପଢ଼ିହାରୀ, ଡ. ମାନସ ବେହେରା, କିଶୋର ଜେନା ଓ ଡ. ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଶିକ୍ଷା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡ. ପ୍ରଶାନ୍ତ କୁମାର ମିଶ୍ର, କ୍ଷୀରୋଦ ସିଂହଦେଓ, ଜୟନ୍ତ ଦାସ, ସୁର ଜେନା, କିଶୋର ଜେନା, ଭୁବନଚାନ୍ଦ ହାତୀ ଓ ହିମାଂଶୁ ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷା ଶିବିରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

# 'ରୋମାଣ୍ଟିକ କାବ୍ୟଧାରା ଓ ଡ. ମାୟାଧର ମାନସିଂହ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୯।୬ (ସୌମ୍ୟରଞ୍ଜନ ରାଉତ)

ଡ. ସୁନନ୍ଦା ତ୍ରିପାଠୀଙ୍କ ପୁସ୍ତକ 'ରୋମାଣ୍ଟିକ କାବ୍ୟଧାରା ଓ ଡ. ମାୟାଧର ମାନସିଂହ' ସୋମବାର କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ଲୋକାର୍ପିତ ହୋଇଯାଇଛି। ପ୍ରେମ ପରିଭାଷାକୁ ବଦଳାଇବା ସହ ରୋମାଣ୍ଟିକ କାବ୍ୟ ଧାରାକୁ ଭାବ ଓ ଭାଷା ମଧ୍ୟରେ ସମନ୍ୱୟ ରଖିବାର ସଫଳ ବିନ୍ଧାଣି ଥିଲେ ମାୟାଧର ମାନସିଂହ। ଓଡ଼ିଆ କାବ୍ୟ କବିତାର ଅନନ୍ୟ ପ୍ରତିଭା ମାନସିଂହଙ୍କ ପ୍ରେମ କବିତା ପୁସ୍ତକ 'ଧୂପ' ସହ ଜଡ଼ିତ ବହୁ କବିତା ଏହାର ଉଦାହରଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସେକ୍ସପିୟର ଓ କାଳି ଦାସଙ୍କ ମଧ୍ୟରେ ତୁଳନାତ୍ମକ ଗବେଷଣା ହେଉ ଅଥବା ଇଂଲିଶ ଭାଷାରେ ଓଡ଼ିଆ ସାହିତ୍ୟର ଇତିହାସ ରଚନା ହେଉ, ପ୍ରତ୍ୟେକ ସୃଷ୍ଟି କାଳଜୟୀ ରଚନା ବୋଲି କହିବା ସହ ପ୍ରେମର ଭାଷାକୁ ପରିବ୍ୟାପ୍ତ କରିଥିବା ମାନସିଂହ ରୋମାଣ୍ଟିକ କାବ୍ୟଧାରାର ଉନ୍ମେଷ ଓ ବିକାଶର ବିନ୍ଧାଣି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପ୍ରଫେସର ଗିରିଜା ଶଙ୍କର ଶର୍ମା, ଡ. ଦେବାଶିଷ ମହାପାତ୍ର, ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥେନା ବୁକ୍ସ ପକ୍ଷରୁ ରାଜକିଶୋର ଦାସ ସ୍ୱାଗତ ଭାଷଣ ଦେଇଥିଲାବେଳେ ଓଡ଼ିଆ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଶର୍ମିଷ୍ଠା ମହାପାତ୍ର ପରିଚାଳନା କରିଥିଲେ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ତଦନ୍ତ କମିଟି ରିପୋର୍ଟ ଦେଇଛି'

## ଚାରମାଳ ଉପରୁ ବଳଭଦ୍ର ଖସିପଡ଼ିବା ଘଟଣା

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)- ଗତବର୍ଷ ଆଡ଼ପ ପହଣ୍ଡି ସମୟରେ ପ୍ରଭୁ ବଳଭଦ୍ର ରଥ ଚାରମାଳ ଉପରୁ ଖସିପଡ଼ିବା ଘଟଣାର ତଦନ୍ତ ରିପୋର୍ଟକୁ ତଦନ୍ତ କମିଟି ହସ୍ତାନ୍ତର କରିସାରିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ପରେ ରିପୋର୍ଟ ଉପସ୍ଥାପନ କରାଯିବ। ଏହାପରେ କମିଟି ସରକାରଙ୍କୁ ରିପୋର୍ଟ ପଠାଇବ ବୋଲି ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ୫୦ ବର୍ଷ ପରେ ପୁଣି ଏକାଠି



ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱର. ୯।୬(ସୌମ୍ୟରଞ୍ଜନ ରାଉତ) ସ୍ଥାନୀୟ ଜୟଦେବ ବାଟିକାଠାରେ ରବିବାର ୟୁନିଟ-୩ ଖାରବେଳନଗରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୯୭୪ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୫୦ ବର୍ଷ ପରେ ଛାତ୍ରୀଛାତ୍ରମାନେ ଏକାଠି ହୋଇ ପରସ୍ପର ମଧ୍ୟରେ ଭାବ ବିନିମୟ କରିବା ସହ ସ୍କୁଲ ଜୀବନର ସ୍ମୃତିଚାରଣ କରି ଖୁସି ବ୍ୟକ୍ତ କରିଥିଲେ ଏହି ଉତ୍ସବରେ ସୁଶୀଲ ଗଡ଼ନାୟକ, ପରଂବ୍ରହ୍ମ ମହାପାତ୍ର, ଭୂପତି ତ୍ରିପାଠୀ, ରଶ୍ମି ମହାନ୍ତି, ପାର୍ଥପତି ବାନାର୍ଜୀ, ଅମିୟ ମିଶ୍ର, ଗୋପବନ୍ଧୁ ମିଶ୍ର, ଭୁବନ ବିହାରୀ ମିଶ୍ର, ସତ୍ୟ ସାହୁ, ସୁକାନ୍ତ ମିଶ୍ର, ଅଙ୍ଗୁରବାଳା ଧଳ, ତୃପ୍ତି ମହାନ୍ତି, ଅଳକା ପଟ୍ଟନାୟକ, ମମତା ଧଳ, ଅନୁତପ୍ତି ମହାନ୍ତି, ସୁଧୀର ଗଡନାୟକ, ସରୋଜ ମହାନ୍ତି, ଲଳିତ ଶତପଥୀ, ପ୍ରଦୀପ ଦାସ, ମନୋରଞ୍ଜନ ବିଶ୍ୱାଳ, ଅଶୋକ ନାଗ ପ୍ରମୁଖ ଯୋଗ ଦେଇଥିଲେ।

## ଫଟୋ ରେ ଖବର




ସୈନିକ ସ୍କୁଲ ନିକଟରୁ ଅଳିଆ ଗଦା ହଟାଇବା ଦାବିରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ।




ରବୀନ୍ଦ୍ରମଣ୍ଡପରେ ସୋମବାର ଇଣ୍ଡିଆନ ମ୍ୟୁଜିକ୍ ସର୍କଲ ଚାରିଟେବୁଲ ଟ୍ରଷ୍ଟର ରୌପ୍ୟ ଜୟନ୍ତୀ ସମାରୋହରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରାଯାଉଛି।

**ବଜ୍ରପାତରେ ଯୁବକ ଗୁରୁତର**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ରେଳଷ୍ଟେଶନ ରାସ୍ତାର ଦେବୀ ବଜାରରେ ବଜ୍ରପାତ ଯୋଗୁ ସୋମବାର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଖୁଣ୍ଟୁଣୀ ଥାନା କଣ୍ଡରେଇ ପଞ୍ଚାୟତ କଂସର ଗ୍ରାମ ଆଦିବାସୀ ବସ୍ତିର ଗମା ସିର୍କା (୨୫)। ଗମା ତାଙ୍କ ସ୍ତ୍ରୀଙ୍କ ସହିତ ଲୁଗାପଟା କିଣିବାକୁ ଖୁଣ୍ଟୁଣୀ ବଜାର ଆସିଥିବାବେଳେ ଅପରାହ୍ନ ୫ଟା ୩୦ରେ ହଠାତ କାଳବୈଶାଖୀ ବର୍ଷା ଆରମ୍ଭ ହେବାରୁ ଦୁହେଁ ଏକ ଦୋକାନ ବାରଣ୍ଡାରେ ଛିଡ଼ା ହୋଇଥିଲେ। ସେହି ସମୟରେ ହଠାତ ବଜ୍ରପାତ ହେବାରୁ ଏହା ପ୍ରଭାବରେ ଗମା ସେଠାରେ ଅଚେତ ହୋଇ ପଡ଼ିଯାଇଥିଲେ। ଉପସ୍ଥିତ ଔଷଧ ଦୋକାନୀ ଓ ଅନ୍ୟମାନେ ତାଙ୍କ ଚେତା ଫେରାଇ ଆଣିବା ସହ ଆମ୍ବୁଲାନ୍ସ ଯୋଗେ ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ପରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



କଟକ ସହରରେ ସୋମବାର କାଳବୈଶାଖୀ ପ୍ରଭାବରେ ବିଡ଼ାନାସୀ ରିଂରୋଡ୍ ରାସ୍ତାରେ ଏକ ଗଛ ଉପୁଡ଼ିପଡ଼ିଛି।



ଛତ୍ରବଜାର ରାସ୍ତାରେ ବର୍ଷାଜଳ ଜମିରହିଛି। (ଫଟୋ: ରାଜକିଶୋର ମହାନ୍ତି)

# ଗଛ ଉପୁଡ଼ିଲା, ରାସ୍ତା ବୁଡ଼ିଲା

## କଟକରେ କାଳବୈଶାଖୀ

କଟକ,୯।୬ (କାର୍ତ୍ତିକ ସାହୁ)

କଟକ ସହରରେ ସୋମବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ବେଶ୍ କିଛି ସମୟ ଧରି ଜୋର୍‌ରେ ପବନ ବହିବାରୁ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିଛି। ବିଡ଼ାନାସୀ ରିଂ ବନ୍ଧରେ ଏକ ଗଛ ଉପୁଡ଼ି ପଡ଼ିବାରୁ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିଲା। ସେହିପରି ପ୍ରବଳ ବର୍ଷା ଯୋଗୁ ଜଳ ନିଷ୍କାସନ ହୋଇ ନ ପାରି ସହରର ରାସ୍ତା ଜଳମଗ୍ନ ହୋଇପଡ଼ିଥିଲା। ବିଶେଷକରି ବାଦାମବାଡ଼ି ଲିଙ୍କ ରୋଡ୍‌ରେ ବର୍ଷାଜଳର ସୁଅ ଛୁଟିଥିଲା। ଏଥିସହ ରକ୍ସିଲେନ୍, ପିଲିଗ୍ରିମ୍ ରୋଡ୍, କେଶରପୁର, ଗଣ୍ଡାଡିଆ, ନୟାଚୌକ ଆଦି ବହୁ ଅଞ୍ଚଳରେ କିଛି ସମୟ ପାଇଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା। ନୂତନ ଭାବେ ନିର୍ମିତ ବକ୍ସଡ୍ରେନ୍ ରାସ୍ତାରେ ବର୍ଷାଜଳ ଜମି ରହିବାରୁ ଯାତାୟାତରେ ବାଧା ଉପୁଜିଥିଲା।

# ମୁମ୍ବାଇ ମ୍ୟୁନିସିପାଲିଟି ବୁଲିଲେ ସିଏମ୍‌ସି କର୍ପୋରେଟର



ମୁମ୍ବାଇ ଏକ୍ସପୋଜର ଭିଜିଟ୍‌ରେ ଯାଇଥିବା ସିଏମ୍‌ସି କର୍ପୋରେଟର ସହ ଅନ୍ୟମାନେ।

କଟକ,୯।୬(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ୩୦ ଜଣ କର୍ପୋରେଟର ମୁମ୍ବାଇରେ ଏକ୍ସପୋଜର ଭିଜିଟ୍ କରିଛନ୍ତି। ସେମାନେ ଗତ ୬ ତାରିଖରୁ ତାଙ୍କର ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ସୋମବାର ସକାଳେ ମୁମ୍ବାଇ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ମ୍ୟୁନିସିପାଲିଟିର ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। କର୍ପୋରେଟରମାନେ ମୁମ୍ବାଇ ସହରର ଡ୍ରେନେଜ ବ୍ୟବସ୍ଥା ଓ ବର୍ଷାଜଳ ନିଷ୍କାସନ ପାଇଁ ଉପଯୋଗ କରାଯାଉଥିବା ନୂତନ ଟେକ୍ନୋଲୋଜି ସଂକ୍ରାନ୍ତରେ ମୁଖ୍ୟଯନ୍ତ୍ରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଏକ ପମ୍ପିଂ କ୍ଷେତ୍ର ପରିଦର୍ଶନ କରି ନିରୀକ୍ଷଣ କରିଥିଲେ। ସେମାନେ ମହାରାଷ୍ଟ୍ରର ୨ ଜଣ କ୍ୟାବିନେଟ ମନ୍ତ୍ରୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। କର୍ପୋରେଟରଙ୍କ ସହ ୩ ଜଣ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ମଧ୍ୟ ସାମିଲ ହୋଇଛନ୍ତି। ମଙ୍ଗଳବାର ସେମାନେ ଅନ୍ୟାନ୍ୟ କ୍ଷେତ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି। କର୍ପୋରେଟରଙ୍କ ମଧ୍ୟରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ପ୍ରିୟମ୍ବଦା ମହାନ୍ତି, ଲକ୍ଷ୍ମୀଧର ବେହେରା, ଦୀପ୍ତିମୟୀ ମୂଳିଆ, ସୁମିତ୍ରା ବସ୍ତିଆ, ରବିନାରାୟଣ ସାହୁ, ପଦ୍ମିନୀ ସାହୁ, ଯତୀନ କୁମାର ବେହେରା, ଗଗନ ଓଝା, ସ୍ୱର୍ଣ୍ଣପ୍ରଭା ପଶାୟତ, ଗୋପାଳ ବେହେରା, ଚୌଧୁରୀ ସୁବ୍ରତ ଘଡ଼େଇ, ଅନ୍ତର୍ଯ୍ୟାମୀ ପାତ୍ର, ପୂର୍ଣ୍ଣିମା ସ୍ୱାଇଁ, ଝିଲ୍ଲୀ ବିହାରୀ, ପ୍ରମିଳା ମହାନ୍ତି, ପ୍ରଦୀପ୍ତ କିଶୋର ଖୁଣ୍ଟିଆ ପ୍ରମୁଖ ସାମିଲ ଅଛନ୍ତି।

# କାଗଜପତ୍ର ଯାଞ୍ଚ କଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

## ଘରୋଇ ହସ୍ପିଟାଲରେ ମହିଳାଙ୍କ ମଳନଳୀ କାଟିବା ଘଟଣା

କଟକ,୯।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ରାଣୀହାଟ ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଜଣେ ମହିଳାଙ୍କ ଅସ୍ତ୍ରୋପଚାର ସମୟରେ ମଳନଳୀ କାଟିଦେବା ଘଟଣାର ତଦନ୍ତ ସୋମବାରଠାରୁ ଆରମ୍ଭ ହୋଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଏ ନେଇ ତଦନ୍ତ କରୁଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ଗଠିତ ଉକ୍ତ ଟିମ୍‌ରେ ଏଡିଏମ୍‌ଓ ଚିନ୍ତାମଣି ମିଶ୍ର, ଡିଲିଂ କ୍ଲର୍କ ଓ ସ୍ଥାନୀୟ ଥାନା ଅଧିକାରୀ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି ଟିମ୍ ସମ୍ପୃକ୍ତ ହସ୍ପିଟାଲକୁ ଯାଇ କାଗଜପତ୍ର, ଭିତ୍ତିଭୂମି ଓ ମହିଳାଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ଯାଞ୍ଚ କରିଛନ୍ତି। ଏଥିସହ ହସ୍ପିଟାଲର ମାଲିକଙ୍କୁ ପଚରାଉଚରା କରାଯାଇଛି। ଏ ନେଇ ଏଡିଏମ୍‌ଓ ମିଶ୍ର କହିଛନ୍ତି, ଯାଞ୍ଚ ସମୟରେ ଉକ୍ତ ହସ୍ପିଟାଲର ସମସ୍ତ କାଗଜପତ୍ର ଠିକ ଥିବା ଜଣାପଡ଼ିଛି। ତେବେ ଆଉ ଏକ କମିଟି ମଧ୍ୟ ଏହାର ତଦନ୍ତ କରିବ। ଅନ୍ୟପଟେ ହସ୍ପିଟାଲର ମାଲିକ ଆଲୋକ ଚୌଧୁରୀ କହିଛନ୍ତି, ହସ୍ପିଟାଲ ଚଳାଇବା ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ଆମ ପାଖରେ ରହିଛି। ଟିମ୍‌କୁ ଯାଞ୍ଚ କରିବାରେ ସହଯୋଗ କରିଛୁ ଏବଂ ଆଗାମୀ ଦିନରେ ମଧ୍ୟ ସହଯୋଗ କରିବୁ ବୋଲି ଚୌଧୁରୀ ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ମାହାଙ୍ଗା ଅଞ୍ଚଳର ପୀଡ଼ିତା ଦୀପ୍ତିମୟୀ ବାରିକ ପରିବାର ଲୋକଙ୍କ ସହମତିରେ ଗର୍ଭପାତ କରିବା ନିମନ୍ତେ ରାଣୀହାଟ ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ସେଠାରେ ଡାକ୍ତର ଗର୍ଭପାତ କଲାବେଳେ ପେଟରେ ଥିବା ମଳନଳୀକୁ କାଟିଦେଇଥିଲେ। ମହିଳାଙ୍କ ପେଟ ସଂକ୍ରମିତ ହୋଇଯାଇଥିଲା। ଏ ନେଇ ଦୀପ୍ତିମୟୀ ଗତ ୪ ତାରିଖରେ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣା ସମ୍ପର୍କରେ ସିଡିଏମ୍‌ଓଙ୍କୁ ଅବଗତ କରିଥିଲା।



ଯାଞ୍ଚ ପାଇଁ ହସ୍ପିଟାଲକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଯାଉଛନ୍ତି।

## ଶାସନ ସଚିବଙ୍କ ସହ ଅଞ୍ଚଳର ସମସ୍ୟା ନେଇ ଆଲୋଚନା

ମଙ୍ଗୁଳି-ଜଗତପୁର,୯।୬(ମାନସ ସାମଲ)

ଟାଙ୍ଗୀ-ସାଲେପୁରର ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତି ସୋମବାର ଭୁବନେଶ୍ୱରସ୍ଥିତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କାର୍ଯ୍ୟାଳୟରେ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କୁ ଭେଟିଛନ୍ତି। ମହାନ୍ତି ତାଙ୍କ ସହ ଅଞ୍ଚଳର ବିକାଶ ଓ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଶାସନ ସଚିବ ଅଞ୍ଚଳର ସମସ୍ୟାଗୁଡ଼ିକୁ ଗୁରୁତ୍ୱ ସହ ନେଇ ଜନସାଧାରଣଙ୍କ ଯାହା ମୌଳିକ ସମସ୍ୟା ଅଛି, ପ୍ରଥମେ ସେଗୁଡ଼ିକୁ ଯଥାଶୀଘ୍ର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଭାଜପା ନେତା ହିମାଂଶୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ପ୍ରଶାନ୍ତ କୁମାର ସ୍ୱାଇଁ, ଦେବାଶିଷ ମଲ୍ଲିକ, ମନୋଜ ବିଶ୍ୱାଳ, ଶଶୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମହାବୀର ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

କଟକ ସଦର,୯।୬(ସୁଶାନ୍ତ କୁମାର ଜେନା)

ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ କଟକ ସଦର ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ସୋମବାର କନ୍ଦରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିଲେ। ଏଥିରେ ଦଧିବାମନପୁରସ୍ଥିତ ମହାବୀର ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଯୁଗ୍ମ ବିଜେତା ଭାବେ କନ୍ଦରପୁରର ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବାରଦାର ମା' ଅମ୍ବିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ପୁରସ୍କୃତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିଡିଓ ପ୍ରତୀକ ସାହୁ, ତହସିଲଦାର ଦେବଦତ୍ତ ପ୍ରଧାନ, ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, କନ୍ଦରପୁର କଲେଜ ଅଧ୍ୟକ୍ଷା ସ୍ମିତା ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଶୁଭାଶିଷ ଶତପଥୀ, ହୃଷୀକେଶ ଜେନା, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ପ୍ରଭାରୀ ସୁରେଶ ଚନ୍ଦ୍ର ଜେନା, ଅକ୍ଷୟ ଜେନା, ଯୋଗେନ୍ଦ୍ର ନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ସରୋଜିନୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ବେହେରା, ଅମିତାଭ ବିଶ୍ୱାଳ, ସଂଘମିତ୍ରା ବେହେରା, ରାଧାମୋହନ ମହଲା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଦଧିବାମନପୁରସ୍ଥିତ ମହାବୀର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା।

## କଟକରୁ ପୁଣି ଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

କଟକ,୯।୬ (ଶିଳ୍ପା ପ୍ରିୟଦର୍ଶିନୀ)

କଟକରୁ ପୁଣି ଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ଶିଖରପୁର ଅଞ୍ଚଳର ୬୪ ବର୍ଷୀୟ ପୁରୁଷ ହୋଇଥିବାବେଳେ ଘରୋଇ ଲ୍ୟାବ୍‌ରେ ଆଣ୍ଟିଜେନରେ ପରୀକ୍ଷା କରାଇଥିଲେ। ତାଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରି ନ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ପ୍ରଶାନ୍ତ କୁମାର ହୋତା ସୂଚନା ଦେଇଛନ୍ତି। ଏଥିସହ ସିଡିଏମ୍‌ଓ କହିଛନ୍ତି ଯେ, କଟକ ଜିଲାରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣରେ ରହିଛି। ଥଣ୍ଡା କାଶ ଆଦି ଲକ୍ଷଣ ଥିବା ବ୍ୟକ୍ତି ଭିଡ଼ ସ୍ଥାନକୁ ଯାଆନ୍ତୁ ନାହିଁ। ରୋଗାକ୍ରାନ୍ତ କିମ୍ବା ବୟସ୍କ ବ୍ୟକ୍ତି ସତର୍କତା ଅବଲମ୍ବନ କରିବା ସହ ଭିଡ଼ ସ୍ଥାନକୁ ନ ଯିବାକୁ ଡା. ହୋତା ପରାମର୍ଶ ଦେଇଛନ୍ତି। ୫ ଦିନ ତଳେ ସହରରୁ ଜଣେ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

# ଗୋଚର ଜମିରେ ହୋଇଛି ଗରାଣ୍ଡୁଣି ପାର୍କ

## ମାନିଲା ପ୍ରଶାସନ

କଟକ ସଦର,୮।୬(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅଧୀନ ହୁଲିପୁର ମୌଜାରେ ନିର୍ମିତ ଗରାଣ୍ଡୁଣି ପାର୍କଟି ମନ୍ଦିର ଜାଗାରେ ହୋଇଥିବା କଥା କଟକ ସଦର ବ୍ଲକ କାର୍ଯ୍ୟାଳୟ ଜଣାଇଥିଲା। ମାତ୍ର କିଶନନଗର ତହସିଲ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପାର୍କଟି ଗୋଚର ଜମି ଉପରେ ନିର୍ମିତ ହୋଇଛି। ସୂଚନା ଅଧିକାର ଆଇନ ବଳରେ ପତ୍ରସଂଖ୍ୟା ୨୦୬୯/୬।୬।୨୦୨୫ ଅନୁଯାୟୀ, ପାର୍କଟି ଖାତା ନଂ. ୮୮୪, ପ୍ଲଟ୍ ନଂ. ୩୪୦, ରକବା ୩୧ ଡିସିମିଲ ମଧ୍ୟରୁ ୧୬ ଡିସିମିଲ ଗୋଚର ଜମି ଉପରେ ରହିଛି। ମାତ୍ର କଟକ ସଦର ବ୍ଲକ ଜନ ସୂଚନା ଅଧିକାରୀ ଗିରିଜା ପ୍ରସାଦ ବାରିକ ପତ୍ର ସଂଖ୍ୟା ୩୨୬୧/୭।୫।୨୦୨୫ରେ ଗରାଣ୍ଡୁଣି ପାର୍କଟି ଖାତା ନଂ. ୩୦୧, ପ୍ଲଟ ନଂ. ୩୩୭ ଉପରେ ନିର୍ମିତ ହୋଇଛି ବୋଲି ଲିଖିତ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମୌଜାରେ ନିର୍ମାଣାଧୀନ ଏକ ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟଟି ନିଜସ୍ୱ ଜାଗା ଉପରେ କରା ନ ଯାଇ ଏକ ପୋଖରୀ କିସମ ଜମି ଖାତା ନଂ. ୮୭୮/୨୪୬, ପ୍ଲଟ ନଂ. ୩୬୧/୨୮୯୯ ଓ ୩୬୩/୨୯୦୦ ଉପରେ ଅବସ୍ଥିତ ବୋଲି ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୪୧/୧୧।୨।୨୦୨୫ରେ ସୂଚନା ଦେଇଛନ୍ତି। ଯଶପଡ଼ା ମୌଜାର ଗୋଚର ଜମିରେ ହାଟ ପିଣ୍ଡି ନିର୍ମାଣ ପାଇଁ ତହସିଲଦାର କାହାରିକୁ ଅନୁମତି ଦେଇନାହାନ୍ତି ବୋଲି ପତ୍ର ସଂଖ୍ୟା ୧୯୫୧/୨୭।୫।୨୦୨୫ରେ ଅତିରିକ୍ତ ତହସିଲଦାର ସମୀକ୍ଷା ପାଣି ଜଣାଇଛନ୍ତି।

# ଭକ୍ତଙ୍କୁ ମିଳିବ ମାଗଣା ଅଟୋସେବା




ସମନ୍ୱୟ ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ଅନ୍ୟମାନେ।

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ,୯।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ ବୈଠକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେବା ସହ ନିର୍ଦ୍ଧାରିତ ସମୟ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମୟରେ ବିଭିନ୍ନ ପାର୍କିଂସ୍ଥଳରୁ ଭକ୍ତଙ୍କୁ ମାଗଣା ଅଟୋସେବା ଯୋଗାଇଦେବାକୁ ସ୍ଥିର ହୋଇଛି। ରଥକାଠ ସହ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ନୀତି ସମ୍ପାଦନ, ସ୍ୱାସ୍ଥ୍ୟ ଓ ପରିମଳ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ବିଦ୍ୟୁତ୍, ପରିବହନ, ଟ୍ରେନ ଚଳାଚଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

ରଥଯାତ୍ରା ପାଇଁ ୨୩୦ରୁ ୨୫୦ ଅଧିକ ବସ୍ ଚଳାଚଳ କରିବ। ପୁରୀ ସହରର ବିଭିନ୍ନ ସ୍ଥାନରେ ୧୮ଟି ପାର୍କିଂ ସ୍ଥାନ ହେବ। ମାଳତୀପାଟପୁରରେ ଟୁରିଷ୍ଟ ବସ୍ ରହିବ। ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଯାତ୍ରୀବାହୀ ବସ୍ ତାଳବଣିଆରେ ପାର୍କିଂ କରିବ। ସବୁ ବସ୍‌ରେ ରେଟ୍ ଚାର୍ଟ ରହିବ। ବିଭିନ୍ନ ପାର୍କିଂ ସ୍ଥାନରୁ ମାଗଣା ଅଟୋସେବା ଯୋଗାଇ ଦିଆଯିବ। ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ସହ ୩୫ଟି ଅତିରିକ୍ତ ଟିକେଟ କାଉଣ୍ଟର, ୧୦ଟି ଏଟିଭି ମେଶିନ ବ୍ୟବସ୍ଥା ହେବ। ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର, ୧୧ଟି କ୍ରେନ୍ ନିୟୋଜିତ ହେବ। ଭିଡି ୱାଲ୍‌ରେ ଟ୍ରେନ୍ ସୂଚନା ଦିଆଯିବ। ରଥଯାତ୍ରା ପାଇଁ ୩୦୦ ଅଧିକ ଡାକ୍ତର ନିୟୋଜିତ ହେବେ। ଏଆଇ-୧ ସିସିଟିଭି କ୍ୟାମେରା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ କରାଯିବ। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ଓ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହ ୱାର୍ ରୁମ୍ ହେବ। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ ରୁମ୍ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ ହେବେ। ବଡ଼ଦାଣ୍ଡରେ ବିପଦସଙ୍କୁଳ କୋଠା ଚିହ୍ନଟ କରାଯାଇଛି। ଏବେସୁଦ୍ଧା ୮୦ ପ୍ରତିଶତ କାର୍ଯ୍ୟ ସରିଛି। ଡ୍ରେନ୍ ସଫେଇ, ରାସ୍ତାଘାଟ ଓ ଷ୍ଟ୍ରିଟ୍‌ଲାଇଟ୍ ମରାମତି ତୁରନ୍ତ ସାରିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁଣ୍ଡିଚା ମନ୍ଦିର ଅଞ୍ଚଳରୁ ପଲ୍ଲିଶ୍ରୀ ମେଳା ସମୁଦ୍ରକୂଳ ସ୍ଥାନାନ୍ତର ନେଇ ପୁନର୍ବିଚାର କରାଯିବ ବୋଲି ଆଇନମନ୍ତ୍ରୀ କହିଛନ୍ତି। ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡର ହେବ। ଅଂଶୁଘାତ ଆଶଙ୍କାକୁ ଦୃଷ୍ଟିରେ ରଖି ପୁରୀ ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟା ବ୍ୟବସ୍ଥା ହେବ। ଚଳିତବର୍ଷ ଢେଙ୍କାନାଳରୁ ୨୧ ଓ ବରଗଡ଼ରୁ ୧୯ ଜଣ ଫାଶିକାଠ ଦାନ କରିଛନ୍ତି। ଚଳିତ ବର୍ଷ ଖୋର୍ଦ୍ଧା ଓ ନୟାଗଡ଼ ବନଖଣ୍ଡ ସମେତ ରାଜ୍ୟର ୮ଟି ଡିଭିଜନରୁ ୮୧୫ ଖଣ୍ଡ କାଠ ଆସିଛି। ତାମିଲନାଡୁରୁ ଗ୍ରେଡ୍-ଏ ମାନର ଚନ୍ଦନକାଠ ଅଣାଯାଇଛି। ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ଓ ନବୀକରଣ କରାଯାଇଛି। ଜୁନ ୨୬ରୁ ଜୁଲାଇ ୯ ପର୍ଯ୍ୟନ୍ତ ପୁରୀ ପୌରାଞ୍ଚଳର ପ୍ରତ୍ୟେକ ବ୍ୟକ୍ତିଙ୍କ ପିଛା ୫ଲକ୍ଷ ଟଙ୍କାର ବୀମା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ଅଗ୍ରୱାଲ କହିଥିଲେ।

# ଜେକେପିଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟ: ରେଡ୍ ଡ୍ରାଗନ ଚାମ୍ପିୟନ

ଚୌଦ୍ୱାର,୯।୬ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୦ ନଂ. ୱାର୍ଡସ୍ଥିତ ଯଯାତି କେଶରୀ କ୍ଲବ ପରିସରରେ ଯଯାତି କେଶରୀ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ବ୍ୟାପି ଅନୁଷ୍ଠିତ ଏହି ଲିଗ୍ ମ୍ୟାଚରେ ଆଖପାଖ ଅଞ୍ଚଳର ୮ଟି ଟିମ୍ ଯୋଗଦେଇଥିବା ବେଳେ ୪୦ଟି ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ମା' ମଙ୍ଗଳା କ୍ରିକେଟ କ୍ଲବକୁ ହରାଇ ରେଡ ଡ୍ରାଗନ ଚାମ୍ପିୟନ ହୋଇଥିଲା। ରେଡ ଡ୍ରାଗନ ନିର୍ଦ୍ଧାରିତ ୫ ଓଭରରେ ୩୨ ରନ୍ ସଂଗ୍ରହ କରିଥିବାବେଳେ ମା' ମଙ୍ଗଳା ମାତ୍ର ୨୯ ରନ୍ କରି ପରାଜିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୌର ଉପାଧ୍ୟକ୍ଷ ତଥା ଜେକେପିଏଲ୍‌ର ସଭାପତି ଶୁଭେନ୍ଦୁ ସାମଲ ଚାମ୍ପିୟନ ଦଳକୁ ୨୫ ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ଟି. ବିନ୍ଧାଣି ଓ ଡୁନସିଂ ପିଣ୍ଟୁ ଡାଇବୁ ସମସ୍ତ ଖେଳ ପରିଚାଳନା କରିଥିଲେ। ସ୍ଥାନୀୟ କାଉନସିଲର ବିଜୟ ମଲ୍ଲିକ, ଆଶୁତୋଷ ଦାସ, ଚାରବାଟିଆ ବଜାର ସଭାପତି ପ୍ରଶାନ୍ତ ବରାଳ, ଲୋକନାଥ ସାହୁ, ନୀଳମଣି କର, ଭାଜପା ନେତା ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ଅଞ୍ଚଳବାସୀଙ୍କୁ ପାନୀୟଜଳ ଚିନ୍ତା

**ବେଗୁନିଆ ବ୍ଲକ୍**

- ନଳକୂପ ଅଚଳ, ବଢ଼ୁଛି ପାଇପ୍ ପାଣିଚୋରି
- ବିଭାଗୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ବେଗୁନିଆ,୯।୬(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ୍ ଅଞ୍ଚଳବାସୀଙ୍କୁ ପାନୀୟଜଳ ଚିନ୍ତା ଘାରିଛି। ଏହି ଅଞ୍ଚଳରେ ଜଳଯୋଗାଣ ପ୍ରକଳ୍ପ ଓ ନଳକୂପ ଥିଲେ ମଧ୍ୟ ଆବଶ୍ୟକ ଶୋଷ ମେଣ୍ଟାଇ ପାରୁନାହିଁ। ବିଭିନ୍ନ ସ୍ଥାନରେ ମରାମତି ଅଭାବରୁ ନଳକୂପ ଅଚଳ ହୋଇପଡ଼ିଛି। ଯେଉଁଠି ନଳକୂପ ରହିଛି ସେଠାରେ ଲୌହଗୁଣ୍ଡ ମିଶ୍ରଣ ଓ ଗୋଳିଆ ପାଣି ବାହାରୁଛି। ଜଳଯୋଗାଣ ପ୍ରକଳ୍ପ ଉପରେ ନିର୍ଭର କରୁଥିବମା ଗ୍ରାମବାସୀ ଆବଶ୍ୟକ ପାନୀୟଜଳ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ପାନୀଜଳ ସମସ୍ୟା ଉତ୍କଟ ହେବ ବୋଲି ବେଗୁନିଆ ବିକାଶମଞ୍ଚ ଓ ଜନ କଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଅଭିଯୋଗ ହେଉଛି।

ସୂଚନାଥାଉ କି, ବେଗୁନିଆ ବ୍ଲକରେ ୧୬୦ଟି ଗ୍ରାମ ରହିଛି। ବସବାସ କରୁଥିବା ୨ଲକ୍ଷରୁ ଅଧିକ ଜନସାଧାରଣଙ୍କ ପାଇଁ ସରକାର ବସୁଧା ଯୋଜନାରେ ପାନୀୟଜଳର ବ୍ୟବସ୍ଥା କରିଛନ୍ତି। ବ୍ଲକ ଅଞ୍ଚଳରେ ପ୍ରାୟ ୨୧୩୦ଟି ନଳକୂପ, ୫୬ରୁ ଊର୍ଦ୍ଧ୍ୱ ପାଇପଜଳ ଯୋଗାଣ ପ୍ରକଳ୍ପ, ୮ଟି ସୋଲାର ମାଧ୍ୟମରେ ଜଳଯୋଗାଣ ପ୍ରକଳ୍ପ, ୧୨୦୦ରୁ ଊର୍ଦ୍ଧ୍ୱ ଖୋଲାକୂପର ବ୍ୟବସ୍ଥା କରାଯାଇଛି। ହେଲେ ଦୀର୍ଘବର୍ଷ ହେବ ପୁରୁଣା ପାଇପ୍ ଓ ଯନ୍ତ୍ରାଂଶ ବଦଳା ଯାଉ ନ ଥିବାରୁ ୮୪୦ଟି ନଳକୂପରୁ ଗୋଳିଆ, ଲୌହଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ଅନେକ ସ୍ଥାନରେ ଗଭୀର ନଳକୂପର ପାଇପ୍ ନଷ୍ଟ ହୋଇ ଯାଇଥିବାରୁ ଉପରକୁ ପାଣି ଆସୁନାହିଁ। ବିଶେଷକରି ବିଭିନ୍ନ ଗ୍ରାମରେ ପଞ୍ଜୀକରଣ ହୋଇଥିବା ଜଳଯୋଗାଣ କମିଟିକୁ କେତେଜଣ ନ ମାନି ମୁଖ୍ୟ ପାଇପକୁ କାଟି ବେଆଇନ ପାଣି ଚୋରି କରୁଛନ୍ତି। ସେହିପରି କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ଯଦୁନଗର ଆଦିବାସୀ ସାହି, ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା, ଛତ୍ରପଡା, ଗୋଡି, ସିକୋ, ଗୋଡା ଆଦି ଗ୍ରାମରେ ଥିବା କେତେକ ନଳକୂପର ଜଳରେ ଲୌହ ମିଶ୍ରିତ ପାଣି ଆସୁଛି। ଏହି ଦୂଷିତ ପାଣିକୁ ଲୋକେ ପାନୀୟଭାବେ ବ୍ୟବହାର କରି ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ଦେଉଳି, ହଜ୍ ଓ ସିକୋ ପଞ୍ଚାୟତ ଅଞ୍ଚଳରେ ଦିନକୁଦିନ ଜଳସ୍ତର ହ୍ରାସ ପାଉଛି। କୂଅ ଓ ନଳକୂପ ଶୁଖିଲା ପଡ଼ିଛି। ସେହିପରି ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ଥିବା ପ୍ରକଳ୍ପ ଦୀର୍ଘ ୭ ବର୍ଷ ହେଲା ଅଚଳ ହୋଇପଡିଛି। ଅନେକ ସମୟରେ ବସୁଧା ସହଯୋଗ କେନ୍ଦ୍ର, ବିଭାଗୀୟ ଅଧିକାରୀ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ନ ପାଇ ଗ୍ରାମବାସୀ ପାନୀୟଜଳ ସମସ୍ୟାରେ ଘାରି ହେଉଛନ୍ତି। ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ କୁହନ୍ତି, ବ୍ଲକ ଅଞ୍ଚଳର ବହୁ ଗ୍ରାମରେ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଛି। ଅଭିଯୋଗକୁ ଗୁରୁତ୍ୱ ନ ଦେଇ ବିଭାଗ ଏଡ଼ାଇ ଚାଲିଛି। ଅନ୍ୟପଟେ ଏ ସମ୍ପର୍କରେ ବିଡିଓ ସନ୍ତୋଷ କୁମାର ଜେନା କୁହନ୍ତି, ଏଠାରେ ନୂତନ ଭାବେ ଦାୟିତ୍ୱ ନେଇଛି। ପାନୀୟଜଳ ସମସ୍ୟାର ସମାଧାନ ଖୁବଶୀଘ୍ର କରାଯିବ।



କୋଲୁହାପାଟଣା ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ଅଚଳ ହୋଇପଡ଼ିଥିବା ନଳକୂପ।

# ହାତୀ ଉପଦ୍ରବ, ଲୋକେ ଭୟଭୀତ



ବେଗୁନିଆ,୯।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ସିକୋ ନିକଟ ନାରଗୋଦା ଜଙ୍ଗଲରେ ପାଞ୍ଚଦିନ ହେବ ୧୫ ଟିକିଆ ହାତୀପଲ ରହି ଅଞ୍ଚଳରେ ଉପଦ୍ରବ କରୁଥିବା ବେଳେ ସନ୍ଧ୍ୟା ହେଲେ ଭୟରେ ଲୋକେ ରାସ୍ତାକୁ ବାହାରୁ ନାହାନ୍ତି । ସିକୋର ଦାଶରଥି ନରେନ୍ଦ୍ରଙ୍କ ଆମ୍ବ ବଗିଚାରେ ହାତୀ ପଶି ନଷ୍ଟ କରିଥିବା ବେଳେ ଶଗଡ଼ଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ପିଣ୍ଡାମୁଳ ଗ୍ରାମର ନକୁଳ ପଟ୍ଟନାୟକ, ପ୍ରସନ୍ନ କୁମାର ବସ୍ତିଆ, ବୀର ବସ୍ତିଆ ଏବଂ ମହନ୍ତ ବେହେରାଙ୍କ ପଣସ ବଗିଚାରେ ପଶି ପଣସ ଗଛ ଡାଳ ଭାଙ୍ଗିବା ସହ ପଣସ ଖାଇ ଦଳିଚକଟି ନଷ୍ଟ କରିଦେଇଛନ୍ତି। ବନ ବିଭାଗ ପକ୍ଷରୁ ହାତୀଙ୍କୁ ଘଉଡ଼ାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରାଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସନ୍ଧ୍ୟା ହେଲେ ଲୋକମାନେ ସିକୋ ଗଉଡିଆପଡା, ସିକୋ ନାରଗଦା ଏବଂ ସିକୋ ନରସିଂହପୁର ରାସ୍ତାରେ ଯାତାୟାତ କରିବା ପାଇଁ ଭୟ କରୁଛନ୍ତି।

# ବଜ୍ରପାତରେ ଯୁବକ ମୃତ, ୨ ଗୁରୁତର

ଯାଁଳା,୯।୬(ବୁଲା ବାରିକ)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତ ଅଞ୍ଚଳରେ ସୋମବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ପିଲା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗୁପ୍ତପଡ଼ାର ଦୁଃଶାସନ ନାଏକ (୨୮)। ସେହିପରି ଆହତଦ୍ୱୟ ହେଲେ କନ୍ଦଳେଇ ଗ୍ରାମର ବାବୁଲି ଚତରଙ୍କ ପୁଅ ସମା ଚତର ଏବଂ ଜେନା ବଇପାଇଙ୍କ ପୁଅ ସୁନୀଲ। ସୂଚନା ମୁତାବକ, ଅପରାହ୍ନରେ ହଠାତ୍ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ପବନ ହୋଇଥିଲା। ଦୁଃଶାସନ କୌଣସି କାମରେ କନ୍ଦଳେଇ ଗ୍ରାମକୁ ଯାଇଥିବା ବେଳେ ବର୍ଷା ହେଉଥିବାରୁ ଜଣଙ୍କ ଘର ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଜେନା ବଇପାଇଙ୍କ ଘରେ ତାଙ୍କ ପୁଅ ସୁନୀଲ ଓ ପଡ଼ୋଶୀ ଘରର ସମା ଖେଳୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଜେନାଙ୍କ ଘର କାନ୍ଥ ଓ ଆଜ୍‌ବେଷ୍ଟସ ଫାଟିଯିବା ସହ ସୁନୀଲ ଓ ସମା ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ଏମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଚନ୍ଦକା ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ୪ ରେଲ୍‌ୱେ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର



ଅତିଥିଙ୍କଠାରୁ ରେଲୱେ କର୍ମଚାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଜଟଣୀ,୯।୬(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା କର୍ତ୍ତବ୍ୟ ପ୍ରତି ସଚ୍ଚୋଟତା ଏବଂ ନିଷ୍ଠାପରତା ପାଇଁ ରେଳ ମଣ୍ଡଳର ୪ଜଣ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ରେଳ ମଣ୍ଡଳ ପ୍ରବନ୍ଧଙ୍କ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍. ଦୁର୍ଗା ରାଓ, ସିଦ୍ଧାର୍ଥ ଶଙ୍କର ସାହୁ, ଜି. ମୋହନ ବାବୁ, ପରଦେଶୀ ଧନୁଞ୍ଜୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଣ୍ଡଳ ପ୍ରବନ୍ଧକ ବାଜୱା କର୍ମଚାରୀଙ୍କ ଉତ୍କୃଷ୍ଟ ସେବାର ପ୍ରଶଂସା କରିବା ସହିତ କର୍ତ୍ତବ୍ୟ ପାଳନ କରିବା ସମୟରେ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ପରାମର୍ଶ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ (କାର୍ଯ୍ୟକାରୀ) ଆଶିଷ କୁମାର ସେନାପତିଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ସ୍ୱାମୀ ଅଟକ**

ବେଗୁନିଆ,୯।୬
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଧୀନ ଦଲକ ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ସୋମବାର ଅଭିଯୋଗ ହୋଇଛି। ମୃତା ହେଲେ ମାନସୀ ପ୍ରଧାନ। ଏନେଇ ମୃତାଙ୍କ ଭାଇ ରବୀନ୍ଦ୍ର ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୮/୨୫) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ମୃତାଙ୍କ ସ୍ୱାମୀ ଅମର ବଳିୟାରସିଂହଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଅଭିଯୋଗ ମୁତାବକ, ଦୁଇବର୍ଷ ପୂର୍ବେ ଜଙ୍କିଆ ଥାନା ଅନ୍ତର୍ଗତ ରତାମାଟି ଗ୍ରାମର ମାନସୀଙ୍କ ସହିତ ଦଲକ ଗ୍ରାମର ଅମରଙ୍କ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ୧ଲକ୍ଷ ଟଙ୍କା ଯୌତୁକ ଦିଆଯାଇଥିଲା। ତେବେ ବିବାହର କିଛି ମାସ ପରେ ମାନସୀଙ୍କୁ ଆଉ ୨ଲକ୍ଷ ଟଙ୍କା ଆଣିବା ପାଇଁ ଶାଶୁ ମଞ୍ଜୁଲତା ଓ ଶ୍ୱଶୁର ସଦାଶିବ କହିଥିଲେ। ଏଥିରେ ମାନସୀ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ପରବର୍ତ୍ତୀ ସମୟରେ ମାନସୀଙ୍କ ଭାଇ ରବୀନ୍ଦ୍ର ୫୦ହଜାର ଟଙ୍କା ଦେଇଥିଲେ। ଆଉ ବଳକା ଟଙ୍କା ଆଣିବା ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଇଆସୁଥିଲେ। କୌଣସି କାରଣରୁ ରବିବାର ରାତିରେ ମାନସୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସୋମବାର ମାନସୀଙ୍କ ବାପଘର ଲୋକେ ପହଞ୍ଚିବା ସହ ତାଙ୍କ ଝିଅକୁ ଯୌତୁକ ପାଇଁ ହତ୍ୟା କରାଯାଇଛି ବୋଲି ଅଭିଯୋଗ ଆଣିଥିଲେ। ଏନେଇ ରବୀନ୍ଦ୍ରଙ୍କ ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

# ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ବେଗୁନିଆ/ବୋଲଗଡ଼,୯।୬ (ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର/ଦେବବ୍ରତ ହୋତା)

ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମ ନିକଟ ଏକ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଗ୍ରାମର ରାଉଳ ନାୟକ(୭୦)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ମଧ୍ୟାହ୍ନରେ ନିଜ ଘର ନିକଟ ଏକ ପୋଖରୀକୁ ରାଉଳ ସ୍ନାନ ପାଇଁ ଯାଇଥିଲେ। ହଠାତ୍ ସେ ଗଭୀର ଜଳକୁ ଚାଲିଯାଇଥିଲେ। ତେବେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ପୋଖରୀ କୂଳରେ ଚପଲ ଦେଖି ସନ୍ଦେହ ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ରାଉଳଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବେଗୁନିଆ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଟାଙ୍ଗୀ,୯।୬(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ବଳରାମ ଦେବ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଭାଗ ନେଇଥିଲେ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ମଣ୍ଡାପିଠା, ଆରିସା ପିଠା, ପୋଡ଼ପିଠା, ସନ୍ତୁଳା ତରକାରି, ମାଣ୍ଡିଆ ଯାଉ, ବରା, ପକୁଡ଼ି, ଜିଲାପି, ରସାବଳି ଏହି ପ୍ରତିଯୋଗିତାରେ ସ୍ଥାନ ପାଇଥିଲା। ବିଚାରକଭାବେ ବିଡିଓ ରୁମାନା ଜାଫ୍ରି, ତହସିଲଦାର ନିଷ୍ଠା ମହାପାତ୍ର, ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା ପ୍ରମୁଖ ଯୋଗଦେଇ ମହିଳା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟର ମୂଲ୍ୟାଙ୍କନ କରିଥିଲେ। ନୂଆଗଡ଼ ପଞ୍ଚାୟତ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଏବଂ ଟାଙ୍ଗୀ ପଞ୍ଚାୟତ ଆୟୁଷ୍ମାନ୍ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ହାସଲ କରିଛି। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଭୁବନେଶ୍ୱର ସାଂସଦଙ୍କ ବ୍ଲକ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ପ୍ରଥମ ସ୍ଥାନ ହାସଲ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ହଜାର ଟଙ୍କା ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଗ୍ରାମ ପରିଚାଳକ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ପରିଚାଳନା କରିଥିଲେ। ସୁଶ୍ରୀ ରଶ୍ମିତା ଇନ୍ଦ୍ରଜିତ ଧନ୍ୟବାଦ ଦେଇଥିଲେ।



ଖାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଏବଂ ଅନ୍ୟମାନେ।

# ୧୬୬ ଅଭିଯୋଗରୁ ୧୧ ଗ୍ରାମୀଣ ସମସ୍ୟା

ବାଣପୁର,୯।୬(ଦିଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକ ଅନ୍ତର୍ଗତ ବିରିବାଡ଼ି ପଞ୍ଚାୟତ ଶ୍ରୀଲୋକନାଥ ଦେବ ମାନସିଂ ବିଦ୍ୟାପୀଠ ପରିସରରେ ସୋମବାର ଜିଲାପାଳ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ସହକାରୀ ଜିଲାପାଳ ଶ୍ରୀତପା ମିଶ୍ର, ସହକାରୀ ଜିଲାପାଳ (ଅଭିଯୋଗ) ଭୁବନେଶ୍ୱରୀ କଅଁର, ତହସିଲଦାର କାହ୍ନୁ ଚରଣ ଘଡ଼ାଇ, ବିଡିଓ ପୂର୍ଣ୍ଣିମା ମହାପାତ୍ର, ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ ୧୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୫୫ଟି ବ୍ୟକ୍ତିଗତ ଏବଂ ୧୧ଟି ଗ୍ରାମୀଣ ସମସ୍ୟା ରହିଥିଲା। ତତ୍କାଳ ୫ଟି ଅଭିଯୋଗର ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ବିରିବାଡ଼ିର ମନୋଜ କୁମାର ଗୁମାନସିଂଙ୍କୁ ୧୫ ହଜାର, ହରିପୁରର ହକିମ ଦଲାଇଙ୍କୁ ୧୫ ହଜାର ଏବଂ କୁହୁଡ଼ିର ମେଘନାଦ ତରାଇଙ୍କୁ ୧୦ହଜାର ଟଙ୍କା ଚିକିତ୍ସା ନିମନ୍ତେ ସହାୟତା ପ୍ରଦାନ କରାଯାଇଛି। ସେହିପରି ଜିଲା ରେଡକ୍ରସ ପାଣ୍ଠିରୁ ସୋରଣର ରଞ୍ଜିତା ବାରିକଙ୍କୁ ୨୦ ହଜାର ଟଙ୍କା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପରେ ଜିଲାପାଳ ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ ଷ୍ଟଲ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ସରକାରଙ୍କ ଯୋଜନା ସହ ଆର୍ଥିକ ଅନଗ୍ରସରଙ୍କୁ ଯୋଡ଼ିବାର ମାଧ୍ୟମ (ସହଯୋଗ ଷ୍ଟଲ), ସ୍ୱଚ୍ଛ ସର୍ବେକ୍ଷଣ ଷ୍ଟଲ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ, ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣିସମ୍ପଦ ଯୋଜନା ଷ୍ଟଲ, ଆଦ୍ରିକା ଷ୍ଟଲ, ପୋଷଣ ମାସ ଏବଂ ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନା ଆଦି ନିର୍ମିତ ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ଇଂ. ଶିବଲାଲ ସାହୁ, ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଶିବିରରେ ଜିଲାପାଳ, ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଗୋଚରଜମିରୁ ଜବରଦଖଲ ଉଚ୍ଛେଦ



ଜେସିବି ମେଶିନ ସହାୟତାରେ ଜବରଦଖଲ ହଟାଯାଉଛି।

ବାଘମାରୀ,୯।୬
(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ବାଘମାରୀ ମୌଜାରେ ଥିବା ଗୋଚର ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ସେଠାରେ ପାଚେରି ନିର୍ମାଣ କରିଥିଲେ। ଏନେଇ ଗତ ମେ' ମାସରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ବେଗୁନିଆ ତହସିଲ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୂର୍ବରୁ ଜବରଦଖଲକାରୀଙ୍କୁ ଏକ ମାସ ମଧ୍ୟରେ ଜବରଦଖଲ ମୁକ୍ତ ପାଇଁ ନୋଟିସ କରାଯାଇଥିଲା। ହେଲେ ଜବରଦଖଲକାରୀ ଏହାକୁ ଅଣଦେଖା କରିଥିବାରୁ ସୋମବାର ପୂର୍ବାହ୍ନରେ ତହସିଲଦାର ତାପସ କୁମାର ବିଶି, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମନୋଜ ଦାସଙ୍କ ସମେତ କର୍ମଚାରୀ ଏବଂ ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜେସିବି ମେଶିନ ସହାୟତାରେ ଗୋଚର ଜମିରୁ ଜବରଦଖଲ ହଟାଇଥିଲେ। ସୂଚନା ମୁତାବକ, ବାଘମାରୀ ମୌଜା ଖତିଆନ୍ ନମ୍ବର ୭୬୮, ପ୍ଲଟ ନମ୍ବର ୧୯୩୧ ଓ ୧୯୩୨ କିସମ ଗୋଚର ଏରିଆ ଏକ ଏକରରୁ ଊର୍ଦ୍ଧ୍ୱକୁ ଜଣେ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି ପାଚେରି ନିର୍ମାଣ କରିଥିଲେ। ଫଳରେ ଚାଷୀମାନେ ନିଜ ଜମିକୁ ଯାତାୟାତ କରିବାରେ ସମସ୍ୟା ସୃଷ୍ଟି ହେଉଥିଲା। ଅନ୍ୟପଟେ ଗୃହପାଳିତ ପ୍ରାଣୀଙ୍କ ଗୋଚାରଣ ନିମନ୍ତେ ସମସ୍ୟା ଉପୁଜିଥିଲା। ଏହି ସମସ୍ୟାର ସମାଧାନ ପାଇଁ ବେଗୁନିଆ ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବାଘମାରୀ ରାଜସ୍ୱ ନିରୀକ୍ଷକ ୧୦/୨୦୨୫ରେ ଏକ ଜବରଦଖଲ ମାମଲା ରୁଜୁ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରିଥିଲେ। ଜବରଦଖଲ ସ୍ଥାନରୁ ନୋଟିସ୍‌ର ଏକ ମାସ ମଧ୍ୟରେ ଅପସରି ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ନୋଟିସେ ସତ୍ତ୍ୱେ ଉକ୍ତ ଜବରଦଖଲ ପ୍ଲଟରେ ବେଆଇନ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ଗତ ମେ'ରେ ବାଘମାରୀ ସରପଞ୍ଚଙ୍କ ସହ ଗ୍ରାମବାସୀ ପୁଣି ଜିଲାପାଳଙ୍କୁ ଭେଟି ଗୋଚରଜମିକୁ ଜବରଦଖଲମୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏହା ପରେ ସୋମବାର ପ୍ରଶାସନ ପକ୍ଷରୁ ଜବରଦଖଲ ହଟାଯାଇଛି। ସେହିପରି ଅତ୍ରି ଗ୍ରାମର ଜଣେ ବ୍ୟକ୍ତି ପାଣିଟାଙ୍କି ରାସ୍ତାପଟକୁ ମଡ଼ାଇ କରିଥିଲେ। ଫଳରେ ଗ୍ରାମବାସୀ ଯାତାୟାତ କରିବାରେ ହଇରାଣ ହେଉଥିଲେ। ଏନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିବା ବେଳେ ଉକ୍ତ ଟାଙ୍କିକୁ ମଧ୍ୟ ସୋମବାର ଉଚ୍ଛେଦ କରଯାଇଛି।

# ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଜଟଣୀ,୯।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ସୋମବାର ୨ ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଅଞ୍ଚଳର ରାଜେଶ ମହାପାତ୍ର(୩୦) ଏବଂ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଆମ୍ବଝର ଅଞ୍ଚଳର ଓମ୍ ପ୍ରକାଶ ରଥ (୨୩)। ଏମାନଙ୍କ ନିକଟରୁ ୧୨ଗ୍ରାମ୍ ବ୍ରାଉନ୍‌ସୁଗାର, ୧ହଜାର ଟଙ୍କା ଓ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଜଟଣୀ ଥାନା ଅଧୀନ ଏକ ହୋଟେଲ ନିକଟରେ ବେଆଇନ ଭାବେ ବ୍ରାଉନ୍‌ସୁଗାର ବେପାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ପାଟ୍ରୋଲିଂ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଦୁଇ ବେପାରୀଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲା।

**କେରଙ୍ଗ ପ୍ରିମିୟର କ୍ରିକେଟ୍ ଟୁର୍ନାମେଣ୍ଟ**

# ଯାଁଳା ଏକାଦଶ ଚାମ୍ପିୟନ

ଖୋର୍ଦ୍ଧା,୯।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କେରଙ୍ଗ ପ୍ରିମିୟର ନାଇଟ୍ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ଯାଁଳା ଏକାଦଶ ଏବଂ ଟାଇଟଲ କ୍ଲବ ଜଟଣୀ ଟିମ୍ ମଧ୍ୟରେ ହୋଇଥିଲା। ଯାଁଳା ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ ଉକେଟ ବିନିମୟରେ ୧୨୧ରନ ସଂଗ୍ରହ କରିଥିଲା। ଜବାବରେ ଟାଇଟଲ କ୍ଲବ ଜଟଣୀ ଟିମ୍ ୧୦ ଉଇକେଟ ବିନିମୟରେ ୬୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଯାଁଳା ଏକାଦଶ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟକୁ ସେକ୍ ନସିରୁଦ୍ଦିନ ଏବଂ ମହମ୍ମଦ ସୋଲେମାନ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେରଙ୍ଗ ଅହମଦୀୟା ମୁସ୍‌ଲିମ ଜମାତର ସଭାପତି ଓସିମ ଅହମ୍ମଦ, କେରଙ୍ଗ ସରପଞ୍ଚ ମବରୁର ହୁସେନ, ସମିତିସଭ୍ୟ ଶାହିଦ ମହମ୍ମଦ, ଜିଲା ମୁବଲ୍ଲିଗ ଇନଚାର୍ଜ ମୌଲାନା ହଲିମ ଅହମ୍ମଦ ଖାନ ଏବଂ କଟକ ମୌଲାନା ଫଜଲ ହକ ଖାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବରସାହି ସମିତି ସଭ୍ୟ ରାମଚନ୍ଦ୍ର ସାମନ୍ତରାୟ, କେରଙ୍ଗ ଯୁବ ସଙ୍ଗଠନର ସଭାପତି ମୋହିଉଦ୍ଦିନ ଖାନ ଯୋଗଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଜୟୀ ଟିମ୍‌କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କେରଙ୍ଗ କ୍ରିକେଟ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

# ରାଜଧାନୀରେ ବେଆଇନ ଗର୍ଭପାତ ମେଡିସିନ ବିକ୍ରି

## ଔଷଧ ଦୋକାନରେ ଡ୍ରଗ୍ସ କଣ୍ଟ୍ରୋଲର ଟିମ୍‌ର ଚଢ଼ାଉ

ଭୁବନେଶ୍ୱର,୯।୬ (ବନ୍ଦନା ସେଠୀ)



ରାଜଧାନୀର ଔଷଧ ଦୋକାନଗୁଡ଼ିକରେ ଗ୍ରାହକଙ୍କୁ ବେଆଇନ ଭାବେ ଗର୍ଭପାତ ମେଡିସିନ (ଅନ୍‌ୱାଣ୍ଟେଡ୍ କିଟ୍) ବା ଏମ୍‌ଟିପି (ମେଡିକାଲ୍ ଟର୍ମିନେଶନ୍ ଅଫ୍ ପ୍ରେଗ୍‌ନେନ୍ସି) ବିକ୍ରି ହେଉଛି। ଡାକ୍ତରଙ୍କ ବିନା ପ୍ରେସ୍‌କ୍ର୍ୟୁଶନ୍ ଏବଂ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ତଦାରଖ ବିନା ଏହି ଗର୍ଭପାତ ବଟିକା ବିକ୍ରି ହେଉଥିବା ଅଭିଯୋଗ ଆସିବା ପରେ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶାଳୟର ନିଦ ଭାଙ୍ଗିଛି। ସୋମବାର ନୟାପଲ୍ଲୀ ଅଞ୍ଚଳରେ ଥିବା ବିଭିନ୍ନ ଔଷଧ ଦୋକାନ ଉପରେ ଜଏଣ୍ଟ ରେଡ୍ କରାଯାଇଛି। ଡ୍ରଗ୍ସ କଣ୍ଟ୍ରୋଲର ମାମିନା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସର୍କଲ ଏଡିସି ଏବଂ ଡିଆଇ ଏନ୍‌ଫୋର୍ସମେଣ୍ଟ ମିଳିତ ଭାବେ ୩ଟି ଟିମ୍ କରି ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରିଥିଲେ। ତେବେ ରୋଜ୍ ଡ୍ରଗ୍ ହାଉସ, ମମତା ପଲ୍ସ ମେଡିଟେକ୍ ପ୍ରାଇଭେଟ୍ ଲିମିଟେଡ୍, ଓଡ଼ିଶା କସ୍‌ମେଟ୍ ଆଦି ଦୋକାନରୁ ୨୭ଟି ଏମ୍‌ଟିପି କିଟ୍ ମିଳିଥିଲା। ସେଥିମଧ୍ୟରୁ କିଛି କିଟ୍‌ର କ୍ୱାଲିଟି ଯାଞ୍ଚ ପାଇଁ ସେଣ୍ଟ୍ରାଲ ଡ୍ରଗ୍ ଲାବରେଟୋରି(ସିଡିଏଲ୍)କୁ ପଠାଯାଇଛି। ସେହିପରି ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ଆକ୍ଟ ଅନୁଯାୟୀ ବେଆଇନ ଭାବେ ଏମ୍‌ଟିପି କିଟ୍ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ୍ ହେବା ସହିତ ଆବଶ୍ୟକ ପଡ଼ିଲେ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଡ୍ରଗ୍ସ କଣ୍ଟ୍ରୋଲର ପଟ୍ଟନାୟକ କହିଛନ୍ତି। ସେହିପରି ଆଗାମୀ ଦିନରେ କଟକ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଏଭଳି ରେଡ୍ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନିୟମ ଅନୁସାରେ ଡାକ୍ତରଙ୍କଠାରୁ ଅନୁମତି ନେଇ ବା ଡାକ୍ତରଙ୍କ ପ୍ରେସିକ୍ର୍ୟୁଶନ ନେଇ ଗ୍ରାହକ ଏମ୍‌ଟିପି କିଣି ପାରିବେ। ମାତ୍ର ଅଧିକାଂଶ ଷ୍ଟୋର୍‌ରେ ଏମ୍‌ଟିପି ବିକ୍ରି ସମୟରେ ପ୍ରେସିକ୍ର୍ୟୁଶନ୍ ମାଗୁ ନାହାନ୍ତି। ଏହି କିଟ୍ ବ୍ୟବହାର ଫଳରେ ଅତ୍ୟଧିକ ରକ୍ତସ୍ରାବ ହେବା ସହ ମହିଳାମାନଙ୍କ ପାଇଁ ବିପଦ ହୋଇପାରେ। ଏପରିକି ଅନେକ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଓ ଜୀବନ ଚାଲିଯିବାର ଭୟ ରହୁଛି। ସେହିପରି ଟଙ୍କା ଲୋଭରେ ଅନେକ ମେଡିସିନ ଷ୍ଟୋର ଦାମ୍‌ଠାରୁ ଦୁଇଗୁଣା ମୂଲ୍ୟରେ ବିକ୍ରି ବେଶ୍ ମୁନାଫା କମାଉଥିବା ଅଭିଯୋଗ ହେଉଛି।

# ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପୁଅ ଗିରଫ

## ଦାମୀ କାର୍ ଯୋଗାଇବା ଆଳରେ କୋଟିଏରୁ ଉର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୯।୬(ସତ୍ୟଜିତ୍ ରାଉତ)



ସମ୍ମିତ୍ ପଣ୍ଡା

ଆଲିଶାନ୍ କାର୍ ଯୋଗାଇବା ଆଳରେ ଜଣେ ବ୍ୟବସାୟୀଙ୍କଠାରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ କଟକ କ୍ୟାଣ୍ଟନମେଣ୍ଟ ଥାନା ଅଞ୍ଚଳରେ ଥିବା ଏକ କାର୍ ଶୋ'ରୁମ୍‌ରେ ମ୍ୟାନେଜର ଭାବେ କାମ କରୁଥିବା ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାରର ସମ୍ମିତ୍ ପଣ୍ଡା(୩୨)। ସମ୍ମିତ୍ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ(ଓପିଏସ୍)ଙ୍କ ପୁଅ ବୋଲି ଜଣାପଡ଼ିଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର ହୋଇଥିବା ରୋହିତ ରୋଶନ ମହାନ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୋଗକାରୀ ରୋହିତ ପିଲାଦିନରୁ ସୌଖୀନ କାର୍ ଚଳାଇବାକୁ ପସନ୍ଦ କରନ୍ତି। ସେ ୨୦୨୩ ମାର୍ଚ୍ଚ ୧୯ରେ ସମ୍ମିତଙ୍କ ସଂସ୍ପର୍ଶରେ ଆସିଥିଲେ। ସମ୍ମିତ ନିଜକୁ ଫ୍ରିଲାନ୍ସ କାର୍ ବ୍ରୋକର ଏବଂ ଭୁବନେଶ୍ୱର ଅଡିର ପୂର୍ବତନ ପରିଚାଳକ ଭାବରେ ପରିଚୟ ଦେଇଥିଲେ। ଏକ ମାସ ମଧ୍ୟରେ ନୂଆ କାର୍ ଯୋଗାଇଦେବାକୁ ସମ୍ମିତ ପ୍ରତିଶ୍ରୁତି ଦେଇଥିଲେ। ବ୍ୟାଙ୍କ ମାଧ୍ୟମରେ ୧ କୋଟି ୮ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ ମଧ୍ୟ ରୋହିତଙ୍କୁ ଗାଡି ଯୋଗାଇବାରେ ବିଫଳ ହୋଇଥିଲେ। ରୋହିତ ବାରମ୍ବାର ଯୋଗାଯୋଗ କରିବାରୁ ସେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଧମକ ଦେଇଥିଲେ। ସମ୍ମିତ ଜାଲ୍ କାଗଜପତ୍ର ବ୍ୟବହାର କରିଥିଲେ ଏବଂ ପୂର୍ବରୁ ଏହିପରି ଅନେକଙ୍କୁ ଠକିଥିବା ଜାଣିବା ପରେ ରୋହିତ ଏନେଇ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ କୋର୍ଟରେ ଅଭିଯୋଗ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଇନ୍‌ଫୋସିଟି ପୋଲିସ ୨୦୨୪ ସେପ୍ଟେମ୍ବର ୭ରେ ମାମଲା (ନଂ.୪୪୦/୨୦୨୪) ରୁଜୁ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଦୁଇଜଣ ସହଯୋଗୀଙ୍କ ସହ ସମ୍ମିତ ମିଶି ଉଦ୍ଦେଶ୍ୟମୂଳକ ଭାବରେ ଠକିଛନ୍ତି। ତେବେ ଏହି ଠକେଇରେ ସମ୍ପୃକ୍ତ ଦୁଇ ସହଯୋଗୀଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ସ୍ତ୍ରୀଙ୍କ ଗଳା କାଟି ହତ୍ୟା ପରେ ଝୁଲିପଡ଼ିଲେ ସ୍ୱାମୀ

ପାରଳାଖେମୁଣ୍ଡି, ୯।୬(ଗିରଧାରୀ ପରିଚ୍ଛା)

ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଭୋର ସମୟରେ ସ୍ତ୍ରୀଙ୍କ ଗଳାକାଟି ହତ୍ୟା କରିବା ପରେ ଅପରାହ୍ନରେ ସ୍ୱାମୀ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତା ମହିଳା ହେଲେ ମୋନିକା ପାଇକ ଏବଂ ତାଙ୍କ ସ୍ୱାମୀ ନରେନ୍ଦ୍ର ପାଇକ। ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ସନ୍ଦେହ କରି ସ୍ୱାମୀ ନରେନ୍ଦ୍ର ଏଭଳି ଘଟାଇଥିବା କୁହାଯାଉଛି। ଘଟଣାସ୍ଥଳରେ ସେରଙ୍ଗ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଝିଅକୁ ହତ୍ୟା କରାଯିବା ନେଇ ମା' ଜି.ସରୋଜିନୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ. ୩୮/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ସନ୍ଧ୍ୟା ହେବାରୁ ନରେନ୍ଦ୍ରଙ୍କ ମୃତଦେହ ଜବତ କରାଯାଇ ପାରି ନ ଥିବା ଥାନା ଅଧିକାରୀ ପ୍ରମୋଦ ଖଣ୍ଡୁଆଳ କହିଛନ୍ତି।

ଖବରରୁ ଜଣାପଡ଼ିଛି, ଗାଇବା ଗ୍ରାମର ମୋନିକାଙ୍କୁ ନୂଆଗଡ଼ ବ୍ଲକ କେରେଡାଙ୍ଗ ଗ୍ରାମର ନରେନ୍ଦ୍ର ପାଇକ ୨୦୧୯ରେ ପ୍ରେମବିବାହ କରିଥିଲେ। ବିବାହ ପରଠାରୁ ନରେନ୍ଦ୍ର ସେଠାରେ ରହି ଏକ ଡେଜରାଟି ଦୋକାନ କରି ପରିବାର ଚଳାଇ ଆସୁଥିଲେ। ତେବେ ଗତ ଦୁଇବର୍ଷ ହେଲା ନରେନ୍ଦ୍ର ହାଇଦ୍ରାବାଦ ଯାଇ ସେଠାରେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। କେରେଡାଙ୍ଗରେ ଠାକୁରାଣୀ ଯାତ୍ରା ଥିବାରୁ ନରେନ୍ଦ୍ର ହାଇଦ୍ରାବାଦରୁ ଆସି କେରେଡାଙ୍ଗକୁ ସ୍ତ୍ରୀ ଓ ଝିଅକୁ ଧରି ଯାଇଥିଲେ। ସେଠାରୁ ସେ ଗାଇବା ଗ୍ରାମକୁ ଆସି ଶ୍ୱଶୁର ଘରେ ରହୁଥିଲେ। ତେବେ ନରେନ୍ଦ୍ରଙ୍କ ମୋନିକାଙ୍କ ଚରିତ୍ର ଉପରେ ସନ୍ଦେହ ଆସିବାରୁ ସେ ଝିଅକୁ ଧରି ସମସ୍ତେ କେରେଡାଙ୍ଗ ଯାଇ ସେଠାରେ ରହିବାକୁ କହିଥିଲେ। ମାତ୍ର ମୋନିକା ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ଲାଗି ରହୁଥିଲା। ସୋମବାର ଭୋର୍ ସମୟରେ ଶାଶୁ ଜି.ସରୋଜିନୀ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସୁଯୋଗରେ ନରେନ୍ଦ୍ର ମୋନିକାଙ୍କ ଗଳାକାଟି ହତ୍ୟା କରିଥିଲେ। ମୋନିକା ପିନ୍ଧିଥିବା ୨ ଭରିର ସୁନା ମଙ୍ଗଳସୂତ୍ର ଧରି ସେ ଦୌଡ଼ି ପଳାଇବା ସମୟରେ ମା' ଜି.ସରୋଜିନୀ ଦେଖି ସନ୍ଦେହ କରିଥିଲେ। ସେ ଘରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସାହି ପଡ଼ିଶା ପହଞ୍ଚି ସବୁ ଶୁଣି ନରେନ୍ଦ୍ରଙ୍କୁ ଆଖପାଖରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ।

# ଫେରାର ଅଭିଯୁକ୍ତଙ୍କ ଘର ଆଗରେ ଲାଗିଲା ଲଟ୍‌କା



ପୋଲିସ ଡେଙ୍ଗୁରା ବଜାଇ ଚେତାବନୀ ଦେବା ସହ ଅଭିଯୁକ୍ତ ଘର ଆଗରେ ଲଟ୍‌କା ଲଗାଇଛି।

ଭୁବନେଶ୍ୱର,୯।୬ (ସତ୍ୟଜିତ୍ ରାଉତ)

## ଡେଙ୍ଗୁରା ବଜାଇ ଚେତାବନୀ ଦେଲା ପୋଲିସ

ନିଶା କାରବାର ମାମଲାରେ ୧୩ ବର୍ଷ ହେବ ଫେରାର ଥିବା ଭୁବନେଶ୍ୱର ନାଗେଶ୍ୱରଟାଙ୍ଗୀ ଗୌତମନଗରର ଜଣେ ଅଭିଯୁକ୍ତଙ୍କ ଘର ଆଗରେ ସୋମବାର ଲଟ୍‌କା (ପ୍ରୋକ୍ଲେମେଶନ୍ ନୋଟିସ୍) ଲଗାଇଛି କମିଶନରେଟ୍ ପୋଲିସ। ଫେରାର ଅଭିଯୁକ୍ତ ଜଣକ ହେଲେ ସୁରେନ୍ଦ୍ର ସାମଲଙ୍କ ପୁଅ ଲୋକନାଥ ସାମଲ। ଗଜପତି ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଜଜ୍ ତଥା ଦୌରା ଜଜ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଲିଙ୍ଗରାଜ ପୋଲିସ ଟିମ୍ ଏହି ନୋଟିସ୍ ଲଗାଇଛି। ଏଥିସହ ଅଭିଯୁକ୍ତ ରହୁଥିବା ସ୍ଥାନୀୟ ଅଞ୍ଚଳରେ ଡେଙ୍ଗୁରା ବଜାଇ ମାଇକି ଜରିଆରେ ଚେତାବନୀ ଦେଇଛି। ୩୦ ଦିନ ମଧ୍ୟରେ ଲୋକନାଥ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୨ରେ ପାରଳାଖେମୁଣ୍ଡି କୋର୍ଟ ଲୋକନାଥଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରିଥିଲେ। ମାତ୍ର ଏହି ୱାରେଣ୍ଟ ସତ୍ତ୍ୱେ ଲୋକନାଥ କୋର୍ଟରେ ହାଜର ହେଉ ନ ଥିଲେ। ତେବେ ଲୋକନାଥଙ୍କ ଘର ଆଗରେ ନୋଟିସ୍ ଲଗାଇବାକୁ ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଜଜ୍ ତଥା ଦୌରା ଜଜ୍ କୋର୍ଟ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ୩୦ ଦିନ ମଧ୍ୟରେ ଲୋକନାଥ କୋର୍ଟରେ ହାଜର ନ ହେଲେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ରସୁଲଗଡ଼ ଶିଳ୍ପାଞ୍ଚଳ ସଂଘ ସଭାପତିଙ୍କୁ ଆକ୍ରମଣ

ଭୁବନେଶ୍ୱର,୯।୬(ସତ୍ୟଜିତ୍ ରାଉତ)

ରସୁଲଗଡ଼ ଶିଳ୍ପାଞ୍ଚଳ ସଂଘ ସଭାପତି ତପନ କୁମାର ସ୍ୱାଇଁଙ୍କୁ ସୋମବାର ରାତିରେ ସଂଘବଦ୍ଧ ଆକ୍ରମଣ ହୋଇଛି। ସେ ତାଙ୍କ 'ବ୍ଲୁ ସର୍କଲ ଇନ୍‌ଷ୍ଟ୍ରୁମେଣ୍ଟ' ଅଫିସରୁ ଘରକୁ ଯାଉଥିବାବେଳେ ରାତି ପ୍ରାୟ ୯ଟାରୁ ୯.୩୦ ମଧ୍ୟରେ କେତେଜଣ ଦୁର୍ବୃତ୍ତ ଲୁହା ରଡ୍‌ରେ ମାରପିଟ୍ କରିଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ତପନଙ୍କ ବାମ ହାତ ଭାଙ୍ଗିଯାଇଥିବାବେଳେ ଶରୀରର ଏକାଧିକ ସ୍ଥାନରେ ଆଘାତ ସୃଷ୍ଟି ହୋଇଛି। ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ବୃତ୍ତମାନେ ମୁହଁରେ ମାସ୍କ ଓ ଟୋପି ଲଗାଇ ଆସିଥିଲେ। ତପନ କାର୍‌ରେ ବସିଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଘେରିଯାଇଥିଲେ। ସେ ବାହାରକୁ ଆସି ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। କେଉଁ କାରଣ ପାଇଁ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଥିବା ତାହା ଜଣାପଡ଼ିନାହିଁ। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ସାନଭାଇ ଆକ୍ରମଣରେ ବଡ଼ଭଉଣୀ ମୃତ

## ଘରୋଇ କଳିକୁ କେନ୍ଦ୍ରକରି ହତ୍ୟା

ବଣାଇଁ,୯।୬(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନାର ଜିନକଳା ଗ୍ରାମରେ ରବିବାର ରାତିରେ ସାନଭାଇର ଲୁହାଛଡ଼ ଆକ୍ରମଣରେ ବଡ଼ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ହେମଗିରି ମାହାନ୍ତ। ମହୁଲପଦା ଥାନା ଅଧିକାରୀ ସୁରେଶ କୁମାର ପ୍ରଧାନ ଅଭିଯୁକ୍ତ ସାନଭାଇ ବିଜୟ ମାହାନ୍ତଙ୍କୁ ଗିରଫ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୨୭/୨୫) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଧାନ କହିଛନ୍ତି। ଘରୋଇ କଳିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ, ରବିବାର ରାତିରେ ସାନଭାଇ ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏଥିରେ ବିଜୟଙ୍କ ବଡ଼ ବାପାଙ୍କ ଝିଅ ହେମଗିରି ଆସି ମଧ୍ୟସ୍ଥତା କରିଥିଲେ। ଏହାକୁ ନେଇ ବିଜୟ ଉତ୍ୟକ୍ତ ହୋଇ ଏକ ଲୁହାଛଡ଼ରେ ହେମଗିରିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଆକ୍ରମଣକାରୀ ଭାଇ ବିଜୟ ତାଙ୍କୁ ଚିକିତ୍ସା ପାଇଁ ବଣାଇଁ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ପୋଲିସ ଖବର ପାଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପୁରୀରୁ ଅଭିଯୁକ୍ତ ଶିକ୍ଷକ, ଜାମ୍‌ଶେଦ୍‌ପୁରରୁ ୨ ଗିରଫ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ଉଦଳା(ସନ୍ତୋଷ କୁମାର ବାଛିନୀ),୯।୬

## କପ୍ତିପଦା ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣା

- ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଲା।
- ସିସିଟିଭି ଫୁଟେଜ୍‌ରୁ ମିଳିଲା ସଫଳତା।

ମୟୂରଭଞ୍ଜ ଜିଲା କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଥାନା ସମ୍ମୁଖରେ ଗତ ୩ତାରିଖରେ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସ ଆଉ ୩ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ପୂର୍ବରୁ ୬ ଆକ୍ରମଣକାରୀଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଣେ ଶିକ୍ଷକଙ୍କୁ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରୁ ପୋଲିସ ଧରିଥିବାବେଳେ ଅନ୍ୟ ଦୁଇ ଆକ୍ରମଣକାରୀଙ୍କୁ ଟାଟା ଜାମ୍‌ଶେଦ୍‌ପୁର ଅଞ୍ଚଳରୁ ଉଠାଇ ଆଣିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପକ ପାଢ଼ୀ, ଅନନ୍ତ ଦାସ ଓ କପ୍ତିପଦା ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଭବାନନ୍ଦ ନାୟକ। ଥାନା ସମ୍ମୁଖରେ ଥିବା ସିସିଟିଭି ଫୁଟେଜ୍ ଓ ଉତ୍ତରାଞ୍ଚଳ ଆଇଜିଙ୍କ ଦ୍ୱାରା ଗଠିତ ସ୍ପେଶାଲ ସ୍କ୍ୱାଡ୍ ମୋବାଇଲ ଟ୍ରାକିଂ ଦ୍ୱାରା ଅଭିଯୁକ୍ତମାନଙ୍କୁ ଧରାଯିବା ସହ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ବାଇକ୍, ମୋବାଇଲ ଓ ଆକ୍ରମଣ, ଭଙ୍ଗାରୁଜାରେ ବ୍ୟବହୃତ ମାରଣାସ୍ତ୍ର ଓ ବିଭିନ୍ନ ସାମଗ୍ରୀ ଜବତ ହୋଇଛି ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଆଇଜି ସତ୍ୟଜିତ ନାଏକ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବାଞ୍ଚଳ ଜୋନ୍ ଅଧୀନ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ବିଭିନ୍ନ ସ୍ଥାନରେ ଥିବା ନଦୀ ଅବବାହିକାରୁ ଚୋରା ବାଲି ବ୍ୟବସାୟୀମାନେ ଅଧରାତିରେ ବାଲି ଉତ୍ତୋଳନ କରି ଚୋରାଚାଲାଣ କରୁଛନ୍ତି। ଗତ ବର୍ଷକ ମଧ୍ୟରେ ଏହି ୩ ଜିଲାରେ ବେଆଇନ ବାଲି ଉତ୍ତୋଳନକାରୀଙ୍କ ବିରୋଧରେ ୧୫ ଶହରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ଚୋରାଚାଲାଣ ଉପରେ ଚଢ଼ାଉ କରାଯିବା ସମୟରେ ପ୍ରଶାସନିକ ଅଧିକାରୀଙ୍କୁ ମାଫିଆମାନେ ଆକ୍ରମଣ କରୁଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏମ୍‌ଇ/ୱାଗନ୍ ନିମ୍ନ ବାବଦରେ ଏକକ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି କ୍ର.ସଂ.: ୧; ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ଅପ୍‌ଲୋଡିଂ ତାରିଖ: ଇ-ଡିଓ୍ୱାଇ-ଡବ୍ଲ୍ୟୁଡବ୍ଲ୍ୟୁ-ସିଟିଆରବି-କେ-ଏନ୍‌ଇଆଇ-୫୦୦, ତାରିଖ: ୦୪।୦୬।୨୦୨୫; କାର୍ଯ୍ୟର ନାମ: ଏକକ ଟେଣ୍ଡର ଭିତ୍ତିରେ ଓଇଏମ୍ ମାଧ୍ୟମରେ ଏକବର୍ଷ ଅବଧି ପାଇଁ ମେସର୍ସ ନ୍ୟାଶନାଲ ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିଜ୍ ଲିଃ, ଗଠନ କ୍ଲାସ୍-କେ ସିଟିଆରବି (୬'1/2''x୯'')ର ରିଫର୍ବିଶମେଣ୍ଟ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୧,୦୫,୬୧,୦୦୦.୦୦; ଅମାନତ ରାଶି: ₹୨,୦୨,୮୦୦.୦୦; ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୬।୦୬।୨୦୨୫; ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ: www.ireps.gov.in । ବିଡରମାନେ ସେମାନଙ୍କର ମୂଳ/ସଂଶୋଧିତ ବିଡ୍‌ଗୁଡ଼ିକୁ କେବଳ ସମାପ୍ତି ତାରିଖ ଓ ସମୟ ସୁଦ୍ଧା ଦାଖଲ କରିପାରିବେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରାଯିବ । (PR-234)

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ: (1) ମଞ୍ଚେଶ୍ୱର-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (2) ରାହାମା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (3) ନିରାକାରପୁର-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ), (4) ତାଳଚେର ରୋଡ୍-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ପରିଚାଳନା କ୍ଷେତ୍ରରେ), (5) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ତଳ ମହଲାରେ) ଏବଂ (6) ନରଣପୁର-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 19.06.2025 ରିଖ 1100 ଘଟିକା (କ୍ରମ ସଂ. 1 ରୁ 4 ପାଇଁ) ଏବଂ ତା.20.06.2025 ରିଖ 1100 ଘଟିକା (କ୍ରମ ସଂ.5 ଏବଂ 6 ପାଇଁ)।

ନିଲାମ ଶେଷ ତାରିଖ ଓ ସମୟ: ତା. 19.06.2025 ରିଖ 1130 ଘଟିକା (କ୍ରମ ସଂ. 1 ପାଇଁ), ତା. 19.06.2025 ରିଖ 1140 ଘଟିକା (କ୍ରମ ସଂ. 2 ପାଇଁ), ତା. 19.06.2025 ରିଖ 1150 ଘଟିକା (କ୍ରମ ସଂ. 3 ପାଇଁ), ତା. 20.06.2025 ରିଖ 1200 ଘଟିକା (କ୍ରମ ସଂ. 4 ପାଇଁ), ତା. 20.06.2025 ରିଖ 1130 ଘଟିକା (କ୍ରମ ସଂ. 5 ପାଇଁ) ଏବଂ ତା. 20.06.2025 ରିଖ 1140 ଘଟିକା (କ୍ରମ ସଂ. 6 ପାଇଁ)।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-209/Q/25-26

Government of Odisha — No. B-190

**"e" Procurement Notice**

**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**

Bid Identification No. S.E. (R&B) KPT-05/2025-26

1. Name of the Work : Building Works
2. Total No. of Works : 01 No.
3. Estimated Cost : Rs.91.31 lakhs
4. Period of Completion : 03 (Three) Months
5. Date & time of availability of bid document in the portal : From 16.06.2025 at 11.00 hours to 30.06.2025 upto 17.00 hours
6. Last date/time for receipt of bids in the portal : 30.06.2025 upto 17.00 hours
7. Date of Opening of Tender : 01.07.2025 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in.

Sd./- Superintending Engineer, Koraput (R&B) Division

OIPR-34096/11/0022/2526

**PM SHRI JAWAHAR NAVODAYA VIDYALAYA, PALJHAR, DIST.: BOUDH (ODISHA)**

**TENDER NOTICE - 02/2025-26**

Sealed tenders are invited from the Registered and Reputed firms having GST registration for supply of 01. Non-Veg Items, 02. M&R (Construction, Plumbing & Electrical Materials), 03. Hiring of Vehicles on contract basis, 04. Hair Cutting, 05. Washing & Pressing of Cloth, 06. Students Stationery, 07. Installation of CCTV. The tender forms with other particulars can be obtained from the Office of the Principal, JNV, Paljhar, Boudh (O) during office hour on all working days from 10.06.2025 to 23.06.2025 upto 01.00 P.M. on payment of Rs.500/- (Non-refundable) for each item. The details of tender documents can also be downloaded from the Vidyalaya website https://navodaya.gov.in/nvs/nvs-school/Boudh/en/home/. The last date for submission of sealed tender papers is 23.06.2025 upto 05.00 P.M. Vidyalaya Purchase Advisory Committee Meeting will be held on 24.06.2025 at 10.00 A.M. for opening of the sealed tenders and selection of the lowest competitive firms. The Chairman of the Committee reserves the right to accept or reject one or all the tenders partially or wholly without assigning any reason thereof. Any dispute in this regard would be subject to the Court Jurisdiction of the Boudh District only.

Sd./- Principal

GOVERNMENT OF ODISHA

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA**

Email ID: ccerwcrayagada@gmail.com

Letter No. 1089 — Date: 05.06.2025

**2nd Corrigendum**

No. O-258: In continuation to this office bid identification No. NCB-06/RWCRGDA/2025-26 invited vide this office letter No. 539 dated 11.04.2025 & 1st Corrigendum letter No. 912 dated 15.05.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | Dt.25.04.2025 at 11.00 A.M. to Dt.16.05.2025 upto 5.00 P.M. | Extended upto 5.00 P.M. of 04.07.2025 |
| 2 | Date & time of seeking tender clarification if any | Dt.15.05.2025 upto 5.00 P.M. | Dt.03.07.2025 upto 5.00 P.M. |
| 3 | Date & time of opening of tender (Technical Bid) | Dt.17.05.2025 at 11.00 A.M. | Dt.05.07.2025 at 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0017/2526 — Sd./- Chief Construction Engineer, Rural Works Circle, Rayagada

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड

CENTRAL MINE PLANNING & DESIGN INSTITUTE LTD.

(कोल इण्डिया लिमिटेड की एक अनुषंगी ईकाई) / (A Subsidiary of Coal India Ltd.)

गोन्दवाना प्लेस, काँके रोड, राँची- 834008, झारखण्ड, भारत

**सूचना / NOTICE**

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कंपनियों द्वारा जारी सभी निविदाएं कोल इंडिया लिमिटेड की वेबसाइट www.coalindia.in/ संबंधित अनुषंगी कंपनी (सीएमपीडीआई, www.cmpdi. co.in),सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध है। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in"

**WALK-IN-INTERVIEW**

**JANATA COLLEGE, BOINDA**

**DIST.: ANGUL-759127**

Walk-in-Interview shall be conducted in Janata College, Boinda, Dist.: Angul on Dt.20.06.2025 at 10.00 A.M. for empanelment of Lecturers in Physics, Chemistry and P.E.T. to appoint on contractual basis. Candidates must have secured 55% or above mark in qualifying examination for Lecturer and must have passed B.P.Ed. for P.E.T. For more information visit College website: www.janatacollegeboinda.in.

Sd./- Principal

**Mob.: 9938793707, 9437547543**

**REQUIREMENT OF BUILDING/HOUSE FOR THE PURPOSE OF OFFICE ACCOMMODATION OF DAD CELL FOR RC ECHS AT BHUBANESWAR**

Defence Account Deptt. Cell, Bhubaneswar requires accommodation approximately plinth area measuring 2800 Sq.ft. on rental basis for a period of 03 years w.e.f. taking over the building for the purpose of office accommodation of DAD Cell for RC ECHS, Bhubaneswar.

The building preferably be in well condition and maintained properly and also hygienic from sanitation point of view. The building should be connected by road and in suitable location at Bhubaneswar within a radius of 5 to 10 Km from 120 TA Battalion, Bhubaneswar/Governor House. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute at the time of hiring. The interested property owners will submit their property details with valid ownership documents in the following address within 15 days from the date of publication of the advertisement.

**The Defence Estate Officer**

Govt. of India, Ministry of Defence

163, Prachi Enclave, Chandrasekharpur

Bhubaneswar, Odisha - 751016

Tele.: 0674-2747631, 345, E-mail: deobhub-stats@nic.in

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରେକର୍ଡ ସ୍ତରରେ ରୁପା ଦର

■ଦିଲ୍ଲୀରେ କିଲୋ ପିଛା ୧,୧୦,୦୦୦ ଟଙ୍କା
■ଭୁବନେଶ୍ୱରରେ ପ୍ରତି ଗ୍ରାମ୍ ପିଛା ୧,୧୮୦ ଟଙ୍କା



ଭୁବନେଶ୍ୱର,୯।୬

ସାରା ଦେଶରେ ବିବାହ ଓ ଶୁଭ କାର୍ଯ୍ୟ ଜାରି ରହିଥିଲାବେଳେ ରୁପା ଦର ରେକର୍ଡ ସ୍ତରରେ ପହଞ୍ଚିଛି। ରୁପା ଓ ସୁନା ଦର ବୃଦ୍ଧି ମଧ୍ୟରେ ଉଭୟ ଗ୍ରାହକ ଓ ବ୍ୟବସାୟୀ ଆଶାଆଶଙ୍କାରେ ରହିଛନ୍ତି। ସୋମବାର ନୂଆଦିଲ୍ଲୀ ବଜାରରେ ରୁପା ଦର ପ୍ରାୟ ୧୫୦୦ ଟଙ୍କା ବୃଦ୍ଧି ଘଟି କିଲୋପିଛା ୧,୧୦, ୦୦୦ ଟଙ୍କା ହୋଇଥିଲାବେଳେ ଭୁବନେଶ୍ୱରରେ କିଲୋପିଛା ୧୮୦୦ ଟଙ୍କା ବଢ଼ି ପ୍ରତି ଗ୍ରାମ ପିଛା ୧,୧୮୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଚେନ୍ନାଇ ବଜାରରେ ରୁପା ଦର ସର୍ବୋଚ୍ଚ ୨୩୦୦ ଟଙ୍କା ବୃଦ୍ଧି ପାଇ କିଲୋପିଛା ୧,୨୦,୦୦୦ ଟଙ୍କାରେ କାରବାର ହେଉଛି। ଏପରି କି ମୁମ୍ବାଇ ବଜାରରେ ରୁପା ଦର ୧୫୦୦ ଟଙ୍କା ବୃଦ୍ଧି ଘଟି ୧,୦୯,୩୦୦ ଟଙ୍କା ଏବଂ କୋଲକାତା ବଜାରରେ ୨୦୦୦ ଟଙ୍କା ବଢ଼ି ୧,୧୦,୮୦୦ ଟଙ୍କାରେ ପହଞ୍ଚିଛି। ସେହିପରି ସୁନା ଦର ନୂଆଦିଲ୍ଲୀରେ ୭୨,୦୦୦ ରୁ ୯୮,୦୦୦ ଟଙ୍କା ଥିଲାବେଳେ ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ମଧ୍ୟ ସୁନା ଦର ୭୨,୫୦୦ ଟଙ୍କାରୁ ୯୯,୦୦୦ ଟଙ୍କାରେ କାରବାର ହେଉଛି। ଏପରି କି ଭୁବନେଶ୍ୱରରେ ସୁନା ଦର ୭୩୦୦୦ରୁ ୯୮୦୦୦ ମଧ୍ୟରେ ରହିଛି।

ଅପରପକ୍ଷରେ ବିବାହ ଓ ଶୁଭ କାର୍ଯ୍ୟ ପାଇଁ ଖୁଚୁରା ଓ ପ୍ରମୁଖ ଗହଣା ବ୍ୟବସାୟ ପ୍ରତିଷ୍ଠାନ (ଅଳଙ୍କାର ଶୋ'ରୁମ)ଗୁଡ଼ିକ ଆକର୍ଷଣୀୟ ରିହାତି ଓ ଅଫର ପ୍ରଦାନ କରୁଥିଲାବେଳେ କାରବାର ଆଶାଜନକ ହେଉ ନ ଥିବା ଦେଖାଦେଇଛି; ଯାହାଫଳରେ ଗ୍ରାହକମାନେ ଆଶାଆଶଙ୍କା ମଧ୍ୟରେ କାରବାର ସାଙ୍ଗକୁ ଦରବୃଦ୍ଧି ଯୋଗୁ ଅଗ୍ରୀମ ବୁକିଂ କରୁଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ପରିସ୍ଥିତି ଯୋଗୁ ଚାହିଦା ଅନୁଯାୟୀ ଉତ୍ପାଦନ ହେଉ ନ ଥିଲାବେଳେ ଦରବୃଦ୍ଧି ବଜାରରେ ଅସ୍ଥିରତା ସୃଷ୍ଟି କରୁଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୯।୬

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୨୫୬ (୨୫୬.୨୨) ପଏଣ୍ଟ ବୃଦ୍ଧି ଘଟି ୮୨,୪୪୫ (୮୨,୪୪୫.୨୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୦ (୧୦୦.୧୫) ପଏଣ୍ଟ ବଢ଼ି ୨୫,୧୦୩ (୨୫,୧୦୩.୨୦) ଅଙ୍କରେ କାରବାର ଶେଷ ହୋଇଥିଲା।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ଦୀର୍ଘସ୍ଥାୟିତ୍ୱ ସପ୍ତାହ

ଭୁବନେଶ୍ୱର,୯।୬

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ୟୁନିଟ୍‌ରେ ଦୀର୍ଘ ସ୍ଥାୟିତ୍ୱ ସପ୍ତାହ ପାଳିତ ହୋଇଯାଇଛି। ଏପରି କି କମ୍ପାନୀର କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ଏକ ସପ୍ତାହରୁ ଅଧିକ ସମୟ ଧରି 'ପ୍ଲାଷ୍ଟିକ ପ୍ରଦୂଷଣର ବିଲୋପ ପାଇଁ ଉଦ୍ୟମ' ଶୀର୍ଷକ ବିଷୟବସ୍ତୁକୁ ନେଇ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କମ୍ପାନୀର ପାରାଦୀପ ୟୁନିଟ୍‌ରେ ସପ୍ତାହ ବ୍ୟାପୀ କାର୍ଯ୍ୟକଳାପଗୁଡ଼ିକରେ ହାଉସ କିପିଂ ଅଡିଟ୍ ଏବଂ ପ୍ଲାଣ୍ଟ ପରିସରରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ, କର୍ମଚାରୀ, ସହଯୋଗୀ ଏବଂ ଠିକା କର୍ମଚାରୀଙ୍କ ଅଂଶଗ୍ରହଣ ସହିତ କୁଇଜ୍ ଏବଂ ପୋଷ୍ଟର ପ୍ରତିଯୋଗିତା ଅନ୍ତର୍ଭୁକ୍ତ ରହିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପାରାଦୀପ ପୌରପାଳିକା ସହଭାଗିତାରେ ସ୍ଥାନୀୟ ବିକ୍ରେତା ଏବଂ କମ୍ପାନୀ କର୍ମଚାରୀଙ୍କ ଅଂଶଗ୍ରହଣ ସହିତ ପାରାଦୀପ ସମୁଦ୍ରବେଳାଭୂମି ଅଞ୍ଚଳରେ ଏକ ବ୍ୟାପକ ବେଳାଭୂମି ସଫେଇ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା। ସେହିଭଳି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ତାଳଦଣ୍ଡା ନାଳ ପାଖରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏହା ପରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପ୍ଲାଣ୍ଟ ମୁଖ୍ୟ ଫାଟକ ନିକଟରେ ବିଭିନ୍ନ ଅଂଶୀଦାରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପାରାଦୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁ ଏସ ଆର ରାଜୁଙ୍କ ସହିତ ପିପିଏଲ, ଆଇଓସିଏଲ ଏବଂ ଜେଏସ୍‌ଡବ୍ଲ୍ୟୁ ସମେତ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କୁ ଫଳ ଗଛ ଚାରା ବଣ୍ଟନ କରିଥିଲେ। ସେହିଦିନ ପ୍ଲାଣ୍ଟ ପରିସରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ଏକ ସାମୂହିକ ଚାରାରୋପଣ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ପରେ ପୁଷ୍କର ଚନ୍ଦ୍ର ବେହେରା, ସୁରେଶା ଜି, ୟୁଏସ୍‌ଆର୍ ରାଜୁଙ୍କ ଉପସ୍ଥିତିରେ ସମାପନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଭୁବନେଶ୍ୱର କାର୍ଯ୍ୟାଳୟରେ କର୍ମଚାରୀମାନେ ସିଏସ୍‌ଆର୍ କର୍ମଚାରୀ ସ୍ୱେଚ୍ଛାସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ସୁବିଧାରୁ ବଞ୍ଚିତ ପିଲାମାନଙ୍କ ପାଇଁ ପୁନଃ ବ୍ୟବହାର ଯୋଗ୍ୟ ନୋଟବୁକ୍ ତିଆରିକରି ଦୀର୍ଘସ୍ଥାୟୀ ପଦକ୍ଷେପରେ ଯୋଗଦାନ କରିଥିଲେ। ସେହିପରି ଡାବୁନା ବେନିଫିସିଏଶନ୍ ପ୍ଲାଣ୍ଟ ପରିସରରେ ଚାରାରୋପଣ ଅଭିଯାନ କରାଯାଇଥିଲା। କଟୁପାଲି ଗ୍ରାମ ଏବଂ ଡାବୁନାର ଟେଲରିଂ ସେଣ୍ଟରଠାରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ କପଡ଼ା ବ୍ୟାଗ ଏବଂ ଚାରା ବଣ୍ଟନ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

## ଏନ୍‌ଡିଆର୍‌ଏଫ୍ ପରିସରରେ 'ରୁଚି'ର ସାମାଜିକ କାର୍ଯ୍ୟକ୍ରମ


ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିବା ମହିଳା ଓ ପିଲାମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୯।୬

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ରୁଚି ଫୁଡ୍‌ଲାଇନ ପକ୍ଷରୁ କଟକର ମୁଣ୍ଡୁଳିସ୍ଥିତ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ପରିସରରେ ଏକ ସାମାଜିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରି କି କମ୍ପାନୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏନ୍‌ଡିଆର୍‌ଏଫ୍ ପରିବାରର ମହିଳା ଓ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରେରଣାଦାୟୀ ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷକରି ଜାତୀୟ ବିପର୍ଯ୍ୟୟ ସମୟରେ ଏନ୍‌ଡିଆର୍‌ଏଫ୍‌ର ସେବା ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କ ପାଇଁ ପ୍ରେରଣା ଯୋଗାଉଥିବା ଦୁଇଶହରୁ ଅଧିକ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ଏପରି କି ସେମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଶ୍ରେଷ୍ଠ ମହିଳା ଓ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଉକ୍ତ କାର୍ଯ୍ୟକ୍ରମରେ 'ରୁଚି'ର ନିର୍ଦ୍ଦେଶକ ଅରବିନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସଶକ୍ତୀକରଣ ଏବଂ ପିଲାମାନଙ୍କର ଦକ୍ଷତା ବିକାଶ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏନ୍‌ଡିଆର୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହ୍ୱାନ, ସାଗର ଚୌହ୍ୱାନ ପ୍ରମୁଖ ଯୋଗଦେଇଥିଲା ବେଳେ ରୁଚି କର୍ପୋରେଟ ସେଲ୍ସ ବିଭାଗ ବିଶେଷଜ୍ଞ ସାଇ ସମ୍ବିତା ନାୟକ ଏବଂ ବିଜ୍‌ନେସ୍ ଏକ୍‌ଜିକ୍ୟୁଟିଭ ସୋନାଲି ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ 'ରୁଚି'ର ବିଭିନ୍ନ ନୂତନ ଉତ୍ପାଦ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇଥିଲା।

## ସତ୍‌ପାଲ ଏଲ୍‌ଆଇସିର ଅନ୍ତରୀଣ ସିଇଓ

ମୁମ୍ବାଇ,୯।୬


ସତ୍‌ପାଲ ଭାନୋ

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଅନ୍ତରୀଣ ସିଇଓ ତଥା ଏମ୍‌ଡି ଭାବେ ସତ୍‌ପାଲ ଭାନୋଙ୍କୁ ନିକଟରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଜୁନ୍ ୭ରେ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ପକ୍ଷରୁ ଏଲ୍‌ଆଇସିକୁ ଏକ ପତ୍ର କରାଯାଇଛି। ଉକ୍ତ ଚିଠି ଅନୁଯାୟୀ ସତ୍‌ପାଲ ଭାନୋଙ୍କୁ ଏଲ୍‌ଆଇସିର ଅନ୍ତରୀଣ ଏମ୍‌ଡି ତଥା ସିଇଓ ଦାୟିତ୍ୱ ସହ ଆର୍ଥିକ ଏବଂ ପ୍ରଶାସନିକ କ୍ଷମତା ଓ କାର୍ଯ୍ୟ ନ୍ୟସ୍ତ କରାଯାଇଛି। ସେହିଭଳି ୨୦୨୫ ଜୁନ୍ ୮ ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏପରି କି ଆସନ୍ତା ତିନି ମାସ ପର୍ଯ୍ୟନ୍ତ ସେ ଏହି ଅତିରିକ୍ତ ଦାୟିତ୍ୱ ବହନ କରିବେ। ଅପରପକ୍ଷରେ ନିୟମିତ ପଦାଧିକାରୀଙ୍କ ଦ୍ୱାରା ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସୂଚନାଯୋଗ୍ୟ, ୨୦୨୫ ଜୁନ ୭ରେ ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତିଙ୍କର କାର୍ଯ୍ୟକାଳ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ସତ୍‌ପାଲଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ଏଲ୍‌ଆଇସିରେ ୪ଜଣ ଏମ୍‌ଡି କାର୍ଯ୍ୟ କରୁଥିବାବେଳେ ସତ୍‌ପାଲ ଭାନୋ ବରିଷ୍ଠ ଭାବେ କାର୍ଯ୍ୟ କରୁଛନ୍ତି।


# Classified Everyday
0674-2580101, 9692975378




SALE

Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883. D-76270

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829




Ground Floor single room attached toilet for office space at VSS Nagar. 7873657633. D-781

Marriage Mandap, Hotel, Restaurant, Bar, Lodging, 20,000sqft. Chandrasekharpur, Bhubaneswar. 7653880000. D-884

3 BHK duplex 1750sqft. rent 12,000/- for Family at Krishna Residency near Hi-Tech Plaza, Sundarpada. Car Parking available. 7377549663. D-878




Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

Positively health benefits SPA expert female therapist homely atmosphere. 9114559860. D-883

Newly open Jyoti SPA positively health benefits (expert therapist). 8458067955. D-870

Newly open SPA positively health benefits (expert therapist). Contact- 7327030529. D-76918

Relax, Refresh your body, Mind at Saikrupa SPA with best therapies. 7848011468. D-859

AFFIDAVIT

By this affidavit sworn before Executive Magistrate, Bhubaneswar, dated- 06.06.2025, I, Subani Naik, W/o- Late Manguli Naik, At/P.O.- Janla, P.S.- Jatni, Dist.- Khordha, PIN-752054 declare that I have changed my name from Subani Dei to Subani Naik. Henceforth, I shall be known as Subani Naik for all purposes. D-882

I, Akash Mahapatra, S/o- Santosh Kumar Mahapatra, R/o- Pallahat, Konark Nagar, Khordha, 752056, Odisha declare by this affidavit No.- 845, dated 04.06.2025 before the Notary Public, Khordha, that from now onwards I shall be known as Akash Kumar Mahapatra for all future purposes. D-880

By virtue of an affidavit sworn before the Executive Magistrate, Cuttack, dated- 05.06.2025, I, Bijaya Kumar Sahoo, resident of Khannagar Athagharia sahi, P.O.- Arundaya Market, P.S.- Badambadi, Dist.- Cuttack, PIN- 753012 declare that I have changed my name from Kunja Bihari Sahoo to Bijaya Kumar Sahoo. Henceforth, I shall be known as Bijaya Kumar Sahoo for all purposes. D-881

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରମାକାନ୍ତ ପଣ୍ଡା
ଆବିର୍ଭାବ: ୨୬।୧୨।୧୯୬୯
ତିରୋଧାନ: ୦୪।୦୬।୨୦୨୫
ତାଙ୍କର ବିୟୋଗରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ତର୍ପଣ
ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ସୌଜନ୍ୟ: Satya Seva Foundation, Baripada, Mayurbhanj
Satya Enterprises, Baripada, Mayurbhanj
ଧ-୮୭୯

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ରିଲାଏନ୍ସ ଜୁଏଲ୍ସର ଆକର୍ଷଣୀୟ ଅଫର

ଭୁବନେଶ୍ୱର,୯।୬ (ଅଭୟ ଦାଶ)



ରିଲାଏନ୍ସ ଜୁଏଲ୍ସର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ବିଗ୍ ବ୍ୟାଙ୍ଗଲ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସ୍ୱତନ୍ତ୍ର ପାର୍ବଣ ଅଫର ସହିତ ଶୋ'ରୁମଗୁଡ଼ିକରେ ରଜ ମହୋତ୍ସବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିର୍ମିତ ସୁନ୍ଦର ଚୁଡ଼ି ବା ବ୍ୟାଙ୍ଗଲଗୁଡିକର ଏକ ଆକର୍ଷଣୀୟ ସମ୍ଭାରର ଶୁଭାରମ୍ଭ କରାଯାଇଛି।

ସେହିଭଳି ଓଡ଼ିଶାରେ ରିଲାଏନ୍ସ ଜୁଏଲ୍ସର ୧୪ଟି ଏକ୍ସକ୍ଲୁସିଭ ଶୋ'ରୁମ ରହିଛି। ଚଳିତ ବର୍ଷର ରଜ ପର୍ବକୁ ନିଆରା ଢଙ୍ଗରେ ପାଳନ କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛି। ଏପରିକି ଏହି ଉତ୍ସବର ଅଂଶ ଭାବେ ଗ୍ରାହକମାନେ ସୁନା ଚୁଡ଼ି (ବ୍ୟାଙ୍ଗଲ)ର ମେକିଂ ଚାର୍ଜ ଉପରେ ଫ୍ଲାଟ ୫୦% ରିହାତି ଏବଂ ହୀରା ମୂଲ୍ୟ ଓ ମେକିଂ ଚାର୍ଜ ଉପରେ ୩୫%ର ରିହାତି ଉପଭୋଗ କରିପାରିବେ। ଏହି ଅଫର ୨୦୨୫ ଜୁଲାଇ ୭ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ରିଲାଏନ୍ସ ଜୁଏଲ୍ସ ଶୋ'ରୁମ୍‌ରେ ଏବଂ ଏହାର ୱେବ୍‌ସାଇଟରେ ମଧ୍ୟ ବୈଧ ରହିବ।

ସେହିପରି ଏହି ଚୁଡ଼ି ବା ବ୍ୟାଙ୍ଗଲ କଲେକ୍ସନରେ ଅନେକ ପ୍ରକାରର ଡିଜାଇନ ସାମିଲ ରହିଛି। ଚୁଡି-ଷ୍ଟାଇଲ ବ୍ୟାଙ୍ଗଲ, ସୁନ୍ଦର ଭବ୍ୟ କଡା, ଷ୍ଟେଟମେଣ୍ଟ କଙ୍ଗନସ ଭଳି ଟାଇମଲେସ୍ କ୍ଲାସିକ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଓ ଆଧୁନିକ ଡିଜାଇନଗୁଡିକର ବିଶାଳ ସମ୍ଭାର ଅନ୍ତର୍ଭୁକ୍ତ ରହିଛି। ଏପରିକି ପ୍ରତ୍ୟେକ ଅଳଙ୍କାରକୁ କିଶୋରାବସ୍ଥାର ଆନନ୍ଦ ହେଉ କିମ୍ବା ଯୁବ ବୟସର ଶକ୍ତି ଓ ମାତୃତ୍ୱର ମହାନତା ସହ ଜଣେ ମହିଳାଙ୍କ ଜୀବନ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି।

## ବିକାଶ ଆବାସିକ ବିଦ୍ୟାଳୟରେ ପ୍ରଫେଶନାଲ ଡେଭଲପମେଣ୍ଟ ପ୍ରୋଗ୍ରାମ

ଭୁବନେଶ୍ୱର,୯।୬: (ସୁଚିସ୍ମିତା ସାହୁ)



ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ଆୟୋଜିତ ଏକ ୩ ଦିନିଆ କର୍ମଶାଳା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସେକେଣ୍ଡାରୀ ଟିଚିଙ୍ଗଷ୍ଟାଫ୍‌ଙ୍କର ଏକ ପ୍ରଫେଶନାଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଜେ ସି କେଶବ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଗ୍ଲୋବାଲ ବିଦ୍ୟାଳୟ ଭୁବନେଶ୍ୱରର ଚେୟାରମ୍ୟାନ ତଥା ଏମ୍‌ଡି ଭି.ଶ୍ରୀନିବାସ, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ରାମ କୁମାର ଏବଂ ଡି. ଶ୍ୟାମଙ୍କ ସମେତ ବିଦ୍ୟାବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଶିକ୍ଷା ବିଭାଗ ଉପଦେଷ୍ଟା ଡ. ନବୀନ ଶର୍ମା, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ ବାବୋ, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ପରିଚାଳନା ସଦସ୍ୟା ଡି. ପଦ୍ମିନୀ, ଶିକ୍ଷା ବିଭାଗ ଅଧିକାରୀ ଦଶାରୀ ବିଜୟା, ଡିନ୍ ସିନିୟର୍ ସେକେଣ୍ଡାରୀ ଆଲ୍ଲାପତି ଦିଲୀପ କୁମାର, ହୋଷ୍ଟ ପ୍ରିନ୍ସିପାଲ ଆର୍ ବିଜୟ କୁମାର ଏବଂ ବିଭିନ୍ନ ମଣ୍ଡଳୀର ପ୍ରମୁଖମାନେ ଉପସ୍ଥିତ ଥିଲେ। ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଡିନ୍ ପୀତାମ୍ବର ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବିକାଶ ଦ କନ୍‌ସେପ୍ଟ ବିଦ୍ୟାଳୟ ସମ୍ବଲପୁରର ଅଧ୍ୟକ୍ଷ ମନୋରଞ୍ଜନ ପତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ୍ସର ନିର୍ଦ୍ଦେଶକ ଜି.ରାମକ୍ରିଷ୍ଣା ଏବଂ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଓ ପରିଚାଳନା ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ସମ୍ବର୍ଦ୍ଧନାତ୍ମକ ଅଭିଭାଷଣ ପ୍ରଦାନ କରି ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ସେହିଭଳି କର୍ମଶାଳାର ପ୍ରଥମ ଅଧିବେଶନରେ ଜେ ସି କେଶବ ଜୈନ ସଫଳ ଶିକ୍ଷା, ଶିଖିବା ଓ ଶିଖେଇବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କର କିପରି ଆଗ୍ରହ ସୃଷ୍ଟି ହେବ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଟ୍ରେନର୍ ଅରବିନ୍ଦ ଲାଲ (କଷ୍ଟମର୍ ଏକ୍ସଲେନ୍ସ ମ୍ୟାନେଜର) ସ୍ମାର୍ଟ ବୋର୍ଡର ଉତ୍ତମ ବ୍ୟବହାର ଏବଂ ଏହାର ସୁଫଳ ବିଷୟରେ ବିଶ୍ଳେଷଣ କରିଥିଲେ। ତୃତୀୟ ଅଧିବେଶନରେ ଟ୍ରେନର୍ ଜେ ସି ଜୟୀ ରାଜଗୋରେ କୃତ୍ରିମ ବୁଦ୍ଧିମତ୍ତା ସମ୍ବନ୍ଧୀୟ ବିଷୟବସ୍ତୁକୁ ବ୍ୟାଖ୍ୟା କରି ପ୍ରଶିକ୍ଷଣ ଶିବିରରେ ଆନନ୍ଦର ବାତାବରଣ ସୃଷ୍ଟି କରିଥିଲେ। ଚତୁର୍ଥ ଅଧିବେଶନରେ ଟ୍ରେନର୍ ଡିନ୍ ଭିଜିଆଇ ପୀତାମ୍ବର ଦାସଙ୍କ ପ୍ରେରଣାଦାୟକ ଅଧିବେଶନ ଅତ୍ୟନ୍ତ ଚିତ୍ତାକର୍ଷକ ତଥା କୌତୂହଳପ୍ରଦ ଥିଲା। ଟ୍ରେନର୍ ଆର୍‌ଏସ୍‌ଭି କ୍ରିଷ୍ଣାଙ୍କର ସନ୍ଧ୍ୟାକାଳୀନ ଅଧିବେଶନଟି ସମ୍ପୂର୍ଣ୍ଣ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଶ୍ଲିଷ୍ଟ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଗ୍ଲୋବାଲ ବିଦ୍ୟାଳୟ ଭୁବନେଶ୍ୱର ସମେତ ବିକାଶ ଫାଷ୍ଟଷ୍ଟେପ ସମ୍ବଲପୁର, ବିକାଶ ଦ କନ୍‌ସେପ୍ଟ ବିଦ୍ୟାଳୟ, ବିଦ୍ୟା ବିକାଶ ଟେକ୍ନୋ ବିଦ୍ୟାଳୟ ଓ ବିଦ୍ୟା ବିକାଶ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟ ଝାରସୁଗୁଡ଼ା, ବିକାଶ ଆବାସିକ ବିଦ୍ୟାଳୟ ଭବାନୀପାଟଣା, ଲକ୍ଷ୍ମୀ ବିକାଶ ଗ୍ଲୋବାଲ ବିଦ୍ୟାଳୟ ଜୟପୁର, ବିଦ୍ୟା ବିକାଶ କନ୍‌ସେପ୍ଟ ବିଦ୍ୟାଳୟ ରାୟଗଡ଼ା, ଲକ୍ଷ୍ମୀ ବିକାଶ ଟେକ୍ନୋ ବିଦ୍ୟାଳୟ କଣ୍ଟାବାଞ୍ଜି ଭଳି ୧୦ଟି ବିଦ୍ୟାଳୟରୁ ସର୍ବମୋଟ ୪୩୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କଲେ ମୁଖ୍ୟମନ୍ତ୍ରୀ



ବିଧାନସୌଧ ସମ୍ମୁଖ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୯।୬(ସୌମ୍ୟରଞ୍ଜନ ରାଉତ) ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାନସୌଧ ସମ୍ମୁଖରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ସମ୍ପର୍କରେ କହିଥିଲେ। ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ଦୁଷ୍ମନ୍ତ ସ୍ୱାଇଁ, ସରୋଜ ପାଢ଼ୀ, ଦୁର୍ଗା ଚରଣ ତନ୍ତୀ, ରୁପୁ ଭତ୍ରା, ବିଧାସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ଅରୁଣ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ରାଜ୍ୟରେ ୫୦ ପାର୍ କଲା କରୋନା ସଂକ୍ରମଣ

ଭୁବନେଶ୍ୱର,୯।୬(ବନ୍ଦନା ସେଠୀ) ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ଜିଲ୍ଲାରୁ ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ଇତିମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ପାର୍ କରିଛି। କରୋନାକୁ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ବାରମ୍ବାର କହୁଥିବାବେଳେ ଲଗାତର ଭାବେ ରାଜ୍ୟରୁ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଲୋକଙ୍କ ମନରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୭ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଏହି ସଂଖ୍ୟା ୫୬ ଛୁଇଁଛି। ଅପରପକ୍ଷେ ପଜିଟିଭଙ୍କ ମଧ୍ୟରୁ ଏଯାବତ୍ ୨୦ଜଣ ସୁସ୍ଥ ହୋଇଥିବାବେଳେ ୩୬ଜଣ ସକ୍ରିୟ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରକ୍‌କୁ ଧକ୍କା ଦେଲା କାର୍, ୪ ଗୁରୁତର

ପରଜଙ୍ଗ,୯।୬(ନିତ୍ୟାନନ୍ଦ ଦଳବେହେରା) ଢେଙ୍କାନାଳ ଜିଲ୍ଲା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ବାଇପାସ୍ ରାସ୍ତାର ବିଶ୍ୱାଳ ଢାବା ସମ୍ମୁଖରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍‌କୁ ଓଭରଟେକ୍ କରୁଥିବା ବେଳେ ଏକ କାର୍ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଅନ୍ୟ ଏକ ଟ୍ରକ୍‌କୁ ପଛରୁ ଧକ୍କା ଦେବାରୁ କାର୍‌ରେ ଥିବା ଗୋଟିଏ ପରିବାରର ୫ ଜଣଙ୍କ ମଧ୍ୟରୁ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କାର୍ ଚଳାଉଥିବା ରାଉରକେଲା ଛେଣ୍ଡ କଲୋନୀର ବସନ୍ତ ମହାପାତ୍ର, ସ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ନୂଆଗାଁର ସୁଚିସ୍ମିତା ମିଶ୍ର, ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶାଶୁ ଜୟନ୍ତୀ ମିଶ୍ର। କାର୍‌ରେ ଥିବା ବସନ୍ତଙ୍କ ପୁଅ ବିଶ୍ୱଜିତ୍ ମହାପାତ୍ରଙ୍କ କୌଣସି କ୍ଷତି ହୋଇନାହିଁ।

# ଇଗ୍ନୁରେ ଓଡ଼ିଆରେ ହେବ ପାଠପଢ଼ା

## ଉଚ୍ଚଶିକ୍ଷା ବିଭାଗ ସହ ଏମ୍‌ଓୟୁ

ଭୁବନେଶ୍ୱର,୯।୬ (ଅନୁରାଧା ମହାରଣା)



ଏମ୍‌ଓୟୁ ଅବସରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣାପତ୍ର ଅନୁଯାୟୀ ଇଗ୍ନୁର ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ସ୍ନାତକୋତ୍ତର ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ, ସ୍ନାତକ (ଭୋକେଶନାଲ ଷ୍ଟଡ଼ିଜ), ଟ୍ରାଭେଲ ଓ ଟୁରିଜମ ମ୍ୟାନେଜମେଣ୍ଟ, ବିବିଏ, ଏମ୍‌ବିଏ ଆଦି ବିଭିନ୍ନ ପାଠ୍ୟକ୍ରମ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆଜିର ଏହି ବୁଝାମଣାପତ୍ର ସ୍ୱାକ୍ଷର ମାଧ୍ୟମରେ ଆମ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା ଲାଭ କରିପାରିବେ। ଏଥିରେ ଭାଷା ବା ମାଧ୍ୟମ ଆଉ ବାଧକ ସାଜିବ ନାହିଁ। ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷାକୁ ସୁନିଶ୍ଚିତ କରାଯାଇପାରିବ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷାଦାନର ମାଧ୍ୟମ ଓ ପାଠ୍ୟକ୍ରମକୁ ମାତୃଭାଷାରେ ପ୍ରଦାନ କରିବା ନିମନ୍ତେ ପ୍ରାଧାନ୍ୟ ଦିଆଯାଉଛି। ମାତୃଭାଷାରେ ଉଚ୍ଚଶିକ୍ଷା ଲାଭ କଲେ ଛାତ୍ରୀଛାତ୍ରଙ୍କ ସୃଜନଶୀଳତାର ବିକାଶ ହୋଇପାରିବ। ଏହିସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ଡ୍ରପ୍ ଆଉଟ୍ ସଂଖ୍ୟାକୁ କମାଇବା ସହ ସାମଗ୍ରିକ ନାମଲେଖା ଅନୁପାତକୁ ବୃଦ୍ଧି କରିବାରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଆଭାସୀ ମାଧ୍ୟମରେ ଯୋଗଦେଇ ଉଚ୍ଚଶିକ୍ଷା ବିଭାଗର ଏହି ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ, ଇଗ୍ନୁର କୁଳପତି ପ୍ରଫେସର ଉମା କାଞ୍ଜିଲାଲ, ରେଜିଷ୍ଟ୍ରାର ଡ. ଆଲୋକ ଚୌବେ ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟରେ ଗୁଣାତ୍ମକ ଶିକ୍ଷା ପାଇଁ ମୁଖ୍ୟସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୯।୬ (ରବିନାରାୟଣ ଜେନା)

ଦୁର୍ଗମ ଅଞ୍ଚଳ କୋରାପୁଟରେ କିଭଳି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବ ସେନେଇ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟସଚିବ କୋରାପୁଟ ଜିଲା ଗସ୍ତ ଅବସରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ବିଭିନ୍ନ କ୍ଷେତ୍ର ପାଇଁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ରାଜସ୍ୱ ଭଳି ବିଭିନ୍ନ ବିଭାଗରେ ଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟଶାସନ ସଚିବଙ୍କ ଓଏସ୍‌ଡି କଲ୍ୟାଣ କୁମାର ରଥ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଭଳି କେତେକ ବିଭାଗକୁ ମୁଖ୍ୟ ସଚିବଙ୍କ 'ଅବଜରଭେଶନ' କାର୍ଯ୍ୟକାରୀ କରିବା ଲାଗି ପଠାଇଛନ୍ତି।

ମୁଖ୍ୟସଚିବଙ୍କ ପରିଦର୍ଶନରୁ ଜଣାଯାଇଛି ଯେ, କୋରାପୁଟ ଜିଲାରେ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ରହିଛି। ତେଣୁ ସେଠାରେ ଛାତ୍ରୀଛାତ୍ରଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ମିଳିବ ସେଥିନେଇ ବିଭାଗୀୟ ସଚିବ ଗୁରୁତ୍ୱ ଦେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ଗ୍ରହଣ କରିବା ତଥା ଏହି ନିଯୁକ୍ତିରେ କୋହଳ ନୀତି ଅବଲମ୍ବନ କରିବାକୁ ମୁଖ୍ୟସଚିବ ଦର୍ଶାଇଛନ୍ତି। ମୁଖ୍ୟସଚିବ କୋରାପୁଟ ଜିଲାର ବିଭିନ୍ନ କନ୍ୟାଶ୍ରମ ପରିଦର୍ଶନ ବେଳେ ଛାତ୍ରାବାସର ଆକାର ଓ ଛାତ୍ରୀଛାତ୍ରଙ୍କୁ ଅନୁକୂଳ ଶିକ୍ଷା ପରିବେଶ ସୃଷ୍ଟି କରାଯାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦଶମନ୍ତପୁର ବ୍ଲକରେ ଥିବା ଏକ କନ୍ୟାଶ୍ରମ ବିଦ୍ୟାଳୟ ପରିଦର୍ଶନ ସମୟରେ ମୁଖ୍ୟ ସଚିବ ହଷ୍ଟେଲ କକ୍ଷଗୁଡ଼ିକରେ ସ୍ଥାନର ଅଭାବ ଓ ଛାତ୍ରୀଛାତ୍ର ରହୁଥିବା ସ୍ଥାନରେ ସଙ୍କୁଚିତ ପରିବେଶ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ହଷ୍ଟେଲଗୁଡ଼ିକରେ ଉପଯୁକ୍ତ ସ୍ଥାନ ଯୋଜନା କରି ଶିଶୁମାନଙ୍କ ପାଇଁ ଅନୁକୂଳ ପରିବେଶ ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ହଷ୍ଟେଲରେ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବା ପୁରୁଣା ଓ ଛିଣ୍ଡା ମ୍ୟାଟ୍ରେସଗୁଡ଼ିକୁ ତୁରନ୍ତ ବଦଳାଇବାକୁ କହିଛନ୍ତି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ଏକ ପୁରୁଣା କୋଠାରେ ଚାଲୁଥିବାନେଇ ମୁଖ୍ୟସଚିବ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ରାଜସ୍ୱ ବିଭାଗକୁ ନୂତନ କୋଠା ଲାଗି ପ୍ରସ୍ତାବ ଦେବାକୁ ସେ କହିଥିଲେ। ରାଜସ୍ୱ ବିଭାଗର ଭିତ୍ତିଭୂମି ଜିଲାରେ ଦୁର୍ବଳ ଥିବାବେଳେ ପଞ୍ଚାୟତିରାଜ ବିଭାଗ ଏବଂ ଅନ୍ୟାନ୍ୟ କେତେକ ବିଭାଗରେ ଥିବା ସମସ୍ୟାକୁ ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗର ସଚିବଙ୍କୁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି।


## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

(At/Po- Ambapua, Near Income Tax Office, Berhampur - 760011, Ganjam, Odisha)

(E-Mail:- serwbpr2004@yahoo.com, Tel.No.:- 0680-2404287)

### NOTICE

**FOR PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"- Procurement**

**Bid Identification No.Online Tender/05-2025-26/PMGSY/BPR**

**No.O-262:The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads / Bridges under **PRADHAN MANTRI JANJATI ADIVASI NYAYA MAHA ABHIYAN (PM-JANMAN Batch-I /2024-25)** under Pradhan Mantri Gram Sadak Yojana (PMGSY) in the districts of **Ganjam for 08 (Eight)** number of packages with estimated cost totalling to **Rs.21.91 Cr (Approximate)** including their maintenance for five years from the eligible contractors registered with **State PWD/CPWD/MES/Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. **Dtd. 12.06.2025**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security and (c) Original Affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand**, failing which the bids shall be declared non-responsive.

**Last Date/ Time for receipt of bids through e-procurement: 26.06.2025 upto 5.30 P.M**
**For further details and corrigendum (if any) please log on to www.pmgsytenders.gov.in**

OIPR-25071/11/0096/2526 — **Sd./- Chief Construction Engineer, R.W.Circle, Berhampur**



## Government of Odisha
## OFFICE OF THE EXECUTIVE ENGINEER, RURAL WORKS DIVISION-II, NABARANGPUR, UMERKOTE

e-mail: eerwukt@gmail.com & eerwukt@ymail.com
Letter No.2193, Date:09.06.2025

### e-Procurement Notice

**No.O-261:**1. Name of the Work: Weir Adjacent to Bridge Works, 2. Total No. of Works: 01 (One) No. 3. Approx. Estimated Cost: 76.33 Lakhs. 4. Class of Contractor: "B" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of Tender on-line for bidding | | Last Date & Time seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/03/ RWD- UKT/ 2025-26 | 16.06.2025 at 11.00 AM | 25.06.2025 upto 5.00 PM | 24.06.2025 at 01.00 PM | 26.06.2025 at 11.00 AM | To be intimated separately |

Further details can be seen from the Government website www.tendersodisha.gov.in

**Sd./- Executive Engineer, Rural Works Division-II, Nabarangpur, Umerkote**
OIPR-25103/11/0020/2526



## OFFICE OF THE SUPERINTENDENT SAHEED LAXAMAN NAYAK MEDICAL COLLEGE AND HOSPITAL, KORAPUT

Tel.No.06852 252121, E-mail- supdtslnmchkpt.od@gov.in, slnmchkpt22@gmail.com
No.3955/2025 — Date:06.06.2025

### TENDER CALL NOTICE

No.E-156:The Medical Superintendent, SLNMCH, Koraput-764020, Dist- Koraput, Odisha invites sealed tenders in plain papers/pads are invited from intending Manufacturers/Distributors/Stockiest/ Wholesaler for supply of Drugs & Medical Consumables item in bulk quantity to the undersigned as per requirement of the hospital which will be valid for a period of one year from the date of approval or till finalisation of next tender. The detail information terms and condition can be obtained from the office of the undersigned in all working day after publication in newspapers. The bidder can also download the tender documents directly from the website www.koraput.odisha.gov.in and www.slnmch.nic.in. The last date of receipt of tenders through Regd.Post/ Speed Post/ Courier is on or before Dt.08.07.2025 & the Tender will be opened on Dt.09.07.2025. It may be extended. The Superintendent, SLNMCH, Koraput reserves right to accept/reject/cancel any or all the tenders in full or part without assigning any reason thereof.

| | | |
|---|---|---|
| 1 | Date of Sale of Tender Paper | |
| 2 | Cost of Tender Paper | Rs.4000/- (In shape of Demand Draft in favour of Medical Superintendent, SLNMCH, Koraput payable at Koraput |
| 3 | Cost of EMD | Rs.50000/- (In shape of Demand Draft in favour of Medical Superintendent, SLNMCH, Koraput payable at Koraput) |
| 4 | Last date of receipt of Tender Paper | 08.07.2025 till 5.30 PM |
| 5 | Date of Opening of Technical Bid | 09.07.2025 at 11.30 A.M. |
| 6 | Date of Opening of Price Bid | 09.07.2025 at After Completion of Technical Bid |
| 7 | Venue for opening Technical Bid and Price Bid | Office of the Superintendent, SLNMCH, Koraput |
| 8 | Address for Correspondence | Office of the Superintendent, SLNMCH, Koraput, At-Pujariput, Po/ Dist-Koraput |

**Sd./- Superintendent, SLNMCH, Koraput**
OIPR-10121/11/0037/2526



## ODISHA POLICE STATE HEADQUARTERS, CUTTACK

Buxi Bazar, Cuttack-753001, Tel/Fax No.0671-2304354
www.odishapolice.gov.in, Email:sphqrs.odpol@nic.in

### Odisha Police
### Office of the D.G. & I.G. of Police, Odisha, Cuttack

Tel.:0671-2304001, Website:www.odishapolice.gov.in,
Email:aig-prov.odpol@gov.in

**No.D-100:**Online Bids through e-Tender Portal https://tendersodisha.gov.in are invited from the eligible bidders for Selection of System Implementation Partner (SIP) for facilitating conduct of OMR based Written Examination, Physical Measurement Test & Physical Efficiency Test for Constable Communication of Selection Board during the current financial year, 2025-26 as per the particulars mentioned below.

| Tender Reference Number | 02-RFP-OMR based Written Examination 2025-26 Date:10.06.2025 |
|---|---|
| Date of Publication of RFP in the Website of Odisha Tenders Portal | 10.06.2025 |
| Last date & time to accept pre-bid queries through email (sp1signal.orpol@nic.in) | 16.06.2025, 05.00 P.M. |
| *Virtual/Pre-Bid Meeting (is to be communicated to interested bidders) | 18.06.2025 |
| Publication of Corrigendum to RFP (if any) in the website of Selection Board | 21.06.2025 |
| Last date & Time of submission of Bid on Odisha Tenders Portal | 10.07.2025, 05.00 PM |
| Date of Opening of General & Technical Bid | 11.07.2025, 05.00 PM |
| Technical Presentation by the Bidders | To be intimated qualified Bidder |
| Date of Opening of Commercial/ Financial Bid | To be intimated qualified Bidder |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EMD) (Refundable) | Rs.5,00,000/- (Rupees Five Lakh) only (t) NEFT as per Appendix-XIII clause-F. |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.**

**Sd./- Dy.Commandant SP., Hdqrs. Odisha, Cuttack**
OIPR-12029/11/0089/2526



## OFFICE OF THE PRINCIPAL GOVT. AYURVEDIC COLLEGE & HOSPITAL

Tulsinagar, Balangir-767001, Odisha, Tel-Fax-06652-232523 (Coll), 232308 (Hos)
E-Mail:gacbgrorissa@rediffmail.com, Web:www.gachbalangirodisha.ac.in

### NOTICE

No.1417/GAC&H — Date:09.06.2025

**No.E-158:**In pursuance of Government in GA & PG Department Resolution No: 26993/Gen Dated: 12.09.2024, applications are invited from the retired Government Officers with below the age of 65 years, having good service records & physically fit, free from Departmental/ Vigilance Proceedings/Criminal Cases and who have not been penalized for misconduct during the period of preceding 5 years from the date of retirement from Govt. service for re-engagement of 30 Nos. of posts (details of posts available in college website ) on contractual basis at Govt. Ayurvedic College & Hospital, Balangir under the Administrative control of Directorate of AYUSH, Odisha with a consolidated remuneration as guided under para-2 of F.D. Office Memorandum No: 24533/F, Dated: 29.09.2022.

The willing retired Govt. Servants in the respective positions are requested to apply in the application form (available in college website) addressing to "The Principal, Govt.Ayurvedic College,Bolangir Pin -767001" through Registered / Speed Post only so as to reach office of the Principal, Govt.Ayurvedic College,Bolangir ,Tulasinagar by Dated: 26.06.2025 up to 05.00 P.M. for consideration of their application for engagement. The application received after the due date will not be entertained. The application received in any field empty will be rejected. The applicant can download the application form and the detail advertisement by visiting the College Website www.gachbalangirodisha.ac.in.The shortlisted candidates will be called for interview to their given address by Registered/Speed post / Email ID . The engagement shall be for a period of one year or until further orders.

**Sd./- Prof. (Dr.) Manoj Kumar Sahoo**
**Principal**
**Govt. Ayurvedic College & Hospital, Balangir**
OIPR-10010/11/0003/2526



## GOVERNMENT OF ODISHA COOPERATION DEPARTMENT

**Lokseva Bhawan, Sachivalay Marg, Bhubaneswar, PIN-751001**
**https://coop.odisha.gov.in**

No.LL-

### NOTICE

No.COOP-AGM-AGM-0005-2025 6277, Date 09.06.2025

Sub: Draft State Policy Framework on Agri-Marketing for the state of Odisha.

This is to inform that to create a transparent, competitive and tech-enabled inclusive Agri-Marketing ecosystem in Odisha where all farmers can access diverse markets, get remunerative prices, and benefit from robust infrastructure and value chain-based solutions a draft Policy Framework on Agri-Marketing for the state of Odisha is formulated and the same is available in the website of this Department, **https://coop.odisha.gov.in** and website of OSAM Board **https://osamb.odisha.gov.in** which may be accessed and downloaded. Necessary feedback/ valuable suggestion are invited from all the stake holders on the "Draft State Policy Framework on Agri-Marketing for the State of Odisha" to the Email- **cooperationodisha@gmail.com** & **osamboard99@yahoo.com** within 3 days of the publication of this Notice.

**Sd./- Special Secretary to Government**
OIPR-39001/11/0025/2526


See Career Appointment on every Wednesday & Saturday


## OFFICE OF THE BARBIL MUNICIPALITY, BARBIL
### REQUEST FOR PROPOSAL

**No.1686** — **Dt.06.06.2025**

No.C-473: Executive Officer, Barbil Municipality, Barbil invites sealed proposal from interested consulting firms for **"Preparation of Detailed Project Report and Providing Consulting Services for implementation of different Infrastructure Developmental Projects under Barbil Municipality".** The RFP documents can be downloaded from the website www.barbilmuniciplity.in from Dt. 10.06.2025 on payment of Rs. 2,000/- (Rupees Two Thousand only) (Non-refundable) through Demand Draft issued in favour of "Executive Officer, Barbil Municipality" payable at Barbil.

The complete application as per the instructions in the RFP document, should reach to the Office of Executive officer, Barbil Municipality by hand/ Speed Post/ Registered Post on or before 23.06.2025 up to 3.00 P.M. The RFP applications will be opened on Dt. 23.06.2025 at 4.00 P.M. in the presence of the bidder or their authorised representative. The authority reserves right to accept or cancel any or all quotations without assigning any reasons thereof.

**Sd/- Executive Officer, Barbil Municipality**
OIPR-13108/11/0037/2526



## OFFICE OF THE NOTIFIED AREA COUNCIL, TARBHA
### "e" Procurement Notice

**Bid Identification No.: TRV-NAC- 02/2025-26**
**TENDER ID:2025_ORULB_**
**Tender Call Notice No.926/ Date:06.06.2025**

**No.C-476:** Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e, www.tendersodisha.gov.in.

1. Name of the Work : As per DTCN.
2. No. of Works : 23 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.09.06.2025 from 11.00 A.M.
6. Last Date & Time for Receipt of tenders through online : On or before Dt.20.06.2025 upto 05.00 P.M.
7. Bids received online shall be opened on : On Dt.21.06.2025 at 11.45 AM
8. Name and address of the Officer Inviting Bid : Executive Officer, Tarbha NAC

Further details can be seen from the procurement portal i.e. www.tendersodisha.gov.in.

**Sd./- Executive Officer Tarbha NAC**
OIPR-13199/11/0009/2526



## GOVERNMENT OF ODISHA
## OFFICE OF THE SUPERINTENDING ENGINEER P.H.DIVISION, CUTTACK

e-mail ID- eephctcii@gmail.com, sephdctc521@gmail.com

**No.C-480:** **e-Procurement Notice for**
**Bid Identification No.SEPH-DIVISION, CTC-10 of 2025-26**

1. Name of the Work : 1 No. of P.H. Work
2. Estimated Cost : Rs.84.03 Lakhs
3. Period of Completion : 3 Months
4. Date & Time of availability of bid document in the portal : 16.06.2025 from 11.00 A.M. to 30.06.2025 upto 5.00 P.M.
5. Last date & time of seeking clarification : 21.06.2025 upto 5.00 P.M.
6. Last date/time of receipt of bids in the portal : 30.06.2025 upto 5.00 P.M.
7. Date & Time of opening of bids: 01.07.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack- 753004 Odisha, Ph.(0671) 2441063 email: eephctcii@gmail.com sephdctc521@gmail.com

Further details can be seen from the e-procurement portal https://www.tendersodisha.gov.in.

**Sd./- Superintending Engineer P.H. Division, Cuttack**
OIPR-13225/11/0025/2526



## ODISHA STATE ROAD TRANSPORT CORPORATION, BHUBANESWAR

**No.7774/Estate-32/2021** — **Dated 05.06.2025**

### NOTICE INVITING TENDER

**No.CAD-718:**Sealed tenders are invited in the prescribed form from the intending persons/firms/institutions for license of 39 nos. of following vacant rooms, Shops /Open Space/Pindi / Office Room / Canteen / Hotel / Food Court / Multipurpose Hall on the following places as indicated below to be used "As is where is basis".

The sealed tender papers will be received upto 5 PM on or before dt. 30.06.2025 and the same will be opened on ୦୧.୦୭.୨୦୨୫ at 11.00 AM in the Conference hall of the Corporate Office, Bhubaneswar.

For details of Tender including Tender Schedule, terms and conditions, please visit our website www.osrtc.org.

1. **06** nos. of shop rooms & **01** Hotel /Food Court at Angul Old Bus stand, Angul.
2. **02** nos. of shop room at Padampur.
3. **01** no. canteen and **01** no. of Open Space at Baragarh.
4. **04** nos. of shop rooms and **08** nos. of Pindi & **02** nos. of Cafeteria at Malatipatpur OSRTC Bus Stand, Puri.
5. **12** nos. of vacant Shops / **2** nos. Multipurpose Hall at OSRTC Market Complex, Ranpur, Dist- Nayagarh

By Order of Chairman-cum-Managing Director, OSRTC
**Sd./- General Manager (Estates) OSRTC, Bhubaneswar**
OIPR-38002/11/0023/2526

# ଡବ୍ଲ୍ୟୁଟିସି ଫାଇନାଲ: ଅଷ୍ଟ୍ରେଲିଆ-ଦ. ଆଫ୍ରିକା ପ୍ରସ୍ତୁତ

ଲଣ୍ଡନ,୯।୬(ଏପି)

ଯେତେବେଳେ ଆଇସିସି ଟୁର୍ନାମେଣ୍ଟ ଫାଇନାଲ କଥା ଆସେ, ଅଷ୍ଟ୍ରେଲିଆ ଦଳକୁ ବାଦ୍ ଦିଆଯାଇପାରିବ ନାହିଁ। କେବଳ ଅଷ୍ଟ୍ରେଲିଆ ଦଳ ଆଇସିସିର ସମସ୍ତ ୪ ଟ୍ରଫି ଜିତିଛି। ଏହି ଦଳକୁ ଫାଇନାଲରେ ପରାସ୍ତ କରିବା କଷ୍ଟକର। ୫୦ ଓଭର ବିଶ୍ୱକପ୍, ଟି୨୦ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି ଓ ଡବ୍ଲ୍ୟୁଟିସିକୁ ମିଶାଇ ଅଷ୍ଟ୍ରେଲିଆ ୧୩ ଥର ଫାଇନାଲ ଖେଳିଥିବା ବେଳେ ୧୦ ଥର ବିଜୟୀ ହୋଇଛି। ପୁରୁଷ ଦଳଠାରୁ ଅଷ୍ଟ୍ରେଲିଆ ମହିଳା ଦଳର ରେକର୍ଡ ଆହୁରି ଭଲ ରହିଛି। ୧୧ତମ ଆଇସିସି ଟ୍ରଫି ଲକ୍ଷ୍ୟରେ ଥିବା ପୁରୁଷ ଦଳ ଆସନ୍ତା ବୁଧବାରଠାରୁ ଲର୍ଡ୍ସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଡବ୍ଲ୍ୟୁଟିସି ଫାଇନାଲ ଖେଳିବ। ଆଇସିସି ଇଭେଣ୍ଟ ଫାଇନାଲରେ ଅଷ୍ଟ୍ରେଲିଆ ଅତ୍ୟନ୍ତ ଭୟଙ୍କର ଦଳ ଥିବାବେଳେ ଦକ୍ଷିଣ ଆଫ୍ରିକା ଦଳର ରେକର୍ଡ ଅନ୍ୟ ଯେକୌଣସି ଦଳ ତୁଳନାରେ ଖରାପ ରହିଛି। ଫାଇନାଲ ଓ ସେମିଫାଇନାଲ ଭଳି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଫଳତା ଯୋଗୁ ଦକ୍ଷିଣ ଆଫ୍ରିକା ଦଳ ଚୋକର୍ସ ଭାବେ ପରିଚିତ। ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ କେବଳ ଗୋଟିଏ ଆଇସିସି ଟ୍ରଫି ଜିତିଛି। ୧୯୯୮ରେ ଅନୁଷ୍ଠିତ ପ୍ରଥମ ଚାମ୍ପିୟନ୍ସ ଟ୍ରଫିରେ ଦଳ ଚାମ୍ପିୟନ ହୋଇଥିଲା। କିନ୍ତୁ ଏଥର ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇଥିବା ଯୁବ ଓ ଅଭିଜ୍ଞ


ଟେଷ୍ଟ ମେସ୍ ସହ ଟେମ୍ବା ବଭୁମା ଓ ପ୍ୟାଟ୍ କମିନ୍ସ।

ଖେଳାଳିଙ୍କୁ ହେୟଜ୍ଞାନ କରି ହେବ ନାହିଁ। ୨୦୨୩-୨୫ ଡବ୍ଲ୍ୟୁଟିସି ସାଇକେଲରେ ପ୍ରୋଟିଜ ଦଳରେ ୩୦ ଖେଳାଳିଙ୍କୁ ବ୍ୟବହାର କରାଯାଇଥିଲା, ଯାହାକି ଅନ୍ୟ ଯେକୌଣସି ଦଳ ତୁଳନାରେ ଖୁବ୍ ଅଧିକ। ଦଳକୁ ଉଚିତ ସମୟରେ ଭଲ ରନ ସ୍କୋରର ଓ ଉଇକେଟ ନେଇପାରୁଥିବା ବୋଲର ମିଳିଛନ୍ତି। ଏହି ଦଳ ତା'ର ଅନ୍ତିମ ୭ ଟେଷ୍ଟ ଜିତି ଡବ୍ଲ୍ୟୁଟିସି ଫାଇନାଲରେ ସ୍ଥାନ ପକ୍କା କରିଥିଲା।

## ଖ୍ୱାଜାଙ୍କ ସହ କିଏ କରିବ ଓପନିଂ

୨୦୨୩ ଡବ୍ଲ୍ୟୁଟିସି ଫାଇନାଲରେ ଭାରତକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ସେହି ଦଳର ୧୧ରୁ ୧୦ ଖେଳାଳି ଚଳିତ ଥର ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଛନ୍ତି। କେବଳ ଡେଭିଡ୍ ୱାର୍ନର ଅବସର ନେଇଛନ୍ତି। ମିଡ଼ିୟମ ପେସର ଜୋଶ ହାଜେଲଉଡ ଇଞ୍ଜୁରି ଯୋଗୁ ଖେଳି ନ ଥିଲେ। କିନ୍ତୁ ସେ ସ୍କଟ ବୋଲାଣ୍ଡଙ୍କ ସ୍ଥାନ ନେବେ ବୋଲି ଆଶା କରାଯାଉଛି। ହାଜେଲଉଡ୍ କାନ୍ଧଜନିତ ସମସ୍ୟାରୁ ମୁକ୍ତ ହୋଇ ଆଇପିଏଲ୍‌ରେ ଖେଳିଥିଲେ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପ୍ରଥମ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ୧୨ ମ୍ୟାଚ୍‌ରେ ୨୨ ଉଇକେଟ ନେଇଥିଲେ। ୱାର୍ନରଙ୍କ ସ୍ଥାନ ନେବା ପାଇଁ ଦଳକୁ ଏପର୍ଯ୍ୟନ୍ତ ଜଣେ ସ୍ଥାୟୀ ଓପନର ମିଳି ନାହିଁ। ସାମ କନଷ୍ଟାସ ୧୯ ବର୍ଷ ବୟସରେ ବିସ୍ଫୋରକ ପଦାର୍ପଣ କରିଥିଲେ। କିନ୍ତୁ ଗତ ଫେବୃଆରୀରେ ଶ୍ରୀଲଙ୍କା ବିପକ୍ଷରେ ଟ୍ରାଭିସ ହେଡ୍ ଓପନିଂ କରିଥିଲେ। ଏଣୁ ଏହି ଦୁଇ ଜଣ ମୁଖ୍ୟ ଦାବିଦାର ରହିବେ। ଦଳରେ ଅଲରାଉଣ୍ଡର କାମେରନ ଗ୍ରୀନ ସ୍ଥାନ ପାଇଛନ୍ତି। ସେ ଲୋୟର ସ୍ପାଇନ ସର୍ଜରି ଯୋଗୁ ୬ ମାସ ବ୍ୟବଧାନରେ ଫେରିବା ପରେ କାଉଣ୍ଟି କ୍ରିକେଟରେ ଓପନର ଭାବେ ଭଲ ପ୍ରଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ଅଷ୍ଟ୍ରେଲିଆ ଦଳର ମିଡିଲ ଅର୍ଡରରେ କୌଣସି ସମସ୍ୟା ନାହିଁ। ଷ୍ଟିଭ ସ୍ମିଥ ନଂ-୪ରେ ଖେଳିବେ। ଗତ ସପ୍ତାହରେ ୩୬ ବର୍ଷରେ ପଦାର୍ପଣ କରିଥିବା ସ୍ମିଥ ଗତ ୫ ଟେଷ୍ଟରେ ୪ ଶତକ ହାସଲ କରିଛନ୍ତି ଏବଂ ନିକଟରେ ୧୦ ହଜାର ଅତିକ୍ରମ କରିଛନ୍ତି। ବୋଲିଂ ବିଭାଗରେ ଅଷ୍ଟ୍ରେଲିଆର ସର୍ବକାଳୀନ ୪ ସଫଳ ବୋଲର ରହିଛନ୍ତି। ନାଥନ ଲାୟନ (୫୫୩ ଉଇକେଟ ସହ ତୃତୀୟ), ମିଚେଲ ଷ୍ଟାର୍କ (୩୮୨, ଚତୁର୍ଥ), ଅଧିନାୟକ ପ୍ୟାଟ କମିନ୍ସ (୨୯୪, ଅଷ୍ଟମ) ଓ ହାଜେଲଉଡ୍ (୨୭୯, ଦଶମ) ବୋଲିଂ ବିଭାଗ ସମ୍ଭାଳିବେ।

## ରାବାଡାଙ୍କ ଉପରେ ରହିବ ନଜର

ଖ୍ୱାଜାଙ୍କ ସହିତ ଯିଏ ବି ଓପନିଂ କରିବ, ତାଙ୍କୁ ନୂଆ ବଲରେ କାଗିଶୋ ରାବାଡାଙ୍କ ସମ୍ମୁଖୀନ ହେବାକୁ ପଡ଼ିବ। ୧୦ ମ୍ୟାଚ୍‌ରେ ଖ୍ୱାଜା ଓ ରାବାଡା ପରସ୍ପରକୁ ଭେଟିଥିବା ବେଳେ ଖ୍ୱାଜା ୫ ଥର ରାବାଡାଙ୍କ ବଲରେ ଆଉଟ୍ ହୋଇଛନ୍ତି। ୩୨୭ ଉଇକେଟ ନେଇଥିବା ରାବାଡା ଦକ୍ଷିଣ ଆଫ୍ରିକାର ସର୍ବକାଳୀନ ଟେଷ୍ଟ ଉଇକେଟ ହାସଲକାରଙ୍କ ମଧ୍ୟରେ ଚତୁର୍ଥ ସ୍ଥାନରେ ଥିବା ଆଲାନ ଡୋନାଲ୍ଡଙ୍କଠାରୁ ୩ ଉଇକେଟ ପଛରେ ରହିଛନ୍ତି। ତାଙ୍କ ସହିତ ବାମହାତୀ ମାର୍କୋ ଜାନସେନ ନୂଆ ବଲରେ ବୋଲିଂ କରିବେ। ସେ ଗତ ୬ ମ୍ୟାଚ୍‌ରେ ୨୯ ଉଇକେଟ ନେଇଛନ୍ତି। ଲୁଙ୍ଗି ଏନ୍‌ଗିଡି ଓ ଡେନ ପାଟରସନଙ୍କ ମଧ୍ୟରୁ ଜଣେ କେହି ତୃତୀୟ ପେସର ଭାବେ ଖେଳିବ। ଏଡେନ ମାରକ୍ରାମ ଓ ର୍‌ୟାନ ରିକଲଟନ ଓପନିଂ କରିବେ ଏବଂ ଅଧିନାୟକ ଟେମ୍ବା ବଭୁମା ନଂ-୪ରେ ଖେଳିବେ। ମଧ୍ୟକ୍ରମରେ ଡେଭିଡ ବେଡିଂହାମ ରହିଛନ୍ତି, ସେ ୨୦୨୩-୨୫ ଡବ୍ଲ୍ୟୁଟିସି ସାଇକେଲରେ ଦକ୍ଷିଣ ଆଫ୍ରିକା ଲାଗି ସର୍ବାଧିକ ରନ କରିଛନ୍ତି।

## ଲର୍ଡ୍ସର ଇତିହାସ

କ୍ରିକେଟର ଅନ୍ତର୍ଦ୍ଧାନଶାଳ ଭାବେ ପରିଚିତ ଲର୍ଡ୍ସରେ ଦକ୍ଷିଣ ଆଫ୍ରିକାର ରେକର୍ଡ ଭଲ ରହିଛି। ଦଳ ଏଠାରେ ୭ ଟେଷ୍ଟ ଖେଳିଥିବା ବେଳେ କେବଳ ଥରେ ପରାଜିତ ହୋଇଛି। ଗତ ଥର ୨୦୨୨ରେ ଏଠାରେ ଇଂଲଣ୍ଡ ବିପକ୍ଷରେ ଖେଳିଥିବା ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୩ ଦିନ ମଧ୍ୟରେ ଏକ ଇନିଂସ ବ୍ୟବଧାନରେ ଜିତି ନେଇଥିଲା।

# ବାଳିକାରେ ୩, ବାଳକରେ ୮ ମିଳିତ ଅଗ୍ରଣୀ


ଦ୍ୱିତୀୟ ଦିବସ ଖେଳ ଅବସରରେ ପ୍ରତିଯୋଗୀମାନେ।

**୧୫ ବର୍ଷରୁ କମ୍ ରାଜ୍ୟ ଚେସ**

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)

ଟ୍ରିପଲ 'ସି' ଚେସ କ୍ଲବ ଆନୁକୂଲ୍ୟରେ କଟକର ଜବାହାର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମରେ ଚାଲିଥିବା ରାଜ୍ୟ ୧୫ ବର୍ଷରୁ କମ ଚେସ୍ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଖେଳ ସୋମବାର ଶେଷ ହୋଇଛି। ୪ ରାଉଣ୍ଡ ଶେଷସୁଦ୍ଧା ବାଳିକାରେ ୩ ଓ ବାଳକରେ ୮ ଖେଳାଳି ଅଗ୍ରଣୀ ହାସଲ କରିଛନ୍ତି। ବାଳିକା ବର୍ଗରେ ସୃଷ୍ଟି ଶ୍ରେୟାସୀ,ସ୍ନେହସ୍ମିତା ରାମ ଓ ଜ୍ୟୋତିକା ସାହୁ ପୂରା ୪ ପଏଣ୍ଟ ଲେଖାଏ ପାଇଛନ୍ତି। ଅନୁଶ୍ରୀ ପାଢୀ ଓ ଏବଂ ତନଭି ମିଶ୍ର ୩.୫ ସହ ୨ୟ ସ୍ଥାନରେ ଅଛନ୍ତି । ସେହିପରି ବାଳକ ବର୍ଗରେ ସାତ୍ୱିକ ସ୍ୱାଇଁ, ଆଦିତ୍ୟ ଜେନା, ହିମାଂଶୁ ନାୟକ, ଦେବପ୍ରିୟ ବିଶ୍ୱାଳ, ବିଶ୍ୱପ୍ରିତ୍ ରାୟ, ସୂର୍ଯ୍ୟାଂଶୁ ମହାକୁଡ଼, ସୁମିତ କୁମାର ସିହ୍ନା ଓ ସାଇ ଶକ୍ତି ପଣ୍ଡା ୪ ପଏଣ୍ଟ ଲେଖାଏ ଅର୍ଜନ କରି ମିଳିତ ଅଗ୍ରଣୀ ରହିଛନ୍ତି। ଏହି ମର୍ଯ୍ୟାଦାଜନକ ରାଜ୍ୟ ସବ୍‌ଜୁନିୟର ପ୍ରତିଯୋଗିତା ପ୍ରଥମଥର ପାଇଁ ଫିଡେ ରେଟିଂର ମାନ୍ୟତା ପାଇଛି। ପ୍ରତିଯୋଗିତାରେ ୨୦ ଜିଲାରୁ ମୋଟ ୨୬୦ ପ୍ରତିଯୋଗୀ ଭାଗନେଇଛନ୍ତି। ଆନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ରଙ୍କ ସହିତ ସିନିୟର ଜାତୀୟ ଅର୍ବିଟର ସୁରଜ କୁମାର ମହାରଣା, ସତ୍ୟଜିତ ବାରିକ ଓ ଚନ୍ଦ୍ର ଶେଖର ପଣ୍ଡା ଖେଳ ପରିଚାଳନା କରୁଛନ୍ତି। ପ୍ରତିମା ଆପାତ୍ ଓ ପ୍ରଣିତା ସେନ ସହଯୋଗ କରୁଛନ୍ତି।

# ଅନୁପମାଙ୍କୁ ସମ୍ବର୍ଦ୍ଧିତ କଲେ ଖୁରାନିଆ

ଭୁବନେଶ୍ୱର, ୯।୬ (ବିଜୟ ରଣା)

ନବମ ଜିୟୁ ଜିତ୍‌ସୁ ଏସିଆନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ଉଚ୍ଚକୋଟିର କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିବା ଅନୁପମା ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ। ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଜିପି ଖୁରାନିଆ ଅନୁପମାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ ଏବଂ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି (କାର୍ମିକ) ଯୁଗଳ କିଶୋର ବନୋଥ, ଏଆଇଜି (ମୁଖ୍ୟାଳୟ) ସୁରେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ମେ ମାସ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଜୋର୍ଡାନର ଅମାନ ସହରଠାରେ ଏସିଆନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁପମା ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ସେ କଣ୍ଟାକ୍ଟ (୫୨ କେ.ଜିରୁ କମ୍) ବର୍ଗରେ ରୌପ୍ୟ ପଦକ ଏବଂ ଫାଇଟିଂ ସିଷ୍ଟମ (୫୨ କେ.ଜିରୁ କମ୍) ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରି ଓଡ଼ିଶା ପୋଲିସକୁ ମଧ୍ୟ ଗୌରବାନ୍ୱିତ କରିଛନ୍ତ। ଅନୁପମା ବର୍ତ୍ତମାନ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ କନ୍‌ଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତି। ସେ ପୂର୍ବରୁ ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପଦକ ବିଜୟୀ ହୋଇଛନ୍ତି।


ଅନୁପମା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ପୋଲିସ ଡିଜିପି ଯୋଗେଶ ବାହାଦୂର ଖୁରାନିଆ।

# ଆଇସିସି ହଲ ଅଫ୍ ଫେମ୍‌ରେ ଧୋନୀ

**ଲଣ୍ଡନ,୯।୬(ପି.ଟି.):** ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ସୋମବାର ୨୦୨୫ ବର୍ଷ ପାଇଁ ଆଇସିସିର ହଲ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଅଷ୍ଟ୍ରେଲିଆର ପୂର୍ବତନ ଓପନର ମାଥ୍ୟୁ ହେଡେନ ଓ ଦକ୍ଷିଣ ଆଫ୍ରିକାର ହାସିମ ଆମଲାଙ୍କ ସମେତ ୫ ପୁରୁଷ ଓ ୨ ମହିଳା କ୍ରିକେଟରଙ୍କୁ ଆଇସିସି ତା'ର ହଲ ଅଫ୍ ଫେମ ସାମିଲ କରାଯିବ। ଚାପ ପରିସ୍ଥିତିରେ ନିଜର ଶାନ୍ତ ସ୍ୱଭାବ ଓ ଅତୁଳନୀୟ ଟାକ୍ଟିକାଲ, ସୀମିତ ଓଭର କ୍ରିକେଟର ସର୍ବକାଳୀନ ଫିନିଶର, ଅଧିନାୟକ ଓ ୱିକେଟକିପର ଭାବେ ଜଣାଯାଉଥିବା ଧୋନୀଙ୍କୁ ଆଇସିସି କ୍ରିକେଟ୍ ହଲ ଅଫ୍ ଫେମ୍‌ରେ ସାମିଲ କରାଯାଉଛି। ଅନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ୧୭,୨୬୬ ରନ, ଉଇକେଟ ପଛରୁ ୮୨୯ ବ୍ୟାଟରଙ୍କୁ ଆଉଟ୍ କରିବା ସହ ୫୩୮ ମ୍ୟାଚ୍ ଖେଳିବା କେବଳ ଧୋନୀଙ୍କ ଉତ୍କର୍ଷତା ନୁହେଁ, ବରଂ ତାଙ୍କର ଅସାଧାରଣ ସ୍ଥିରତା ଓ ଫିଟନେସକୁ ଦର୍ଶାଉଛି ବୋଲି ଆଇସିସି ପକ୍ଷରୁ ଜାରି କରାଯାଇଥିବା ବିବୃତି କୁହାଯାଇଛି। ଧୋନୀଙ୍କ ନେତୃତ୍ୱରେ ଭାରତ ୨୦୦୭ ଟି୨୦ ବିଶ୍ୱକପ୍, ୨୦୧୧ ଆଇସିସି ଦିନିକିଆ ବିଶ୍ୱକପ୍ ଓ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲ। ଆଇସିସି ହଲ ଅଫ୍ ଫେମ୍‌ରେ ସାମିଲ ହେବା ସମ୍ମାନର ବିଷୟ, ଯାହାକି ବିଶ୍ୱର ବିଭିନ୍ନ ପିଢ଼ିର କ୍ରିକେଟରଙ୍କ ଯୋଗଦାନକୁ ସ୍ୱୀକୃତି ଦିଏ। ସର୍ବକାଳୀନ ମହାନ ଖେଳାଳିଙ୍କ ସହ ମୋ ନାମକୁ ମନେ ରଖାଯିବା ଏକ ସୁନ୍ଦର ଅନୁଭୂତି। ଏହାକୁ ମୁଁ ସାରା ଜୀବନ ମନେ ରଖିବି।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)

**ଆନ୍ତଃ ରାଜ୍ୟ ଦୃଷ୍ଟିହୀନ ମହିଳା ଟି୨୦**

ବିଶାଖାପାଟଣାରେ ଚାଲିଥିବା ଆନ୍ତଃ ରାଜ୍ୟ ଦୃଷ୍ଟିହୀନ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀକୁ ହରାଇଥିବା ଓଡ଼ିଶା ସୋମବାର ଦ୍ୱିତୀୟ ମ୍ୟାଚରେ କେରଳକୁ ୯ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା କେରଳ ୧୫ ଓଭରରେ ୯ ଉଇକେଟ ହରାଇ ୬୭ ରନ କରିଥିଲା। ଓଡ଼ିଶାର ସୁକାନ୍ତ ଦଳପତି ୨ଟି ଉଇକେଟ ନେଇଥିଲେ। ୬୮ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ଅତି ସହଜରେ ୭.୧ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଝୁଲି ବିରୁଆ ୨୮ ଓ ଯମୁନା ରାଣୀ ଟୁଡୁ ୨୨ ରନ କରିଥିଲେ। ଝିଲି ବିରୁଆ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ଶେଷ ଲିଗ୍ ମ୍ୟାଚ ମଙ୍ଗଳବାର ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ।



ଝିଲି ବିରୁଆ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**

ଆମଷ୍ଟିଲଭିନ୍, ୯।୬ (ପି.ଟି.)

ବିଳମ୍ବରେ ଗୋଲ୍ ବରଣ ଯୋଗୁ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ଭାରତକୁ ପୁନର୍ବାର ପରାଜୟ ବରଣ କରିବାକୁ ହୋଇଛି। ସୋମବାର ୟୁରୋପିଆନ ଲେଗ୍ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦଳ ନେଦରଲାଣ୍ଡ୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚ ୨-୩ଗୋଲ୍‌ରେ ହାରିଯାଇଛି। ଅଲିମ୍ପିକ ଚାମ୍ପିୟନ ବିପକ୍ଷରେ ଭାରତର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଭାରତ ତରଫରୁ ଅଭିଷେକଙ୍କ ପାଇଁ ଏହା ଥିଲା ୧୦୦ତମ ମ୍ୟାଚ୍। ସେ ଦଳ ତରଫରୁ ମ୍ୟାଚ୍‌ର ପ୍ରଥମ ଗୋଲ୍ ୨୦ତମ ମିନିଟ୍‌ରେ ସ୍କୋର କରିଥିଲେ। ଯୁଗରାଜ ସିଂ ୫୪ତମ ମିନିଟ୍‌ରେ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରି ଦ୍ୱିତୀୟ ଗୋଲ୍‌ଟିକୁ ଦେଇଥିଲେ। ନେଦରଲାଣ୍ଡ୍ସ ତରଫରୁ ଗୋଲ୍ ସ୍କୋର ଥିଲେ ଭାନ୍ ଡାମ୍ (୨୪ତମ), ଟିଜେପ୍ ହୋଡ୍‌ମେକର୍ସ (୩୩ତମ) ଓ ଜିପ୍ ଜାନସେନ (୫୭ତମ)। ଭାରତ ପୂର୍ବରୁ ଶନିବାର ନେଦରଲାଣ୍ଡ୍ସଠାରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବୁଧବାର ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ।

# ପ୍ରିମିୟର ଲିଗ୍‌ର ପ୍ରଥମ କୃଷ୍ଣକାୟ ରେଫରିଙ୍କ ପରଲୋକ

**ଶିଫିଲ୍ଡ (ଇଂଲଣ୍ଡ), ୯।୬ (ଏପି):** ପ୍ରିମିୟର ଫୁଟ୍‌ବଲ ଲିଗ୍‌ର ପ୍ରଥମ କୃଷ୍ଣକାୟ ରେଫରି ଉରିଆ ରେନିଙ୍କର ପରଲୋକ ଘଟିଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ଉରିଆ ପ୍ରିମିୟର ଲିଗ୍‌ର ପ୍ରଥମ କୃଷ୍ଣକାୟ ରେଫରି ଭାବେ ୩୦୦ରୁ ଊର୍ଦ୍ଧ୍ୱ ଶୀର୍ଷ ସ୍ତରୀୟ ମ୍ୟାଚ ପରିଚାଳନା କରି ଇତିହାସ ସୃଷ୍ଟି କରିଥିଲେ। ଜାମାଇକାରେ ଜନ୍ମ ଗ୍ରହଣ କରିଥିବା ଉରିଆ ୧୯୯୭ ଅଗଷ୍ଟରେ ଡର୍ବି-ୱିମ୍ବେଲଡନ ମ୍ୟାଚରେ ପ୍ରଥମ ଥର ରେଫରି ଦାୟିତ୍ୱ ମିଳିଥିଲା।

# କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ଆର୍‌ସିବି

ବେଙ୍ଗାଲୁରୁ, ୯।୬

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିରୋଧରେ ବେଙ୍ଗାଲୁରୁ ଦଳାଚକଟା ଘଟଣା ସହ ଜଡ଼ିତ ଦାଏର ହୋଇଥିବା ଏଫ୍‌ଆଇଆର୍‌କୁ ଖାରଜ କରିବା ପାଇଁ ଆଇପିଏଲ୍ ଫ୍ରାଞ୍ଚାଇଜ ପକ୍ଷରୁ ସୋମବାର କର୍ଣ୍ଣାଟକ ହାଇକୋର୍ଟରେ ଆବେଦନ କରାଯାଇଛି। ଗତ ୪ ତାରିଖରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ହେବା ପରେ ଫ୍ରାଞ୍ଚାଇଜ ବିରୋଧରେ ବିନା ଉଦ୍ଦେଶ୍ୟରେ ହତ୍ୟା ଓ ଆପରାଧିକ ଅବହେଳା ଭଳି ଦଫାରେ ମାମଲା ରୁଜୁ କରାଯାଇଥିଲା। ଇଭେଣ୍ଟ ଅର୍ଗାନାଇଜର ଡିଏନ୍‌ଏ ଏଣ୍ଟରଟେନ୍‌ମେଣ୍ଟ ନେଟ୍‌ୱର୍କ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ମଧ୍ୟ ହାଇକୋର୍ଟରେ ଏଫ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରାଯାଇଛି।

# 'ପ୍ରେମ୍, ରାଜକୁମାରଙ୍କ ପଦକ ଦୃଢ଼ ସଂକଳ୍ପର ନିଦର୍ଶନ' : ଜିନ୍ଦଲ



ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡା।

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)

ମସ୍କୋରେ ଅନୁଷ୍ଠିତ ଉଷୁ ଷ୍ଟାର ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ବଡବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ କ୍ରୀଡ଼ାବିତ ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡା। ସିନିୟର ପୁରୁଷ ୪୮ କେଜିରେ ପ୍ରେମ୍ ଓ ୫୨ କେଜି ବର୍ଗରେ ରାଜକୁମାର ଚମତ୍କାର କୌଶଳ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଏମାନେ ଆୟୋଜକ ରୁଷର ଶୀର୍ଷସ୍ତରୀୟ ପ୍ରତିଯୋଗୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦୁହିଁଙ୍କ ସଫଳତା ଓଡ଼ିଶା ଓ ଭାରତୀୟ ଉଷୁ କ୍ରୀଡ଼ା ପାଇଁ ବିଶ୍ୱସ୍ତରରେ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ପରିଚାଳିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପ୍ରୋତ୍ସାହନରେ ପରିଚାଳିତ ହଷ୍ଟେଲର ଦୁଇ ଅନ୍ତେବାସୀ ହେଉଛନ୍ତି ପ୍ରେମ ଓ ରାଜକୁମାର ମୁଣ୍ଡା। ଏହି ସଫଳତାରେ ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧକ୍ଷ ନବୀନ ଜିନ୍ଦଲ କହିଛନ୍ତି ଯେ, ''ଏହା ଆମ ପାଇଁ ଅତ୍ୟନ୍ତ ଗୌରବର ମୁହୂର୍ତ୍ତ। ପ୍ରେମ ଓ ରାଜକୁମାରଙ୍କ ସଫଳତା କେବଳ ଭାରତୀୟ କ୍ରୀଡ଼ାର ବିଜୟ ନୁହେଁ ବରଂ ସମସ୍ତଙ୍କୁ ସମାନ ସୁଯୋଗର ସାମର୍ଥ୍ୟ ଓ ଦୃଢ଼ ସଂକଳ୍ପର ସାର୍ଥକ ନିଦର୍ଶନ। ଗ୍ରାମୀଣ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାର ପ୍ରତିଶ୍ରୁତିବଦ୍ଧତା ପାଇଁ ଜିନ୍ଦଲ ଫାଉଣ୍ଡେଶନର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି''। ଅନ୍ୟପକ୍ଷରେ ଏକ ଗ୍ରାମୀଣ ଅଞ୍ଚଳରୁ ବିଶ୍ୱ ଦରବାର ଯାଏ ସେମାନଙ୍କ ଯାତ୍ରା ନିଶ୍ଚିତ ଭାବେ ପ୍ରେରଣାଦାୟୀ ବୋଲି ଜିନ୍ଦଲ ଫାଉଣ୍ଡେଶନର ଅଧକ୍ଷା ଶାଲୁ ଜିନ୍ଦଲ ପ୍ରକାଶ କରିଛନ୍ତି। ଜିନ୍ଦଲ ଫାଉଣ୍ଡେଶନ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ପ୍ରେମ ଓ ରାଜକୁମାରଙ୍କ ସମେତ ଶ୍ୱେତା ରାଣୀ, ବବଲୁ ଓ ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତ। ଫାଉଣ୍ଡେସନ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

# ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ 'ବି' ବିଜୟୀ

ଭୁବନେଶ୍ୱର, ୯।୬ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କଟକ 'ବି' ବିଜୟୀ ହୋଇଛି। ବର୍ଷା ଯୋଗୁ ଅନ୍ୟ ୨ଟି ମ୍ୟାଚ ବାତିଲ ହୋଇଛି।

ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ୧୦୧ ରନରେ କଳାହାଣ୍ଡିକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ସମ୍ବଲପୁର ଅର୍ମାନ ବହିଦାରଙ୍କ ୯୦ ଓ ସେକ୍ ମୌସିନଙ୍କ ୫୦ ରନ ସତ୍ତ୍ୱେ ୨୮.୩ ଓଭରରେ ୨୦୨ ରନରେ ସମସ୍ତ ଉଇକେଟ ହରାଇଥିଲା। ବିପକ୍ଷ ଦଳର ରାହୁଲ ହରିଜନ ୫ଟି ଓ ଗୋବିନ୍ଦ ବାଗ ୪ଟି ଉଇକେଟ ନେଇଥିଲେ। ଜବାବରେ କଳାହାଣ୍ଡି ୨୭.୨ ଓଭରରେ ୧୦୧ ରନକରି ଅଲ୍‌ଆଉଟ ହୋଇଥିଲା। ବିଜୟୀ ଦଳର ସେକ୍ ତନଭୀର ୫ ଓଭରରେ ମାତ୍ର ୧୦ ରନ ଦେଇ ୪ଟି ଉଇକେଟ ନେଇଥିଲେ। ଅଡ଼ଶପୁର ପଡ଼ିଆରେ ଆୟୋଜିତ ମ୍ୟାଚରେ ସୁନ୍ଦରଗଡ଼ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ବଲାଙ୍ଗୀରକୁ ୨ ଉଇକେଟରେ ହରାଇ ଦେଇଛି।


ଅଭିଷେକ ସେନାପତି


ରାହୁଲ ହରିଜନ


ସେଖ୍ ତନଭୀର


ସଞ୍ଜୀବ ବଡ଼ନାଏକ

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବଲାଙ୍ଗୀର ସମରପ୍ରୀତ ପଟେଲଙ୍କ ୫୩ ରନ ସତ୍ତ୍ୱେ ୩୬.୩ ଓଭରରେ ୧୨୬ ରନକରି ସମସ୍ତ ଉଇକେଟ ହରାଇଥିଲା। ପ୍ରତିପକ୍ଷ ଦଳର ସଞ୍ଜୀବ ବଡ଼ନାୟକ ୪ଟି ଓ କିଶନ କୁମାର ଅହିର ୩ଟି ଉଇକେଟ ନେଇଥିଲେ। ୧୨୭ ରନ ବିଜୟ ଲକ୍ଷ୍ୟରେ ସୁନ୍ଦରଗଡ଼ ୩୦.୨ ଓଭରରେ ୮ ଉଇକେଟ ହରାଇ ୧୧୩ ରନ କରିଥିବାବେଳେ ବର୍ଷା ହୋଇଥିଲା। ଆଉ ଖେଳ ସମ୍ଭବ ନ ହେବାରୁ ସୁନ୍ଦରଗଡ଼କୁ ବିଜୟୀ ଘୋଷିତ କରାଯାଇଥିଲା। ଆଦିତ୍ୟ ଆନନ୍ଦ ସର୍ବାଧିକ ୬୦ ରନ କରିଥିବାବେଳେ ବିପକ୍ଷ ଦଳର ଯୋଗେଶ୍ୱର ବାଗ୍ ୪ଟି ଉଇକେଟ ନେଇଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ ମୟୂରଭଞ୍ଜ ଡିଏଲ୍‌ଏସ୍ ପଦ୍ଧତିରେ ୬୩ ରନରେ ଗଜପତିକୁ ପରାସ୍ତ କରିଛି। ମୟୂରଭଞ୍ଜ ଦଳ ୪୩ ଓଭରରେ ୯ ଉଇକେଟ ହରାଇ ୨୦୧ ରନ କରିଥିଲା। ଦଳ ପକ୍ଷରୁ ରୋଶନ ଚୌଧୁରୀ ସର୍ବାଧିକ ୪୬ ରନ କରିଥିଲେ। ଜବାବରେ ଗଜପତି ୨୧ ଓଭରରେ ୫ ଉଇକେଟ ହରାଇ ୫୪ ରନ କରିଥିବାବେଳେ ବର୍ଷା ଯୋଗୁ ମ୍ୟାଚ ବନ୍ଦ ରହିଥିଲା। ମୟୂରଭଞ୍ଜର ପ୍ରିୟଙ୍କ ପଟ୍ଟନାୟକ ୩ଟି ଉଇକେଟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କଟକ 'ବି' ୧୫୮ ରନରେ ମାଲକାନଗିରିକୁ ହରାଇ ଦେଇଛି। କଟକ ଦଳ ୪୭ ଓଭରରେ ୨୪୯ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରଞ୍ଜନ ସାମଲ ସର୍ବାଧିକ ୮୧ ଓ ଅଭିଷେକ କାଳିଆ ୫୩ ରନ କରିଥିଲେ। ୨୫୦ ରନ ବିଜୟ ଲକ୍ଷ୍ୟରେ ମାଲକାନଗିରି ୨୯.୨ ଓଭରରେ ୯୧ ରନ କରି ଅଲ୍‌ଆଉଟ ହୋଇଥିଲା। ବିଜୟୀ ଦଳର ଅଭିଷେକ ସେନାପତି ୯.୨ ଓଭରରେ ମାତ୍ର ୧୫ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ।

# ରଜ ସଜ

ରଜ ଦିନ ଝିଅମାନେ ନୂଆ ପୋଷାକ ପିନ୍ଧି ସଜେଇ ହୁଅନ୍ତି। ଦୋଳି ଖେଳି, ପୋଡ଼ ପିଠା ଖାଇ ସାଙ୍ଗସାଥୀଙ୍କ ମେଳରେ ବେଶ୍ ମଜାମସ୍ତି କରନ୍ତି। ଆଉ ଏମିତିରେ କାହା ପୋଷାକ କେତେ ସୁନ୍ଦର ତାକୁ ନେଇ ହୁଏ ଚର୍ଚ୍ଚା। ତେଣୁ ରଜରେ କେଉଁ ପୋଷାକ ପିନ୍ଧିଲେ ଆଟ୍ରାକ୍ଟିଭ୍ ଲାଗିବେ, ଜାଣିରଖନ୍ତୁ କିଛି ଫ୍ୟାଶନ ଟିପ୍ସ...



⏭ରଜରେ ଆକର୍ଷଣୀୟ ଲୁକ୍ ଚାହୁଁଥିଲେ ଫ୍ୟାନ୍ସି କିମ୍ବା ବିଭିନ୍ନ ପ୍ରକାର ଟ୍ରାଡିସିନାଲ ଶାଢ଼ି ଟ୍ରାଏ କରିପାରିବେ। ଏହା ସହ ଡିଜାଇନର ବ୍ଲାଉଜ୍ ଏବଂ ବେଲ୍ଟ ପିନ୍ଧି ଫ୍ୟାଶନେବଲ ଲାଗିବେ। ଶାଢ଼ି କ୍ୟାରି କରିବା ଅସୁବିଧା ହେଉଥିଲେ ଶାଢ଼ି ଗାଉନ୍ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ସେତିକି ସହଜ ମଧ୍ୟ।

⏭ଶାଢ଼ି ସହ ପ୍ୟାଣ୍ଟର ଫୁଜନ୍ ବେଶ୍ ଷ୍ଟାଇଲିଶ୍ ଲାଗିବ। ସୁନ୍ଦର ବର୍ଡର ଥିବା ସିଲ୍କ ଶାଢ଼ି ସହ ଷ୍ଟ୍ରେଟ୍ ପ୍ୟାଣ୍ଟ ପିନ୍ଧନ୍ତୁ। ଏହା ଆପଣଙ୍କୁ ମଡର୍ନ ଲୁକ୍ ଦେବ। ଏହା ସହ ମ୍ୟାଚିଂ କରି ଆପଣ ନେକ୍‌ଲେକ୍ସ ଓ ଇଅର ରିଂ ବି ପିନ୍ଧିପାରିବେ। ଫେଷ୍ଟିଭ୍ ଲୁକ୍ ଦେବାପାଇଁ ଚାହୁଁଥିଲେ ଶାଢ଼ି ସହ ଆପଣ ଆଙ୍କେଲ୍ ଲେନ୍ଥ ଜିନ୍ସ ଟ୍ରାଏ କରିପାରିବେ। ଜିନ୍ସ ସହ ବେଲ୍ଟ ଏବଂ ହାଇନେକ୍ ବ୍ଲାଉଜ୍ ମଧ୍ୟ ପିନ୍ଧିପାରିବେ।

⏭ ଲଙ୍ଗ୍ କୁର୍ତ୍ତି କିମ୍ବା ମ୍ୟାକ୍ସି ଡ୍ରେସ୍ ସହ ପ୍ଲାଜୋ ପିନ୍ଧିଲେ ମଡର୍ନ ଲାଗିବେ। ଏହା ସହ ଏଥ୍‌ନିକ୍ ଜୁଏଲେରି ଅଧିକ ଟ୍ରେଣ୍ଡି ଲୁକ୍ ଦେବ। ଏଭଳି ଗେଟ୍‌ଅପ୍ ସାଙ୍ଗକୁ ବଡ଼ ହ୍ୟାଙ୍ଗିଙ୍ଗ୍ ଇୟରରିଂ, ଚୁଡ଼ି ଏବଂ ପଏଣ୍ଟେଡ୍ ବା ୱେଜ୍ ହିଲ୍ ଚପଲ ଟ୍ରାଏ କରନ୍ତୁ ଷ୍ଟାଇଲିଶ୍ ଲାଗିବେ।

⏭ବର୍ତ୍ତମାନ ଲାଟେଷ୍ଟ ଟ୍ରେଣ୍ଡ ସାଜିଥିବା ସିଗାରେଟ୍ ପ୍ୟାଣ୍ଟ ସହ ଫ୍ରଣ୍ଟ କଟ୍ ଲଙ୍ଗ୍ କୁର୍ତ୍ତି ଟ୍ରାଏ କରନ୍ତୁ। ଏହା ସହ ଏଥ୍‌ନିକ୍ କିମ୍ବା ଡିଜାଇନର ବିଡ୍ସ ଜୁଏଲେରି ଖୁବ୍ ଟ୍ରେଣ୍ଡି ଲୁକ୍ ଦେବ।

# ରାତିରେ ଖାଆନ୍ତୁନି ଏହି ଖାଦ୍ୟ



**ଫଳ:** ଫଳରେ ଅନେକ ପୋଷକତତ୍ତ୍ୱ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ।

**ତେଲ ମସଲାଯୁକ୍ତ ଖାଦ୍ୟ:** ରାତ୍ରଭୋଜନରେ ଏଭଳି ଖାଦ୍ୟ ଖାଇଲେ ହଜମ ନ ହୋଇପାରି ଏସିଡିଟି, ଗ୍ୟାସ୍ ଏବଂ ଛାତି ଜଳିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର।

**ଚା କିମ୍ବା କଫି:** ଅନେକଙ୍କର ସକାଳୁ ଉଠିଲେ ଏବଂ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅଭ୍ୟାସ ରହିଛି। ହେଲେ ଆପଣ ଜାଣନ୍ତି କି ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ।

**ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ଅନେକେ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଖାଇଲେ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହା ବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର ମଣିଷଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।

# ରାଗ ନୁହେଁ ସମାଧାନ

ଅଭିଭାବକଙ୍କ ବ୍ୟବହାର ପିଲାଙ୍କ ବ୍ୟକ୍ତିତ୍ୱକୁ ଆକାର ଦେଇଥାଏ। ତେଣୁ ପିଲାଙ୍କର କୌଣସି ଭୁଲ୍‌ରେ ହଠାତ୍ ରାଗିଯାଇ ଗାଳିଦେବା କିମ୍ବା ମାଡ଼ ମାରିବା ପରିବର୍ତ୍ତେ ପ୍ରଥମେ ତାଙ୍କୁ ସ୍ନେହରେ ଭଲ ଭାବେ ବୁଝାଇଲେ ସେମାନେ ସହଜରେ ନିଜ ଭୁଲ୍ ବୁଝିପାରନ୍ତି। ଏହା ନା କେବଳ ସେମାନଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଏ ନା ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ବରଂ ଏହାଦ୍ୱାରା ଅଭିଭାବକ ଓ ପିଲାଙ୍କ ମଧ୍ୟରେ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥାଏ...



ପିଲାଙ୍କ ବ୍ୟବହାର, ଚିନ୍ତାଧାରା ଏବଂ କାର୍ଯ୍ୟକଳାପ ଅଭିଭାବକଙ୍କର ସେମାନଙ୍କ ପ୍ରତି ବ୍ୟବହାର ଉପରେ ବହୁମାତ୍ରାରେ ନିର୍ଭର କରିଥାଏ। ଯଦିଓ ସମସ୍ତେ ନିଜ ପିଲା ପାଇଁ ସବୁବେଳେ ଭଲ କରିବାକୁ ଚାହାନ୍ତି ଆଉ ଏଥିପାଇଁ ସେମାନଙ୍କ ଭୁଲ୍ ସୁଧାରିବା ଲାଗି କେବେ କେବେ ମାଡ଼, ଗାଳି ମଧ୍ୟ ଦେଇଥାନ୍ତି ହେଲେ ସବୁବେଳେ ଏପରି ଆଚରଣ ଠିକ୍ ନୁହେଁ। କାରଣ ଏହାଦ୍ୱାରା ପିଲାଙ୍କ ମାନସିକତା ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ...

**କଥା ଲୁଚାଇବା:** ସାଧାରଣତଃ ପିଲାମାନେ ଖେଳକୁଦ, ମଜାମସ୍ତି ଭିତରେ ଛୋଟ ଛୋଟ ଭୁଲ୍ କରିବସନ୍ତି। ଏହା ଭୁଲ୍ ବୋଲି ତାଙ୍କୁ ବୁଝାଇବା ଦ୍ୱାରା ସେମାନେ ଏହା ଅନୁଭବ କରନ୍ତି ଏବଂ ଏହା ସେମାନଙ୍କ ଭଲ କଥା ଶିଖିବାର ଏକ ପ୍ରକ୍ରିୟା। ହେଲେ ଏମିତି ଅନେକ ମାତାପିତା ଅଛନ୍ତି ଯେଉଁମାନେ ପିଲାଙ୍କ ପ୍ରତିଟି ଭୁଲ୍‌ରେ ଖୁବ୍ ଜୋର ରାଗିଯାଇ ଗାଳିଦିଅନ୍ତି, ଏମିତିକି କେହି କେହି ବାଡ଼େଇବାକୁ ବି ପଛାନ୍ତି ନାହିଁ। ଏ କ୍ଷେତ୍ରରେ ପିଲା ନିଜ ଭୁଲ୍‌ରୁ ଶିଖିବା ପରିବର୍ତ୍ତେ ଭୟରେ ଭୁଲ୍‌କୁ ମାଆବାପାଙ୍କ ଆଗରେ ଲୁଚାଇବା ଆରମ୍ଭ କରିଦିଏ ; ଯାହାକି ଧୀରେ ଧୀରେ ସେମାନଙ୍କୁ ମାନସିକ ସ୍ତରରେ ଅଭିଭାବକଙ୍କଠାରୁ ଦୂରେଇଦିଏ।

**ଆତ୍ମବିଶ୍ୱାସ କମିଯିବା:** ପ୍ରତ୍ୟେକ ପିଲା ପରସ୍ପରଠୁ ଭିନ୍ନ ଏବଂ ଚିନ୍ତାଧାରା ମଧ୍ୟ ଅଲଗା ହୋଇଥାଏ। ଏମିତିରେ ପିଲା କିଛି ଭୁଲ୍ କଲେ ଯେତେବେଳେ ଅଭିଭାବକ ତାଙ୍କ ଭାବନାକୁ ବୁଝିବା ବଦଳରେ ଗାଳିକରିବା ଆରମ୍ଭ କରିଦିଅନ୍ତି। ଏଭଳି ପରିସ୍ଥିତିରେ ସେମାନେ ନିଜ ପକ୍ଷ ରଖିବାକୁ ପଛଘୁଞ୍ଚା ଦେଇଥାନ୍ତି। ଏହା ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଦିଏ ଏବଂ ଆତ୍ମବିଶ୍ୱାସ କମିଯାଏ।

**ନିଜକୁ ଦୋଷୀ ଭାବିବା:** ସବୁବେଳେ ପିଲାଙ୍କୁ ଗାଳିଦେଲେ ଏହା ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏମିତିକି ସେମାନେ ନିଜକୁ ସବୁବେଳେ ଦୋଷୀ ବୋଲି ଭାବିବା ଆରମ୍ଭ କରିଦିଅନ୍ତି। ଏହାଦ୍ୱାରା ଭୁଲ୍‌କୁ ସୁଧାରି ଠିକ୍ କାମ କରିବା ପରିବର୍ତ୍ତେ ମୁଁ ଯାହା କରିବି ତାହା ଭୁଲ୍ ହିଁ ହୋଇଯିବ ଭାବି ବାରମ୍ବାର ଭୁଲ୍ କରିବସନ୍ତି।

**କ୍ରୋଧ କରିବା:** ପିଲା ଭୁଲ୍ କଲେ ବୁଝାଇବା ସହ କେବେ କେବେ ଗାଳି ଦେବାକୁ ପଡ଼ିଥାଏ। ହେଲେ ଏହାର ଅର୍ଥ ନୁହେଁ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସି ଚିଲେଇବା, ବିଭିନ୍ନ ଅପଶବ୍ଦ ବ୍ୟବହାର କରିବା। କାରଣ ଏହା ପିଲାଙ୍କୁ ଏତେମାତ୍ରାରେ ପ୍ରଭାବିତ କରେ ଯେ, ଧୀରେ ଧୀରେ ସେମାନଙ୍କ ସ୍ୱଭାବ ବି ଚିଡ଼ିଚିଡ଼ା ଏବଂ ରାଗି ହୋଇଯାଏ। ଯାହାଦ୍ୱାରା ସେମାନେ କଥା କଥାରେ କ୍ରୋଧିତ ହୋଇପଡ଼ନ୍ତି।

**କ'ଣ କରିବା ଦରକାର...**

– ପିଲା କୌଣସି ଭୁଲ୍ କଲେ ରାଗରେ ଗାଳିଦେବା ପରିବର୍ତ୍ତେ ଶାନ୍ତିପୂର୍ବକ କଥା ହୁଅନ୍ତୁ ଏବଂ ଏହି ଭୁଲ୍ ଯୋଗୁ କ'ଣ ସବୁ ଅସୁବିଧା ହୋଇପାରେ ବୁଝାନ୍ତୁ। ଏପରି କଲେ ପିଲାଙ୍କଠାରେ ଆତ୍ମବିଶ୍ୱାସ ବଢ଼ିଥାଏ।

– ଭୁଲ୍ କଲେ ହଠାତ୍ ପ୍ରତିକ୍ରିୟା ପ୍ରକାଶ ନ କରି ପିଲାଙ୍କ କଥା ଶୁଣନ୍ତୁ ଏବଂ ତାଙ୍କ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ। କାରଣ ସେମାନଙ୍କ ସହ ଖୋଲା ଭାବେ ଏବଂ ସକାରାତ୍ମକ ଢଙ୍ଗରେ କଥା ହେଲେ ସେମାନେ ଡରିବା, ମିଛ କହିବା ବଦଳରେ ନିଜ ଭୁଲ ବୁଝିପାରନ୍ତି ଏବଂ ଏହାର ପୁନରାବୃତ୍ତି ଆଉ କରନ୍ତି ନାହିଁ। ଏପରି କଲେ ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଭଲ ପ୍ରଭାବ ପଡ଼ିବ।

– ଯଦିଓ କେବେ କେବେ ପିଲାଙ୍କୁ ସୁଧାରିବା ପାଇଁ ଛୋଟ ଛୋଟ ଦଣ୍ଡଦେବା ଦରକାର ହେଲେ ଏହା ଆବଶ୍ୟକରୁ ଯେପରି ଅଧିକ ନ ହୁଏ ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ। ପିଲାଙ୍କୁ ଶାରୀରିକ କଷ୍ଟ ଏବଂ ମାନସିକ ଡରଠୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

– ଭୁଲ୍ କଲେ ବୁଝାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ ପିଲାଙ୍କୁ ଭଲ ମାର୍ଗରେ ନେବା ଲାଗି ଠିକ୍ କଲେ କିମ୍ବା କୌଣସି ଭଲ କାମ କଲେ ପ୍ରଶଂସା କରିବା ବି ସେତିକି ଗୁରୁତ୍ୱପୂର୍ଣ୍ଣ। ଏପରି କରନ୍ତୁ ଦେଖିବେ ପିଲାଙ୍କଠାରେ ସବୁବେଳେ ଭଲ କାମ କରିବାର ମନୋବୃତ୍ତି ସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇବ।

## ସ୍ନେହଶ୍ରଦ୍ଧାରେ ହିଁ ପିଲାଙ୍କୁ ହାତରେ ରଖିବା ସହଜ



**ଶ୍ରଦ୍ଧା ଶତପଥୀ** (ଶିକ୍ଷୟିତ୍ରୀ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି)– ପିଲାଟିଏ ଜନ୍ମରୁ ସବୁକିଛି ଶିଖିକି ଆସି ନ ଥାଏ। ତେଣୁ ତାଙ୍କ ପାଇଁ ପ୍ରତ୍ୟେକ କାର୍ଯ୍ୟ ନୂଆ ହୋଇଥାଏ। ସେମାନେ ଯାହାବି କରନ୍ତି ଯେପରିକି ଖେଳନା କିମ୍ବା ଅନ୍ୟ କିଛି ଜିନିଷ ଦେଖିଲେ ଘଣ୍ଟା ଘଣ୍ଟି କରିବା, ଫିଙ୍ଗିବା, ଭାଙ୍ଗିବା ଆଦି କାର୍ଯ୍ୟ କୌତୂହଳପୂର୍ଣ୍ଣ ଭାବେ କରିଥାନ୍ତି। ଏହା ପିଲାଙ୍କ ସ୍ୱଭାବ ହୋଇଥାଏ। ମୋ ପିଲା ଏପରି କଲେ କେବେ ଉପରେ ନ ରାଗି ଧୀରେ ଧୀରେ ବୁଝେଇଥାଏ। କାରଣ ହଠାତ୍ ରାଗିବା ଦ୍ୱାରା ପିଲାର ନୂଆ କଥା ଜାଣିବାର ଜିଜ୍ଞାସା କମିଯାଏ। ତା'ଛଡ଼ା ରାଗିଲେ, ଗାଳିକଲେ କିମ୍ବା ମାଡ଼ମାରିଲେ ପିଲା ଡରିଯିବା ସହ ଧୀରେ ଧୀରେ କଥା ଲୁଚେଇବା ଶିଖିଯାଏ। ତେଣୁ ସର୍ବପ୍ରଥମେ ପିଲାଙ୍କ ସହ ଅଭିଭାବକଙ୍କୁ ଜଣେ ଭଲ ଫ୍ରେଣ୍ଡ ହେବା ଦରକାର ମୁଁ ଭାବିଥାଏ। କିଛି ଭୁଲ୍ କଲେ ସେ ଏପରି କାହିଁକି କରିଛି ତା'ଠାରୁ ଭଲଭାବେ ଶୁଣିବା ପରେ ବୁଝେଇକି ଠିକ୍ କ'ଣ ଶିଖାଇଥାଏ। ରାଗରେ ବା ଡରେଇକି ନୁହେଁ ବରଂ ସ୍ନେହଶ୍ରଦ୍ଧାରେ ହିଁ ପିଲାଙ୍କୁ ହାତରେ ରଖିହେବ। ଜଣେ ଶିକ୍ଷୟିତ୍ରୀ ଭାବେ କ୍ଲାସ୍‌ରେ ବି ପିଲାମାନେ କିଛି ଭୁଲ୍ କଲେ ଗାଳି ନ କରି ପ୍ରଥମେ ବୁଝାଏ। କେହି କେହି ଅଧିକ ଦୁଷ୍ଟ ହେଉଥିଲେ ତୁମ ସହ କଥା ହେବିନାହିଁ କହି ଇମୋଶନାଲି ବାଟକୁ ଆଣିବାକୁ ଚେଷ୍ଟାକରେ। ପିଲାମାନେ ଯେପରି ନିଜେ ହିଁ ଭୁଲ୍‌ଠାରୁ ଦୂରେଇ ରହିବେ ସେଥିପାଇଁ କ୍ଲାସ୍‌ରେ ଭୟ ବଦଳରେ ଏବଂ ବନ୍ଧୁତାପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରେ। ଆଉ ଏହା ବାସ୍ତବରେ ପିଲାଙ୍କ ମାନସିକତା ଉପରେ ଖୁବ୍ ସକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ପିଲାଙ୍କୁ ଭଲ ମଣିଷ କରିବାକୁ ହେଲେ ପ୍ରତ୍ୟେକ ଅଭିଭାବକ ଏସବୁ ଦିଗ ପ୍ରତି ନିହାତି ସଚେତନ ହେବା ଦରକାର।





ସୌନ୍ଦର୍ଯ୍ୟ

# ଗ୍ଲାସ୍ ସ୍କିନ୍ ଦେବ ନଡ଼ିଆତେଲ



ବ୍ରାଇଟ୍, ଗ୍ଲୋଇଂ ଏବଂ କ୍ଲିଅର୍ ଗ୍ଲାସ୍ ସ୍କିନ୍ କାହାକୁ ବା ପସନ୍ଦ ନୁହେଁ। ହେଲେ ଧୂଳି, ପ୍ରଦୂଷଣ, ସୂର୍ଯ୍ୟକିରଣ ଆଦି ସଂସ୍ପର୍ଶରେ ଆସିବା କାରଣରୁ ଅନେକଙ୍କ ତ୍ୱଚା ଡଲ୍ ଲାଗିଥାଏ। ଏମିତିରେ ଗ୍ଲାସ୍ ସ୍କିନ୍ ପାଇବା ପାଇଁ ଚାହୁଁଥିଲେ କୌଣସି ମହଙ୍ଗା ପ୍ରଡକ୍ଟ ନୁହେଁ ବରଂ ନଡ଼ିଆତେଲ ସହ କେତୋଟି ଘରୋଇ ସାମଗ୍ରୀ ଆପଣଙ୍କୁ ବେଶ୍ ସହଯୋଗ କରିପାରିବ...

⏭୨ ଚାମଚ ନଡ଼ିଆତେଲ ସହ ୧ ଚାମଚ ଆଲୋଭେରା ଜେଲ୍ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ୨–୩ ମିନିଟ୍ ରଖିବା ପରେ ଓଦା କଟନରେ ପୋଛିଦିଅନ୍ତୁ କିମ୍ବା ପାଣିରେ ଧୋଇଦିଅନ୍ତୁ। ଏହାକୁ ତ୍ୱଚା ପାଇଁ ସୁପର କ୍ଲିନିଂ ପ୍ୟାକ୍ ବୋଲି କୁହାଯାଇଥାଏ। କାରଣ ଏହା ତ୍ୱଚାକୁ ଭିତରୁ ସଫାକରିବା ସହ ଏକ କୁଲିଂ ଇଫେକ୍ଟ ମଧ୍ୟ ଦେଇଥାଏ।

⏭ନଡ଼ିଆତେଲ ତ୍ୱଚାକୁ ପ୍ରାକୃତିକ ରୂପେ ମଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ। ସେହିପରି ଗୋଲାପଜଳ ସ୍କିନ୍ ଟୋନ୍ ବଢ଼ାଇବା ସହ ଡଲ୍‌ନେସ୍ ଦୂରକରି ଗ୍ଲୋ ବଢ଼ାଇଥାଏ। ଏଥିପାଇଁ ୨ ଚାମଚ ନଡ଼ିଆତେଲ ସହ ୧ ଚାମଚ ଗୋଲାପଜଳ ମିଶାଇ ଏହାକୁ ମୁହଁରେ ଲଗାଇ ୪–୫ମିନିଟ୍ ସର୍କୁଲାର ମୋଶନରେ ମସାଜ କରନ୍ତୁ। ଏହାପରେ ଓଦା କଟନରେ ଧୀରେ ଧୀରେ ପୋଛିଦିଅନ୍ତୁ। ସପ୍ତାହରେ ୨–୩ ଥର ଏପରି କଲେ ତ୍ୱଚା ଅଧିକ ସୁନ୍ଦର ଲାଗିବ।

⏭ନଡ଼ିଆତେଲ ଏବଂ ବେସନର ମିଶ୍ରଣ ତ୍ୱଚା ପାଇଁ ନାଚୁରାଲ୍ କ୍ଲିଞ୍ଜର ଭାବେ କାମ କରିଥାଏ। ଏଥିପାଇଁ ୨ ଚାମଚ ବେସନ ସହ ୧.୫ ଚାମଚ ନଡ଼ିଆତେଲ ମିଶାଇ ଉକ୍ତ ପେଷ୍ଟକୁ ମୁହଁରେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ହାତରେ ଧୀରେ ଧୀରେ ଘଷି ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏପରି କଲେ ଧୀରେ ଧୀରେ ତ୍ୱଚାରୁ ଡେଡ୍ ସେଲ୍ ଏବଂ ଟାନିଂ ଦୂରହୋଇଥାଏ।

⏭୧ଚାମଚ ନଡ଼ିଆତେଲରେ ଅଳ୍ପ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ। ୧୫ମିନିଟ୍ ରଖିବା ପରେ ଭଲ ଭାବେ ପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ୨ ଥର ଏପରି କଲେ ତ୍ୱଚାରେ ଥିବା ଦାଗ, ପିଗ୍‌ମେଣ୍ଟେଶନ ଦୂରହୋଇଥାଏ ଏବଂ ତ୍ୱଚା ଗ୍ଲୋଇଂ ଦେଖାଯାଇଥାଏ।



ଖାଦ୍ୟରୁଚି

## ଟମାଟୋ ସାଲ୍‌ସା

**ଆବଶ୍ୟକ ସାମଗ୍ରୀ:** ୨ଟି ମଧ୍ୟମ ଆକାରର ପାଚିଲା ଟମାଟୋ, ୧/୪ କପ୍ ଲେଖାଏଁ ଛୋଟ କଟାହୋଇଥିବା ଧନିଆପତ୍ର ଏବଂ ପିଆଜ, ୧–୨ଟି କଞ୍ଚାଲଙ୍କା ଛୋଟ କଟାହୋଇଥିବା, ୧ କୋଳା ରସୁଣ, ୧/୪ ଚାମଚ ଜୀରାଗୁଣ୍ଡ, ୧ ଚାମଚ ଲେମ୍ବୁରସ, ୧/୪ ଚାମଚ ଚିନି, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଟମାଟୋକୁ କାଟି ଏହା ଭିତରୁ ମଞ୍ଜି କାଢ଼ିଦିଅନ୍ତୁ। ଏହାକୁ ମଧ୍ୟମ ଆକାରରେ କାଟିଦିଅନ୍ତୁ। ମିକ୍ସି ଜାର୍‌ରେ ରଖି ସେଥିରେ କଟାଯାଇଥିବା ପିଆଜ, ଧନିଆ ପତ୍ର, କଞ୍ଚାଲଙ୍କା, ଜିରାଗୁଣ୍ଡ, ଚିମୁଟାଏ ଚିନି, ସ୍ୱାଦାନୁସାରେ ଲୁଣ ଏବଂ ଲେମ୍ବୁରସ ପକାନ୍ତୁ। ବର୍ତ୍ତମାନ ମାତ୍ର ୨ ସେକେଣ୍ଡ ପାଇଁ ଏହାକୁ ଗ୍ରାଇଣ୍ଡକରି ବନ୍ଦ କରିଦିଅନ୍ତୁ ଯେପରି ତାହା ପେଷ୍ଟ ନ ହୋଇ ଖଣ୍ଡ ଖଣ୍ଡ ଦରବଟା ରହିବ। ପ୍ରସ୍ତୁତ ହୋଇଗଲା ଟମାଟୋ ସାଲ୍‌ସା। ଏହାକୁ ଚିପ୍ସ ଏବଂ ଚକୁଳି, ପରଟା, ଉପମା ସହ ଖାଇବାକୁ ଭଲ ଲାଗିଥାଏ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


କଲ୍ୟାଣ
ଜ୍ୱେ ଲ ର୍ସ
ପ୍ରତୀକାତ୍ମକ
ଉନ୍ମୋଚନ ଗୋଟିଏ
ଫ୍ଲାଗସିପ୍ ଶୋରୁମର
15 ଜୁନ୍, 2025
ଉପଲବ୍ଧି କରନ୍ତୁ
ଭୁବନେଶ୍ୱର ରେ ସୁନା, ହୀରା
ଏବଂ ପୋଲକୀ ଅଳଙ୍କାରର
ସର୍ବବୃହତ ସଂଗ୍ରହ ।
ଭୁବନେଶ୍ୱର ସ୍ଥିତ ଆମର ଫ୍ଲାଗସିପ ଶୋ ରୁମ୍ ଅପେକ୍ଷା କରିଛି ଆପଣଙ୍କୁ ଏକ ସ୍ୱତନ୍ତ୍ର ଏବଂ ଏହି ଶ୍ରେଣୀରେ ଅଦ୍ୱିତୀୟ ଅଳଙ୍କାର କିଣିବା ଅନୁଭୂତି ପ୍ରଦାନ କରିବାକୁ ।
ଆପଣଙ୍କ ଜୀବନର ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ଉତ୍ସବ ଗୁଡିକ ପାଇଁ ଉପଯୁକ୍ତ,ସ୍ୱତନ୍ତ୍ର ଭାବରେ ନିର୍ମିତ ଅଳଙ୍କାର ଗୁଡିକୁ ଆପଣ ଏଠି ଦେଖିପାରିବେ । ଆମର ବିସ୍ତୃତ ଶ୍ରେଣୀ ରେ ଅନ୍ତର୍ଭୁକ୍ତ ରହିଛି ମହୁରତ-ବିବାହ ଅଳଙ୍କାର, ଅନ୍ତରା ଉତ୍ସବ ପାଳନ ହୀରା,ନିମା ଐତିହ୍ୟ ଅଳଙ୍କାର,ବେଦା-ଐତିହ୍ୟ ଅଳଙ୍କାର, ତା ସହିତ ଅନକଟ ହୀରା,ତେଜସ୍ୱୀ ପୋଲକି ହୀରା,ରଙ୍ଗ-ମୂଲ୍ୟବାନ ମଣି ପଥର,ମୁଦ୍ରା-ହାତରେ ତିଆରି ପୁରାତନ ଅଳଙ୍କାର ଏବଂ ଆହୁରି ବହୁତ କିଛି ।
ଶୁଭ ଉଦଘାଟନ କରିବେ
ସୈଫ ଅଲ୍ଲୀ ଖାଁ
10,000 SQ. FT. OF SHOPPING AREA TO ACCOMMODATE MORE THAN 100 CUSTOMERS AT A TIME
DEDICATED AND SPACIOUS PARKING SPACE
MORE THAN 1,00,000 LAKH DESIGNS IN GOLD, DIAMOND & POLKI JEWELLERY
EXCEPTIONAL JEWELLERY CURATED FROM INDIA'S BEST ARTISANS
BHUBANESWAR - OPP. DCP OFFICE, VANI VIHAR SQUARE, SAHEED NAGAR, KHORDHA. PH: 0674-2541333, 94371 28033
OPEN ON ALL DAYS
PATIA - PH: 90403 43353 | MASTER CANTEEN - PH: 91141 96197 | SOUBHAGYA NAGAR - PH: 73269 65533 | BERHAMPUR - PH: 91240 55633, 0680-2250051
ROURKELA - PH: 99389 42633 | JAJPUR - PH: 80799 23343 | ANGUL - PH: 96922 20343 | JHARSUGUDA - PH: 73269 05533 | SAMBALPUR - PH: 73269 15533
FOR MORE DETAILS CONTACT US ON TOLL FREE NUMBER: 1800 425 7333 | WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET